ଧରିତ୍ରୀ 50 Years
ପୃଷ୍ଠା–୮+୮
DHARITRI
ଭୁବନେଶ୍ୱର, ଗୁରୁବାର, ମେ ୯/୨୦୨୪ (୮+୮=୧୬ ପୃଷ୍ଠା) | Bhubaneswar, Thursday, May 9/2024 | Page 16 ₹ 7.00 | SAMBALPUR
୫୦ଶ ଭାଗ ୧୬୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 164 | ମୂଲ୍ୟ ₹୭/-

# କଂଗ୍ରେସ ପାଉଛି ଅମ୍ବାନୀ, ଆଦାନୀ କଳାଧନ: ମୋଦି

**ହାଇଦ୍ରାବାଦ/ନୂଆଦିଲ୍ଲୀ,୮।୫**

ନିର୍ବାଚନ ପ୍ରଚାରବେଳେ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବକ୍ତବ୍ୟ ଜାତୀୟ ରାଜନୀତିରେ ଉଷ୍ମତା ଭରିଦେଇଛି। ତେଲଙ୍ଗାନାର ୱାରାଙ୍ଗଲରେ ଭାଜପାର ଏକ ସଭାକୁ ସମ୍ବୋଧିତ କରି ମୋଦି କହିଛନ୍ତି, କଂଗ୍ରେସ ଅମ୍ବାନୀ ଓ ଆଦାନୀର କଳାଧନ ପାଉଛି। ଏଥିପାଇଁ ପୂର୍ବରୁ ଶାସକ ଦଳକୁ ଟାର୍ଗେଟ କରିଆସୁଥିବା କଂଗ୍ରେସର ଶେହଜାଦା (ରାହୁଲ ଗାନ୍ଧୀ) ହଠାତ୍ ମୁହଁ ବନ୍ଦକରି ନୀରବି ଯାଇଛନ୍ତି ବୋଲି ସେ ସମାଲୋଚନା କରିଛନ୍ତି। କଂଗ୍ରେସ ଟେମ୍ପୁରେ କଳାଧନ ଭର୍ତ୍ତିକରି ନେଉଥିବା ସେ ଦର୍ଶାଇଛନ୍ତି।

ମୁକେଶ ଅମ୍ବାନୀ ଓ ଗୌତମ ଆଦାନୀଙ୍କ ମାଲିକାନାରେ ଥିବା ଭାରତର ଏହି ଦୁଇ ବୃହତ୍ କର୍ପୋରେଟ୍ ହାଉସ୍‌କୁ ପ୍ରଧାନମନ୍ତ୍ରୀ ପୂର୍ବରୁ ୱେଲ୍‌ଥ କ୍ରିଏଟର ବା 'ଧନ ସୃଷ୍ଟିକାରୀ' ବୋଲି ଅଭିହିତ କରିବା ସହ ସେମାନଙ୍କ ପ୍ରତି କଂଗ୍ରେସର ସମାଲୋଚନାକୁ ବିକାଶ ବିରୋଧୀ ବୋଲି କହିଆସିଛନ୍ତି। ଏବେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ପରେ ହଠାତ୍ କଳାଧନ ସହ ଦୁଇ ଶିଳ୍ପପତିଙ୍କୁ ଯୋଡ଼ି କହିବାକୁ ନେଇ ସୋସିଆଲ



ମିଡିଆରେ ନାନା ପ୍ରତିକ୍ରିୟା ପ୍ରକାଶ ପାଇଛି। ମୋଦିଙ୍କ ପରିବର୍ତ୍ତିତ ସ୍ୱରକୁ ନେଟିଜେନ୍‌ମାନେ ଲୋକ ସଭା ନିର୍ବାଚନରେ ପରାଜୟର ପରୋକ୍ଷ ସ୍ୱୀକାରୋକ୍ତି ରୂପେ ଅଭିହିତ କରିଛନ୍ତି। ଏଥିସହ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଥାଉ ଥାଉ ଏତେ କଳାଧନ କେଉଁଠୁ ଆସିଲା ବୋଲି ମଧ୍ୟ ସୋସିଆଲ ମିଡିଆରେ ଅନେକେ ପ୍ରଶ୍ନ କରିଛନ୍ତି। ଏହାର ଉତ୍ତରରେ କେତେଜଣ ୟୁଜର୍ସ କହିଛନ୍ତି, ବିମୁଦ୍ରୀକରଣ ଜରିଆରେ କଳାଧନକୁ ରୋକାଯାଇ ପାରିନାହିଁ। ପୂର୍ବରୁ ଠୁଳ କଳାଧନକୁ ସାଇତି ରଖାଯିବା ପରେ ମୋଦି ୨୦୧୬ ନଭେମ୍ବର ୮ରେ ନୋଟ୍‌ବନ୍ଦୀ ଘୋଷଣା କରିଥିଲେ ବୋଲି ୟୁଜର୍ସ ମତ ରଖିଛନ୍ତି।

ଆସନ୍ତା ୧୩ ତାରିଖରେ ୧୦ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଅଧୀନ ୯୬ ଲୋକ ସଭା ଆସନରେ ନିର୍ବାଚନ ଅନୁଷ୍ଠିତ ହେବ। ତନ୍ମଧ୍ୟରେ ତେଲଙ୍ଗାନାର ୧୭ ସଂସଦୀୟ କ୍ଷେତ୍ର ରହିଛି। ପ୍ରଧାନମନ୍ତ୍ରୀ ୱାରାଙ୍ଗଲର ଭେମୁଲାୱାଡାରେ ଏକ ସଭାକୁ ସମ୍ବୋଧିତ କରି 'ଆଦାନୀ-ଅମ୍ବାନୀ' ପ୍ରସଙ୍ଗରେ କଂଗ୍ରେସର ହଠାତ୍ ନିରବତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, ୫ ବର୍ଷ ହେଲା ରାହୁଲ ଗୋଟିଏ କଥା ଉଚ୍ଚାରଣ କରିଆସୁଥିଲେ। ରାଫାଲ ପ୍ରସଙ୍ଗରେ ସୁପ୍ରିମକୋର୍ଟ ମୁହଁ ବନ୍ଦ କରିଦେବା ପରେ ରାହୁଲ ୫ ଜଣ ଶିଳ୍ପପତିଙ୍କ ନାମ ଧରୁଥିଲେ। କ୍ରମଶଃ ସେ କେବଳ ଅମ୍ବାନୀ ଓ ଆଦାନୀଙ୍କ କଥା କହିବସିଲେ। କିନ୍ତୁ ନିର୍ବାଚନ ତାରିଖ ଘୋଷଣା ହେବା ପରଠୁ ସେ ଅମ୍ବାନୀ ଓ ଆଦାନୀଙ୍କୁ ଦୁର୍ବ୍ୟବହାର ବନ୍ଦ କରିଦେଇଛନ୍ତି। ଆଜି ତେଲଙ୍ଗାନା ମାଟିରୁ କହୁଛି ଯେ, ଅମ୍ବାନୀ ଓ ଆଦାନୀଙ୍କଠାରୁ ☞ପୃଷ୍ଠା-୪

# ବ୍ରହ୍ମପୁର ଗଣବଳାତ୍କାର: ୫ ଛାତ୍ର କୋର୍ଟ ଚାଲାଣ

**ବ୍ରହ୍ମପୁର,୮।୫(ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ସହରରେ ଯୁକ୍ତ ୨ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାରେ ଗିରଫ ୫ ଜଣ କଲେଜ ଛାତ୍ରଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଇଞ୍ଜିନିୟରିଂ ଛାତ୍ର ରୁତୁନ କୁମାର ଦାଶ(୨୨), ଆକାଶ ନାୟକ (୨୬), ଜୁମନ ଗୌଡ଼ (୧୯), ଫାର୍ମାସୀ ଛାତ୍ର ରୁଦ୍ର ଜେନା (୨୧) ଓ ବିସିଏ ଛାତ୍ର ଅଭିଳାଷ ପୋଲାଇ(୨୧)। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଘଟଣାରେ ସମ୍ପୃକ୍ତ ଅନ୍ୟ କେତେଜଣ ଫେରାର୍ ଅଛନ୍ତି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ବ୍ରହ୍ମପୁର ଏସ୍‌ପି ଦାୟିତ୍ୱରେ ଥିବା ଡିଆଇଜି ଡା. ସାର୍ଥକ ଷଡ଼ଙ୍ଗୀ କହିଛନ୍ତି। ପୀଡ଼ିତା ଜଣଙ୍କ ଚିକିତ୍ସାଧୀନ ଅଛନ୍ତି। ତାଙ୍କୁ ଆର୍ଥିକ ସହାୟତା ପାଇଁ ଜିଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ଚିଠି କରାଯିବ ବୋଲି ପୋଲିସ କହିଛି।

ଡିଆଇଜି ସୂଚନା ଦେଇଛନ୍ତି ଯେ, ଗତ ୩ ତାରିଖ ସନ୍ଧ୍ୟାରେ ଛାତ୍ରୀ ଜଣଙ୍କ ତାଙ୍କର ଜଣେ ଝିଅ ସାଙ୍ଗଙ୍କୁ ଭେଟିବା ପରେ ହିଲ୍‌ପାଟଣାରେ ବାପାଙ୍କୁ ଅପେକ୍ଷା କରିଥିଲେ। ସହପାଠୀ ତଥା ଅଭିଯୁକ୍ତ ରୁତୁନ ସେଠାରେ ପହଞ୍ଚି ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ତାଙ୍କ ଘରକୁ ଡାକିଥିଲେ। ଛାତ୍ରୀ ଜଣଙ୍କ ତାଙ୍କ ସହ ଯାଇ ସେଠାରେ ପହଞ୍ଚିବା ପରେ ତାହା ଏକ ବ୍ୟାଚଲର ରୁମ୍ ବୋଲି ଜାଣିପାରିଥିଲେ। ଉକ୍ତ ଘରେ ଅନ୍ୟ କେତେଜଣ ଯୁବକ ମଧ୍ୟ ଥିଲେ। ଘରେ କେହି ମହିଳା ନ ଥିଲେ ମଧ୍ୟ ରୁତୁନ କିଛି ମୃଦୁପାନୀୟ ଦେବାକୁ ମିଛରେ ମା'ଙ୍କୁ ଡାକିଥିଲେ। ପରେ ସେ ଛାତ୍ରୀଙ୍କୁ ନିଶାଯୁକ୍ତ ମୃଦୁପାନୀୟ ପିଇବାକୁ ଦେଇଥିଲେ। ଏହାପରେ ଛାତ୍ରୀ ଜଣଙ୍କ କିଛି ଜାଣିପାରି ନ ଥିଲେ। ଏହାର ସୁଯୋଗ ନେଇ ୭ରୁ ୮ଜଣ ତାଙ୍କୁ ☞ପୃଷ୍ଠା-୪

# ବିମାନବନ୍ଦରରୁ ୩.୭୭ କେଜି ସୁନା ଜବତ

**ଭୁବନେଶ୍ୱର,୮।୫(ସତ୍ୟଜିତ୍ ରାଉତ)**

ଦୁବାଇରୁ ଓଡ଼ିଶାକୁ ସୁନା ଚୋରା ଚାଲାଣ ଧରାପଡ଼ିଛି। ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଯାଞ୍ଚବେଳେ ୪ଜଣ ଚାଲାଣକାରୀଙ୍କଠାରୁ ୩.୭୭ କେଜି ସୁନା ଜବତ କରିଛି ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ (ଦି ଡିରେକ୍ଟୋରେଟ୍ ଅଫ୍ ରେଭେନ୍ୟୁ ଇଣ୍ଟେଲିଜେନ୍ସ ବା ଡିଆର୍‌ଆଇ)। ଜବତ ସମସ୍ତ ସୁନା ୧୨ଟି କ୍ୟାପସୁଲ ଭାବରେ ଥିବାବେଳେ ପ୍ରତ୍ୟେକ ଚାଲାଣକାରୀଙ୍କ ମଳଦ୍ୱାରରୁ ୩ଟି ଲେଖାଏ ବାହାରିଥିଲା। ଏହି ସୁନାର ମୂଲ୍ୟ ୨ କୋଟି ୭୯ ଲକ୍ଷ ଟଙ୍କା ହେବ। ଗତ ସୋମବାର ଏହି ଅନ୍ତର୍ଜାତୀୟ ର୍ୟାକେଟ ଧରାପଡିଥିବାବେଳେ ଘଟଣା ସମ୍ପର୍କରେ ଏଜେନ୍ସି ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ତେବେ ସମସ୍ତ ଚାଲାକାରୀଙ୍କୁ ଡିଆର୍‌ଆଇ ଗିରଫ କରିଥିଲେ ମଧ୍ୟ ତଦନ୍ତରେ ବ୍ୟାଘାତ ସୃଷ୍ଟି ଆଶଙ୍କା ଥିବାରୁ ସେମାନଙ୍କ ପରିଚୟ ଗୋପନ ରଖାଯାଇଛି। ସମସ୍ତ ଚାଲାଣକାରୀଙ୍କୁ କୋର୍ଟଚାଲାଣ ପରେ ଜେଲ ପଠାଇ ଦିଆଯାଇଛି। ତେବେ ଜବତ ସୁନାକୁ ବେଆଇନ ଭାବେ ବିଦେଶରୁ ଚାଲାଣ କରି ଅଣାଯାଇଥିଲା ବୋଲି ତଦନ୍ତ ସମୟରେ



ଜଣାପଡ଼ିଥିବା ଡିଆର୍‌ଆଇ ପକ୍ଷରୁ ସୂଚନା ଦିଆଯାଇଛି। କଷ୍ଟମ୍ସ ଆକ୍ଟ-୧୯୬୨ ଅନୁଯାୟୀ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅଭିଯୁକ୍ତମାନେ ଉକ୍ତ ସୁନାକୁ କାହା ପାଖରୁ ଆଣିଲେ, ଭୁବନେଶ୍ୱରରେ କାହାକୁ ଦେଇଥାନ୍ତେ ଏସବୁ ଦିଗକୁ ନେଇ ଡିଆର୍‌ଆଇ ତଦନ୍ତ ଅଧିକ ତଦନ୍ତ କରୁଛି।

ଦୁବାଇରୁ କେତେଜଣ ଯାତ୍ରୀ ସୁନା ନେଇ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚୁଥିବା ନେଇ ଡିଆର୍‌ଆଇ ଖବର ପାଇଥିଲା। ପୂର୍ବପ୍ରସ୍ତୁତି ଅନୁଯାୟୀ ସିଆଇଏସ୍‌ଏଫ୍ ସହଯୋଗରେ ଡିଆର୍‌ଆଇ ଟିମ୍ ସମସ୍ତଙ୍କୁ କାବୁ କରିଥିଲା। ତେବେ ଅଧିକ ତଦନ୍ତ ଚାଲୁଥିବାରୁ ଗିରଫ ଚାଲାଣକାରୀଙ୍କ ଲିଙ୍କ୍‌ରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଚିହ୍ନଟ କରି ଧରିବା ସହ ଆଉ ଅଧିକ ବେଆଇନ ସୁନା ମିଳିପାରେ ବୋଲି ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଗତ ଏପ୍ରିଲ ୧୬ରେ ଭୁବନେଶ୍ୱର ବିମାନବନ୍ଦରରୁ ମଧ୍ୟ ସମାନ ଭାବେ ଜଣେ ଯାତ୍ରୀଙ୍କ ମଳଦ୍ୱାରରୁ ୩ଟି କ୍ୟାପସୁଲରେ ଥିବା ୧ କେଜି ସୁନା ଜବତ କରିଥିଲା କଷ୍ଟମ ବିଭାଗ। ଚାଲାଣକାରୀ ଜଣକ ମହାରାଷ୍ଟ୍ରର ହୋଇଥିବାବେଳେ ବ୍ୟାଙ୍କକ୍‌ରୁ ବିମାନ ଯୋଗେ ପହଞ୍ଚିବା ପରେ ଧରାପଡ଼ିଥିଲେ। ସେହିପରି ଗତ ମାର୍ଚ୍ଚ ଶେଷ ସପ୍ତାହରେ ମଧ୍ୟ କଟକ ମଙ୍ଗୁଳି ଟୋଲଗେଟ୍ ନିକଟରେ ଡିଆର୍‌ଆଇ ହାତରେ ଧରାପଡ଼ିଥିଲେ ୨ ସୁନା ଚାଲାଣକାରୀ। ସେମାନେ ଯାଉଥିବା କାର୍ ଭିତରୁ ଓ ଚାଲାଣକାରୀଙ୍କଠାରୁ ମୋଟ ୯ କେଜିର ୬୫ଟି ସୁନା ବିସ୍କୁଟ ଜବତ ହୋଇଥିଲା।

# ତିହାର ଜେଲରେ କେଜ୍‌ରିୱାଲଙ୍କ ଅଫିସ୍ ଦାବି: ଆବେଦନକାରୀଙ୍କୁ ଲକ୍ଷେ ଜରିମାନା

**ନୂଆଦିଲ୍ଲୀ,୮।୫**

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ମାର୍ଚ୍ଚ ୨୧ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଗିରଫ ହୋଇଥିବା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଆବାହକ ଅରବିନ୍ଦ କେଜ୍‌ରିୱାଲ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ ନାହିଁ ବୋଲି ଅଡ଼ିବସିଛନ୍ତି। ତିହାର ଜେଲରେ ଥାଇ କେନ୍ଦ୍ରଶାସିତ ଅଞ୍ଚଳକୁ ଶାସନ କରିବେ ବୋଲି ସେ କହିଥିବାବେଳେ ଜେଲ ଭିତରେ ତାଙ୍କ ପାଇଁ ଏକ ଅଫିସ କରିବା ଦାବିରେ ଦିଲ୍ଲୀ ହାଇକୋର୍ଟରେ ପିଟିଶନ ଦାଖଲ ହୋଇଛି। ହାଇକୋର୍ଟ ବୁଧବାର ଉକ୍ତ ଆବେଦନକୁ ଶୁଣାଣିଯୋଗ୍ୟ ନୁହେଁ ବୋଲି କହିବା ସହ ଆବେଦନକାରୀ ଓକିଲ ଶ୍ରୀକାନ୍ତ ପ୍ରସାଦଙ୍କୁ ୧ ଲକ୍ଷ ଟଙ୍କା ଜରିମାନା କରିଛନ୍ତି।

ଆବେଦନକାରୀ ଓକିଲ ଶ୍ରୀକାନ୍ତ ଯୁକ୍ତି ବାଢ଼ିଥିଲେ, ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲଙ୍କ ପାଇଁ ଜେଲରେ ଅଫିସ୍ ପ୍ରତିଷ୍ଠା କରାଗଲେ ସେ ସେଠାରୁ ନିଜ କ୍ୟାବିନେଟ ମନ୍ତ୍ରୀମାନଙ୍କ ସହ ଯୋଗାଯୋଗ କରିପାରିବେ। ଏହାଦ୍ୱାରା ଦିଲ୍ଲୀରେ ସୁଶାସନ ପ୍ରତିଷ୍ଠା ହୋଇପାରିବ। କେଜ୍‌ରିୱାଲ ଇସ୍ତଫା ଦେଇଛନ୍ତି ଏବଂ ଦିଲ୍ଲୀରେ ରାଷ୍ଟ୍ରପତି ଶାସନ ଜାରି ହୋଇପାରେ ବୋଲି ଗଣମାଧ୍ୟମରେ ହେଉଥିବା ଚର୍ଚ୍ଚାକୁ ମଧ୍ୟ ବନ୍ଦ କରାଯାଉ ବୋଲି ସେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ରେ ନିବେଦନ କରିଥିଲେ। ଓକିଲଙ୍କ ପିଟିଶନର ଶୁଣାଣି ବେଳେ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ମନମୋହନ କହିଥିଲେ, ଗଣମାଧ୍ୟମ ଉପରେ କଟକଣା ଲଗାଯାଇପାରିବ ନାହିଁ କି ଏପରି ଅଫିସ୍ ପ୍ରତିଷ୍ଠା କରାଯାଇପାରିବ ନାହିଁ। ଅଦାଲତଙ୍କ ବହୁମୂଲ୍ୟ ସମୟ ନଷ୍ଟ କରିଥିବାରୁ ଆବେଦନକାରୀ ଦିଲ୍ଲୀ ଏମ୍ସରେ ୧ ଲକ୍ଷ ଟଙ୍କା ଜମା କରିବେ।

# ନଡ୍ଡାଙ୍କୁ ବେଙ୍ଗାଲୁରୁ ପୋଲିସର ସମନ

**ବେଙ୍ଗାଲୁରୁ, ୮।୫**

ମୁସଲମାନ ସଂରକ୍ଷଣକୁ ନେଇ କର୍ନାଟକ ଭାଜପା ପକ୍ଷରୁ କରାଯାଇଥିବା ବିବାଦୀୟ ପୋଷ୍ଟ ମାମଲାରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ଆଇଟି ସେଲ୍ ମୁଖ୍ୟ ଅମିତ ମାଲବ୍ୟଙ୍କୁ ସୋମବାର କର୍ନାଟକ ପୋଲିସ ସମନ ଜାରି ରଖିଛି। ସପ୍ତାହେ ମଧ୍ୟରେ ବେଙ୍ଗାଲୁରୁ ପୋଲିସ ନିକଟରେ ପଚରାଉଚରା ପାଇଁ ହାଜର ହେବାକୁ ଉଭୟ ନେତାଙ୍କୁ ସମନ ଜାରି ହୋଇଛି। ସୂଚନାଯୋଗ୍ୟ, ଗତ ସପ୍ତାହରେ କର୍ନାଟକ ଭାଜପା ପକ୍ଷରୁ ଏକ୍ସ'ରେ ପୋଷ୍ଟ ହୋଇଥିବା ଏକ ଆନିମେଟେଡ୍ ଭିଡିଓରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମେୟା ମୁସଲମାନ ସମ୍ପ୍ରଦାୟକୁ ଅଧିକ ପାଣ୍ଠି ଯୋଗାଉଥିବା ଦର୍ଶାଯାଇଥିଲା। ଏହି ଭିଡିଓ ବିରୋଧରେ କଂଗ୍ରେସ ପକ୍ଷରୁ ଭାରତୀୟ ନିର୍ବାଚନ ଆୟୋଗ(ଇସିଆଇ)ଙ୍କ ନିକଟରେ ଅଭିଯୋଗ କରାଯିବା ସହ ବେଙ୍ଗାଲୁରୁରେ ମାମଲା ରୁଜୁ କରାଯାଇଥିଲା। ତେବେ ମଙ୍ଗଳବାର ଏହି ବିବାଦୀୟ ପୋଷ୍ଟକୁ ହଟାଇବାକୁ ଇସିଆଇ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'କୁ ନିର୍ଦ୍ଦେଶ ଦେଇଥିଲେ।

ଆଜିର ସମ୍ପାଦକୀୟ | ଆମେରିକାରେ ଗାଜା ପ୍ରତିବାଦକାରୀ






## ସଂକ୍ଷେପରେ

### ୧୦ରେ କେଜ୍‌ରିୱାଲଙ୍କୁ ଜାମିନ ମିଳିପାରେ

**ନୂଆଦିଲ୍ଲୀ, ୮।୫:** ଦିଲ୍ଲୀ ଅବକାରୀ ଦୁର୍ନୀତି ସମ୍ପର୍କିତ ମନି ଲଣ୍ଡରିଂ ମାମଲାରେ ଗିରଫ ହୋଇ ତିହାର ଜେଲରେ ଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଶୁକ୍ରବାର ଜାମିନ ମିଳିପାରେ। ସୁପ୍ରିମକୋର୍ଟଙ୍କ ୨ ଜଣିଆ ଖଣ୍ଡପୀଠ ମଙ୍ଗଳବାର କେଜ୍‌ରିୱାଲଙ୍କ ଜାମିନ ଆବେଦନର ଶୁଣାଣି ଶେଷକରି ରାୟ ସଂରକ୍ଷିତ ରଖିଥିଲେ। ଏଥିସହ ଅନ୍ତରୀଣ ଜାମିନ ଦିଆଗଲେ ମଧ୍ୟ କେଜ୍‌ରିୱାଲ କୌଣସି ଫାଇଲରେ ଦସ୍ତଖତ କରିପାରିବେ ନାହିଁ ବୋଲି ଶୀର୍ଷ ଅଦାଲତ ସ୍ପଷ୍ଟ କରିଥିଲେ। ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହି ପ୍ରସଙ୍ଗରେ ଶୁକ୍ରବାର ରାୟ ପ୍ରକାଶ ପାଇବ ବୋଲି କହିଥିଲେ। ମାର୍ଚ୍ଚ ୨୧ରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଗିରଫ ହୋଇଥିବା କେଜ୍‌ରିୱାଲ କେନ୍ଦ୍ରୀୟ ଏଜେନ୍ସିର ଏହି କାର୍ଯ୍ୟାନୁଷ୍ଠାନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିବାବେଳେ ତାଙ୍କ ମୂଳ ଆବେଦନର ଶୁଣାଣି କରାଯିବ ବୋଲି ଖଣ୍ଡପୀଠ କହିଥିଲେ। ଜାମିନ ପ୍ରଦାନ ପାଇଁ ଅଦାଲତ ପୂର୍ବରୁ ସର୍ତ୍ତ ବାଢ଼ିଥିବାରୁ ତାଙ୍କୁ ଲୋକ ସଭା ନିର୍ବାଚନ ଦୃଷ୍ଟିରୁ ବେଲ୍ ମିଳିପାରେ ବୋଲି ଆଶା କରାଯାଉଛି।

### କାର୍-ଟ୍ରକ୍ ଧକ୍କା: ୬ ମୃତ

**ଜୟପୁର, ୮।୫:** ରାଜସ୍ଥାନର ସୱାଇ ମାଧେପୁର ଜିଲାରେ ବନାସ ନଦୀ ସେତୁ ନିକଟରେ ସଡ଼କ ଦୁର୍ଘଟଣା ଘଟି ଗୋଟିଏ ପରିବାରର ୬ ସଦସ୍ୟଙ୍କ ମୃତ୍ୟୁ ଘଟିଛି। 'ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସ୍ ୱେ'ରେ ଏକ ଟ୍ରକ୍ ଅଚାନକ ୟୁ ଟର୍ନ ନେଉଥିବା ବେଳେ ପଛପଟୁ ଆସୁଥିବା ଏକ କାର୍ ସହ ଧକ୍କା ହୋଇଥିଲା। ସିସିଟିଭିରେ ପୂରା ଦୁର୍ଘଟଣା କଏଦ ହୋଇଥିବା ବେଳେ ଟ୍ରକ୍‌ର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ମୃତକଙ୍କ ମଧ୍ୟରୁ ୨ ଜଣ ଶିଶୁ ଥିବା ପୋଲିସ ସୂଚନା ଦେଇଛି। ସମସ୍ତ ମୃତକ କାର୍ ଯୋଗେ ରାଜସ୍ଥାନର ସିକର ଜିଲାରୁ ରଣଥାମ୍ଭୋର ତ୍ରିନାଥ ଗଣେଶ ମନ୍ଦିରକୁ ଦର୍ଶନ ପାଇଁ ଯାଉଥିଲେ।

### ହାତୀ ଆକ୍ରମଣରେ କେରଳ ଖବରଦାତା ମୃତ

**ମଣିଷ-ବନ୍ୟଜନ୍ତୁ ସଂଘର୍ଷର ରିପୋର୍ଟିଂ କରୁଥିଲେ**

**ପଲକ୍କଡ଼, ୮।୫:** କେରଳର ପାଲ୍ଲାକାଡ଼ରେ ଜଙ୍ଗଲୀ ହାତୀ ଆକ୍ରମଣରେ ଏକ ବୈଦ୍ୟୁତିକ ଗଣମାଧ୍ୟମର ଭିଡିଓ ଜର୍ନାଲିଷ୍ଟ ଏ.ଭି. ମୁକେଶଙ୍କ ମୃତ୍ୟୁ ଘଟିଛି। ସେ ପାଲ୍ଲାକାଡ୍ ସ୍ଥିତ କୋଟେକଡ଼ ଜଙ୍ଗଲ ଅଞ୍ଚଳରେ ନଦୀ ପାର ହେଉଥିବା ଏକ ଜଙ୍ଗଲୀ ହାତୀ ସମୂହର ଭିଡିଓ କରୁଥିଲେ। ଅତି ନିକଟରୁ ହାତୀମାନଙ୍କର ଭିଡିଓ କରୁଥିବା ସମୟରେ ସେ ଝୁଣ୍ଟିଯାଇ ପଡ଼ିଯିବାରୁ ହାତୀମାନେ କ୍ରୋଧାନ୍ୱିତ ହୋଇ ତାଙ୍କ ଉପରେ ଆକ୍ରମଣ କରିଥିଲେ। ପରେ ଗୁରୁତର ଅବସ୍ଥାରେ ମୁକେଶଙ୍କୁ ବନ୍ୟ କର୍ମଚାରୀଙ୍କ ଦ୍ୱାରା ପାଲ୍ଲାକାଡ୍ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।



ରୁଷିଆର ମିଶାଇଲ ମାଡ଼ରେ ୟୁକ୍ରେନ୍‌ର ଏକ ଶକ୍ତି ପ୍ରକଳ୍ପ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି।

## ୟୁକ୍ରେନ୍ ଉପରେ ୭୦ ମିଶାଇଲ ମାଡ଼

**କିଭ୍, ୮।୫**

ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍ ଉପରେ ରୁଷିଆ ରାତିଅଧିଆ ଆକ୍ରମଣ କରିଛି। ମଙ୍ଗଳବାର ରାତିରେ ରୁଷୀୟ ସୈନ୍ୟ ୟୁକ୍ରେନ୍‌ର ଶକ୍ତି ଭିତ୍ତିଭୂମିଗୁଡ଼ିକୁ ଟାର୍ଗେଟ କରି ୭୦ରୁ ଊର୍ଦ୍ଧ୍ୱ ମିଶାଇଲ ଓ ଡ୍ରୋନ୍ ଆକ୍ରମଣ କରିଛନ୍ତି। ଏଥିରେ କିଭ୍ ଓ ଅନ୍ୟ ୬ ସହରର ଶକ୍ତି ଭିତ୍ତିଭୂମି ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବା ୟୁକ୍ରେନ୍ ପକ୍ଷରୁ ସୂଚନା ଦିଆଯାଇଛି। ୨୦୨୨ ଫେବୃୟାରୀ ୨୪ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ ସେନା ୟୁକ୍ରେନ୍ ଉପରେ ଆକ୍ରମଣ କରିବା ପରଠୁ ଏହା ହେଉଛି ଶକ୍ତି ଭିତ୍ତିଭୂମି ଉପରେ ସବୁଠୁ ବଡ଼ ଟାର୍ଗେଟ। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି। ରୁଷିଆର ଆତଙ୍କକୁ ପ୍ରତିହତ କରିବା ପାଇଁ ସବୁ ପ୍ରକାର ସେବାକୁ ନିୟୋଜିତ କରାଯାଇଛି। କିଏ କ'ଣ କରୁଛି ତାହା ସମଗ୍ର ବିଶ୍ୱ ବୁଝିବା ଜରୁରୀ ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି।

# ଦକ୍ଷିଣ ଭାରତୀୟ ଦେଖିବାକୁ 'ଆଫ୍ରିକୀୟ'

## ବିବାଦୀୟ ମନ୍ତବ୍ୟ ଦେଇ କଂଗ୍ରେସର ପଦ ଛାଡ଼ିଲେ ସାମ୍ ପିଟ୍ରୋଡା

**ନୂଆଦିଲ୍ଲୀ, ୮।୫**

ଇଣ୍ଡିଆନ୍ ଓଭରସିଜ୍ କଂଗ୍ରେସ ଅଧ୍ୟକ୍ଷ ସାମ୍ ପିଟ୍ରୋଡା ମୁହଁ ଖୋଲିଲେ ବିବାଦ ଉଠୁଛି। ଦେଶରେ ଲୋକ ସଭା ନିର୍ବାଚନ ଚାଲିଥିବାବେଳେ ବୁଧବାର ତାଙ୍କ ବର୍ଣ୍ଣବୈଷମ୍ୟଭେଦୀ ମନ୍ତବ୍ୟ ଜାତୀୟ ରାଜନୀତିରେ ଝଡ଼ ସୃଷ୍ଟି କରିଛି। ବିବାଦ ପରେ ସେ ଦଳୀୟ ପଦରୁ ଇସ୍ତଫା ଦେଇଛନ୍ତି।

କଂଗ୍ରେସ କ୍ଷମତାକୁ ଆସିଲେ ଉତ୍ତରାଧିକାର ଟିକସ ଲାଗୁ କରିବ କହି ଗତମାସରେ ବିବାଦୀୟ ହୋଇଥିବା ବରିଷ୍ଠ ନେତା ସାମ୍ ପିଟ୍ରୋଡା ଏକ ଜାତୀୟ ଖବରକାଗଜକୁ ସାକ୍ଷାତ୍‌କାର ଦେଇଛନ୍ତି। ଏଥିରେ ପିଟୋଡା କହିଛନ୍ତି, ଭାରତ ଏକ ବିବିଧତାପୂର୍ଣ୍ଣ ଦେଶ, ଯେଉଁଠି ପୂର୍ବାଞ୍ଚଳର ଲୋକେ



ଦେଖିବାକୁ ଚାଇନିଜ୍ ଭଳି। ପଶ୍ଚିମ ଭାଗରେ ରହୁଥିବା ଲୋକେ ଆରବୀଙ୍କ ଭଳି ଦେଖାଯାଆନ୍ତି। ସେହିପରି ଉତ୍ତର ଭାରତୀୟମାନେ ଗୋରା ଓ ଦକ୍ଷିଣ ଭାରତୀୟ ଆଫ୍ରିକୀୟଙ୍କ ଭଳି ଦେଖାଯାଆନ୍ତି ବୋଲି ସେ ମତ ଦେଇଛନ୍ତି। ନିର୍ବାଚନ ବେଳେ କଂଗ୍ରେସକୁ ଟାର୍ଗେଟ କରିବା ସକାଶେ ଏହା ଭାଜପାକୁ ସୁଯୋଗ ଦେଇଛି। ତେଲଙ୍ଗାନାର ୱାରାଙ୍ଗଲ ରାଲିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନେଇ କହିଛନ୍ତି, ଶେହଜାଦା (କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଅଙ୍କଲ୍ ଦେଇଥିବା ମନ୍ତବ୍ୟ ବର୍ଣ୍ଣଭେଦୀ ଏବଂ ଅରୁଚିକର। ରାହୁଲ ଏହା ଉପରେ ସ୍ପଷ୍ଟୀକରଣ ଦିଅନ୍ତୁ। ତ୍ୱଚାର ବର୍ଣ୍ଣ ଆଧାରରେ ଭାରତୀୟଙ୍କୁ ଅସମ୍ମାନକୁ ଗ୍ରହଣ କରାଯିବ ନାହିଁ। ଡିଏମ୍‌କେ ମୁଖ୍ୟ ତଥା ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ କଂଗ୍ରେସ ସହ ସମ୍ପର୍କ ଛିନ୍ନ କରିବେ କି ବୋଲି ପ୍ରଧାନମନ୍ତ୍ରୀ ପ୍ରଶ୍ନ କରିଛନ୍ତି। ସେହିପରି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ସୋସିଆଲ ମିଡିଆରେ ଲେଖିଛନ୍ତି, ମୁଁ ଜଣେ ଉତ୍ତର-ପୂର୍ବ ବାସିନ୍ଦା। ମୁଁ ଦେଖିବାକୁ ଭାରତୀୟ। ଆମେ ବିବିଧତାପୂର୍ଣ୍ଣ ଏକ ଦେଶରେ ରହୁଛେ। ଆମେ ଦେଖିବାକୁ ଭିନ୍ନ ହୋଇଥିଲେ ମଧ୍ୟ ଜାତୀୟତା ଦୃଷ୍ଟିରୁ ସମାନ। ଉତ୍ତର-ପୂର୍ବର ଭାଜପା ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନେ ଏହା ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ପିଟ୍ରୋଡାଙ୍କ ମନ୍ତବ୍ୟକୁ ଦୃଢ଼ ନିନ୍ଦା କରି କହିଛନ୍ତି, କଂଗ୍ରେସ ସବୁବେଳେ ବିଭାଜନ କରି ଶାସନ କରିବା ନୀତି ଆପଣାଇ ଆସିଛି। କିନ୍ତୁ ସେମାନେ ଜାଣିବା ଜରୁରୀ ଯେ, ନର୍ଥଇଷ୍ଟ୍ ଭାରତର ଏକ ଅଙ୍ଗ। ଏଭଳି ଉପହାସ ଆଦୌ ଗ୍ରହଣୀୟ ନୁହେଁ।

ଅନ୍ୟପକ୍ଷେ କଂଗ୍ରେସ ପୂର୍ବ ଥର ଭଳି ଏଥର ମଧ୍ୟ ପିଟ୍ରୋଡାଙ୍କ ବିବାଦୀୟ ମନ୍ତବ୍ୟରୁ ଦୂରତ୍ୱ ଅବଲମ୍ବନ କରିବାକୁ ଶ୍ରେୟସ୍କର ମଣିଛି। ଏହା ଉପରେ କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ପିଟ୍ରୋଡାଙ୍କ ବକ୍ତବ୍ୟ ଭୁଲ୍ ଏବଂ ଗ୍ରହଣ ଅଯୋଗ୍ୟ। ଦଳ ଏଥିରେ ଆଦୌ ସହମତ ନୁହେଁ। କଂଗ୍ରେସର ଏପରି ଆଭିମୁଖ୍ୟ ଦେଖି ପିଟ୍ରୋଡା ଶେଷରେ ଭାରତୀୟ ଦରିଆପାରି କଂଗ୍ରେସ ମୁଖ୍ୟ ପଦରୁ ଇସ୍ତଫା ଦେଇଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ତାଙ୍କ ଇସ୍ତଫାପତ୍ର ଗ୍ରହଣ କରିଛନ୍ତି।

## ୧୪ ମେ ପର୍ଯ୍ୟନ୍ତ ହାଜତରେ ରହିବେ ରେଭନ୍ନା

**ବେଙ୍ଗାଲୁରୁ, ୮।୫**

କର୍ନାଟକ ସେକ୍ସ ସ୍କାଣ୍ଡାଲରେ ଫସିଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ାଙ୍କ ପୁଅ ଏଚ୍.ଡି. ରେଭନ୍ନା ଆସନ୍ତା ମେ ୧୪ ପର୍ଯ୍ୟନ୍ତ ବିଚାରବିଭାଗୀୟ ହାଜତରେ ରହିବେ। ବେଙ୍ଗାଲୁରୁର ସ୍ୱତନ୍ତ୍ର କୋର୍ଟ ତାଙ୍କୁ ୬ ଦିନିଆ ବିଚାରବିଭାଗୀୟ ହାଜତକୁ ପଠାଇଦେଇଛି। ଏହାପୂର୍ବରୁ ଜନତା ଦଳ ଧର୍ମନିରପେକ୍ଷ(ଜେଡିଏସ୍) ବିଧାୟକ ରେଭନ୍ନାଙ୍କ ଜାମିନ ଆବେଦନକୁ କୋର୍ଟ ଖାରିଜ କରିଦେଇଥିଲେ। କର୍ନାଟକ ସେକ୍ସ ସ୍କାଣ୍ଡାଲରେ ଜଣେ ପୀଡ଼ିତ ମହିଳାଙ୍କ ଅପହରଣ ମାମଲାରେ ଶନିବାର ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ତଦନ୍ତକାରୀ ଦଳ(ଏସ୍‌ଆଇଟି) ରେଭନ୍ନାଙ୍କୁ ଗିରଫ କରିଥିଲା। ତେବେ ଉକ୍ତ ଅପହୃତ ମହିଳାଙ୍କୁ ପରବର୍ତ୍ତୀ ସମୟରେ ଉଦ୍ଧାର କରାଯାଇଥିବା ପୋଲିସ ସୂଚନା ଦେଇଛି।

## ହନୁମାନଙ୍କୁ ପକ୍ଷଭୁକ୍ତ କରିବାରୁ ଲକ୍ଷେ ଗଣିଲେ

**ନୂଆଦିଲ୍ଲୀ, ୮।୫**

ଏକ ଘରୋଇ ଜମିରେ ନିର୍ମାଣାଧୀନ ମନ୍ଦିରକୁ ନେଇ ଉପୁଜିଥିବା ବିବାଦରେ ହନୁମାନଙ୍କୁ ପକ୍ଷଭୁକ୍ତ କରିବା ଜଣେ ବ୍ୟକ୍ତିଙ୍କୁ ମହଙ୍ଗା ପଡ଼ିଛି। ଦିଲ୍ଲୀ ହାଇକୋର୍ଟ ମଙ୍ଗଳବାର ତାଙ୍କୁ ୧ ଲକ୍ଷ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ମାମଲାର ଶୁଣାଣି ବେଳେ ଜଷ୍ଟିସ ସି. ହରିଶଙ୍କର କହିଛନ୍ତି, ମୋ ଅଦାଲତରେ ଦିନେ ପ୍ରଭୁ ହନୁମାନ ପକ୍ଷଭୁକ୍ତ ହୋଇ ଆସିବେ ବୋଲି କେବେ ଭାବି ନ ଥିଲି। ଅଙ୍କିତ ମିଶ୍ରା ନାମକ ଆବେଦନକାରୀଙ୍କୁ ବିଚାରପତି ଭର୍ତ୍ସନା କରିବା ସହ ଲକ୍ଷେ ଟଙ୍କା ଜମି ମାଲିକ ସୂରଜ ମଲିକଙ୍କୁ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଶଙ୍କର କହିଛନ୍ତି, ଯଦି ଜଣେ ବ୍ୟକ୍ତି ନିଜ ତଥା ତାଙ୍କ ପରିବାର ପାଇଁ ଘରୋଇ ସମ୍ପତ୍ତି ଉପରେ ମନ୍ଦିର ନିର୍ମାଣ କରନ୍ତି, ତେବେ ପର୍ବପର୍ବାଣୀରେ ସେହି ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ସର୍ବସାଧାରଣଙ୍କୁ ଅନୁମତି ଦେବାକୁ ବାଧ୍ୟ କରାଯାଇପାରିବ ନାହିଁ। ଯଦି ଲୋକେ ସେଠାକୁ ଯାଇ ପୂଜା କରନ୍ତି, ତାକୁ ସର୍ବସାଧାରଣ ମନ୍ଦିର ବୋଲି କୁହାଯାଇପାରିବ ନାହିଁ।

## କରୋନା ଭାକ୍ସିନ୍ ପ୍ରତ୍ୟାହାରକଲା ଆଷ୍ଟ୍ରାଜେନେକା

**ନୂଆଦିଲ୍ଲୀ, ୮।୫**

ବ୍ରିଟେନ୍‌ର ଫାର୍ମା କମ୍ପାନୀ ଆଷ୍ଟ୍ରାଜେନେକା ନିଜର କରୋନା ଭ୍ୟାକ୍ସିନ୍‌କୁ ବିଶ୍ୱ ବଜାରରୁ ଫେରାଇବା ପ୍ରକ୍ରିୟା ଆରମ୍ଭ କରିଛି। ଆଷ୍ଟ୍ରାଜେନେକା ସ୍ୱେଚ୍ଛାକୃତ ଭାବେ ବୁଧବାର ୟୁରୋପୀୟ ସଂଘରୁ କରୋନା ଟିକା ପାଇଁ ନିଜ 'ମାର୍କେଟିଂ ପ୍ରାଧୀକରଣ'କୁ ଫେରାଇଆଣିଛି। ସେହିପରି ଅନ୍ୟ ଦେଶରୁ ମଧ୍ୟ ଏହି ଭାକ୍ସିନ୍ ପ୍ରତ୍ୟାହାର କରାଯିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଆଷ୍ଟ୍ରାଜେନେକା ନିଜ ସଫେଇ ରଖିଛି। ବ୍ୟବସାୟିକ କାରଣରୁ ଏହି କରୋନା ଟିକାକୁ ବିଶ୍ୱ ବଜାରରୁ




ପ୍ରତ୍ୟାହୃତ କରାଯାଇଥିବା କମ୍ପାନୀ କହିଛି। ବଜାରରେ ଦରକାରଠାରୁ ଅଧିକ ଭ୍ୟାକ୍ସିନ୍ ମହଜୁଦ ଥିବାରୁ ଏହି ନିଷ୍ପତ୍ତି ନିଆଯାଇଥିବା କମ୍ପାନୀ କହିଛି। ଏବେ ବଜାରରେ ବିଭିନ୍ନ ଅପ୍‌ଡେଟେଡ୍ ଭ୍ୟାକ୍ସିନ୍ ଉପଲବ୍ଧ ରହିଛି, ଯାହା ନୂତନ ଭ୍ୟାରିଆଣ୍ଟ ସହ ମୁକାବିଲା କରିବାକୁ ସକ୍ଷମ ଥିବା ଆଷ୍ଟ୍ରାଜେନେକା କହିଛି। ତେଣୁ ଏହି ଟୀକା ଆଉ ଉତ୍ପାଦନ କରାଯାଉନାହିଁ ଓ ଏହାର ବ୍ୟବହାର ମଧ୍ୟ କରାଯିବାର ଆବଶ୍ୟକତା ନାହିଁ କମ୍ପାନୀ ସଫେଇ ଦେଇଛି। ତେବେ ପୂର୍ବରୁ ବ୍ରିଟେନ୍‌ର ଏକ କୋର୍ଟ ମାମଲାରେ ଆଷ୍ଟ୍ରାଜେନେକା ନିଜର କରୋନା ଭାକ୍ସିନ୍ ନିରାପଦ ହୋଇ ନ ଥିବା ଦର୍ଶାଇଥିଲା। ଏହି ଟିକାର ବିଭିନ୍ନ ପ୍ରକାର ପାର୍ଶ୍ୱ ପ୍ରତିକ୍ରିୟା ରହିଥିବାବେଳେ ଏହାଦ୍ୱାରା ରକ୍ତ ଜମାଟ ବାନ୍ଧିବା ସହ ବ୍ଲଡ୍ ପ୍ଲେଟ୍‌ଲେଟ୍ କାଉଣ୍ଟ କମିଯାଇପାରେ ବୋଲି କମ୍ପାନୀ ପକ୍ଷରୁ କୋର୍ଟଙ୍କୁ କୁହାଯାଇଥିଲା।

ସୂଚନାଯୋଗ୍ୟ, ଭାରତରେ ଆଷ୍ଟ୍ରାଜେନେକାର ଏହି କରୋନା ଟିକା କୋଭିଶିଲ୍ଡ ନାମରେ ପରିଚିତ। ୨୦୨୦ରେ କରୋନା ମହାମାରୀର ମୁକାବିଲା ପାଇଁ ଏହି ଟିକା ଆଷ୍ଟ୍ରାଜେନେକା ଓ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା। ଭାରତରେ 'ସିରମ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ' ପକ୍ଷରୁ ଆଷ୍ଟ୍ରାଜେନେକାର ଫର୍ମୁଲାକୁ ବ୍ୟବହାର କରାଯାଇ କୋଭିଶିଲ୍ଡ ଟିକା ପ୍ରସ୍ତୁତ ହୋଇଥିଲା ଓ ଏହାକୁ ବିତରଣ କରାଯାଇଥିଲା।

**ଫୁରସତ୍**

## ବିବାହ କରିବେ ଦ୍ୱିତୀୟ ବିଶ୍ୱଯୁଦ୍ଧର ଶତାୟୁ ନାୟକ

**ୱାଶିଂଟନ୍**

ଆମେରିକା ପାଇଁ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସାହସର ସହ ଲଢ଼ିଥିବା ହେରୋଲ୍ଡ ଟେରେନ୍ସ ଏବେ ଚର୍ଚ୍ଚାକୁ ଆସିଛନ୍ତି। ସେ ଆସନ୍ତା ମାସ ଫ୍ରାନ୍ସରେ ନିଜ ପ୍ରେମିକା ଜିନ୍ ସେୱର୍ଲଙ୍କୁ ବିବାହ କରିବାକୁ ଯାଉଛନ୍ତି। ହେରୋଲ୍ଡଙ୍କ ବୟସ ୧୦୦ ହୋଇଥିବା ବେଳେ ତାଙ୍କ ପ୍ରେମିକାଙ୍କ ବୟସ ୯୬ ରହିଛି। ୨୦୨୧ରୁ ଉଭୟ ପରସ୍ପରକୁ ଡେଟ୍ କରିଛନ୍ତି। ଉଭୟ ହେରୋଲ୍ଡ ଓ ସେୱର୍ଲଙ୍କ ୱେଡିଂ ଭେନ୍ୟୁ ବି ବହୁତ ଖାସ୍ ରହିଛି। ଏମାନଙ୍କ ବିବାହ ସେହି ସମୁଦ୍ର କୂଳରେ ହେବ ଯେଉଁଠି ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଲଢିବା ପାଇଁ ପହଞ୍ଚିଥିଲେ।

ମିଳିଥିବା ସୂଚନା ଅନୁସାରେ ନିଜ ବିବାହକୁ ନେଇ ହେରୋଲ୍ଡ ବେଶ୍ ଉତ୍ସାହିତ ଅଛନ୍ତି। ସେ ନିଜ ବିବାହକୁ ସ୍ମରଣୀୟ କରିବାକୁ ଚାହୁଁଛନ୍ତି। ବିଶ୍ୱଯୁଦ୍ଧ ୨ ସମୟରେ ଆମେରିକୀୟ ବାୟୁସେନାର ଅଂଶ ରହିଥିବା ହେରୋଲ୍ଡଙ୍କୁ ଆସନ୍ତା ମାସ ୬ରେ ଡି



ଡେ' ଲ୍ୟାଣ୍ଡିଂର ୮୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସମ୍ମାନିତ କରାଯିବ। ୧୯୪୪ ମସିହାର ଏହି ଐତିହାସିକ ଦିନରେ ଆମେରିକା ମିତ୍ରଦେଶମାନଙ୍କ ସହ ସାମିଲ ହୋଇ ବିଶ୍ୱଯୁଦ୍ଧର ଚିତ୍ର ବଦଳାଇ ପାରିଥିଲା। ଏହି ଯୁଦ୍ଧରେ ହେରୋଲ୍ଡ ଅଳ୍ପ କେତେଜଣ ଭାଗ୍ୟଶାଳୀଙ୍କ ମଧ୍ୟରେ ରହିଥିଲେ ଯେଉଁମାନେ ଯୁଦ୍ଧ ସରିବା ପରେ ଜୀବିତ ଫେରିପାରିଥିଲେ। ସମ୍ମାନିତ ହେବାର ୨ ଦିନ ପରେ ସେ ନିଜ ପ୍ରେମିକା ଜିନ୍ ସେୱର୍ଲିନଙ୍କ ସହ ଫ୍ରାନ୍ସର ଏକ ସମୁଦ୍ର କୂଳରେ ବିବାହ କରିବେ। ୧୯୪୪ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏହି ସମୁଦ୍ରକୂଳରୁ ଆମେରିକାର ହଜାର ହଜାର ସୈନିକ ଯୁଦ୍ଧ ପାଇଁ ବାହାରିଥିଲେ। ଏହି ବିବାହ କାର୍ଯ୍ୟକ୍ରମ ସହରର ମେୟରଙ୍କ ଉପସ୍ଥିତିରେ ସମ୍ପନ୍ନ ହେବ।

ତେବେ ଏକ ସାକ୍ଷାତ୍‌କାର ଦେଇ ହେରୋଲ୍ଡ ସେ ଓ ସେୱର୍ଲି ଗତ ୩ ବର୍ଷ ଧରି ଯୁବପିଢିଙ୍କ ପରି ପରସ୍ପରକୁ ବାରମ୍ବାର ଭେଟିବାକୁ ପସନ୍ଦ କରୁଥିଲେ। ୧୦୦ ବର୍ଷୀୟ ହେରୋଲ୍ଡ ଜଣେ ମଜାଳିଆ ବ୍ୟକ୍ତିତ୍ୱ ହୋଇଥିବାବେଳେ ତାଙ୍କର ସ୍ମୃତି ଶକ୍ତି ଆଗରେ ବୟସ ହାର ମାନିଥିବା ପ୍ରେମିକା ସେୱର୍ଲି କହିଛନ୍ତି।

ଖବର ଅନୁଯାୟୀ, ପ୍ରଥମ ବିଶ୍ୱଯୁଦ୍ଧ ଶେଷ ହେବା ପରେ ହେରୋଲ୍ଡ ଘରକୁ ଫେରି ସେଠାରେ ଥେଲ୍‌ମାଙ୍କୁ ବିବାହ କରିଥିଲେ। ହେରୋଲ୍ଡଙ୍କର ତିନୋଟି ସନ୍ତାନ ମଧ୍ୟ ରହିଛନ୍ତି। ସେ ଏକ ବ୍ରିଟିଶ କମ୍ପାନୀରେ ମଧ୍ୟ କାର୍ଯ୍ୟ କରିଛନ୍ତି। ଅବସର ପରେ ସେ ପରିବାର ସହ ଫ୍ଲୋରିଡାରେ ବସବାସ କରୁଥିଲେ। ୨୦୧୮ରେ ସ୍ତ୍ରୀ ଥେଲ୍‌ମାଙ୍କ ମୃତ୍ୟୁ ହେରୋଲ୍ଡଙ୍କୁ ଏକୁଟିଆ କରିଦେଇଥିଲା। ଏହି ସମୟ ମଧ୍ୟରେ, ହେରୋଲ୍ଡ ଜଣେ ବନ୍ଧୁଙ୍କ ମାଧ୍ୟମରେ ସ୍ୱେୱଲିଙ୍କୁ ଭେଟିଥିଲେ।

## 'ମିଷ୍ଟର ଆଣ୍ଡ ମିସେସ୍ ମାହି'ର ପ୍ରଥମ ଲୁକ୍

**ମୁମ୍ବାଇ**

ରାଜକୁମାର ରାଓ ଏବଂ ଜାହ୍ନବୀ କପୁରଙ୍କ ଫିଲ୍ମ 'ମିଷ୍ଟର ଆଣ୍ଡ୍ ମିସେସ୍ ମାହି'କୁ ନେଇ ଦୀର୍ଘଦିନ ଧରି ଚର୍ଚ୍ଚା ଲାଗିରହିଛି। ଶରଣ ଶର୍ମାଙ୍କ ନିର୍ଦ୍ଦେଶିତ ଏହା ହେଉଛି ଏକ ସ୍ପୋର୍ଟସ୍ ଡ୍ରାମା ଚଳଚ୍ଚିତ୍ର। ଏହି ଚଳଚ୍ଚିତ୍ରଟି ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ଜୀବନୀ ଉପରେ ଆଧାରିତ ରହିଛି। ଫିଲ୍ମର ପ୍ରଥମ ଲୁକ୍ ପାଇଁ ପ୍ରଶଂସକମାନେ ଦୀର୍ଘ ଦିନ ଧରି ଉତ୍ସାହର ସହ ଅପେକ୍ଷା କରିଥିଲେ। ପ୍ରଶଂସକଙ୍କ ଅପେକ୍ଷାକୁ ସମାପ୍ତ କରି ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଏହାର ଝଲକ ଜାରି କରାଯାଇଛି।

ଜାହ୍ନବୀ କପୁର ଏହି ଚଳଚ୍ଚିତ୍ରର ତିନୋଟି ପୋଷ୍ଟର ନିଜ ଇନ୍‌ଷ୍ଟାଗ୍ରାମ ଆଇଡିରେ ଶେୟାର କରିଛନ୍ତି। ସେ ଏହାର କ୍ୟାପଶନରେ ଲେଖିଛନ୍ତି, ମିଷ୍ଟର ଏବଂ ମିସେସ୍ ମାହିଙ୍କୁ ଭେଟନ୍ତୁ। ସେମାନଙ୍କ ପାଇଁ କ୍ରିକେଟ୍ ହିଁ ଜୀବନ। କ୍ରିକେଟକୁ ଛାଡ଼ି ମାହି କେବଳ ନିଜ ସ୍ତ୍ରୀଙ୍କୁ ହିଁ ଭଲ ପାଆନ୍ତି। ଏହି ପୋଷ୍ଟରରେ ଫିଲ୍ମର ନାମ ବ୍ୟତୀତ ରିଲିଜ୍ ତାରିଖ ମଧ୍ୟ ଲେଖାଯାଇଛି।



ଏହି ଚଳଚ୍ଚିତ୍ର ଆସନ୍ତା ୩୧ରେ ମୁକ୍ତିଲାଭ କରିବାକୁ ଯାଉଛି। ଏହାସହ ପ୍ରଥମ ଥର ପାଇଁ ରାଜକୁମାର ରାଓ ଏବଂ ଜାହ୍ନବୀ କପୁରଙ୍କୁ ବଡ଼ ପରଦାରେ ଏକାଠି ଦେଖିବାକୁ ମିଳିବ। ସୋସିଆଲ ମିଡିଆ ୟୁଜର୍ସ ଏହି ଫିଲ୍ମର ପୋଷ୍ଟରକୁ ବେଶ୍ ପସନ୍ଦ କରିଛନ୍ତି। ପୂର୍ବରୁ ୨୦୧୬ରେ ଧୋନୀଙ୍କ ବାୟୋପିକ୍ 'ଏମ୍‌ଏସ୍ ଧୋନୀ: ଦି ଅନଟୋଲ୍ଡ ଷ୍ଟୋରି' ପ୍ରସ୍ତୁତ କରାଯାଇଥିଲା ଏହି ଚଳଚ୍ଚିତ୍ରରେ ଧୋନୀଙ୍କ ଚରିତ୍ରରେ ଅଭିନେତା ସୁଶାନ୍ତ ସିଂ ରାଜପୁତ ଚମତ୍କାର ଅଭିନୟ କରିଥିଲେ। ତେଣୁ କରନ ଜୋହରଙ୍କ ନିର୍ମିତ ଏହି ଫିଲ୍ମକୁ ନେଇ ଧୋନୀଙ୍କ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ବଢ଼ିଛି।

'ଗୁଞ୍ଜନ ସକ୍ସେନା' ଚଳଚ୍ଚିତ୍ର ପରେ ନିର୍ଦ୍ଦେଶକ ଶରଣ ଶର୍ମା ଏବଂ ଜାହ୍ନବୀ କପୁର ଦ୍ୱିତୀୟ ଥର ପାଇଁ ଏକାଠି କାମ କରୁଛନ୍ତି। ସେହିପରି ଜାହ୍ନବୀ ଖୁବ୍‌ଶୀଘ୍ର 'ଦେବରା ପାର୍ଟ - ୧' ଚଳଚ୍ଚିତ୍ର ସହ ଟଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି। ସେହିପରି ରାଜକୁମାର ରାଓ ତାଙ୍କ ଚଳଚ୍ଚିତ୍ର 'ଶ୍ରୀକାନ୍ତ' ପାଇଁ ଏବେ ଚର୍ଚ୍ଚାରେ ରହିଛନ୍ତି। ଏହି ଚଳଚ୍ଚିତ୍ର ଆସନ୍ତା ୧୦ରେ ମୁକ୍ତିଲାଭ କରିବାକୁ ଯାଉଛି।







# ଉଚ୍ଚ ଶିକ୍ଷାନୁଷ୍ଠାନରେ ଇ-ସିଗାରେଟ୍ ରୋକାଯାଉ

## ସ୍ୱତନ୍ତ୍ର ଡ୍ରାଇଭ ସହ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କର

ଭୁବନେଶ୍ୱର, ୮।୫(ଅସମାପିକା ସାହୁ)

ପରିବର୍ତ୍ତିତ ସମାଜରେ ଟେକ୍ନୋଲୋଜିର ବ୍ୟବହାର ବଢ଼ୁଛି। ଆଉ ଏଥିରେ ଯୁବପିଢ଼ିଙ୍କ କାର୍ଯ୍ୟଶୈଳୀ ବି ବଦଳୁଛି। ଅନେକ କଲେଜ ପଢ଼ୁଆ ଯୁବପିଢ଼ି ଏବେ ସିଗାରେଟ୍ ଛାଡ଼ି ଇଲେକ୍ଟ୍ରୋନିକ୍ସ ବା ଇ-ସିଗାରେଟ୍‌କୁ ଆପଣାଉଛନ୍ତି, ଯାହାକୁ ନେଇ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ଚିନ୍ତାପ୍ରକଟ କରିଛି। ତେଣୁ ଉଚ୍ଚ ଶିକ୍ଷାନୁଷ୍ଠାନରେ ଇ-ସିଗାରେଟ୍ ବ୍ୟବହାର ଉପରେ ପ୍ରତିବନ୍ଧକ ଆଣିଛନ୍ତି। ଉଚ୍ଚ ଶିକ୍ଷାନୁଷ୍ଠାନରେ ଏହାର ବ୍ୟବହାରକୁ ନିଷେଧ କରିବା ପାଇଁ ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନକୁ ୟୁଜିସି ପକ୍ଷରୁ ଅନୁରୋଧ କରାଯାଇଛି।

ୟୁଜିସି ପକ୍ଷରୁ କୁହାଯାଇଛି, ଭାରତ ସରକାର ପ୍ରୋହିବିଶନ ଅଫ୍ ଇଲେକ୍ଟ୍ରୋନିକ ସିଗାରେଟ୍ ଆକ୍ଟ(ପେକା), ୨୦୧୯ ଲାଗୁ କରି ଇ-ସିଗାରେଟ୍ ଉପରେ ନିଷେଧ କରିଛନ୍ତି। ଅନେକ ସମୟରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏହି ଆଇନର ବିଧି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ମଧ୍ୟ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳକୁ ଅନୁରୋଧ କରିଛି। କିନ୍ତୁ ଏହି ଉପକରଣଗୁଡ଼ିକ ଅନ୍‌ଲାଇନ ଷ୍ଟୋର ଏବଂ ସ୍ଥାନୀୟ ବିକ୍ରେତାଙ୍କ ନିକଟରେ ସହଜରେ ଉପଲବ୍ଧ ହେଉଥିବା ଦେଖାଯାଉଛି। ଏଥିସହିତ ଇ-ସିଗାରେଟ୍‌ର ଉପକରଣଗୁଡ଼ିକ ଶିକ୍ଷାନୁଷ୍ଠାନ ନିକଟରେ ଥିବା ଷ୍ଟୋରରେ ବିକ୍ରି କରାଯାଉଥିବା ଦେଖାଯାଉଛି। ଫଳରେ ଯୁବପିଢ଼ି ଏହାକୁ ସହଜରରେ ବ୍ୟବହାର କରିପାରୁଛନ୍ତି। ପେକା ଅନୁସାରେ ଇଲେକ୍ଟ୍ରୋନିକ ସିଗାରେଟ୍ ସ୍ୱାସ୍ଥ୍ୟ ପ୍ରତି ଗୁରୁତର ବିପଦ ସୃଷ୍ଟି କରେ। ବିଶେଷକରି ଯୁବପିଢ଼ି ଏଥିରେ ଅଧିକ ପ୍ରଭାବିତ ହୋଇଥାନ୍ତି। ଏସବୁକୁ ଦୃଷ୍ଟିରେ ରଖି ଇଲେକ୍ଟ୍ରୋନିକ ସିଗାରେଟ୍ ବ୍ୟବହାର ନ କରିବା ସହିତ ଏଥିରେ ଜଡ଼ିତ ରହିଥିବା ବିପଦ ବିଷୟରେ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି ୟୁଜିସି କହିଛି। ଇ-ସିଗାରେଟ୍ ଯେପରି ବ୍ୟବହାର ନ ହେବ ସେଥିପାଇଁ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ସ୍ୱତନ୍ତ୍ର ଡ୍ରାଇଭ୍ କରିବା ସହିତ ନିୟମିତ ଭାବରେ ଯାଞ୍ଚ କରିବା ଉଚିତ। ଏହା କିପରି ସଫଳ ହେବ ସେଥିପାଇଁ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ଆବଶ୍ୟକ ପଦକ୍ଷେପ ନେବା ପାଇଁ ୟୁଜିସି ପକ୍ଷରୁ ଅନୁରୋଧ କରାଯାଇଛି।

ସୂଚନାଯୋଗ୍ୟ, ବିଦ୍ୟାର୍ଥୀଙ୍କୁ ନିଶାଠାରୁ ଦୂରରେ ରଖିବା ପାଇଁ ସରକାର ବାରମ୍ବାର ଉପଦେଶ ଦେଉଛନ୍ତି। ହେଲେ ପିଲାଙ୍କ ହାତପାଆନ୍ତାରେ ଉପଲବ୍ଧ ହେଉଥିବା ନିଶା ସାମଗ୍ରୀକୁ ନିଷିଦ୍ଧ କରିବାରେ ବିଫଳ ହେଉଛନ୍ତି। ଫଳରେ ଯୁବପିଢ଼ିଙ୍କ ମଧ୍ୟରେ ନିଶା ସେବନ ଭୟଙ୍କର ଭାବେ ବଢ଼ିଚାଲିଛି। ଶିକ୍ଷାନୁଷ୍ଠାନ ନିକଟରେ ପାନ, ବିଡ଼ି, ଗୁଟ୍‌ଖା ଆଦିର ବିପଣନ ଓ ସେବନ ହୋଇପାରିବ ନାହିଁ ବୋଲି କୋଟପା ଆଇନରେ ସ୍ପଷ୍ଟ ବ୍ୟବସ୍ଥା ରହିଛି। ସରକାର ମଧ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକୁ ନିଶାମୁକ୍ତ କରିବା ପାଇଁ ବିଭିନ୍ନ ସମୟରେ ପ୍ରୟାସ କରିଛନ୍ତି। ହେଲେ ସବୁ କେବଳ ନିର୍ଦ୍ଦେଶ ଓ ପରାମର୍ଶ ମଧ୍ୟରେ ସୀମିତ ହୋଇ ରହିଯାଉଛି। ଫଳରେ ନିଶାମୁକ୍ତ କ୍ୟାମ୍ପସ ଏବେ ଏକ ପ୍ରହସନରେ ପରିଣତ ହୋଇଛି। ଶିକ୍ଷାନୁଷ୍ଠାନର ୧୦୦ ମିଟର ଭିତରେ ତମାଖୁ, ସିଗାରେଟ୍ ଆଦି ନିଶା କାରବାର ଚାଲିଛି। ଖୋଲାମେଲା ଭାବରେ ଦୋକାନୀମାନେ ବିକ୍ରି କରୁଛନ୍ତି। ତେଣୁ ୟୁଜିସିର ଇ-ସିଗାରେଟ୍ ଉପରେ ପ୍ରତିବନ୍ଧକ କେତେଦୂର ସଫଳ ହେବ ତାହା ଆଗକୁ ଜଣାପଡ଼ିବ।

### ଇ- ସିଗାରେଟ୍ କ'ଣ



ଇ- ସିଗାରେଟ୍ ହେଉଛି ଏକ ନିଶାଯୁକ୍ତ ଧୂଆଁ। ଏହା ଇଲେକ୍ଟ୍ରୋନିକ ଡିଭାଇସ୍ ମାଧ୍ୟମରେ ତରଳ ନିଶାଯୁକ୍ତ ପଦାର୍ଥକୁ ଗରମ କରାଯାଇ ଏଥିରୁ ସୃଷ୍ଟ ଧୂଆଁକୁ ପ୍ରଶ୍ୱାସରେ ନିଆଯାଇଥାଏ। ଏହି ଧୂଆଁ ନିକୋଟିନ୍ ଏବଂ ବିଭିନ୍ନ ସ୍ୱାଦଯୁକ୍ତ ହୋଇଥାଏ। ଏହା ଶରୀର ପାଇଁ କ୍ଷତିକାରକ। ଇ-ସିଗାରେଟ୍ ବିଭିନ୍ନ ପ୍ରକାରରେ ଆସିଥାଏ, ଯଥା ସିଗାରେଟ୍, ସିଗାର, ପାଇପ୍‌ସ, ପେନ୍, ୟୁଏସ୍‌ବି ଷ୍ଟିକ୍ ଇତ୍ୟାଦି। ତରଳ ବା ଇ-ଜୁସ୍‌ରେ ସାଧାରଣଭାବେ ନିକୋଟିନ, ପ୍ରୋପିଲିନ୍ ଗ୍ଲାଇକଲ, ଭେଜିଟେବଲ ଗ୍ଲିସେରିନ୍ ଏବଂ ଅନ୍ୟ ଉପାଦାନ ରହିଥାଏ। ଏହା ଅତ୍ୟଧିକ ନିଶାପ୍ରବଣ କରାଇବା ସହ ଯୁବଗୋଷ୍ଠୀଙ୍କ ମସ୍ତିଷ୍କକୁ ନକାରାତ୍ମକ ଦିଗରେ ପ୍ରବର୍ତ୍ତାଇଥାଏ।



କେନ୍ଦ୍ର ସରକାର ଇ-ସିଗାରେଟ୍‌କୁ ନିଷିଦ୍ଧ ଘୋଷଣା କରିବା ସହ ଇଲେକ୍ଟ୍ରୋନିକ ସିଗାରେଟ୍ ପ୍ରୋହିବିଶନ ଆକ୍ଟ -୨୦୧୯ ଲାଗୁ କରିଛନ୍ତି। ଏପରି କି ଇ-ସିଗାରେଟ୍‌ର କୁପ୍ରଭାବ ସମ୍ପର୍କରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ସମୟରେ ସଚେତନତା ସୃଷ୍ଟି କରାଯାଉଛି। ଉଚ୍ଚ ଶିକ୍ଷାନୁଷ୍ଠାନ ପରିସରକୁ ଇ-ସିଗାରେଟ୍‌ମୁକ୍ତ କରିବାକୁ ୟୁଜିସି ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶ ସ୍ୱାଗତଯୋଗ୍ୟ ପଦକ୍ଷେପ। ହେଲେ ଏହି ନିର୍ଦ୍ଦେଶର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଶିକ୍ଷାନୁଷ୍ଠାନ ପରିସରରେ ଯେପରି କଡ଼ାକଡ଼ି ଭାବେ ଏହାକୁ ରୋକାଯାଇପାରିବ, ସେନେଇ ବ୍ୟବସ୍ଥା ଗ୍ରହଣ କରାଯିବା ଜରୁରୀ।

**- ରଞ୍ଜନ କୁମାର ମହାନ୍ତି, ଆବାହକ, କୋଆଲିଶନ ଫର୍ ଟବାକୋ ଫ୍ରି ଓଡ଼ିଶା**

# ହୋମ୍ ଭୋଟିଂ ପାଇଁ ଯାଇଥିବା କର୍ମଚାରୀଙ୍କୁ ଗାଁକୁ ପୂରାଇ ଦେଲେନି




ହୋମ ଭୋଟିଂ ପାଇଁ ଯାଇଥିବା କର୍ମଚାରୀଙ୍କୁ ଗାଁକୁ ପଶାଇ ଦେଉନାହାନ୍ତି।

## ଭୋଟ ବର୍ଜନ ଜିଦ୍‌ରେ ଦୁଣ୍ଡା ଗ୍ରାମବାସୀ

ଭବାନୀପାଟଣା,୮।୫ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଦୁନ୍ଦେଲମାଳ ପଞ୍ଚାୟତର ଦୁଣ୍ଡା ଗ୍ରାମବାସୀ ରାସ୍ତା ଓ ପାନୀୟ ଜଳ ଦାବି ନେଇ ଚଳିତ ସାଧାରଣ ନିର୍ବାଚନ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏ ନେଇ ସେମାନେ ପୂର୍ବରୁ ଜିଲାପାଳଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରିଥିଲେ। ଏପରିସ୍ଥଳେ ମଙ୍ଗଳବାର ଜୁନାଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ହୋମ ଭୋଟିଂ ପାଇଁ ଗାଁକୁ ଯାଇଥିବା କର୍ମଚାରୀଙ୍କୁ ଗ୍ରାମବାସୀ ଗାଁରେ ପୂରାଇ ଦେଇ ନ ଥିଲେ। ଫଳରେ ସେମାନେ ନିରାଶ ହୋଇ ଫେରି ଆସିଥିଲେ। ଦୁର୍ଗମ ତଥା ମାଓବାଦୀ ଅଧ୍ୟୁଷିତ ଗାଁ ହେଉଛି ଦୁଣ୍ଡା। ଏହି ଗ୍ରାମରେ ଦଳିତ, ଆଦିବାସୀ ସମ୍ପ୍ରଦାୟର ଲୋକେ ବସବାସ କରୁଥିବାବେଳେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ, ବିଜୁଳି, ମୋବାଇଲ ନେଟୱର୍କ ଭଳି ସମସ୍ୟା ଲାଗିରହିଛି। ଏହିସବୁ ସମସ୍ୟାର ସମାଧାନ ନ ହେଉଥିବାରୁ ଗ୍ରାମବାସୀ ଗତ ପଞ୍ଚାୟତ ନିର୍ବାଚନ ବର୍ଜନ କରିଥିଲେ। ଏହାପରେ ବି ପ୍ରଶାସନର ଦୃଷ୍ଟି ନ ପଡିବାରୁ ଚଳିତ ସାଧାରଣ ନିର୍ବାଚନ ମଧ୍ୟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଦୁଣ୍ଡାରେ ପ୍ରାୟ ୪ଶହ ଜଣ ଭୋଟର ରହିଥିବା ଜଣାପଡିଛି।

# ଓଡ଼ିଶାରେ ପରିବର୍ତ୍ତନ ପବନ ବହୁଛି: ରାଜନାଥ

ରାୟଗଡ଼ା,୮।୫(ଆଶିଷ ରଞ୍ଜନ ପଣ୍ଡା)

ଏଥର ଓଡ଼ିଶାରେ ସରକାର ଗଠନ କରିବ ଭାଜପା। ରାଜ୍ୟର ବିକାଶ ପାଇଁ ଚଳିତ ନିର୍ବାଚନରେ ଓଡ଼ିଶାବାସୀ ଭାଜପାକୁ ବହୁଳ ଭୋଟ୍‌ରେ ବିଜୟୀ କରାଇବେ। ରାୟଗଡ଼ା ବାଇପାସ୍ ରାସ୍ତାସ୍ଥିତ ବାରିଖୋଲା ପଡ଼ିଆରେ ବୁଧବାର ଭାଜପାର ଜନସମାବେଶରେ ଯୋଗଦେଇ ଏଭଳି କହିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। କେନ୍ଦ୍ରରେ ଭାଜପା ସରକାର ଆସିବା ପରେ ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ହେଲା। ଆଗାମୀ ଦିନରେ ଭାରତରେ ରାମରାଜ୍ୟ ପ୍ରତିଷ୍ଠା ହେବ ବୋଲି କହିଛନ୍ତି ରାଜନାଥ ସିଂହ।

ରାଜନାଥ ଜନସଭାକୁ ସମ୍ବୋଧନ କରି ରାଜ୍ୟର ବିଜେଡି ଓ କଂଗ୍ରେସ ସରକାରକୁ କଟାକ୍ଷ କରିଛନ୍ତି। କଂଗ୍ରେସ ସମୟରେ ଭ୍ରଷ୍ଟାଚାର ବଢ଼ିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗଠିତ କେନ୍ଦ୍ର ସରକାର ଦ୍ୱାରା ଦେଶରେ ଭ୍ରଷ୍ଟାଚାର କମିଛି। ବିଜେଡି ଏଠାରେ ୨୫ ବର୍ଷ ହେବ ଶାସନ କରୁଛି। ତଥାପି ଓଡ଼ିଶାକୁ ଏବେ ବି ଗରିବ ରାଜ୍ୟ ଭାବେ ବିବେଚନା କରାଯାଉଥିବା ରାଜନାଥ କହିଛନ୍ତି। ଆୟୁଷ୍ମାନ୍ ଭାରତ ଭଳି ଜନହିତକର ଯୋଜନା ଓଡ଼ିଶାରେ ଲାଗୁହେଉନାହିଁ। ଗରିବ ଲୋକେ ଆୟୁଷ୍ମାନ୍ ଭାରତ ଯୋଜନା ଦ୍ୱାରା ଉପକୃତ ହେବା ନେଇ ବିଜେଡି ଚାହୁଁନି ବୋଲି ସେ ଅଭିଯୋଗ କରିଛନ୍ତି। ସେହିଭଳି ଜାତୀୟ ପ୍ରସଙ୍ଗରେ କଂଗ୍ରେସକୁ ଘେରିଛନ୍ତି। ସମ୍ବିଧାନ ପରିବର୍ତ୍ତନ ହେବ ବୋଲି କଂଗ୍ରେସ ମିଥ୍ୟା ପ୍ରଚାର କରୁଛି। କଂଗ୍ରେସ ଶାସନ କାଳରେ ହିଁ ଅନେକଥର ସମ୍ବିଧାନ ବଦଳିଛି ବୋଲି ସେ କହିଥିଲେ। ଓଡ଼ିଶାର ପରିବର୍ତ୍ତନ ପବନ ବହୁଛି। ସେ କହିଥିଲେ, ଭାଷଣରେ ଭ୍ରଷ୍ଟାଚାର କମିବ ନାହିଁ। ବ୍ୟବସ୍ଥାରେ ପରିବର୍ତ୍ତନ ଆଣିଲେ ଭ୍ରଷ୍ଟାଚାର କମିବ, ଯାହା ଦେଶରେ ଭାଜପା ସରକାର କରି ଦେଖାଇଛି। ଭାଜପା ଯାହା କୁହେ ତାହା କରେ ବୋଲି ଅଭିଭାଷଣ ରଖି ମୋଦି ସରକାର ଆଜି ବିଶ୍ୱରେ ଚର୍ଚ୍ଚାର ପରିଧିରେ ରହିଛି ବୋଲି କହିଥିଲେ।

ଭାଜପା ଜିଲା ସଭାପତି ଶିବ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ସମ୍ପାଦକ ପଦ୍ମନାଭ ଦାସ ମଞ୍ଚ ପରିଚାଳନା କରିଥିଲେ। ରାଜ୍ୟ ସଭା ସଦସ୍ୟ ତୁରେଲଲ ଓରାସିଆ କାର୍ଯ୍ୟକ୍ରମରେ ଯୋଗଦାନ କରି ଓଡ଼ିଶାର ବିକାଶ କିଏ ଚୋରି କରିଛି ବୋଲି ପ୍ରଶ୍ନ କରିଥିଲେ। କୋରାପୁଟ ଏମ୍‌ପି ପ୍ରାର୍ଥୀ କାଳିରାମ ମାଝୀ ନିଜ ଭାଷଣରେ ଆଦିବାସୀ ଅଞ୍ଚଳର ବିକାଶ କଥା ଉପସ୍ଥାପନ କରିଥିଲେ। ପାନୀୟ ଜଳର ଅଭାବ, ଗମନାଗମନ ପାଇଁ ରାସ୍ତା ନାହିଁ, ବିଦ୍ୟାଳୟରେ ଶିକ୍ଷକ ନାହାନ୍ତି, ଖଣି ଲୁଟ୍ ଚାଲିଛି ବୋଲି କାଳିରାମ ଅଭିଯୋଗ କରିବା ସହ ନିଜ ପାଇଁ ଭୋଟ ଭିକ୍ଷା କରିଛନ୍ତି। ଏହି ଅବସରରେ ଆଦିମ ଜନଜାତି ସମ୍ପ୍ରଦାୟର ମହିଳାମାନେ ରାଜନାଥ ସିଂଙ୍କୁ କାପଡ଼ାଗୁନ୍ଦା ସାଲ୍ ଭେଟି ଦେଇଥିଲେ। ସେମାନଙ୍କ ସହ ରାଜନାଥ କିଛି ସମୟ ବାର୍ତ୍ତାଳାପ ମଧ୍ୟ କରିଥିଲେ। ଭାଜପାର ଏହି ବିଜୟ ସଙ୍କଳ୍ପ ସମାବେଶରେ ଲୋକଙ୍କ ପ୍ରବଳ ଭିଡ଼ ଜମିଥିଲା। ଏଥିପାଇଁ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।



ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କୁ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରୁଛନ୍ତି ଦଳୀୟ ନେତା ଓ କର୍ମୀ।

## ODISHA GRAMYA BANK

always with U

(A Govt. of India Undertaking)
*Sponsored by:* Indian Overseas Bank
Head Office: Gandamunda, P.O.: Khandagiri, Bhubaneswar-751030

**AUDITED FINANCIAL RESULTS FOR THE YEAR ENDED 31st MARCH 2024**

**BALANCE SHEET AS ON 31st MARCH 2024**

(₹ in thousand)

| CAPITAL & LIABILITIES | SCHEDULE | As on 31.03.2024 (Current Year) | As on 31.03.2023 (Previous Year) |
|---|---|---|---|
| Capital | 1 | 17340062 | 16439281 |
| Share Capital Deposit | 1A | - | 315292 |
| Reserves and Surplus | 2 | 756114 | 607378 |
| Deposits | 3 | 162584515 | 152977981 |
| Borrowings | 4 | 7958888 | 5803280 |
| Other Liabilities and Provisions | 5 | 10155297 | 8475702 |
| TOTAL | | 198794876 | 184618914 |
| ASSETS | | | |
| Cash and Balance with Reserve Bank of India | 6 | 7254624 | 7447019 |
| Balances with banks and Money at Call and Short Notice | 7 | 7799775 | 7527286 |
| Investments | 8 | 79933470 | 78457785 |
| Advances | 9 | 80488250 | 69786287 |
| Fixed Assets | 10 | 308445 | 320805 |
| Other Assets | 11 | 23010312 | 21079732 |
| TOTAL | | 198794876 | 184618914 |
| Contingent Liabilities | 12 | 1170075 | 1016144 |
| Bills for Collection | | - | - |

**PROFIT & LOSS ACCOUNT FOR THE YEAR ENDED 31st MARCH 2024**

(₹ in thousand)

| | SCHEDULE | Year ended 31.03.24 (Current Year) | Year ended 31.03.23 (Previous Year) |
|---|---|---|---|
| I. INCOME | | | |
| Interest Earned | 13 | 12258959 | 10952999 |
| Other Income | 14 | 1173182 | 835321 |
| TOTAL | | 13432141 | 11788320 |
| II. EXPENDITURE | | | |
| Interest Expended | 15 | 6432579 | 6059381 |
| Operating Expenses | 16 | 4675471 | 4534019 |
| Provisions and Contingencies | 16A | 2069013 | 989148 |
| TOTAL | | 13177063 | 11582548 |
| III. PROFIT / (LOSS) | | | |
| Profit / (Loss) for the year | | 255078 | 205772 |
| Income Tax Provision | | - | - |
| Profit / (Loss) for the year after Income Tax Provision | | 255078 | 205772 |
| Profit / (Loss) brought forward | | (12165401) | (12371173) |
| TOTAL | | (11910323) | (12165401) |
| IV. APPROPRIATIONS | | | |
| Transfer to Statutory Reserve | | - | - |
| Transfer to Capital Reserve | | 340 | - |
| Transfer to Other Reserves | | 47500 | - |
| Transfer to Govt. / Proposed Dividend | | - | - |
| Balance Loss carried over to Balance Sheet | | (11958163) | (12165401) |
| TOTAL NET OF RESERVE | | (11958163) | (12165401) |

**Notes:-** **(1)** Above financial results have been audited by the statutory central auditors, SRB & Associates, Chartered Accountants in line with the guidelines issued by NABARD and approved by the Board of Directors of the Bank in the meeting held on **30.04.2024.** **(2)** The financial results have been arrived at after considering the accounting policies and practices followed in the previous financial year. **(3)** The financial results have been arrived at after considering provisions for Non-Performing Assets / Standard Assets as per the prudential norms issued by RBI and other required provisions.

**Bank has been empanelled by Government of Odisha as one of the eligible Banks for handling business and deposits of State Public Sector Undertakings (SPSUs) and State Level Autonomous Societies (SLASs). Ministry of Rural Development, Govt of India has awarded our Bank as Best performing Bank in Credit Linkage (SHG) for the FY 2022-23. Odisha Gramya Bank thanks all the stakeholders and the esteemed customers for their continuous support and patronage.**

Total Business ₹ 25212.62 Cr (Up by 9.29%YoY)
CRAR 9.40%
Operating Profit ₹232.41Cr (Up by 94.94%YoY)
Net Profit ₹25.51Cr (Up by 24%YoY)
CD Ratio 55.07%
Net NPA 4.17% (Down by 1.63%YoY)
CASA 53.35%
Advances Growth 15.23%YoY
NIM 3.33%

Bhubaneswar 30.04.2024 | Sd/- (Shwetabh Kumar) General Manager | Sd/- (Rishi Singh) Chairman



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ବିଏମ୍‌ସି ପକ୍ଷରୁ ସାଇକ୍ଲୋଥନ ଫର ଭୋଟର୍ସ, ସ୍ଥାନ: ସିଆର୍‌ପି ଛକ, ସମୟ: ସକାଳ ୬ଟା ୩୦।
- ୧୨ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ସୂର୍ଯ୍ୟପୂଜା ଓ ଗୀତା ଆହୂତି, ସ୍ଥାନ: ପଳାଶୁଣୀ ଗ୍ରାମର ମା' ଖଣ୍ଡେଶ୍ୱରୀ ଦେବୀଙ୍କ ପୀଠସ୍ଥଳୀ, ସମୟ: ସକାଳ ୮ଟା।
- ମହର୍ଷି କଲେଜ ରୋଡ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସାମ୍ବାଦିକ ଭବନ, ଖାରବେଳ ନଗର, ସମୟ: ପୂର୍ବାହ୍ନ ୧୧ଟା।
- କେତକୀ ଫାଉଣ୍ଡେଶନ ପକ୍ଷରୁ ଚତୁର୍ଥ ଦିନନାଥ ପାଠୀ କଳା ସମ୍ମାନ ଏବଂ ଦ୍ୱିତୀୟ ଦିନନାଥ ପାଠୀ ସ୍ମାରକୀ ବକ୍ତୃତା, ସ୍ଥାନ: ଭାରତୀୟ ବିଦ୍ୟା ଭବନ, ସମୟ: ଅପରାହ୍ନ ୫ଟା ୩୫।
- ରବୀନ୍ଦ୍ରନାଥ ଠାକୁରଙ୍କ ୧୬୩ତମ ଜୟନ୍ତୀ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ସ୍ୱାମୀ ଚିନ୍ମୟାନନ୍ଦ ମହାରାଜଙ୍କ ୧୦୮ତମ ଜନ୍ମୋତ୍ସବ ଉପଲକ୍ଷେ ଗୁରୁ ପ୍ରଣାମ ମହୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ବହି 'ରୋଜା: ଲେଟ୍‌ସ ରାଇଜ ଇନ୍ ଲଭ' ଉନ୍ମୋଚନ, ସ୍ଥାନ: ଆଇଏମ୍ଏ ଭବନ, କ୍ୟାପିଟାଲ ହସ୍ପିଟାଲ ପାଖ, ୟୁନିଟ୍-୬, ସମୟ: ସନ୍ଧ୍ୟା ୭ଟା।
- ଭଗବତ ବାସୁଦେବ ମେଳଣ ଉପଲକ୍ଷେ ଫିଁ ସେଲ୍‌ରେ ଅପେରା ପାର୍ଟି ଦ୍ୱାରା ନାଟକ ପରିବେଷଣ, ସ୍ଥାନ: କୋରଡକଣ୍ଟା ଗ୍ରାମର ମେଳଣ ପଡ଼ିଆ, ସମୟ: ରାତି ୧୧ଟା।

## କଟକ
- ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଗଣଧାରଣା, ସ୍ଥାନ: ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମ୍ମୁଖ, ସମୟ- ପୂର୍ବାହ୍ନ ୧୧ଟା।

## ଖୋର୍ଦ୍ଧା
- ଖୋର୍ଦ୍ଧା ଜିଲା ଭାରତ ସ୍କାଉଟ୍‌ସ ଗାଇଡ୍‌ସ ପକ୍ଷରୁ ଜଳଛତ୍ର, ସ୍ଥାନ: ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପାର୍ଶ୍ୱ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀରାମଲୀଳା ଉତ୍ସବ, ସ୍ଥାନ: କାଶୀପୁର ବଡ଼ପାଟଣା, ଡିଆ, ସମୟ: ରାତି ୧୦ଟା।

## ବାଲେଶ୍ୱର
- ଜାତୀୟସ୍ତରୀୟ ସମ୍ମିଳନୀ (ଏଫ୍‌ଏଏସ୍‌ଏନ୍‌ଡିପି-୨୦୨୪), ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବାଲେଶ୍ୱର କଂଗ୍ରେସ ବିଧାୟକ ପ୍ରାର୍ଥିନୀଙ୍କ ପ୍ରାର୍ଥିପତ୍ର ଦାଖଲ, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ଷ୍ଟେଶନ ଛକ, ଦୁର୍ଗାମଣ୍ଡପ, ବାଲେଶ୍ୱର, ସମୟ: ସକାଳ ୭ଟା।
- ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ବୁଢ଼ା କାର୍ତ୍ତିକେଶ୍ୱର ମଣ୍ଡପ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।

## ଭଦ୍ରକ
- ଶ୍ରୀ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବୁଡ଼ଙ୍ଗ, ତିହିଡ଼ି, ସମୟ: ସକାଳ ୬ଟା।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ଅଚକ ପଂଚାୟତ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ବ୍ଲୁ ଭାଇନ ହୋଟେଲ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପା ଭଦ୍ରକ ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ, ସ୍ଥାନ: ଉପଜିଲାପାଳ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ବିଜେଡ଼ି କର୍ମୀ ସମ୍ମିଳନୀ, ସ୍ଥାନ: ବରହମପୁର, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ବିଜେଡ଼ି କର୍ମୀ ସମ୍ମିଳନୀ, ସ୍ଥାନ: ବଣିଆ, ଭଦ୍ରକ, ସମୟ: ସନ୍ଧ୍ୟା ୭ ଟା ୩୦।

## କେନ୍ଦୁଝର
- ଚକ୍ରତିର୍ଥ ମଠରେ ଅଷ୍ଟମ ପ୍ରହର ନାମ ସଙ୍କୀର୍ତ୍ତନ, ସ୍ଥାନ : ଛେନାପଦୀ, ଆନନ୍ଦପୁର, ସମୟ: ସକାଳ ୬ ଟା।
- ଭାଜପାର ବାଇକ ରାଲି, ସ୍ଥାନ: ତେଲକୋଇ, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର ମହାମିଶ୍ରଣ ପର୍ବ, ସ୍ଥାନ: କେନ୍ଦେଇପଶି ଆମ୍ବ ବଗିଚା, ପାଟଣା, ସମୟ: ଅପରାହ୍ନ ୩ ଟା।
- ଅଷ୍ଟପ୍ରହରୀ ନାମ ସଙ୍କୀର୍ତ୍ତନ ଓ ନଗର ପରିକ୍ରମା ଅନୁଷ୍ଠିତ ସ୍ଥାନ ହରିଡ଼ା ପାଳ ବ୍ଲକ ଆନନ୍ଦପୁର ସମୟ ଅପରାହ୍ନ ୪ଟା
- କଂଗ୍ରେସର ପଞ୍ଚାୟତସ୍ତରୀୟ ବୈଠକ, ସ୍ଥାନ: ଜଳସୁଆଁ, ଆନନ୍ଦପୁର, ସମୟ: ସନ୍ଧ୍ୟା ୭ ଟା।
- ଅଷ୍ଟପ୍ରହରୀ ନାମ ସଙ୍କୀର୍ତ୍ତନ, ସ୍ଥାନ: ବାତୋ, ଘସିପୁରା, ସମୟ: ସନ୍ଧ୍ୟା ୭ ଟା।
- ଶ୍ରୀ ପ୍ରଭୁପାଦ ସଙ୍କୀର୍ତ୍ତନ ପଦଯାତ୍ରା, ସ୍ଥାନ: ସାଇଁକୁଳ, ଘସିପୁରା, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର
- ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀଙ୍କ ଉଦବୋଧନ, ସ୍ଥାନ: ବ୍ରହ୍ମପୁର ନିକଟ କନିଷି ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଏସ୍‌ପି କାର୍ଯ୍ୟାଳୟ ଘେରାଉ
- ସ୍ଥାନ: ବ୍ରହ୍ମପୁର ଏସ୍‌ପି କାର୍ଯ୍ୟାଳୟ, ସମୟ: ସକାଳ ୧୧ଟା।

## ଗଞ୍ଜାମ
- ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଜେଡି ନିର୍ବାଚନୀ ସଭା, ସ୍ଥାନ: ଆସିକା କଲେଜ କଲେଜ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ନିର୍ବାଚନୀ ସଭା, ସ୍ଥାନ: ଖଲ୍ଲିକୋଟ ଆରସିଏମ କଲେଜ ପଡିଆ, ସମୟ: ଅପରାହ୍ନ ୧ଟା।
- ବିଶ୍ୱ ଶାନ୍ତି ଯଜ୍ଞ ଉପଲକ୍ଷେ ଅଧିବାସ,ସ୍ଥାନ: ଜେକ, ବୁଗୁଡା, ସମୟ : ଅପରାହ୍ନ ୩ ଟା।

## ଢେଙ୍କାନାଳ
- ଡିପିଏସ୍ ସମର ଫେଷ୍ଟା, ସ୍ଥାନ: ଦିଲ୍ଲୀ ପବ୍ଲିକ ସ୍କୁଲ ଢେଙ୍କାନାଳ, ସମୟ: ସକାଳ ୭ଟା୩୦।
- ଗୀତାଜ୍ଞାନ ଯଜ୍ଞର ଉଦ୍‌ଯାପନୀ ଦିବସ, ସ୍ଥାନ: ଦଧିବାମନ ଜୀଉ ମନ୍ଦିର ପରିସର ରଥଗଡା ଢେଙ୍କାନାଳ, ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ
- ମା' ଦକ୍ଷିଣକାଳୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବାଗଡିଆ ନୂଆ ହାଟପଡ଼ିଆ, ସମୟ: ସକାଳ ୮ଟା।
- ନିର୍ବାଚନ ଜନିତ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୮ ଟା।
- ପ୍ରାର୍ଥୀ ପକ୍ଷରୁ ଭରାଯାଇଥିବା ନାମାଙ୍କନ ପ୍ରତ୍ୟାହାର, ସ୍ଥାନ: ରିଟର୍ଣ୍ଣିଂ ଅଫିସର କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ନିର୍ବାଚନ ଜନିତ ସମୀକ୍ଷା, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ନିର୍ବାଚନ ପାଇଁ ପର୍ଯ୍ୟବେକ୍ଷକଙ୍କ ବୈଠକ, ସ୍ଥାନ: ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ ଟା।
- ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା୩୦।
- ରାମମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ପ୍ରସାଦ ସେବନ, ସ୍ଥାନ: ବଲାସିଂହା, ସମୟ: ପୂର୍ବାହ୍ନ ୧୨ଟା୩୦।
- ପ୍ରାର୍ଥୀ ପକ୍ଷରୁ ଭରାଯାଇଥିବା ନାମାଙ୍କନ ଚୂଡ଼ାନ୍ତ ତାଲିକା ପ୍ରକାଶ, ସ୍ଥାନ: ରିଟର୍ଣ୍ଣିଂ ଅଫିସର କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ ଟା।

## ଜଗତ୍‌ସିଂହପୁର
- ଶ୍ରୀରାମଚଣ୍ଡୀ ଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ: ସ୍ଥାନ: ଜଗନ୍ନାଥପୁର, କୁଜଙ୍ଗ, ସମୟ: ସକାଳ ୭ଟା।
- ବିଜେଡି ପକ୍ଷରୁ ୱାର୍ଡସ୍ତରୀୟ ପଦଯାତ୍ରା, ସ୍ଥାନ: ବଙ୍ଗାଳିପଡା, ମଧୁବନ, ପାରାଦୀପ, ସମୟ: ଅପରାହ୍ନ ୪ ଟା।
- ବାସୁଦେବ ଫାଉଣ୍ଡେଶନ ପକ୍ଷରୁ ଜଗନ୍ନାଥ କଥାମୃତ, ସ୍ଥାନ: କୁସୁନପୁର, ନେମାଳ, କଟକ, ସମୟ: ସନ୍ଧ୍ୟା ୬ ଟା।
- ପାରାଦୀପ ନଗର କଂଗ୍ରେସ ପକ୍ଷରୁ କର୍ମକର୍ତ୍ତା ବୈଠକ, ସ୍ଥାନ: ବଡପଡିଆ, ପାରାଦୀପ, ସନ୍ଧ୍ୟା ୬ ଟା।
- ଅଷ୍ଟମ ପ୍ରହରୀ ନାମଯଜ୍ଞ, ଶୁଭାଧିବାସ, ସ୍ଥାନ: ନିୟୁ ଜଗନାଥ କଲୋନୀ, ବିଜୟଚନ୍ଦ୍ରପୁର, ପାରାଦୀପ, ସମୟ: ସନ୍ଧ୍ୟା ୭ ଟା।

## କେନ୍ଦ୍ରାପଡ଼ା
- ଭାଜପା କର୍ମୀ ସମ୍ମିଳନୀ, ସ୍ଥାନ: ତାଳସଙ୍ଗା, ମାର୍ଶାଘାଇ, ସମୟ: ସକାଳ ୯ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ଛୋଟି, ଡେରାବିଶ, ସମୟ: ସନ୍ଧ୍ୟା ୫ଟା।
- କଂଗ୍ରେସ କର୍ମୀ ସମ୍ମିଳନୀ, ସ୍ଥାନ: ଜମଧର, କେନ୍ଦ୍ରାପଡା, ସମୟ: ସନ୍ଧ୍ୟା ୫ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମା' କନ୍ତେଇ ଠାକୁରାଣୀ ପୀଠ, ବାଙ୍କିମୁଣ୍ଡାଇ, ଚାନ୍ଦୋଳ, ଡେରାବିଶ, ସମୟ: ସନ୍ଧ୍ୟା ୭ଟା।
- ଭାଗବତ ପାରାୟଣ, ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର
- ମା'ତାରିଣୀଙ୍କ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଅବସରରେ ବେଦପାଠ ଓ ଶ୍ରୀବିଷ୍ଣୁଙ୍କ ସହସ୍ର ନାମ ପାଠ,ସ୍ଥାନ: ଧର୍ମଶାଳା ବ୍ଲକ ଶଙ୍ଖାରିଡ଼ିହ ହନୁମାନ ମନ୍ଦିର ପାଖ, ସମୟ: ସକାଳ ୭ଟା।
- ମା' ବ୍ରାହ୍ମଣୀ ଦେବୀଙ୍କ ବାର୍ଷିକ ଯଜ୍ଞ ଉତ୍ସବ,ସ୍ଥାନ: ଧର୍ମଶାଳା ବ୍ଲକର ବ୍ରାହ୍ମଣଦା (ଭାତୃପଶି), ସମୟ: ସକାଳ ୭ଟା।
- ଧର୍ମଶାଳା କଂଗ୍ରେସ ପ୍ରାର୍ଥୀ କିଷାନ ପଣ୍ଡାଙ୍କ ପ୍ରାର୍ଥିପତ୍ର ଦାଖଲ ପାଇଁ ଗ୍ରାମଦେବତୀଙ୍କ ନିକଟରେ ପୂଜାର୍ଚ୍ଚନା, ସ୍ଥାନ: ଧର୍ମଶାଳା ବ୍ଲକର ବଡ଼ମଙ୍ଗଳପୁର,ସମୟ: ସକାଳ ୯ଟା।

## ରାୟଗଡ଼ା
- ବୃଦ୍ଧାଙ୍କ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନ, ସ୍ଥାନ: ତହସିଲଦାର କାର୍ଯ୍ୟାଳୟ ସମ୍ମୁଖ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ ଟା।
- ବିଜେଡିର ନିର୍ବାଚନୀ ପ୍ରଚାର, ସ୍ଥାନ: ପୋଡାପାଡି, ବାଙ୍କାମ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ଶ୍ରୀ ରାଧାମୋହନ ଗୌଡିୟ ମଠର ବାର୍ଷିକ ଉତ୍ସବ ନେଇ ଅଧିବାସ ଓ କଳସ ଯାତ୍ରା, ସ୍ଥାନ : ସୁନାବେଡା ରାଧାମୋହନ ଗୌଡିୟ ମଠ, ସମୟ : ସକାଳ ୯ଟା।

## ମାଲକାନଗିରି
- ହିମନ୍ତ ବିଶ୍ୱଶର୍ମାଙ୍କ ବିଶାଳ ଜନ ସମାବେଶ, ସ୍ଥାନ: କାଲିମେଳା ବ୍ଲକ ଏମ୍‌ପିଭି ୮୨ ଗ୍ରାମ, ସମୟ: ସକାଳ ୧୦ଟା
- ଚିତ୍ରକୋଣ୍ଡାରେ ହିମନ୍ତ ବିଶ୍ୱଶର୍ମାଙ୍କ ବୈଠକ, ସ୍ଥାନ- ମାଥିଲି ମିନି ଷ୍ଟାଡିୟମ, ସମୟ- ମଧାହ୍ନ ୧୨ଟା

## ସମ୍ବଲପୁର
- ସାଓଲିନ କଙ୍ଗ୍ଫୁ ଆସାସିଏଶନ ପକ୍ଷରୁ ପ୍ରଶିକ୍ଷଣ ଶିବର, ସ୍ଥାନ: ଜିଲା ଜୁଡୋ ହଲ୍, ସମୟ: ସକାଳ ୯ଟା
- କଳା ପ୍ରଦର୍ଶନ ପାଇଁ ପ୍ରେକ୍ଷାଳୟ ନିର୍ମାଣ ଦାବିରେ ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୪ଟା ୩୦।
- ଜିଲା ସ୍କୁଲ ହଷ୍ଟେଲ ସମସ୍ୟା ନେଇ ସଚେତନତା ରଥ, ସ୍ଥାନ: ଜିଲାସ୍କୁଲ ଛକ, ସମୟ: ସକାଳ ୯ଟା।
- କବରାପାଲିରେ ଭାଜପାର ପ୍ରଚାର କାର୍ଯ୍ୟକ୍ରମ, ସ୍ଥାନ କବରାପାଲି ଗ୍ରାମ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ କଳସ ଯାତ୍ରା ଓ ବିଭିନ୍ନ ପୂଜା କର୍ମ, ସ୍ଥାନ: ମହୁଲପାଲି, ସମୟ:ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର
- ଗ୍ରୀଷ୍ମକାଳୀନ ଖୋ ଖୋ ତାଲିମ ଶିବିର, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଖେଳପଡିଆ, ବଲାଙ୍ଗୀର, ସମୟ: ସକାଳ ୬ଟା।
- ସଙ୍ଗୀତ ମହାବିଦ୍ୟାଳୟ ସ୍ୱର ଝଙ୍କାରର ୨୬ତମ ବାର୍ଷିକ ଉତ୍ସବ, ସ୍ଥାନ: ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା ୩୦ ମିନଟ।

## ସୁବର୍ଣ୍ଣପୁର
- ଅଷ୍ଟ ପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: ଖଣ୍ଡହତା ଗଡଭିତର,ବୀରମହାରାଜପୁର ବ୍ଲକ,ସମୟ:ସକାଳ ୮ ଟା।
- କଂଗ୍ରେସର ନିର୍ବାଚନୀ ପ୍ରଚାର , ସ୍ଥାନ: ବୀରମହାରାଜପୁର ଜୋନ -୧, ସମୟ:ସକାଳ ୯ ଟା।
- ସଂକୀର୍ତ୍ତନ ଓ ସତସଙ୍ଗ, ସ୍ଥାନ: ଶୃଙ୍ଗଦର, ଭାଲୁଡୁଙ୍ଗୁରୀ,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ ଟା।
- ଭାଜପାର ନିର୍ବାଚନୀ ପ୍ରଚାର, ସ୍ଥାନ: ବୀରମହାରାଜପୁର ଜୋନ -୨, ସମୟ : ସକାଳ ୯ ଟା।
- ବିଜେଡିର ନିର୍ବାଚନୀ ପ୍ରଚାର, ସ୍ଥାନ: ବହଳପଦର ପଞ୍ଚାୟତ, ବୀରମହାରାଜପୁର ବ୍ଲକ,ସମୟ : ସକାଳ ୯ ଟା।
- ବିଜେଡି ସୋନପୁର ବିଧାୟକ ପ୍ରାର୍ଥୀଙ୍କ ନିର୍ବାଚନୀ ସଭା, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକର ଚିନାୟୁରୀ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା
- ରଘୁନାଥପାଲ୍ଲୀ ବିଧାନସଭା କ୍ଷେତ୍ରରେ ଭାଜପାର ନିର୍ବାଚନୀ ପ୍ରଚାର, ସ୍ଥାନ: ସେକ୍ଟର-୨, ସମୟ: ସକାଳ ୮ଟା।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମୁନିସିପାଲ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ନିର୍ବାଚନୀ ପ୍ରଚାର, ସ୍ଥାନ: ପାନପୋଷ, ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା କଂଗ୍ରେସ ପକ୍ଷରୁ ନିର୍ବାଚନ ପ୍ରଚାର, ସ୍ଥାନ: କୋଏଲନଗର, ସମୟ: ଅପରାହ୍ନ ୫ଟା।
- ଶ୍ରଦ୍ଧା ଅନୁଷ୍ଠାନ ପକ୍ଷରୁ ଗଣତାନ୍ତ୍ରିକ ଅଧିକାର ଆଲୋଚନାଚକ୍ର, ସ୍ଥାନ: ସେକ୍ଟର -୧୬, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ମହାଦେବ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ପିପିଲିପାଲି, ସୋହେଲା, ସମୟ: ସକାଳ ୮ଟା।
- ୨୪ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୂତି, ସ୍ଥାନ: ସସ୍ତୁପାଲି, ବରଗଡ଼, ସମୟ: ମଧ୍ୟାହ୍ନ ୧୨ଟା।
- ଶ୍ରୀ ଶ୍ରୀ ପର୍ଶୁରାମ ଜନ୍ମୋତ୍ସବରେ ପାରିବାରିକ ବନ୍ଧୁମିଳନ, ସ୍ଥାନ: ସାଇକ୍ରିଷ୍ଣା ପେଲେସ୍, ବରଗଡ଼, ସମୟ: ସନ୍ଧ୍ୟା ୬ଟା।
- ରାମଲୀଳାରେ ରାବଣ ଦରବାର କାର୍ଯ୍ୟକ୍ରମ, ସ୍ଥାନ: କଟାପାଲି, ବରଗଡ଼, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା
- ଭାଗବତ ମହାପରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସନ୍ଧ୍ୟା ୭ଟା।
- ଷୋହଳପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ନୂଆଗାଁ ପଞ୍ଚାୟତ କାଳିମାଟି ଗାଁ, ସମୟ: ଅପରାହ୍ନ ୫ଟା।

## ବୌଦ୍ଧ
- ଖୁଣ୍ଟିଗୋରା କ୍ରିକେଟ କ୍ଲବ ପକ୍ଷରୁ ପଞ୍ଚମ ରାତ୍ରିକାଳୀନ ଧମାକା ସାର୍କିଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିନ, ସ୍ଥାନ: ଖୁଣ୍ଟିଗୋରା ସତ୍‌ସଙ୍ଗ ପଡିଆ, କଣ୍ଧମାଳ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼
- ବିଜେଡିର ନିର୍ବାଚନ ପ୍ରଚାର ଓ କର୍ମୀ ସମ୍ମିଳନୀ, ସ୍ଥାନ: ବାରକୋଟ ବ୍ଲକ ରମ୍ପେଇ, କଣ୍ଡାପାଳି, ବଲମ, ବସାଲଇ, କଣ୍ଡଲ, ସମୟ: ପୂର୍ବାହ୍ନ ୧୧ଟା।

## ଝାରସୁଗୁଡ଼ା
- ବିଜେଡିର ମାରାଥନ ପ୍ରଚାର, ସ୍ଥାନ: କୋଲାବିରା ଓ ଲଇକେରା ବ୍ଲକ, ସମୟ: ଅପରାହ୍ନ ୪ଟା ୩୦ ମିନିଟ୍।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ଝାରସୁଗୁଡା ୱାର୍ଡ ନମ୍ବର ୧୨ ମାଲିମୁଣ୍ଡା ଗ୍ରାମ, ସମୟ: ଅପରାହ୍ନ ୫ଟା।
- ଭାଜପା ଦଳୀୟ କର୍ମୀଙ୍କ ବୈଠକ, ସ୍ଥାନ: ସହରସ୍ଥିତ ରେଲୱେ କଲୋନୀ, ସମୟ: ସନ୍ଧ୍ୟା ୭ଟା।
- ପର୍ଶୁରାମ ଜୟନ୍ତୀ ପାଇଁ ବୈଠକ, ସ୍ଥାନ: ସହରସ୍ଥିତ ସରବାହାଲ ଜଗନ୍ନାଥ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ରବି ଓ ଚନ୍ଦ୍ର ଦୁଇଟିଗ୍ରହ ଉଚ୍ଚସ୍ଥ ହେତୁ ମନ ଅନୁଯାୟୀ କାର୍ଯ୍ୟ ସମ୍ପାଦନ କରିବାର ସୁଯୋଗ ପାଇବେ। ସହକର୍ମୀଙ୍କୁ ସୁପରାମର୍ଶ ଓ ପ୍ରେରଣା ଦେଇ ପ୍ରଶଂସିତ ହେବେ। ଶିଳ୍ପ, ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। କିନ୍ତୁ ପାରିବାରିକ ଅସହଯୋଗରୁ ଶେଷ ପର୍ଯ୍ୟାୟରେ କାମଗୁଡ଼ିକ ଅଧାରେ ଅଟକି ଯାଇପାରେ।

**ବୃଷ** ଗୁରୁଚାନ୍ଦ୍ରୀ ଯୋଗ ପ୍ରଭାବରେ ଯାହା ପାଇବା ପାଇଁ ଇଚ୍ଛା କରୁଛନ୍ତି ତାହା ଅସୁବିଧାରେ ପାଇଯିବେ। କର୍ମକ୍ଷେତ୍ରରେ ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡ଼ିପାରନ୍ତି। ଅଫିସ୍‌ରେ ସାଧାରଣ ବଚସାରୁ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ବନ୍ଧୁ ଗହଣରେ ମଉଜିଆ କଥା କହି ପରିସ୍ଥିତିକୁ ହାଲୁକା କରିଦେବେ।

**ମିଥୁନ** ଅନୁକୂଳ ଗ୍ରହସ୍ଥିତିରୁ ପ୍ରିୟଜନମାନଙ୍କ ସାହାଯ୍ୟରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସରଳ ସମାଧାନ ହୋଇଯିବ। ବହୁତ ଦିନ ଧରି ଭାଙ୍ଗି ପଡ଼ିଥିବା ସ୍ୱାସ୍ଥ୍ୟ ଓ ସମ୍ପର୍କରେ ଉନ୍ନତି ଘଟିପାରେ। କର୍ମକ୍ଷେତ୍ରର ପ୍ରତ୍ୟେକ ଘଟଣାରେ ଆପଣଙ୍କ ଭୂମିକାକୁ ଅନ୍ୟମାନେ ପ୍ରଶଂସା କରିପାରନ୍ତି। ଅର୍ଥ ସମ୍ପର୍କିତ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**କର୍କଟ** ଚତୁର୍ଥ କେନ୍ଦ୍ରକୁ ଶୁକ୍ର ଓ ରବିଙ୍କ ଦୃଷ୍ଟିଜନିତ ସାମାଜିକ ସମ୍ମାନ, ଲୋକସମ୍ପର୍କରେ ଉନ୍ନତି ହେବ। କାର୍ଯ୍ୟଦକ୍ଷତା ଯୋଗୁ ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସା ଓ ପ୍ରତିଷ୍ଠା ପାଇପାରିବେ। ଇଚ୍ଛା ନ ଥିଲେ ମଧ୍ୟ ପରିସ୍ଥିତିରେ ପଡ଼ି କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରି ବ୍ୟସ୍ତ ହୋଇ ପାରନ୍ତି। ରାଜନୀତି ଓ ସଭାସମିତିରେ ପ୍ରାଧାନ୍ୟ ବୃଦ୍ଧି ପାଇବ।

**ସିଂହ** ଶନିଙ୍କ ଦୃଷ୍ଟିରେ ରବି ଥିବାରୁ ପାରିବାରିକ ଦ୍ୱନ୍ଦ୍ୱ, ବାଣିଜ୍ୟ, ବ୍ୟବସାୟରେ କ୍ଷତି କିମ୍ବା ଝଗଡ଼ାର ସୂଚନା ରହିଛି। ପ୍ରତ୍ୟେକ କ୍ଷେତ୍ରରେ କାମର ଚାପ ବୃଦ୍ଧି ପାଉଥିଲେ ମଧ୍ୟ ସ୍ୱାସ୍ଥ୍ୟ ପ୍ରତି ଅବିଚାର କଲେ ଅସୁବିଧାରେ ପଡ଼ିବେ। ବନ୍ଧୁମାନଙ୍କ ସାହାଯ୍ୟରେ ନିକଟ ଅତୀତରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ସମ୍ଭାଳି ନେଇପାରନ୍ତି।

**କନ୍ୟା** ଦ୍ୱିସ୍ଥାନରେ ଶୁକ୍ର ଏବଂ ରାଶିରେ କେତୁ ଥିବାରୁ ସହଜ ଓ ସୁବିଧାରେ କୌଣସି କାମ ହୋଇପାରିବ ନାହିଁ। ସମସ୍ୟା ରହିଥିଲେ ମଧ୍ୟ ଜଣେ ବନ୍ଧୁଙ୍କ ମାଧ୍ୟମରେ ସମାଧାନ ରାସ୍ତା ଖୋଲିଯାଇପାରେ। ଉପରିସ୍ଥଙ୍କ ବ୍ୟବହାରରେ ଅସନ୍ତୁଷ୍ଟ ହେଲେ ମଧ୍ୟ ମୁହଁ ସାମ୍ନାରେ କିଛି କହିପାରିବେ ନାହିଁ। ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ।

**ତୁଳା** ରାଶି ପ୍ରତି ରାଶ୍ୟାଧିପତିଙ୍କ ଦୃଷ୍ଟି ହେତୁ ସ୍ୱାସ୍ଥ୍ୟ, କାର୍ଯ୍ୟଧାରା ଏବଂ ଆର୍ଥିକ ସ୍ଥିତି ମନ୍ଦ ହେବ ନାହିଁ। ଅନ୍ୟ ପ୍ରତି ଅହେତୁକ ଆକର୍ଷଣକୁ କେନ୍ଦ୍ର କରି ପରିବାର ମଧ୍ୟରେ କଳହ ସୃଷ୍ଟି ହୋଇପାରେ। ଆନୁଷ୍ଠାନିକ କାମରେ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ପ୍ରତ୍ୟୁଷ ଯାତ୍ରାରେ ବିଳମ୍ବ ଘଟିପାରେ।

**ବିଛା** ଆଜି ଚନ୍ଦ୍ର ଓ ବୃହସ୍ପତିଙ୍କ ସ୍ଥିତି ପ୍ରଭାବରୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତି ଦୂରେଇଯିବ। ମାନସିକ ସ୍ତରରେ ଅସ୍ଥିରତା ସୃଷ୍ଟି ହେଲେ ମଧ୍ୟ ପାରିବାରିକ, ସାମାଜିକ, ଆର୍ଥିକ ସ୍ଥିତିରେ ଅସୁବିଧା ହେବ ନାହିଁ। ସଭାସମିତିରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବାର ସମ୍ଭାବନା ରହିଛି।

**ଧନୁ** ଆଜିର ଗ୍ରହସ୍ଥିତି ଭଲ ଓ ମନ୍ଦର ମିଶ୍ରିତ ଫଳ ଅନୁଭବରେ ଆସିପାରେ। କଠିନ ଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବାର ଆଶଙ୍କା ରହୁଛି। ଘରେ ଭୁଲ୍ ବୁଝାମଣା ହେତୁ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ସଭାସମିତି, ରାଜନୀତି କ୍ଷେତ୍ରରେ ଆଶାଜନକ ସୁଫଳ ପାଇବେ।

**ମକର** ସମୟ ମନ୍ଦ ନ ହେଲେ ମଧ୍ୟ ସମ୍ପର୍କୀୟଙ୍କ କଥାବାର୍ତ୍ତା ଓ ବ୍ୟବହାରରେ ବ୍ୟତିକ୍ରମ ପରିଲକ୍ଷିତ ହେବ। ଯାହା କରୁଛନ୍ତି ଭାବିଚିନ୍ତି ନ କଲେ ପରେ ଅନୁତପ୍ତ ହେବେ। ଉପରିସ୍ଥଙ୍କ ସାହାଯ୍ୟ ଲାଭକରି ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ପରିସ୍ଥିତିର ଗୁରୁତ୍ୱ ଦୃଷ୍ଟିରୁ ପ୍ରତିବେଶୀଙ୍କ ସହ ମଧୁର ସମ୍ପର୍କ ରଖିବା ହିତକର ହେବ।

**କୁମ୍ଭ** ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିଲେ ମଧ୍ୟ ମାନସିକ ସ୍ତରରେ ଦୁଶ୍ଚିନ୍ତା ଲାଗି ରହିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ କ୍ଷେତ୍ରରେ ସମସ୍ୟା ଦୂରେଇଯିବାର ପ୍ରଯତ୍ନ କରିପାରନ୍ତି। ସରଳ ଭାବରେ କୌଣସି କଥାକୁ ଗ୍ରହଣ ନ କରି ପରୀକ୍ଷାନିରୀକ୍ଷା କରିବା ଭଲ। ବ୍ୟବସାୟ, କଳା, ସାହିତ୍ୟ କ୍ଷେତ୍ରରେ ଉନ୍ନତି କରିବେ।

**ମୀନ** ରାଶିରେ ପାପଗ୍ରହ ଅବସ୍ଥାନ କରୁଥିବାରୁ ବିବାଦୀୟ ଚିନ୍ତାଧାରାରେ ମନ ଉଦ୍‌ବିଗ୍ନ ରହିବ। ଆଜି ତରବରିଆ ପଦକ୍ଷେପ ନେଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ପାରିବାରିକ ଅଶାନ୍ତି କ୍ଷେତ୍ରରେ ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ।

ଆଜି ମେ ୯ ତାରିଖ, ବୈଶାଖ ଶୁକ୍ଳ ପ୍ରତିପଦାଯୁକ୍ତ ଦ୍ୱିତୀୟା ଗୁରୁବାର, ରାଶି ନକ୍ଷତ୍ର-କୃତ୍ତିକା/ବୃଷ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫।୧୭ ଗତେ ଘ.୦୭।୦୦ ମଧ୍ୟେ, ଘ.୧୦।୨୬ ଗତେ ଘ.୦୧।୦୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୧।୧୯ ଗତେ ଘ.୦୨।୫୬ ମଧ୍ୟେ ରାହୁକାଳ।

# ଆନ୍ଧ୍ରର ସ୍ୱାସ୍ଥ୍ୟସେବା ଶିବିରକୁ ବନ୍ଦ କଲା ଓଡ଼ିଶା ପ୍ରଶାସନ

ପଟ୍ଟାଙ୍ଗି,୮।୫(ଶରତ ଧଳ)



ଓଡ଼ିଶାର ସରକାରୀ ଗୃହରେ ଆନ୍ଧ୍ର ଆୟୋଜନ କରିଥିବା ସ୍ୱାସ୍ଥ୍ୟସେବା ଶିବିର।

- ଲାଉଡି ଗ୍ରାମରେ ଓଡ଼ିଶା ସରକାରୀ ଗୃହରେ କରୁଥିଲା ଶିବିର
- ଶିବିର ପାଇଁ କିଏ ଅନୁମତି ଦେଲା ସେ ନେଇ ଉଠିଛି ପ୍ରଶ୍ନ
- ଓଡ଼ିଶାର ବିଏସ୍‌କେୱାଇ ସ୍ୱାସ୍ଥ୍ୟବୀମାରୁ ଫାଇଦା ଉଠାଇବା ଆନ୍ଧ୍ରର ଲକ୍ଷ୍ୟ

ଏବେ ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପ୍ରକ୍ରିୟା ଜାରି ରହିଛି। ସମସ୍ତ ସରକାରୀ ଅଧିକାରୀ ଏଥିରେ ବ୍ୟସ୍ତ ଥିବାବେଳେ ଏଥିରୁ ଫାଇଦା ଉଠାଇବାକୁ ପଡୋଶୀ ଆନ୍ଧ୍ର ପଛଘୁଞ୍ଚା ଦେଇନି। ଏହି ରାଜ୍ୟର ଏକ ଘରୋଇ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ବୁଧବାର ଓଡ଼ିଶା ଭିତରେ ଅନୁପ୍ରବେଶ କରି ମାଗଣା ସ୍ୱାସ୍ଥ୍ୟଶିବିର କରିଥିବା ଦେଖିବାକୁ ମିଳିଛି। ଏହା ଜାଣିବା ପରେ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ଓ ସୁଙ୍କି ପୋଲିସ ତୁରନ୍ତ ପଦକ୍ଷେପ ଗ୍ରହଣ କରି ଆନ୍ଧ୍ରର ଏହି ସ୍ୱାସ୍ଥ୍ୟସେବା ଶିବିରକୁ ବନ୍ଦ କରିଛି। ଫଳରେ ଏହାକୁ ନେଇ ଦୁଇରାଜ୍ୟ ମଧ୍ୟରେ ବିବାଦ ଦେଖାଦେଇଛି।

ଖବରରୁ ଜଣାପଡିଛି, ପଡୋଶୀ ଆନ୍ଧ୍ର ପଟ୍ଟାଙ୍ଗି ବ୍ଲକର କୋଟିଆ ପଞ୍ଚାୟତକୁ ବାରମ୍ବାର ଅନୁପ୍ରବେଶ ଜାରି ରଖି ନିଜର ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ପଞ୍ଚାୟତବାସୀଙ୍କୁ ଅବଗତ କରୁଛି। ସେମାନଙ୍କୁ ବିଭିନ୍ନ ଲୋଭ ଦେଖାଇଆସୁଛି। ଏଥିରୁ ବିଶେଷ ସୁଫଳ ନ ମିଳିବାରୁ ଆନ୍ଧ୍ର ଓଡ଼ିଶାର ପଟ୍ଟାଙ୍ଗି ବ୍ଲକର ଅନ୍ୟତମ ପଞ୍ଚାୟତ ସୁଙ୍କିରେ ପ୍ରବେଶ କରିଛି। ଲାଉଡି ଗ୍ରାମରେ ଏକ ଆମ୍ବୁଲାନ୍ସ (ଏପି ୩୯ ଏନପି –୩୫୪୬) ଯୋଗେ ପହଞ୍ଚି ଉକ୍ତ ଗ୍ରାମରେ ରହିଥିବା ଓଡ଼ିଶାର ସରକାରୀ ଗୃହ (ସାଂସ୍କୃତିକ କେନ୍ଦ୍ର)ରେ ମାଗଣା ସ୍ୱାସ୍ଥ୍ୟସେବା ଶିବିର କରିଥିଲା। ଲୋକଙ୍କୁ ଚିକିତ୍ସା କରି ଔଷଧ ଦେଉଥିବା ଖବର ପାଇ ପଟ୍ଟାଙ୍ଗି ବିଡିଓ ସୁକାନ୍ତ ପଟ୍ଟନାୟକ, ତହସିଲଦାର ଦେବେନ୍ଦ୍ର ବାହାଦୁରସିଂ ଧାରୁଆ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭାଗବତ ମୁର୍ମୁ, ସୁଙ୍କି ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମିଗେନ୍ଦ୍ର ନାଥ ହେମ୍ବ୍ରମ ଏବଂ ସୁଙ୍କି ପୋଲିସ ପହଞ୍ଚି ଆନ୍ଧ୍ରର ଏହି ଶିବିରକୁ ବନ୍ଦ କରିଛନ୍ତି। ଶିବିରରେ ନିୟୋଜିତ ସମସ୍ତ କର୍ମଚାରୀ ଏବଂ ଆମ୍ବୁଲାନ୍ସକୁ ଥାନାରେ ଅଟକ ରଖାଯାଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଓଡିଶା ଭିତରେ ଆନ୍ଧ୍ର ଅନୁପ୍ରବେଶ କରି ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ ପାଇଁ କିଏ ଅନୁମତି ଦେଇଥିଲେ ଏହାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଲାଗି ସାଧାରଣରେ ଦାବି ହେଉଛି। ସୂଚନାଯୋଗ୍ୟ, ଓଡ଼ିଶା ପକ୍ଷରୁ ସୁଙ୍କି ଅଞ୍ଚଳର ଲୋକଙ୍କୁ ପ୍ରଦାନ କରାଯାଇଥିବା ବିଏସ୍‌କେୱାଇ ସ୍ୱାସ୍ଥ୍ୟବୀମା କାର୍ଡରୁ ଆନ୍ଧ୍ର କିପରି ଲାଭ ଉଠାଇବ ସେନେଇ ଭିତିରି ଲକ୍ଷ୍ୟ ରଖିଥିବା ସାଧାରଣରେ ଚର୍ଚ୍ଚା ହେଉଛି।

## ପ୍ରଥମ ପୃଷ୍ଠାରୁ

### କଂଗ୍ରେସ ପାଉଛି ଅମ୍ବାନୀ, ...

ରାହୁଲ କେତେ ପରିମାଣର ଟଙ୍କା ନେଇଛନ୍ତି ତାହା ଘୋଷଣା କରନ୍ତୁ। ଡିଲ୍ ହୋଇଛି କି? ରାତାରାତି ସେମାନଙ୍କ ନାମ ଉଚ୍ଚାରଣ କାହିଁକି ଛାଡ଼ିଦେଲେ ବୋଲି ପ୍ରଧାନମନ୍ତ୍ରୀ ପ୍ରଶ୍ନ କରିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ଜବାବୀ ଆକ୍ରମଣ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ। କାରଣ ରାହୁଲ ବୃହତ୍ ଶିଳ୍ପପତିମାନଙ୍କ ନାମ ଧରି ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରିଆସୁଥିଲେ। ଭାଜପା ସରକାର କେବଳ ୨୨ ଭାରତୀୟଙ୍କୁ ଅରବପତି କରିଥିବାବେଳେ କଂଗ୍ରେସ କ୍ଷମତାକୁ ଆସିଲେ ଅନେକ କୋଟି ଲକ୍ଷପତି ସୃଷ୍ଟି କରିବ ବୋଲି ନିକଟରେ ରାହୁଲ କହିଥିଲେ। ପ୍ରଧାନମନ୍ତ୍ରୀଙ୍କ ଟାର୍ଗେଟ ସ୍ଥାନ ମଧ ଗୁରୁତ୍ୱପୂର୍ଣ୍ଣ। କଂଗ୍ରେସ ଶାସିତ ତେଲଙ୍ଗାନା ସରକାର ନିକଟରେ ଆଦାନୀ ଗ୍ରୁପ୍ ସହ ଅନେକ ଏମ୍‌ଓୟୁ ସ୍ୱାକ୍ଷର କରିଛି। ଏହି ଗ୍ରୁପ୍ ବିଭିନ୍ନ ସେକ୍ଟରରେ ୧୨,୪୦୦ କୋଟି ଟଙ୍କାର ପୁଞ୍ଜିନିବେଶ କରିବାକୁ ଚୁକ୍ତିବଦ୍ଧ ହୋଇଛି। ନିକଟରେ କଂଗ୍ରେସ ଛାଡ଼ି ଭାଜପାରେ ସାମିଲ ହୋଇଥିବା ଗୌରବ ବଲ୍ଲଭ କହିଥିଲେ, ସର୍ବପୁରାତନ ଦଳ ତାଙ୍କୁ ଶିଳ୍ପପତି ଗୌତମ ଆଦାନୀଙ୍କ ନାମ କହିବାକୁ ବାଧ କରୁଥିଲା। ଅନ୍ୟପକ୍ଷେ ମୋଦିଙ୍କ ମନ୍ତବ୍ୟ ଉପରେ କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ୩ୟ ପର୍ଯ୍ୟାୟ ନିର୍ବାଚନ ପରେ ପ୍ରଧାନମନ୍ତ୍ରୀଙ୍କ ଚୌକି ଥରିବାରେ ଲାଗିଛି। ଏଥିପାଇଁ ସେ ନିଜ ବନ୍ଧୁମାନଙ୍କୁ ଟାର୍ଗେଟ କରିବା ଆରମ୍ଭ କରିଛନ୍ତି। ସମୟ ବଦଳିବାରେ ଲାଗିଛି। ବନ୍ଧୁ ଆଉ ବନ୍ଧୁ ହୋଇ ରହିନାହାନ୍ତି। ସେହିପରି ଦଳର ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି, ପ୍ରଧାନମନ୍ତ୍ରୀ ଏଭଳି ନିରର୍ଥକ ବିଷୟରେ କହିଥାନ୍ତି। ନିଯୁକ୍ତି, ଦୁର୍ନୀତି, ମହିଳା ବିରେଧୀ ଅତ୍ୟାଚାର ବିରୋଧରେ ମୋଦି କୁହନ୍ତୁ ବୋଲି ପ୍ରିୟଙ୍କା ଚ୍ୟାଲେଞ୍ଜ କରିଛନ୍ତି। ବାସ୍ତବରେ ଏଭଳି ଅପରାଧ ଭିଆଉଥିବା ଲୋକଙ୍କୁ ମୋଦି ସୁରକ୍ଷା ଦେଇଥାନ୍ତି ବୋଲି ପ୍ରିୟଙ୍କା ସମାଲୋଚନା କରିଛନ୍ତି। ମୋଦି ଅମ୍ବାନୀ ଓ ଆଦାନୀ ପ୍ରସଙ୍ଗରେ ରାହୁଲଙ୍କୁ ଘେରିବା ଏବଂ ତାଙ୍କ ଭଉଣୀ ପ୍ରିୟଙ୍କା ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରିବା ବୁଧବାର ସୋସିଆଲ ମିଡିଆରେ ବହୁଚର୍ଚ୍ଚିତ ହୋଇଛି।

### ବ୍ରହ୍ମପୁର ଗଣବଳାତ୍କାର...

ବାରମ୍ବାର ବଳାତ୍କାର କରିଥିଲେ ମଧ ପ୍ରତିବାଦ କରିବାକୁ ପୀଡ଼ିତା ସକ୍ଷମ ନ ଥିଲେ। ସେ ସମୟରେ ତାଙ୍କ ବାପା ମଧ ଫୋନ୍ କରୁଥିଲେ, ହେଲେ କେହି ଫୋନ କଲ ଉଠାଉ ନ ଥିଲେ। ରାତି ପ୍ରାୟ ୧୦ଟାରେ ପୀଡ଼ିତାଙ୍କୁ ଯୁବକମାନେ ଘଟଣା ସମ୍ପର୍କରେ କହିଲେ ଜୀବନରେ ମାରିଦେବେ ବୋଲି ଧମକ ଦେଇ ବିଜିପୁର ସନ୍ତୋଷୀ ମା' ମନ୍ଦିର ନିକଟରେ ଛାଡି ଦେଇଥିଲେ। ପୀଡ଼ିତା ଘରକୁ ଯାଇ ଘଟଣା ସମ୍ପର୍କରେ କହିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିଲା। ସାମାନ୍ୟ ସୁସ୍ଥ ଅନୁଭବ କରିବା ପରେ ଗତ ୫ ତାରିଖରେ ଏ ନେଇ ଥାନାରେ ଏତଲା ଦେଇଥିଲେ। ବୈଦ୍ୟନାଥପୁର ଥାନା ଆଇଆଇସି ସୁଚିତ୍ରା ପରିଡ଼ା ଏହାର ତଦନ୍ତ କରିବା ସହ ସମସ୍ତ ଅଭିଯୁକ୍ତଙ୍କୁ ଉଠାଇ ଆଣି ଜେରା କରିଥିଲେ। ଏ ନେଇ ନଂ. ୨୪୦/୨୪ରେ ମାମଲା ରୁଜୁ କରାଯାଇଛି।

# ରାଜ୍ୟରେ ଆୟୁଷ୍ମାନ ସ୍ୱାସ୍ଥ୍ୟକାର୍ଡକୁ ଗ୍ୟାରେଣ୍ଟି ଦେଲେ ରାଜନାଥ

## ବିଜୟ ସଂକଳ୍ପ ସମାବେଶରେ ପ୍ରତିରକ୍ଷା ମନ୍ତ୍ରୀଙ୍କ ପ୍ରତିଶ୍ରୁତି

ଭବାନୀପାଟଣା,୮।୫
(ଉତ୍ତମ କୁମାର ଦାଶ)

ଓଡ଼ିଶାରେ ଭାଜପା ସରକାର ଆସିଲେ ତୁରନ୍ତ ଆୟୁଷ୍ମାନ ସ୍ୱାସ୍ଥ୍ୟକାର୍ଡ ଲାଗୁ କରାଯିବ ବୋଲି ବରିଷ୍ଠ ଭାଜପା ନେତା ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ବୁଧବାର ଦିନିକିଆ କଳାହାଣ୍ଡି ଗସ୍ତରେ ଆସି ଦଳୀୟ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନୀ ପ୍ରଚାର କରିବା ଅବସରରେ ସେ ଏହା କହିଛନ୍ତି।

ରାଜନାଥ ଅପରାହ୍ନ ୧ଟା ୧୫ରେ ଏକ ସ୍ୱତନ୍ତ୍ର ହେଲିକପ୍ଟରରେ ଆସି ଭବାନୀପାଟଣା ସହରସ୍ଥିତ ରିଜର୍ଭ ପଡ଼ିଆରେ ପହଞ୍ଚିଥିଲେ। ସେଠାରୁ ସଡ଼କ ପଥରେ ଯାଇ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରେ ଅନୁଷ୍ଠିତ ଭାଜପାର ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇଥିଲେ। ଏହି ସମୟରେ ଦଳ ପକ୍ଷରୁ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଭୁ ଜଗନ୍ନାଥ ଓ ମା' ମାଣିକେଶ୍ୱରୀଙ୍କୁ ପ୍ରଣାମ କରି ରାଜନାଥ ନିଜର ଅଭିଭାଷଣ ଆରମ୍ଭ କରିଥିଲେ। ସେ କହିଥିଲେ ପ୍ରଥମଥର କଳାହାଣ୍ଡି ଆସିଛନ୍ତି। ରାଜ୍ୟରେ ଭାଜପା ସରକାର ଆସିଲେ, ଧନୀ ଗରିବ ସମସ୍ତଙ୍କୁ ଆୟୁଷ୍ମାନ ସ୍ୱାସ୍ଥ୍ୟକାର୍ଡ ମିଳିବ। ଆମେ ଯାହା କହୁ ତାହା କରୁ। ଏହା ଆମ ଚରିତ୍ର। ଆମେ ଅନୁଚ୍ଛେଦ ୩୭୦ ହଟାଇବୁ କହିଥିଲୁ, ହଟାଇଲୁ। ରାମ ମନ୍ଦିର ନିର୍ମାଣ କରିବାକୁ କହିଥିଲୁ, କଲୁ। ଓଡ଼ିଶାବାସୀ ୫୦ବର୍ଷ କଂଗ୍ରେସ ସରକାର ଓ ୨୫ବର୍ଷ ବିଜେଡି ସରକାର ଦେଖିଲେ। ଏଥର ଭାଜପାକୁ କ୍ଷମତାକୁ ଆଣନ୍ତୁ। ଆମ ସରକାର ଆସିବା ପରେ ଆତଙ୍କବାଦୀ ଆକ୍ରମଣ କମିବା ସହ ଦେଶ ଦ୍ରୁତଗତିରେ ଆଗକୁ ବଢୁଛି। କଳାହାଣ୍ଡି ଗରିବୀ ଓ ଦାରିଦ୍ର୍ୟ ପାଇଁ ପରିଚିତ। ପ୍ରତ୍ୟେକ ଅଞ୍ଚଳ ବିକଶିତ ନ ହେଲେ ବିକଶିତ ଭାରତ ସମ୍ଭବ ନୁହେଁ। ଆସନ୍ତା ୫ବର୍ଷ ମଧ୍ୟରେ କଳାହାଣ୍ଡିର ଚିତ୍ର ବଦଳିବ, ଗରିବୀ ହଟିବ। କଂଗ୍ରେସ ଗରିବୀ ହଟାଇବାକୁ ପ୍ରତିଶ୍ରୁତି ଦେଇଥିଲା, କିନ୍ତୁ ଏହା ସମ୍ଭବ ହେଲାନି। ହେଲେ ମୋଦି କରି ଦେଖାଇଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୫ କୋଟି ଲୋକଙ୍କୁ ଗରିବୀରୁ ମୁକ୍ତ କରିଛନ୍ତି। ଭାଜପା ଲୋକ ସଭା ପ୍ରାର୍ଥିନୀ ଓ ବିଧାୟକ ପ୍ରାର୍ଥୀଙ୍କୁ ସମର୍ଥନ କରି ବିଜୟୀ କରାଇ ମୋଦିଙ୍କ ବିକଶିତ ଭାରତରେ ସାମିଲ ହେବାକୁ ସେ ନିବେଦନ କରିଥିଲେ।

ଏହି ସମାବେଶରେ ତ୍ରିପୁରା ପୂର୍ବତନ ମୁଖ୍ୟମନ୍ତ୍ରୀ ବିପ୍ଲବ କୁମାର ଦେବ, କଳାହାଣ୍ଡି ଲୋକ ସଭା ପ୍ରଭାରୀ ରମେଶ ସାହୁ, ଲୋକ ସଭା ପ୍ରାର୍ଥିନୀ ମାଳବିକା କେଶରୀ ଦେଓ, ଭବାନୀପାଟଣା ବିଧାୟକ ପ୍ରାର୍ଥୀ ପ୍ରଦୀପ୍ତ ନାଏକ, ଜୁନାଗଡ଼ ବିଧାୟକ ପ୍ରାର୍ଥୀ ମନୋଜ ମେହେର, ଲାଞ୍ଜିଗଡ଼ ବିଧାୟକ ପ୍ରାର୍ଥୀ ରମେଶ ମାଝି, ଧର୍ମଗଡ଼ ବିଧାୟକ ପ୍ରାର୍ଥୀ ସୁଧୀର ପଟ୍ଟଯୋଶୀ, ନର୍ଲା ବିଧାୟକ ପ୍ରାର୍ଥୀ ଅନିରୁଦ୍ଧ ପଧାନ, ପୂର୍ବତନ ଏମ୍‌ପି ଅର୍କ କେଶରୀ ଦେଓ, ପୂର୍ବତନ ବିଧାୟକ ଅନାମ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅନେକ ବ୍ୟକ୍ତିବିଶେଷ ଭାଜପାରେ ସାମିଲ ହୋଇଥିଲେ। ଟାଣ ଖରା ସତ୍ତ୍ୱେ ଜିଲାର ବିଭିନ୍ନ ପ୍ରାନ୍ତରୁ ଅନେକ ହଜାର ଲୋକ ଯୋଗଦେଇଥିଲେ। ଜିଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ ପୂର୍ବତନ ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ।



ବରିଷ୍ଠ ଭାଜପା ନେତା ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସହ ଭାଜପା ଲୋକ ସଭା ଓ ବିଧାନସଭା ପ୍ରାର୍ଥୀ।

# ସମ୍ବଲପୁର ପାଇଁ ବିଜେଡିର ସ୍ୱତନ୍ତ୍ର ସଙ୍କଳ୍ପପତ୍ର ଜାରି

ସମ୍ବଲପୁର, ୮।୫(ପ୍ରମୋଦ ବହିଦାର)



ଲେନିନ୍ ମହାନ୍ତି

ବିଜେଡି ସମ୍ବଲପୁରର ବିକାଶ ପାଇଁ ସ୍ୱତନ୍ତ୍ର ସଂକଳ୍ପପତ୍ର ଜାରି କରିଛି ବୋଲି ବିଜେଡି ମୁଖପାତ୍ର ଡ. ଲେନିନ୍ ମହାନ୍ତି କହିଛନ୍ତି। ବୁଧବାର ସ୍ଥାନୀୟ ପାନ୍ଥନିବାସରେ ଗଣମାଧ୍ୟମକୁ ସୂଚନା ଦେଇ ଡ. ମହାନ୍ତି ସମ୍ବଲପୁରକୁ କିଭଳି ଏକ ସବୁଜ ସୁନ୍ଦର ସହରରେ ପରିଣତ କରାଯାଇ ପାରିବ ସେ ନେଇ ପ୍ରସ୍ତୁତ ଯୋଜନା ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଆଗାମୀ ଦିନରେ ସ୍ୱାସ୍ଥ୍ୟସେବାର ବିକାଶ ପାଇଁ ଜିଲା ସଦର ଡାକ୍ତରଖାନା ଏବଂ ଭିମ୍‌ସାରକୁ ୧ହଜାର କୋଟିର ଅନୁଦାନ ଦିଆଯାଇଥିବା ବେଳେ ଏହକୁ ବିଶ୍ୱସ୍ତରୀୟ କରିବାକୁ ବିଜେଡି ଲକ୍ଷ୍ୟ ରଖିଛି। ଏହା ସହିତ ସମ୍ବଲପୁରରେ ନୂଆ ସୁପର ସ୍ପେଶାଲିଟି ଡାକ୍ତରଖାନା ନିର୍ମାଣ କରାଯିବ। ସମ୍ବଲପୁରର ସମସ୍ତ ବସ୍ତିବାସିନ୍ଦାଙ୍କୁ ଭୂମିପଟ୍ଟା, ଆର୍ଥିକ ଦୁର୍ବଳ ଶ୍ରେଣୀର ପରିବାରଙ୍କୁ ସୋଲାର ଶକ୍ତି ମାଧ୍ୟମରେ ଲାଇଟ୍, ଫ୍ୟାନ୍, ମୋବାଇଲ ଚାର୍ଜିଂ ପଏଣ୍ଟ ପାଇଁ ବିଦ୍ୟୁତ୍ ସଂଯୋଗ ଦିଆଯିବ ବୋଲି ସେ କହିଛନ୍ତି।

ମହାନ୍ତି ଆହୁରି କହିଛନ୍ତି, ସମ୍ବଲପୁରର ପାନୀୟ ଜଳ ସମସ୍ୟାକୁ ଦୂର କରିବାକୁ ମହାନଦୀରେ ଗୋଟିଏ ବ୍ୟାରେଜ ନିର୍ମାଣ କରି ଖରାଦିନରେ ଜଳ ସଂରକ୍ଷଣ ବ୍ୟବସ୍ଥା କରାଯିବ। ସହରକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ପାଇଁ ବର୍ଜ୍ୟବସ୍ତୁ ପରିଚାଳନା ଓ ନର୍ଦ୍ଦମା ଜଳ ନିଷ୍କାସନ ଏବଂ ରାସ୍ତାରେ ଲାଇଟ ଲଗାଇବା ଦିଗରେ ବ୍ୟବସ୍ଥା କରାଯିବ। ସହରକୁ ଅପରାଧମୁକ୍ତ କରିବା ସକାଶେ ସବୁ ରାସ୍ତା ଓ ଗଳିରେ ସିସିଟିଭି କ୍ୟାମେରା ଖଞ୍ଜାଯିବ। ପର୍ଯ୍ୟଟନର ବିକାଶ ପାଇଁ ସମଲେଇ ମନ୍ଦିରଠାରୁ ଚାଉଁରପୁର ବ୍ରିଜ୍ ପର୍ଯ୍ୟନ୍ତ ମହାନଦୀର ଦୁଇପାର୍ଶ୍ୱରେ ଚାରାରୋପଣ ସହିତ ଚଲାପଥ ନିର୍ମାଣ କରାଯିବ। ସମ୍ବଲପୁର ନିର୍ବାଚନମଣ୍ଡଳୀ ଅର୍ନ୍ତଗତ ସମସ୍ତ ପୋଖରୀ ଓ ବନ୍ଧର ପୁନରୁଦ୍ଧାର କରିବା ସଙ୍ଗେସଙ୍ଗେ ଚଲାପଥ, ଖୋଲା ବ୍ୟାୟାମଶାଳା ଓ ପ୍ରମୋଦ ଉଦ୍ୟାନ ନିର୍ମାଣ କରାଯିବ। ସମ୍ବଲପୁରକୁ ଗୋଟିଏ ବୃହତ୍ ଶିକ୍ଷାନଗରୀରେ ପରିଣତ କରିବା ପାଇଁ ଦକ୍ଷତା ବିକାଶ କେନ୍ଦ୍ର ଏବଂ ଆଇଟି ହବ୍ ସ୍ଥାପନ କରାଯିବ। ସମ୍ବଲପୁରରେ ଜନ୍ମିତ ବୌଦ୍ଧ ଧର୍ମଗୁରୁ ପଦ୍ମସମ୍ଭବଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ। ଫଳରେ ବୋଧଗୟା ଭଳି ଏସିଆ ମହାଦେଶ ଓ ବିଶ୍ୱର ସମସ୍ତ ବୌଦ୍ଧ ଧର୍ମାବଲମ୍ବୀଙ୍କୁ ସମ୍ବଲପୁର ସହରକୁ ଆକର୍ଷିତ କରି ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସାମିଲ କରାଯିବ। ଜନସାଧାରଣ, ଉଠାଦୋକାନୀ ଓ ବେପାରୀମାନଙ୍କ ସୁବିଧା ପାଇଁ ଅତ୍ୟାଧୁନିକ ଭେଣ୍ଡିଂ ଜୋନ୍ ନିର୍ମାଣ କରାଯିବ। ବୁର୍ଲା ଓ ହୀରାକୁଦକୁ ସିଧସଳଖ ସଂଯୋଗୀକରଣ ପାଇଁ ମହାନଦୀ ଉପରେ ନୂତନ ବ୍ରିଜ ନିର୍ମାଣ କରାଯିବ। ସମ୍ବଲପୁରରେ ୩ ହଜାର ଲୋକ ବସିପାରୁଥିବା ଏକ ବୃହତ୍ ପ୍ରେକ୍ଷାଳୟ ନିର୍ମାଣ କରାଯିବ ବୋଲି ମହାନ୍ତି କହିଛନ୍ତି। ଏଥିସହିତ ଭାଜପା ପକ୍ଷରୁ ମଙ୍ଗଳବାର ଘୋଷିତ ସଙ୍କଳ୍ପପତ୍ରକୁ ସେ ତୀବ୍ର ସମାଲୋଚନା କରିଥିଲେ। ଗତ ନିର୍ବାଚନରେ ମଧ୍ୟ ଭାଜପା ପ୍ରତିଶ୍ରୁତି ନାଁରେ ଅନୁରୂପ ଭାବେ ଲୋକଙ୍କୁ ଭୁଆଁ ବୁଲାଇଥିଲା ବୋଲି ମହାନ୍ତି କହିଛନ୍ତି।

# କ୍ଷମତାକୁ ଆସିଲେ ମହିଳାଙ୍କୁ ୫୦ ହଜାର ଟଙ୍କାର କୁପନ: ଧର୍ମେନ୍ଦ୍ର




ଭାଜପାର ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଅନ୍ୟମାନେ।

## ତିଲେଇବଣିରେ ଭାଜପାର ବିଜୟ ସଂକଳ୍ପ ସମାବେଶ

ଦେବଗଡ଼,୮।୫
(ଶଶାଙ୍କ ଶେଖର ଝାଙ୍କର)

ରାଜ୍ୟରେ ଭାଜପା କ୍ଷମତାକୁ ଆସିଲେ ଧାନର ସର୍ବନିମ୍ନ ଦର ୩୧ଶହ ଟଙ୍କା ଧାର୍ଯ୍ୟ ହେବ। ପ୍ରତ୍ୟେକ ମହିଳାଙ୍କୁ ୫୦ ହଜାର ଟଙ୍କାର କୁପନ ଦିଆଯିବ। କେନ୍ଦୁପତ୍ରର ମୂଲ୍ୟ ବୃଦ୍ଧି କରାଯାଇ ବିଡା ପ୍ରତି ୨ଟଙ୍କା ମୂଲ୍ୟ ଧାର୍ଯ୍ୟ କରାଯିବ। ତୋଳାଳି ଓ ବନ୍ଧାଳିମାନଙ୍କୁ ଅଧିକ ବୋନସ ଦିଆଯିବ। ରାଜ୍ୟର ସବୁ ଗରିବଙ୍କୁ ଘର ଦିଆଯିବ। ସୋଲାର ଏନର୍ଜୀ ମଧ୍ୟ ଯୋଗାଇ ଦିଆଯିବ। ରାଜ୍ୟରେ ଦେଶୀ ମଦ ସମ୍ପୂର୍ଣ୍ଣ ଭାବେ ନିସିଦ୍ଧ କରାଯିବ। ଓଡ଼ିଶାକୁ ୨ଦିନ ତଳେ ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା ଗ୍ୟାରେଣ୍ଟିକୁ ଅକ୍ଷରେ ଅକ୍ଷରେ ପାଳନ କରାଯିବ ବୋଲି ବୁଧବାର ଦେବଗଡ ଜିଲା ତିଲେଇବଣି ଖେଳ ପଡିଆଠାରେ ଆୟୋଜିତ ଭାଜପାର ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଦୃଢୋକ୍ତି ପ୍ରକାଶ କରିଛନ୍ତି।

ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁଙ୍କ ସଭାପତିତ୍ୱ ଓ ବିଧାୟକ ତଥା ଭାଜପା ବିଧାନସଭା ପ୍ରାର୍ଥୀ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ଉପସ୍ଥିତିରେ ଆୟୋଜିତ ସମାବେଶରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ କରିବା ସହ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି କହିଛନ୍ତି ଯେ, ରାଜ୍ୟରେ ଦୀର୍ଘ ୨୪ ବର୍ଷ ଧରି ବିଜେଡି ଶାସନ କରି ଆସୁଛି। ମୁଖ୍ୟମନ୍ତ୍ରୀ କଥାରେ ନୁହେଁ କାମରେ ବିଶ୍ୱାସ କରୁଛନ୍ତି ବୋଲି କହୁଥିବା ବେଳେ ସେ ଭିଡିଓରେ କଥା କହୁଛନ୍ତି ଓ ତାଙ୍କ ଗୁମାସ୍ତା ରିମୋଟ୍ ଧରି ପରିଚାଳନା କରୁଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଜୀ ଟଙ୍କା ପଠାଉଥିବା ବେଳେ ରାଜ୍ୟ ସରକାର ଲୋକଙ୍କୁ ପାଇପ ପାଣି ଯୋଗାଇବାରେ ବିଫଳ ହୋଇଛନ୍ତି। ଚାଷ ଜମିକୁ ଜଳସେଚନ ହେଉନାହିଁ। ସ୍କୁଲରେ ଶିକ୍ଷକ ନାହାନ୍ତି କି ଡାକ୍ତରଖାନାରେ ଡାକ୍ତର ନାହାନ୍ତି ବୋଲି ଧର୍ମେନ୍ଦ୍ର ପ୍ରଧାନ ଅଭିଯୋଗ କରିବା ସହ ଇଏ କି ପ୍ରକାର ବିକାଶ ବୋଲି ମଧ୍ୟ ସେ ପ୍ରଶ୍ନ କରିଥିଲେ। ଏବେ ରାଜ୍ୟରେ ଦେଶୀ ମଦ କାରବାର ଅନିୟନ୍ତ୍ରିତ ଥିବା ଦର୍ଶାଇ ଏହା ଦ୍ୱାରା ମହିଳାମାନେ ନିର୍ଯାତିତା ହେଉଛନ୍ତି। ଓଡ଼ିଶାରେ ଭାଜପା କ୍ଷମତାକୁ ଆସିଲେ ଏହାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯିବ ବୋଲି ଉକ୍ତ ସଂକଳ୍ପ ସମାବେଶରେ ପ୍ରତିଶ୍ରୁତି ଦେବା ସହ ଏଥର ଲୋକେ ପରିବର୍ତ୍ତନ ଚାହୁଁଥିବା ଦର୍ଶାଇ ଉଭୟ ଲୋକ ସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ।

ଏହି ଅବସରରେ ଦେବଗଡ ପୌର ପରିଷଦର ପୂର୍ବତନ କାଉନସିଲର ମୀନାକ୍ଷୀ ମିଶ୍ରଙ୍କ ସମେତ ତିଲେଇବଣି ବ୍ଲକର ବହୁ ଯୁବକ ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗଦେଇଥିଲେ। ସମାବେଶରେ ସମ୍ବଲପୁର ଜିଲା ଭାଜପା ସଭାପତି ଗୋବିନ୍ଦ ଅଗ୍ରୱାଲା, ଜିଲା ଭାଜପା ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ଦାଶ, ତିଲେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଉପାଧ୍ୟକ୍ଷ ଆରତୀ ପ୍ରଧାନ, ଜିଲା ଭାଜପା ଉପସଭାପତି ରଞ୍ଜିତ କୁମାର ପଟେଲ, ମଣ୍ଡଳ ସଭାପତି ଯୋଗେଶ ଚନ୍ଦ୍ର ପ୍ରଧାନ, ବୀରେନ କୁମାର ନାୟକ, ମାଧବୀ ଦେବୀ, ରୋହିତ ଗଙ୍ଗଦେବ, ପ୍ରଣବ କୁମାର ପ୍ରଧାନ, ନିବେଦିତା ନାୟକ ଓ ନବୀନ କୁମାର ପାଣିଙ୍କ ସମେତ ବହୁ ଭାଜପା ନେତା ନିଜର ବକ୍ତବ୍ୟ ଉପସ୍ଥାପନ କରି ଦଳୀୟ ବିଧାନସଭା ଓ ଲୋକ ସଭା ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ।

# ଶ୍ରୀକ୍ଷେତ୍ରରୁ ଭାଜପାର ବିଜୟ ଅଭିଯାନ ଯାତ୍ରା ଆରମ୍ଭ

## ସମସ୍ତ ଦଳୀୟ ପ୍ରାର୍ଥୀଙ୍କୁ ଦିଆଯିବ ଶ୍ରୀଅଙ୍ଗଲାଗି ବସ୍ତ୍ର, ମାଳ, ମହାପ୍ରସାଦ

ପୁରୀ, ୮।୫
(ଅଜିତ୍ ମହାନ୍ତି)

ଶ୍ରୀକ୍ଷେତ୍ରରୁ ବୁଧବାର ଦଇତାପତି ସେବକ ତଥା ରାଜ୍ୟ ଭାଜପା ଉପସଭାପତି ଭବାନୀ ଦାସ ମହାପାତ୍ରଙ୍କ ନେତୃତ୍ୱରେ ଭାଜପାର ବିଜୟ ଅଭିଯାନ ଯାତ୍ରା ଶୁଭାରମ୍ଭ ହୋଇଛି। ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସାମୂହିକ ଦୀପ ଦାନ କରାଯାଇଥିଲା। ପରେ ପାରମ୍ପରିକ ଘଣ୍ଟଘଣ୍ଟା, ମୃଦଙ୍ଗ ଆଦି ବାଦ୍ୟ ତାଳରେ ଏକ ଶୋଭାଯାତ୍ରାରେ ବିଜୟ ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନ କ୍ରମେ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ବସ୍ତ୍ର, ମାଳ, ମହାପ୍ରସାଦ ରାଜ୍ୟର ସମସ୍ତ ବିଧାୟକ ଏବଂ ଏମ୍‌ପି ପ୍ରାର୍ଥୀଙ୍କ ନିକଟକୁ ପଠାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ଓ ଲକ୍ଷ୍ୟକୁ ସାକାର କରିବା ପାଇଁ ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ପୁରୀରୁ ଏହି ବିଜୟ ଅଭିଯାନ ଯାତ୍ରା ସାରା ଓଡ଼ିଶା ପାଇଁ ଆରମ୍ଭ କରାଯାଇଛି। ଆଗାମୀ ନିର୍ବାଚନରେ ଭାଜପା ଓଡ଼ିଶାରେ ଜୋରଦାର ଲଢେଇ କରିବ। ଓଡ଼ିଶାରେ ଭାଜପା ସରକାର୍ ଗଠନ କରିବ। ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ବସ୍ତ୍ର, ମାଳ, ମହାପ୍ରସାଦକୁ ନିଆଯାଇ ରାଜ୍ୟର ସମସ୍ତ ୨୧ଟି ଲୋକ ସଭା ଆସନ ଏବଂ ସବୁ ୧୪୭ ବିଧାନସଭା ଆସନର ଭାଜପା ପ୍ରାର୍ଥୀଙ୍କୁ ପ୍ରଦାନ କରାଯାଇ ନିର୍ବାଚନରେ ଲଢେଇ ପାଇଁ ଉତ୍ସାହିତ କରାଯିବ ବୋଲି ଦାସ ମହାପାତ୍ର କହିଛନ୍ତି।



ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦୀପଦାନ କରାଯାଇ ଅଭିଯାନର ଶୁଭାରମ୍ଭ କରାଯାଉଛି।

# 'ମୋର କିଛି ହେଲେ ସ୍ୱାମୀ ଓ ବିଧାୟକ ଦାୟୀ'

## ଚାନ୍ଦବାଲି ପୂର୍ବତନ ବ୍ଲକ୍ ଅଧ୍ୟକ୍ଷାଙ୍କ ଭିଡିଓ ଭାଇରାଲ

ଚାନ୍ଦବାଲି,୮।୫(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ରାଜନୀତି ଘଡ଼ିକେ ଘୋଡ଼ା ଛୁଟୁଛି। ନିର୍ବାଚନ ପରିବେଶ ସରଗରମ ଥିବା ବେଳେ ଚାନ୍ଦବାଲିର ପୂର୍ବତନ ବ୍ଲକ୍ ଅଧ୍ୟକ୍ଷା ମାନସୀ ସାହୁଙ୍କର ଏକ ଭିଡିଓ ଭାଇରାଲ ହେବା ଓ ବିଧାୟକ ବ୍ୟୋମକେଶ ରାୟଙ୍କ ଫେସ୍‌ବୁକ ପୋଷ୍ଟକୁ ନେଇ ହଟଚମଟ ସୃଷ୍ଟି ହୋଇଛି। ତାଙ୍କର କିଛି ହେଲେ ସ୍ୱାମୀ ଓ ବିଧାୟକ ଦାୟୀ ରହିବେ ବୋଲି ମାନସୀ କହୁଥିବା ଉକ୍ତ ଭିଡିଓରୁ ଜଣାପଡ଼ିଛି।

ଭିଡିଓରେ ମାନସୀ କହିଛନ୍ତି ଯେ, ସେ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଯଦି ତାଙ୍କର କିଛି ହୋଇଯାଏ ତେବେ ସେଥିପାଇଁ ଚାନ୍ଦବାଲି ବିଧାୟକ ଏବଂ ସ୍ୱାମୀ ରଞ୍ଜନ ସାହୁ ଦାୟୀ ରହିବେ। ଅନ୍ୟପକ୍ଷେ ଚାନ୍ଦବାଲି ବ୍ଲକ୍ ଧାମରା ଅଞ୍ଚଳରେ ୪ ଯୁବନେତା ବିଜେଡି ଛାଡି ବୁଧବାର ଭାଜପାରେ ଯୋଗ ଦେଇଛନ୍ତି। ତେବେ ବିଧାୟକ ରାୟ ନିଜର ଫେସବୁକ୍ ପୋଷ୍ଟରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ଚାନ୍ଦବାଲି ବ୍ଲକ୍ ୨ନଂ. ଜୋନ୍‌ର ଜିଲା ପରିଷଦ ସଦସ୍ୟା ତଥା ପୂର୍ବତନ ବ୍ଲକ୍ ଅଧ୍ୟକ୍ଷା ମାନସୀଙ୍କ ସ୍ୱାମୀ ରଞ୍ଜନ ସାହୁଙ୍କ ଫଟୋ ଛାଡ଼ିଥିବା ନେଇ ରାଜନୀତି ସରଗରମ ହେବାରେ ଲାଗିଛି। କିଛିଦିନ ହେବ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷା ମାନସୀ ଓ ତାଙ୍କ ସ୍ୱାମୀ ରଞ୍ଜନ ଭାଜପାରେ ଯୋଗ ଦେବେ ବୋଲି ଚର୍ଚ୍ଚା ଜୋର ଧରିଥିଲା। ଏହା ପରେ ରଞ୍ଜନ ଘରୁ ପଳାଇଯାଇଥିବା ବେଳେ ଏବେ ବିଧାୟକଙ୍କ ଫେସ୍‌ବୁକ୍ ପୋଷ୍ଟରେ ପ୍ରଣବଙ୍କ ସହ ତାଙ୍କ ସ୍ୱାମୀଙ୍କ ଫଟୋ ରହିଥିବା ଦେଖିବା ପରେ ମନସୀ ଏଭଳି ପ୍ରତିକ୍ରିୟା ରଖିଥିବା ଦେଖାଯାଇଛି।

# କଣ୍ଟାବାଞ୍ଜିରେ ପ୍ରଚାର ଜୋରଦାର

କଣ୍ଟାବାଞ୍ଜି,୮।୫(ଗୁରୁଦୟାଲ ହଂସ)

ବର୍ତ୍ତମାନ ରାଜ୍ୟର ଅନ୍ୟତମ ଚର୍ଚ୍ଚିତ ବିଧାନସଭା ନିର୍ବାଚନମଣ୍ଡଳୀ ହେଉଛି ବଲାଙ୍ଗୀର ଜିଲାର କଣ୍ଟାବାଞ୍ଜି । ଏଠାରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାୟକ ପ୍ରାର୍ଥୀ ହେବା ପରେ ଏହାର ଗୁରୁତ୍ୱ ବଢ଼ିଛି । ୩ ପ୍ରମୁଖ ଦଳ ବିଜେଡି, କଂଗ୍ରେସ ଓ ଭାଜପାର ପ୍ରାର୍ଥୀମାନେ ଗାଁ ଗାଁ ବୁଲି ପ୍ରଚାର କରୁଥିବା ଦେଖିବାକୁ ମିଳୁଛି ।

ସହରରେ ବିଜେଡିର ହେଭିୱେଟ ନେତାମାନେ ଡେରା ପକାଇ ରହିଥିବା ଦେଖିବାକୁ ମିଳୁଛି । ଦିନବେଳା ଭୀଷଣ ଗରମ ହେଉଥିବାରୁ ସେମାନେ ଅପରାହ୍ନ ସାଢ଼େ ୪ଟା ପରେ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଭିକ୍ଷା କରୁଛନ୍ତି । ଏପରି କି ସଭା ସମିତି କରି ପ୍ରଚାର କରୁଛନ୍ତି। ବିଜେଡି ତରଫରୁ ମୁଖ୍ୟମନ୍ତ୍ରୀଙ୍କ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀ ମୁଖ୍ୟ ସଂଯୋଜକ ଭୂପିନ୍ଦର ସିଂ ଡେରା ପକାଇ ଦୈନିକ ସ୍ଥିତି ପରଖୁ ଥିବା ବେଳେ କଂଗ୍ରେସ ପ୍ରାର୍ଥୀ ସନ୍ତୋଷ ସିଂ ସାଲୁଜା ଏବଂ ଭାଜପାର ଲକ୍ଷ୍ମଣ ବାଗ ଗାଁ ଗାଁ ବୁଲି ଲୋକଙ୍କୁ ଭେଟି ଭୋଟ ଭିକ୍ଷା କରୁଛନ୍ତି । ଗତ ଦୁଇ ତାରିଖ ଦିନ ଭାଜପାର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଏମ୍‌ପି ପ୍ରାର୍ଥୀ ସଙ୍ଗୀତା କୁମାରୀ ସିଂଦେଓ କଣ୍ଟାବାଞ୍ଜିକୁ ପ୍ରଚାରରେ ଆସିଥିଲେ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଏମ୍‌ପି ପ୍ରାର୍ଥୀ ସିଂଦେଓ ଏବଂ ବିଧାୟକ ପ୍ରାର୍ଥୀ ଲକ୍ଷ୍ମଣ ବାଗଙ୍କ ପାଇଁ ଭୋଟ ଭିକ୍ଷା କରିବା ସହିତ ତାଙ୍କୁ ବିଜୟୀ କରାଇବାକୁ ନିବେଦନ କରିଥିଲେ । ଅନ୍ୟପକ୍ଷରେ ବିଧାୟକ ପ୍ରାର୍ଥୀ ଲକ୍ଷ୍ମଣ ବାଗ ଚାରିଆଡ଼େ ବୁଲି ଜନସାଧାରଣଙ୍କ ନିକଟତର ହେଉଛନ୍ତ। ଏପରି କି ପ୍ରଚାର ବେଳେ ଗାଁମାଟିର ଗରିବ ଚାଷୀ ପରିବାରର ପିଲା ହୋଇଥିବାରୁ ତାଙ୍କୁ ସମର୍ଥନ କରିବା ପାଇଁ ଅନୁରୋଧ କରୁଛନ୍ତ। ପ୍ରଚାରରେ ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତିଙ୍କ ସହ ଭାଜପାର ମଣ୍ଡଳ କର୍ମକର୍ତ୍ତା ଏବଂ ବିଭିନ୍ନ କର୍ମକର୍ତ୍ତା ସାମିଲ ହେଉଛନ୍ତି। ସେହିପରି ବିଧାୟକ ସାଲୁଜା ମଧ୍ୟ ନିଜେ ଗାଁ ଗାଁ ବୁଲି ଭୋଟ ଭିକ୍ଷା କରୁଛନ୍ତି । କଂଗ୍ରେସ ତରଫରୁ କୌଣସି ଷ୍ଟାର ପ୍ରଚାରକ ଆସି ନ ଥିବା ବେଳେ ନିଜର ଲୋକପ୍ରିୟତା ନେଇ ସେ ପ୍ରଚାର ଚଳାଇଛନ୍ତି। କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀର ତୁରେକେଲା , ବଙ୍ଗୋମୁଣ୍ଡା, ମୁରିବାହାଲ ବ୍ଲକ ସହ କଣ୍ଟାବାଞ୍ଜି ଏନ୍‌ଏସିରେ କୌଣସି ରାଜନୈତିକ ଦଳର ପ୍ରଚାର ଜୋର ଧରି ନ ଥିବା ବେଳେ ଭାଜପା ବିଧାୟକ ପ୍ରାର୍ଥୀ ଲକ୍ଷ୍ମଣବାଗ ଗ୍ରାମାଞ୍ଚଳରେ ନିଜର ପ୍ରଚାରକୁ ଜୋରଦାର କରିଥିବା ଲକ୍ଷ୍ୟ କରାଯାଉଛି।



ଭାଜପା ପ୍ରାର୍ଥୀ ଲକ୍ଷ୍ମଣ ବାଗ ସମର୍ଥକଙ୍କ ଗହଣରେ ପ୍ରଚାର କରୁଛନ୍ତି ।

“ତୁମକୁ ଯେ ଆଘାତ କରେ– ତାକୁ କ୍ଷମା କରିବା ନିଶ୍ଚୟ ତୁମର ଏକ ମହତ୍ତ୍ୱ। କିନ୍ତୁ ତୁମେ ଯଦି ଅନ୍ୟର ଆଘାତକାରୀକୁ କ୍ଷମା କର– ତାହା କେବେ ବି ତୁମର ମହତ୍ତ୍ୱ ହୋଇ ନ ପାରେ। ତଥାପି ମଧ୍ୟ ଏମାନଙ୍କୁ କ୍ଷମା କରିପାର। କିନ୍ତୁ ପ୍ରୟୋଜନ ହେଲେ– ଏ କ୍ଷେତ୍ରରେ ବି, ପ୍ରତିବିଧାନ କରିବାକୁ ହେବ ତୁମକୁ। –ଶ୍ରୀଅରବିନ୍ଦ

-ପର୍ଶୁରାମ ଜୟନ୍ତୀ ଓ ଚନ୍ଦ୍ରଦର୍ଶନ



# ଆମେରିକାରେ ଗାଜା ପ୍ରତିବାଦକାରୀ



ଇଆନ୍ ବୁରୁମା

ପାଲେଷ୍ଟିନୀୟମାନେ ସେମାନଙ୍କ ଭୂମିରେ ସ୍ୱାଧୀନ ଭାବେ ବଞ୍ଚିବା ଲାଗି ଏକ ମୁକ୍ତ ପାଲେଷ୍ଟାଇନ୍ ଦାବି କରୁଛନ୍ତି ଆମେରିକାର କଲେଜ ପ୍ରତିବାଦକାରୀମାନେ। ଦେଶର କେତେକ ନାମୀଦାମୀ ତଥା ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରେ ଛାତ୍ରମାନେ ପାଲେଷ୍ଟାଇନ୍‌ର ପାରମ୍ପରିକ ହେଡ୍ ଡ୍ରେସ୍ ପିନ୍ଧି କ୍ୟାମ୍ପସ ବିଲ୍ଡିଂକୁ ମୁକ୍ତ କରିବାକୁ ସ୍ୱାଧୀନତା ସଂଗ୍ରାମୀଙ୍କ ଭଳି ସ୍ୱର ଉତ୍ତୋଳନ କରିଛନ୍ତି । ଅତି କମ୍‌ରେ ଜଣେ ଯୁବ ବିକ୍ଷୋଭକାରୀ କଲେଜ କର୍ତ୍ତୃପକ୍ଷଙ୍କଠାରୁ ମୌଳିକ ମାନବ ସହାୟତା ଭାବେ ଖାଦ୍ୟ ଏବଂ ଜଳ ଦାବି କରିଛନ୍ତି। ନିଶ୍ଚିତ ଭାବରେ ସମସ୍ତେ ଗାଜାରେ ବହୁ ସଂଖ୍ୟକ ନିରୀହ ସାଧାରଣ ନାଗରିକଙ୍କ ହତ୍ୟାକୁ କେବଳ ବିରୋଧ କରିନାହାନ୍ତି, ବରଂ ପୋଲିସ ଦ୍ୱାରା ହେଉ କିମ୍ବା ୟୁନିଭର୍ସିଟି ଅଫ୍ କାଲିଫର୍ନିଆ ଲସ୍ଏଞ୍ଜେଲ୍ସ (ୟୁସିଏଲ୍ଏ) ରେ ହେଉ, ବିକ୍ଷୋଭକାରୀଙ୍କ ବିରୋଧରେ ହିଂସା ଅତ୍ୟନ୍ତ ଅନ୍ୟାୟ।

ସମସ୍ୟା ହେଉଛି 'ଆଣ୍ଟି-ଜିଓନିଷ୍ଟ' (ପାଲେଷ୍ଟାଇନ୍‌ରେ ଇହୁଦୀ ଭୂଖଣ୍ଡ ପ୍ରତିଷ୍ଠା ଅଭିଯାନ ବିରୋଧୀ ଭାବ) କଲେଜ କ୍ୟାମ୍ପସରେ ଦାନା ବାନ୍ଧିବା ବିଷୟକୁ ସହଜରେ ବୁଝିହେଉନାହିଁ। ଏହାର ବୈଚାରିକ ଆଧାର ରହିଛି, ଯାହା ଆଫ୍ରିକୀୟ-ଆମେରିକୀୟଙ୍କ ବିରୋଧରେ ପୋଲିସର ଅତ୍ୟାଚାର, ବିଶ୍ୱତାପନ, ଆମେରିକାର ସାମ୍ରାଜ୍ୟବାଦ, ଶ୍ୱେତାଙ୍ଗଙ୍କ ପ୍ରଭୁତ୍ୱ, ଆମେରିକା ଦାସତ୍ୱର ଇତିହାସ, ୟୁରୋପୀୟ ଉପନିବେଶବାଦ, ସମଲିଙ୍ଗୀ ପାଲେଷ୍ଟିନୀୟ ପ୍ରତି ଘୃଣା ଏବଂ ବର୍ତ୍ତମାନ ଇସ୍ରାଏଲ-ହମାସ୍ ଯୁଦ୍ଧ ଆଦି ସବୁ ବିଷୟ ପରସ୍ପର ସହ ସମ୍ବନ୍ଧିତ ବୋଲି ବିଚାରକରେ। ନ୍ୟୁୟର୍କ ଟାଇମ୍ସର ସାକ୍ଷାତକାରରେ କର୍ନେଲ ୟୁନିଭର୍ସିଟି ଷ୍ଟୁଡେଣ୍ଟ କହିଛନ୍ତି, ଜଳବାୟୁ ନ୍ୟାୟ ସାମ୍ରାଜ୍ୟବାଦ, ପୁଞ୍ଜିବାଦ ଭଳି ସଂଗ୍ରାମ ଉପରେ ଆଧାରିତ ହୋଇଛି। ମୁଁ ଭାବୁଛି ଏହି ସଂଘର୍ଷ ପାଲେଷ୍ଟାଇନ୍‌ରେ ଗଣହତ୍ୟାର ସଂଘର୍ଷ କ୍ଷେତ୍ରରେ ଏହା ପୂରା ସତ୍ୟ।

ଜିଓନିଜମ୍ ହେଉଛି ଏକବିଂଶ ଶତାବ୍ଦୀର ଇହୁଦୀ ଜାତୀୟତାବାଦୀ ଆନ୍ଦୋଳନ ଯେଉଁଥିରେ ଧାର୍ମିକ, ଧର୍ମନିରପେକ୍ଷ, ବାମପନ୍ଥୀ ଏବଂ ଦକ୍ଷିଣପନ୍ଥୀ ତତ୍ତ୍ୱ ରହିଥିଲା। ତାହା ବର୍ତ୍ତମାନ ଉପନିବେଶବାଦ, ସାମ୍ରାଜ୍ୟବାଦ ଏବଂ ବର୍ଣ୍ଣ ବୈଷମ୍ୟବାଦ ସହ ସମାନ ହୋଇଯାଇଛି। ଜଣେ ଭଲ ମଣିଷ ଏବଂ ନୈତିକ ବ୍ୟକ୍ତି ହେବା ପାଇଁ ଆଣ୍ଟି ଜିଓନିଷ୍ଟ ହେବା ଆବଶ୍ୟକ ବୋଲି ବିଚାର କରାଯାଉଛି। କେତେଜଣ ଲୋକଙ୍କ ଦାବି ମୁତାବକ ଏହା ଆଣ୍ଟି ସେମେଟିକ୍ ବା ଇହୁଦୀ ସମାଜ ବିରୋଧୀ । କିନ୍ତୁ ଏହାର ବାସ୍ତବତା ସ୍ପଷ୍ଟ ନୁହେଁ। ଜିଓନିଜମ୍‌କୁ ବିରୋଧ କିମ୍ବା ଇସ୍ରାଏଲ ନୀତିକୁ ସମାଲୋଚନା କରିବା କେବେ ବି ଇହୁଦୀ ସମାଜ ବିରୋଧୀ ନୁହେଁ। ଇସ୍ରାଏଲର



ସହାବସ୍ଥାନ ଅଧିକାରକୁ ଅସ୍ୱୀକାର କରିବା ନିଶ୍ଚିତ ଭାବରେ ବିଦ୍ୱେଷପୂର୍ଣ୍ଣ ଏବଂ ସମସ୍ତ ଇହୁଦୀଙ୍କୁ ସତେ ଯେପରି ଇହୁଦୀ ଆନ୍ଦୋଳନର ସମର୍ଥକ ବୋଲି ମନେକରାଯାଉଛି।

ସମସ୍ତ ପ୍ରକାର ଅତ୍ୟାଚାର ବା ଦମନ ପଛରେ ବିଭିନ୍ନ ପ୍ରକାର ବିଦ୍ୱେଷ ଅଛି। ପାଲେଷ୍ଟାଇନ୍ ପାଇଁ ପ୍ରଦର୍ଶନ କରୁଥିବା ଅନେକ ଛାତ୍ର ଏହି ଚିନ୍ତାଧାରା ଗ୍ରହଣ କରିଛନ୍ତି କାରଣ ସେମାନଙ୍କୁ ଏହା କରିବାକୁ ପ୍ରାୟତଃ ସେହି ଅନୁଷ୍ଠାନର ପ୍ରଫେସରମାନେ ଶିକ୍ଷା ଦେଇଛନ୍ତି, ଯାହାଙ୍କ ବିରୋଧରେ ପ୍ରଦର୍ଶନକାରୀମାନେ ଏବେ ବିଦ୍ରୋହ କରୁଛନ୍ତି। ପ୍ରତିଦ୍ୱନ୍ଦ୍ୱୀ ପରିଚୟଭିତ୍ତିକ ରାଜନୀତିରେ ଏକ ସଙ୍କେତ ଚିହ୍ନ ଅଛି ଯେଉଁଥିରେ ବିଶେଷକରି ଆମେରିକାରେ ଉଦାରବାଦୀ ଦଳର ସମସ୍ତ ଶିକ୍ଷିତ ସଦସ୍ୟ ସହମତ ହେବେ ଯେ, ଦାସତ୍ୱ ପରବର୍ତ୍ତୀ, ଉପନିବେଶ ପରବର୍ତ୍ତୀ ପାଶ୍ଚାତ୍ୟର ଜଣେ ଠିକ୍ ବିଚାରଧାରାର ନାଗରିକ ହେବାକୁ ହେଲେ ଜାତି-ବିରୋଧୀ, ସାମ୍ରାଜ୍ୟବାଦୀ-ବିରୋଧୀ ଏବଂ ଉପନିବେଶବାଦୀ ବିରୋଧୀ ହେବା ଦରକାର। ଅର୍ଥାତ୍, ଆମେରିକାରରୁ ଆରମ୍ଭକରି ମଧ୍ୟପ୍ରାଚ୍ୟ ପର୍ଯ୍ୟନ୍ତ ଦେଖାଯାଇଥିବା ଜଟିଳ ସଂଘର୍ଷ ସମେତ ଅତୀତ ଏବଂ ବର୍ତ୍ତମାନର ସମସ୍ତ ବିଶ୍ୱସ୍ତରୀୟ ଘଟଣାରେ ଏହିପରି ଏକ ଦୃଷ୍ଟିକୋଣ ପ୍ରୟୋଗ କରିବା ଆବଶ୍ୟକ। ଏଭଳି ବୈଶ୍ୱିକ ଦୃଷ୍ଟିକୋଣ ଦର୍ଶାଇପାରେ ଯେ, ପାଲେଷ୍ଟାଇନ୍ ସମର୍ଥନରେ ପ୍ରତିବାଦ କାହିଁକି ଆମେରିକାର କଲମ୍ବିଆ, ହାର୍ଭାର୍ଡ, ୟେଲ୍, ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟିରୁ ଆରମ୍ଭ ହୋଇଥିଲା। ବିଦ୍ୱେଷ ମାନସିକତା ଶ୍ରମିକ ଶ୍ରେଣୀର ଲୋକମାନଙ୍କର ମୁଖ୍ୟ ଚିନ୍ତା ନୁହେଁ, ବରଂ ପ୍ରତିଷ୍ଠିତ ଶିକ୍ଷିତ ବର୍ଗଙ୍କ ଏହା ଏକ ପ୍ରତୀକ। ଏହି ପ୍ରତିଷ୍ଠିତ ଶିକ୍ଷିତ ବର୍ଗର ସଦସ୍ୟମାନେ ସମସ୍ତେ ନିଜକୁ ପାଶ୍ଚାତ୍ୟ ଜଗତର ନୈତିକ ଅନ୍ତଃ ଚେତନା ବୋଲି ମଣିଥାନ୍ତି।

ବହୁ ନାମୀଦାମୀ ବିଶ୍ୱବିଦ୍ୟାଳୟରେ ପ୍ରବେଶକୁ ନେଇ ଏକ ନିର୍ଦ୍ଦିଷ୍ଟ ଶ୍ରେଣୀର ପ୍ରତିକୂଳ ଭାବନା ଯୋଗୁ କ୍ୟାମ୍ପସରେ ରାଜନୈତିକ କାର୍ଯ୍ୟକଳାପକୁ ବିଶେଷକରି ଧନୀ ଏବଂ ଗରିବଙ୍କ ମଧ୍ୟରେ ପ୍ରଭେଦ ଥିବା ଏକ ସମାଜରେ ବଢ଼ାଇବାରେ ସହାୟକ ହୋଇପାରେ। ଉପନିବେଶବାଦ ଏବଂ ଜାତିଭେଦ ବିରୋଧରେ ପ୍ରତିବାଦ ଦ୍ୱାରା ଶ୍ରେଣୀ ସଂଘର୍ଷ ଦୂରେଇ ଦେଲେ ସ୍ୱତନ୍ତ୍ର ଅଧିକାର ସହ ବଞ୍ଚିବା ସହଜ ହୋଇଥାଏ। ଶ୍ରେଣୀ ଏଥିରେ ଭୂମିକା ନେଇଥାଏ। ପ୍ରାୟତଃ ବିଶେଷ ଅଧିକାର ଚାଲିଯାଉଥିବା ଭୟରୁ ବିଦ୍ରୋହ ସୃଷ୍ଟି ହୋଇଥାଏ। ପ୍ରବାସୀମାନେ ଶିକ୍ଷିତ ଶ୍ୱେତାଙ୍ଗଙ୍କ ଅପେକ୍ଷା ଭଲ କାମ କରିପାରନ୍ତି ବୋଲି ଅନୁଭବ କରୁଥିବା ନିରକ୍ଷର ଶ୍ୱେତାଙ୍ଗମାନଙ୍କୁ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆହ୍ୱାନ ଦେବା ସେମାନଙ୍କୁ ଅସନ୍ତୋଷ କରିଛି। ପ୍ରତିଷ୍ଠିତ ଆମେରିକୀୟ ଅନୁଷ୍ଠାନ ତଥା ପାଶ୍ଚାତ୍ୟ ଜଗତର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ଏହିପରି କିଛି ଘଟୁଛି। ଶିକ୍ଷା ସମୃଦ୍ଧ ପରିବାରର ଜଣେ ଶ୍ୱେତାଙ୍ଗ ହେବା ସାଧାରଣତଃ ସମାଜର ଉପର ସ୍ତରର ଅଧିକାରୀ ଥିଲେ। କିନ୍ତୁ ଏବେ ଉଚ୍ଚଶିକ୍ଷା ଆବଶ୍ୟକ କରୁଥିବା ଶିକ୍ଷା, ସାମ୍ବାଦିକତା , ପ୍ରକାଶନ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଉଚ୍ଚଶିକ୍ଷିତ ଅଣଶ୍ୱେତାଙ୍ଗ ପୁରୁଷ ଓ ମହିଳାମାନେ ଅଧିକ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏହା ଏକ ସମ୍ପୂର୍ଣ୍ଣ ସକାରାତ୍ମକ ବିକାଶ। ବିଦ୍ୱେଷଠାରୁ ଦୂରେଇ ରହି ଯେକେହି ସମ୍ମିଳତା, ବିବିଧତା ଉପରେ ବିଶ୍ୱାସ କରନ୍ତି,ସେମାନେ ଏହାକୁ ପ୍ରଶଂସା କରିବା ଉଚିତ। କିନ୍ତୁ ସକ୍ରିୟ ଉପନିବେଶବାଦ ଏବଂ ବର୍ଣ୍ଣଗତ ଅଧିକାରକୁ ସ୍ୱୀକାର କରି ଆସିଥିବା ଉଦାରବାଦୀ-ବାମପନ୍ଥୀ ଚିନ୍ତାଧାରା ପ୍ରତିରୋଧାତ୍ମକ ପ୍ରତିକ୍ରିୟା ସୃଷ୍ଟି କରିପାରେ । ୟୁରୋପ ଏବଂ ଆମେରିକାରେ ବହୁ ସଂଖ୍ୟାରେ ଶ୍ୱେତାଙ୍ଗ ଯୁବକ ଦକ୍ଷିଣପନ୍ଥୀ ରାଜନୈତିକ ଦଳ ତଥା ମିଷ୍ଟଭାଷୀ ଚତୁର ନେତାଙ୍କ ପ୍ରତି ଆକୃଷ୍ଟ ହେଉଛନ୍ତି। ଏହି ନେତାମାନେ ମହିଳାମାନଙ୍କୁ ଅଣଦେଖାକରି ସେମାନଙ୍କ ପୁରୁଷତ୍ୱକୁ କିପରି ପୁନଃ ସ୍ଥାପିତ କରିବେ, ତାହା ସେହି ଯୁବକମାନଙ୍କୁ ଶିଖାଇବାକୁ ପ୍ରତିଜ୍ଞା କରିଛନ୍ତ। ଏହା ମଧ୍ୟ କୃଷ୍ଣକାୟ ଲୋକଙ୍କ ପ୍ରତି ପକ୍ଷପାତିତା ସୃଷ୍ଟି କରିପାରେ।

ତେବେ ଏହି ବିଶେଷ ଅଧିକାର ବଜାୟ ରଖିବା ପାଇଁ ପ୍ରତିଷ୍ଠିତ ବର୍ଗଙ୍କ ଚିନ୍ତା ଅନ୍ୟ ଦିଗରେ ମଧ୍ୟ ଯାଇପାରେ । ନାମୀଦାମୀ ବେସରକାରୀ ବିଶ୍ୱବିଦ୍ୟାଳୟରେ ଛାତ୍ରମାନେ ବର୍ଣ୍ଣ ବୈଷମ୍ୟବାଦ ବିରୋଧୀ, ସାମ୍ରାଜ୍ୟବାଦୀ ବିରୋଧୀ ଏବଂ ଉପନିବେଶବାଦୀ ବିରୋଧୀ ଭାବରେ ସେମାନେ ପ୍ରଦର୍ଶନ କରିବାକୁ ଆଗ୍ରହ ଦେଖାଇପାରନ୍ତି। ବୌଦ୍ଧିକ ଏବଂ ସାଂସ୍କୃତିକ କ୍ଷେତ୍ରରେ ଅଗ୍ରଣୀ ପଦବୀକୁ ବନ୍ଦ କରିବାର ଏହା ହେଉଛି ଗୋଟିଏ ଉପାୟ। ସମ୍ଭବତଃ ସେଥିପାଇଁ କଲମ୍ବିଆ ବିଶ୍ୱବିଦ୍ୟାଳୟର ଛାତ୍ର ଏବଂ ଅଧ୍ୟାପକମାନେ ଗାଜାରେ ଇସ୍ରାଏଲ୍‌ର ଯୁଦ୍ଧକୁ ବିରୋଧ କରିବା ପାଇଁ ବାଟ ଦେଖାଇଥିଲେ ଏବଂ ଅନ୍ୟ ପ୍ରତିଷ୍ଠିତ ୮ଟି ବିଶ୍ୱବିଦ୍ୟାଳୟରେ କାର୍ଯ୍ୟକର୍ତ୍ତାମାନେ ଏହାକୁ ଶୀଘ୍ର ଅନୁସରଣ କରିଥିଲେ। ଏହା ପ୍ରକୃତରେ ପାଲେଷ୍ଟାଇନୀୟମାନଙ୍କୁ ନିଜର ରାଜ୍ୟ ହାସଲ କରିବାରେ ସାହାଯ୍ୟ କରିବ କି ନାହିଁ, ଯେଉଁଠାରେ ସେମାନେ ଏକ ସ୍ୱାଧୀନ ମନୋନୀତ ସରକାର ଅଧୀନରେ ଉନ୍ନତ ତଥା ସମ୍ମାନଜନକ ଜୀବନଯାପନ କରିପାରିବେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। କିନ୍ତୁ ତାହା କେବେ ବି ମୁଖ୍ୟ ବିଷୟ ହୋଇନାହିଁ। ଆମେରିକାରେ ବିରୋଧ ଅଭିଯାନରେ ପ୍ରାୟତଃ ଏହା ଘଟିଥାଏ।

**ପ୍ରତିଷ୍ଠିତ ଲେଖକ**

## ଆମରି ନାଆରେ ଆମେ ନାଉରି



ଅଜୟ ବେହୁରା

ଶୀର୍ଷକଟିକୁ ପଢ଼ିଲା ପରେ ପୂର୍ବ ପଦର ଆଭାସ ମନକୁ ଆସୁଥିବ ନିଶ୍ଚୟ। ତାହା ହେଉଛି 'ଆମେ ଚଳାଉଚୁ ଦେଶ ଆମରି, ଆମରି ନାଆରେ ଆମେ ନାଉରି'। କିନ୍ତୁ ପ୍ରକୃତରେ ଦେଖିବାକୁ ଗଲେ ଆମେ କ'ଣ ଆମ ଦେଶକୁ ପ୍ରତ୍ୟକ୍ଷରେ ଶାସନ କରୁଛେ କି ? ଭାରତ ବର୍ଷର ଶହେ ଚାଳିଶ କୋଟିରୁ ଅଧିକ ଲୋକଙ୍କ ପକ୍ଷେ ଏହା ସମ୍ଭବ ନୁହେଁ। ଛାଡ଼ ଦେଶ କଥା। ନାଆ କଥା ବିଚାରକୁ ନିଅନ୍ତୁ। ଯଦି ନାଆରେ ବସିଥିବା ସମସ୍ତ ଯାତ୍ରୀ ନାଉରି ହେବେ ତେବେ କ'ଣ ନାଆଟି ଚାଲିପାରିବ କି? ନା ସମସ୍ତଙ୍କର ନାଆ ଚାଳନାର ଦକ୍ଷତା ଥିବ, ତେଣୁ ଆମକୁ ଜଣେ ନାଉରିର ଆବଶ୍ୟକତା ରହିଛି, ଯେ କି ପାଣି ପବନ ଝଡ଼ଝଞ୍ଜାରୁ ମୁକୁଳେଇ ଡଙ୍ଗାଟିକୁ ଏ କୂଳରୁ ସେ କୂଳ ଘାଟରେ ପହଞ୍ଚେଇପାରିବ। ଠିକ୍ ସେହିପରି ଆମ ଦେଶକୁ ଚଳେଇବାକୁ ଜଣେ ଜଣେ ପ୍ରତିନିଧି ଦରକାର, ଯେ କି ଆମର ପ୍ରତିନିଧିତ୍ୱ କରି ସରକାରରେ ପ୍ରତ୍ୟକ୍ଷ ଭାଗନେଇ ଦେଶ ଏବଂ ରାଜ୍ୟ ଶାସନରେ ଅଂଶୀଦାର ହୋଇପାରିବେ।

ଭାରତବର୍ଷ ଏକ ଗଣତାନ୍ତ୍ରିକ ଦେଶ । ଏତେ ବଡ଼ ଦେଶ, ଜନସଂଖ୍ୟା, ଜାତି ଧର୍ମ ବିଭିନ୍ନତା ଆଞ୍ଚଳିକତା ଇତ୍ୟାଦି ଅସମାନତା ଦୃଷ୍ଟିରୁ ଏଠାରେ ପରୋକ୍ଷ ଗଣତନ୍ତ୍ର ଅନୁକୂଳ। ଆମେ ଆମ ଦେଶକୁ ଚଳାଉଚୁ ସତ, କିନ୍ତୁ ପରୋକ୍ଷରେ। ମାତ୍ର ଏକ ସମୟ ଆସେ ଯେଉଁଠି ଆମେ ପ୍ରତ୍ୟକ୍ଷ ଭାଗ ନେଇଥାଉ ଆଉ ତାହା ହେଉଛି ନିର୍ବାଚନ। ଏ ସମୟରେ ପ୍ରାର୍ଥୀ, ମନ୍ତ୍ରୀ, ପ୍ରତିନିଧି ଉପରେ ରହେ ନାଗରିକ । ସେ ଯାହାକୁ ବହୁମତ ଦେବ ସେ ହିଁ ସରକାର ଗଠନ କରିପାରିବ। ନାଗରିକର ପ୍ରକୃତ ପରାକାଷ୍ଠାର ସମୟ ଆସେ ଯେତେବେଳେ ସେ ଏକ ଦକ୍ଷ, ସୁଯୋଗ୍ୟ, କୁଶଳୀ ରାଜନେତା ବା ପ୍ରତିନିଧି ଚୟନ କରିବାର ଅଧିକାରକୁ ସାବ୍ୟସ୍ତ କରିଥାଏ। ରାଜନୈତିକ ପାଣିପାଗ, ବାତାବରଣ, ଜନ ଏବଂ ଦେଶ ହିତୈଷୀ ଯୋଜନାଗୁଡ଼ିକର ତର୍ଜମା କରି ବର୍ତ୍ତମାନର ନିର୍ବାଚନ ପ୍ରକ୍ରିୟା ସହ ଯାଇ ଆମର ମତ ବ୍ୟକ୍ତ କରିବାକୁ ପଡ଼ିବ। ଯେହେତୁ ଏଥର ଆମ ରାଜ୍ୟରେ ନିର୍ବାଚନ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ପାଇଁ ହେଉଛି ତେଣୁ ଆମକୁ ଅଧିକ ସତର୍କତାର ସହ ଭୋଟ ଦେବାକୁ ପଡ଼ିବ। ଆକଳନକୁ ଆଖି ଆଗରେ ରଖିଲେ ଭୋଟରମାନଙ୍କ ମଧ୍ୟରେ ପୁରୁଷ, ମହିଳା, ଯୁବା, ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଏବଂ ନୂତନ ଭାବେ ଯୋଡ଼ି ହୋଇଥିବା ମତଦାତା ରହିଥାନ୍ତି । ଏମାନଙ୍କ ମାନସିକତାରେ ମଧ୍ୟ ଭିନ୍ନତା ଥାଏ । ଯାହା ହେଉନା କାହିଁକି ସମ୍ପ୍ରତି ଗଣତନ୍ତ୍ରର ମହାପର୍ବ ନିର୍ବାଚନର ପ୍ରତିଧ୍ୱନି ରାଜ୍ୟ ଓ ଦେଶରେ ଗୁଞ୍ଜରିତ ହୋଇଛି। ପ୍ରାୟତଃ ଭାରତ ବର୍ଷର ଗଣତାନ୍ତ୍ରିକ ମହାପର୍ବ ନିର୍ବାଚନ ସମଗ୍ର ବିଶ୍ୱର ଏକ ଉଦାହରଣ କହିଲେ ଅତ୍ୟୁକ୍ତି ହେବନାହିଁ । କାରଣ ବିଭିନ୍ନ ଜାତି, ଧର୍ମ, ବର୍ଣ୍ଣ, ଆଞ୍ଚଳିକତା, ଚାଲିଚଳନ ଇତ୍ୟାଦି ବିଭିନ୍ନତା ସତ୍ତ୍ୱେ ଏକ ସଙ୍ଗରେ ଏତେବଡ଼ ଅନୁଷ୍ଠାନ ସମଗ୍ର ଦେଶରେ ଅନୁଷ୍ଠିତ ହେବା ଏକ କଠିନ ବ୍ୟାପାର ହୋଇଥିଲେ ମଧ୍ୟ ଭାରତ ଭଳି ଦେଶରେ ଏହା ସମ୍ଭବ ହୋଇପାରିଛି। ତା'ର କାରଣ ସୁବ୍ୟବସ୍ଥା ଏବଂ ନାଗରିକମାନଙ୍କର ଗଣତାନ୍ତ୍ରିକ ଅଭିଜ୍ଞତା ତଥା ଏକ ସୁଗଣତାନ୍ତ୍ରିକ ବ୍ୟବସ୍ଥା ଆମ ଦେଶରେ ଉପଲବ୍ଧ ଥିବା ଯୋଗୁ। ସାରା ଦୁନିଆର ରାଷ୍ଟ୍ର, ଅନୁଷ୍ଠାନ, ଗଣମାଧ୍ୟମ, ନାଗରିକ ଏହି ମହାପର୍ବକୁ ନିରୀକ୍ଷଣ କରୁଛନ୍ତି। ଏଥିପ୍ରତି ସଜାଗ ରହି ବିପୁଳ ସଂଖ୍ୟାରେ ମତଦାନ କରି ନିଜର ଭୂମିକା ନିର୍ବାହ କରିବାକୁ ହେବ। ରାଜନୀତିକୁ କିଛି ଲୋକ କଳୁଷିତ ଦୁର୍ନୀତିଗ୍ରସ୍ତ ମିଥ୍ୟାଚାରର ପଙ୍କ ବୋଲି ଭାବି ବେଳେ ବେଳେ ନିର୍ବାଚନଠାରୁ ଦୂରରେ ରୁହନ୍ତି। କିନ୍ତୁ ଜାଣିରଖିବା ଉଚିତ ଯେ, ସେହି ପଙ୍କ ଭିତରୁ ପଦ୍ମ ଫୁଲ ଫୁଟି ସରକାର ରୂପକ ଫଳ ପ୍ରଦାନ କରେ, ଯାହା ଆମ ସମଗ୍ର ଦେଶ ଚଳାଇବା ଶହ ରାଜନୀତିକ, କୂଟନୀତିକ ବୈଦେଶିକ, ନ୍ୟାୟିକ, ଶାସନ ତାନ୍ତ୍ରିକ ଆର୍ଥିକ ସାମରିକ ଏବଂ ସମସ୍ତ ମୁଖ୍ୟ ଅନୁଷ୍ଠାନର ସୁପରିଚାଳନା କରିଥାଏ। ଆମକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚନରେ ଅଂଶ ଗ୍ରହଣ କରିବାକୁ ପଡ଼ିବ। ନିଜର ଅଧିକାର କର୍ତ୍ତବ୍ୟକୁ ଆଖି ଆଗରେ ରଖି ନିଜକୁ ପ୍ରତ୍ୟକ୍ଷ ରୂପରେ ରାଜନୀତିରେ ଭାଗୀଦାର କରି ଗଣତନ୍ତ୍ରର ପ୍ରଥମ ସୋପାନ ସାଫଲ୍ୟ ମଣ୍ଡିତ କଲେ ହୃଦ୍‌ବୋଧ ହେବ ଯେ ଆମେ ଆମକୁ ଶାସନ କରିବାରେ ସିଦ୍ଧ, ଯେଉଁଠୁ ହୁଏ ଗଣତନ୍ତ୍ରର ଅୟମାରମ୍ଭ; ଯାହା କି ଆଜିର ବିଷୟ ବସ୍ତୁ 'ଆମେ ଚଳାଉଛୁ ଦେଶ ଆମରି, ଆମରି ହାତରେ ଆମେ ନାଉରି'।

**ନୂଆଦିଲ୍ଲୀ, ମୋ:୯୮୭୩୧୫୫୪୭୨**

## ଏଇ ଭାରତରେ

ଶିକ୍ଷକ ଚାକିରି ଛାଡ଼ି ରସିକ ନାକୌମ ବିନା ମାଟିରେ ଅର୍ଥାତ୍ କେବଳ ପାଣିରେ (ହାଇଡ୍ରୋପୋନିକ) ପଦ୍ଧତିରେ ଚାଷ କରୁଛନ୍ତି। କେବଳ ଏତିକି ନୁହେଁ, ରସିକ ଗତ ୫ ବର୍ଷ ମଧ୍ୟରେ ୫୦୦୦ ଲୋକଙ୍କୁ ହାଇଡ୍ରୋପୋନିକ ଚାଷ ସମ୍ପର୍କରେ ପ୍ରଶିକ୍ଷଣ ଦେଇସାରିଲେଣି। ରସିକ ରହନ୍ତି ରାଜକୋଟ୍‌ରେ। ତାଙ୍କ ପରିବାରର ମୁଖ୍ୟ ଆୟର ଉତ୍ସ ହେଉଛି କୃଷି। ଏଣୁ ସେ ସରକାରୀ ଶିକ୍ଷକ ଚାକିରି ଛାଡ଼ି କୃଷି କ୍ଷେତ୍ରକୁ ଆସିଛନ୍ତି ବୋଲି କୁହନ୍ତି। ଅନେକଙ୍କ ପାଖରେ ଜମି ନ ଥିଲେ ବି ସେମାନେ କିଭଳି କମ୍ ଜାଗାରେ ଚାଷ କରି ଆୟ କରିବେ, ସେଥିପାଇଁ ସେମାନଙ୍କୁ ରସିକ ହାଇଡ୍ରୋପୋନିକ ପଦ୍ଧତିରେ ଚାଷ କରିବା ଲାଗି ଉତ୍ସାହିତ କରିବା ସହ ବିନା ଦେୟରେ ପ୍ରଶିକ୍ଷଣ ଦେଉଛନ୍ତି। ବିଶେଷକରି ଗୁଜରାଟର ବିଭିନ୍ନ ବିଶ୍ୱବିଦ୍ୟାଳୟ ମାଧ୍ୟମରେ ସେ କୃଷକ ଓ ଛାତ୍ରମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ମାରୁତି ନନ୍ଦନ ଚାରିଟେବଲ ଟ୍ରଷ୍ଟ ମାଧ୍ୟମରେ ସେ ଏହି କାର୍ଯ୍ୟ କରୁଛନ୍ତି। ତାଙ୍କ ଅଗଣାରେ ହାଇଡ୍ରୋପୋନିକ ପଦ୍ଧତିରେ ପୋଇ, ଧନିଆ, ଲଙ୍କା, ବାଇଗଣ, ଷ୍ଟ୍ରବେରି ଆଦି ୨୫ରୁ ଅଧିକ ପ୍ରକାର ପରିବା ଉତ୍ପାଦନ କରୁଛନ୍ତି। ରସିକଙ୍କର ଏହି ହାଇଡ୍ରୋପୋନିକ ଫାର୍ମକୁ ବହୁ କୃଷି ବିଜ୍ଞାନୀ ଓ ଚାଷୀ ଦେଖିବାକୁ ଆସୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୯ ମେ ୧୯୭୫

- କେରଳ ବିଧାନସଭାର ବାଚସ୍ପତି ପଦରୁ କେ. ମୋଇଦ୍ଦିନ କୁଟ୍ଟୀ ହାଜୀଙ୍କ ଇସ୍ତଫା ପ୍ରଦାନ।
- ହିମାଚଳ ପ୍ରଦେଶର ନାଲାଗଡ଼ଠାରୁ ୧୫ କି.ମି. ଦୂରବର୍ତ୍ତୀ ଏକ ସ୍ଥାନରେ ପଞ୍ଜାବ ବିଶ୍ୱବିଦ୍ୟାଳୟ ନୃତତ୍ତ୍ୱ ବିଭାଗର ଗବେଷକମାନଙ୍କ ଦ୍ୱାରା ପ୍ରାଗ୍ଐତିହାସିକ କାଳର ଗୁହା ଆବିଷ୍କୃତ।
- ଓ୍ୱାଦାହ ଜିଲାରେ ରୌଦ୍ରତାପ ଯୋଗୁ ୬ ଛୋଟ ପିଲାଙ୍କ ସମେତ ୧୧ ଜଣଙ୍କ ମୃତ୍ୟୁ।

## ଜଙ୍ଗଲ ନିଆଁ ଓ ବନ୍ୟପ୍ରାଣୀ ସଂରକ୍ଷଣ



ତ୍ରିଲୋଚନ ସାହୁ

ରାଜ୍ୟରେ ଏବେ ଗ୍ରୀଷ୍ମ ଲହର। ଜନଜୀବନ ଅସ୍ତବ୍ୟସ୍ତ। ଆସନ୍ତାବର୍ଷ ଅଥବା ଆଉ ଦୁଇ ଚାରି ବର୍ଷ ପରେ ତାପମାତ୍ରା ୫୦ ଡିଗ୍ରୀରେ ପହଞ୍ଚିଯାଇପାରେ। ସେତେବେଳେ ଜନଜୀବନ ଅତି କଠିନ ହେଇଯିବ। ଜୀବଜନ୍ତୁ ନାହିଁ ନଥିବା ଅସୁବିଧା ଭୋଗିବେ। ଏସବୁ ପାଇଁ ଆମେ ଦାୟୀ। ଆମେ ନିଜେ ନିଜର ହିଁ କ୍ଷତି କରୁଛେ। ନିଜେ ଗଛ ହାଣୁଛେ ଆଉ ନିଜେ ତାପମାତ୍ରା ବଢ଼ିଗଲା ବୋଲି କହୁଛେ।

ଏଭଳି ଏକ ମୁହୂର୍ତ୍ତରେ ପରିବେଶ ସୁରକ୍ଷା ଅଥବା ବର୍ଦ୍ଧିତ ତାପମାତ୍ରା ରୋକିବା ଦିଗରେ ଟିକେହେଲେ ସଚେତନ ନାହାନ୍ତି ବୋଲି ମନେହୁଏ। ମାର୍ଚ୍ଚରୁ ଗାଁରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର (ଏସି) କିଣିବାରେ ବ୍ୟସ୍ତ। ଯେଉଁ ହାରରେ ମାର୍ଚ୍ଚ ଆରମ୍ଭରୁ ଏସି କିଣାହୁଏ, ସେଇ ହାରରେ କିନ୍ତୁ ଜୁନ ମାସରୁ ଗଛଲଗା ହୁଏ ନାହିଁ। ଅତିକମ୍‌ରେ ଗଛ ନ ଲଗାଇଲେ ନାହିଁ, ଯେତିକି ଗଛ ଅଛି, ସେତିକକୁ ଆମେ ସୁରକ୍ଷା ଦେଇପାରୁନେ। ଦିନ ଦି' ପହରେ ଗଛ କଟାହେଉଛ। ସମସ୍ତେ ଏହାକୁ ଦେଖୁଛନ୍ତି, ହେଲେ କେହି କେବେ ପ୍ରତିବାଦ କରୁନାହାନ୍ତି। ପୁନଶ୍ଚ କିଛି ଲୋକ ଅଛନ୍ତି, ନିଜର ଜୀବିକା ପାଇଁ ହେଉ କି ରାଗରେ ହେଉ, ଜଙ୍ଗଲରେ ନିଆଁ ଲଗାଉଛନ୍ତି। ପ୍ରତିବର୍ଷ ଜଙ୍ଗଲ ହୁ ହୁ ହୋଇ ଜଳେ। ଆଉ ସବୁଠୁ ଆଶ୍ଚର୍ଯ୍ୟର କଥା ଯେ, ଅଧିକାଂଶ ଜଙ୍ଗଲ ନିଆଁ ମନୁଷ୍ୟକୃତ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଖରା ଦିନରେ ସେମାନଙ୍କର ଦୈନନ୍ଦିନ ଜୀବିକା ପାଇଁ ଜଙ୍ଗଲରେ ନିଆଁ ଲଗାଉଥିବାର ନଜିର ଅଛି। ଖରାଦିନେ ମହୁଲ ଫୁଲ ସଂଗ୍ରହ କରିବା ହେଉ ଅଥବା ପୋଡୁ ଚାଷ ପାଇଁ ହେଉ, ସେମାନେ ଜଙ୍ଗଲରେ ନିଆଁ ଲଗାଇଥା'ନ୍ତି। ସେମାନେ ଏହାର ପରିଣାମ ଜାଣିଥିଲେ ବି ବିଶେଷ ସଚେତନତାର ଅଭାବ ଯୋଗୁ ଏଥିରୁ ବିଚ୍ୟୁତ ହୁଅନ୍ତି ନାହିଁ।

ପ୍ରତିବର୍ଷ ଜଙ୍ଗଲ ନିଆଁ ବଢ଼ିବାରେ ଲାଗିଛି। ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ (ଏଫ୍ଏସ୍ ଆଇ) ତଥ୍ୟ ଅନୁସାରେ ଓଡ଼ିଶା ଜଙ୍ଗଲ ନିଆଁରେ ପ୍ରଥମ ବୋଲି ପ୍ରକାଶ ପାଇଛି। ଏହି ତଥ୍ୟ ଅନୁସାରେ ୨୦୨୦ ଜାନୁଆରୀରୁ ଏପ୍ରିଲ ମଧ୍ୟରେ ୫୯୯ଟି ସ୍ଥାନରେ ଜଙ୍ଗଲ ନିଆଁ ଲାଗିଥିବା ବେଳେ ୨୦୨୧ରେ ୨୮୬୧ଟି ଜାଗାରେ ଜଙ୍ଗଲ ନିଆଁ ଲାଗିଥିଲା। ସେହିଭଳି ୨୦୨୨ରେ ୩୧୯ଟି ସ୍ଥାନରେ ଜଙ୍ଗଲ ନିଆଁ ଲାଗିଥିବା ବେଳେ ୨୦୨୩ରେ ୧୪୫୬ଟି ସ୍ଥାନରେ ଜଙ୍ଗଲ ନିଆଁ ଲାଗିଥିଲା। ଧୀରେ ଧୀରେ ଏହି ଜଙ୍ଗଲ ନିଆଁ ଏକ ଚିନ୍ତାର ବିଷୟ ହେଲାଣି। ଏହାଦ୍ୱାରା ପ୍ରତ୍ୟକ୍ଷ ଭାବେ ହଜାର ହଜାର ଜୀବଜନ୍ତୁ ପଶୁ ପକ୍ଷୀ ଅସୁବିଧାରେ ପଡ଼ୁଛନ୍ତି। କହିବାକୁ ଗଲେ ପ୍ରତ୍ୟକ୍ଷ ଏବଂ ପରୋକ୍ଷରେ ଜୀବଜଗତ ପ୍ରଭାବିତ ହେଉଛି। ସରକାରୀ ଏବଂ ବେସରକାରୀ ସ୍ତରରେ ଜଙ୍ଗଲ ନିଆଁକୁ ରୋକିବା ପାଇଁ ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ସବୁ ସ୍ଥାନରେ ଲୋକମାନଙ୍କୁ ସଚେତନ କରାଯାଉଛି। ବିଭିନ୍ନ ଅଞ୍ଚଳରେ ଡାକବାଜି ଯନ୍ତ୍ର ଦ୍ୱାରା ସଚେତନତା ଶିବିରମାନ ଆୟୋଜନ କରାଯାଉଛି। ହେଲେ ଆମେ ଜଙ୍ଗଲ ନିଆଁକୁ ରୋକିବାରେ ଶତ ପ୍ରତିଶତ ସଫଳ ହୋଇନେ। ଜଙ୍ଗଲ ନିଆଁ ପ୍ରଭାବରେ ଅନେକ ପକ୍ଷୀ, ଜୀବଜନ୍ତୁଙ୍କ ମୃତ୍ୟୁ ଘଟେ। ଅନେକ ଗୁରୁତ୍ୱପୂର୍ଣ୍ଣ ଛୋଟ ବଡ଼ ଗୁଳ୍ମ ନଷ୍ଟ ହୋଇଯାଏ। ତାପମାତ୍ରା ବଢ଼ିବାରେ ଏହା ପ୍ରମୁଖ ଭୂମିକା ନିର୍ବାହ କରିଥାଏ, ଯାହାକୁ ଲୋକମାନେ ଭୁଲିଯାଇଥାଆନ୍ତି।



ଏବେ ନଦୀନାଳ ସବୁ ଶୁଖିଲା। ପାଣି ଟୋପେ ନାହିଁ। ଏମିତି ବି କହିବାକୁ ଗଲେ ବଡ଼ ବଡ଼ ଗଣ୍ଡ ବି ଶୁଖିଯାଉଛି। ଜଙ୍ଗଲରେ ଜୀବଜନ୍ତୁମାନେ ପାଣି ପାଇଁ ହା ହାକାର ବୋଧ ହେଉଛନ୍ତି। ଏପରିକି ଗୋଟେ ଗୋଟେ ଜାଗାରେ ସାଧାରଣ ଲୋକମାନେ ପାଣି ପାଇପାରୁନାହାନ୍ତି। ଚିନ୍ତା କରନ୍ତୁ, ଏପରି ସ୍ଥଳେ ଜୀବଜନ୍ତୁ ଏବଂ ପଶୁ ପକ୍ଷୀମାନଙ୍କର ଅବସ୍ଥା କ'ଣ ହେଉଥିବ।

ସରକାରୀ ସ୍ତରରେ ଅନେକ ପ୍ରକାରର ଆଇନକାନୁନର ବ୍ୟବସ୍ଥା ଅଛି। ଅନେକ ଜାଗାରେ ସାଧାରଣ ଜନତା ଏସବୁକୁ ଜାଣି ମଧ୍ୟ ବନ୍ୟପ୍ରାଣୀ ଶିକାର କରେ ଆଉ ଜାଣି ଜାଣି ଜଙ୍ଗଲରେ ନିଆଁ ଲଗାଇଥାଏ। ନିକଟରେ ସରକାର ବନ୍ୟପ୍ରାଣୀ ସହ ଫଟୋ ଉଠେଇବା ଏବଂ ଏହାକୁ ସୋସିଆଲ ମିଡିଆରେ ଛାଡ଼ିବା ଉପରେ କଟକଣା ଲଗାଇଛନ୍ତି। ଏଥିପାଇଁ ମଧ୍ୟ କଠୋର ଆଇନ ବ୍ୟବସ୍ଥା କରାଯାଇଛି। ଯେ ପର୍ଯ୍ୟନ୍ତ ଆମେ ନିଜେ ନିଜ ପାଇଁ ସଚେତନ ନ ହୋଇଛେ, ସେପର୍ଯ୍ୟନ୍ତ ଏ ସବୁ ସମସ୍ୟାର ସମାଧାନ ଆମେ ସହଜରେ କରିପାରିବା ନାହିଁ। ବିଭିନ୍ନ ସମୟରେ ସରକାରୀ ଏବଂ ବେସରକାରୀ ସଂସ୍ଥା ଦ୍ୱାରା ଗାଁ ଗହଳିରେ ଭିନ୍ନ ଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମମାନ କରାଯାଉଛି। ସରକାରଙ୍କ ତରଫରୁ ପର୍ଯ୍ୟାୟକ୍ରମେ ମାର୍ଗଦର୍ଶିକା ଜାରି କରାଯାଉଛି। ବାରମ୍ବାର ଟିଭି, ରେଡିଓ, ଖବରକାଗଜ ଏବଂ ସୋସିଆଲ ମିଡିଆ ମାଧ୍ୟମରେ ଜନସାଧାରଣଙ୍କୁ ଜଙ୍ଗଲ ନିଆଁକୁ ପ୍ରତିହତ କରିବା ପାଇଁ ଏବଂ ବନ୍ୟପ୍ରାଣୀମାନଙ୍କର ସୁରକ୍ଷା ପାଇଁ ବିଜ୍ଞାପନ ମାଧ୍ୟମରେ ସଚେତନ କରାଯାଉଛି।

ଏବେ ଅନେକ ଜାଗାରେ ବନ୍ୟପ୍ରାଣୀମାନେ ଜନବସତି ଆଡ଼କୁ ଚାଲିଆସୁଛନ୍ତି। ଯେହେତୁ ଜଙ୍ଗଲ ଧୀରେ ଧୀରେ ନଷ୍ଟ ହେବାରେ ଲାଗିଛି, ଗଛ ଲଗାଇବା ପରିବର୍ତ୍ତେ ଆମେ ଗଛ କାଟିବାରେ ବ୍ୟସ୍ତ ଏବଂ ଜଙ୍ଗଲରେ ନିଆଁ ଲାଗିବା କାରଣରୁ ବନ୍ୟପ୍ରାଣୀମାନେ ନିଜର ସୁରକ୍ଷିତ ବାସସ୍ଥାନ ପାଇଁ ଜନବସତିମୁହାଁ ହେଉଛନ୍ତି। ଫଳରେ ସେମାନେ ବ୍ୟାପକ କ୍ଷୟକ୍ଷତି କରୁଛନ୍ତି। ଅନେକ ଜାଗାରେ ଲୋକମାନେ ବନ୍ୟପ୍ରାଣୀମାନଙ୍କୁ ଶିକାର କରିବାକୁ ମଧ୍ୟ ପଛାଉନାହାନ୍ତି। ଆମ ସମସ୍ୟାର ସମାଧାନ ଆମ ହାତରେ ଅଛି। ଆମେ ଯେ ପର୍ଯ୍ୟନ୍ତ ନ ଚାହିଁଛେ, ସରକାରୀ ବା କୌଣସି ବେସରକାରୀ ସଂସ୍ଥା ଏ ସମସ୍ୟାର ସମାଧାନ କରିପାରିବେ ନାହିଁ। ତେଣୁ ଆମକୁ ଏ ଦିଗରେ ଗଭୀର ଭାବରେ ଚିନ୍ତା କରିବାକୁ ହେବ। ଏବେ ବି ଆମ ପାଖରେ ସମୟ ଅଛି। ଚାହିଁଲେ ପର୍ଯ୍ୟାପ୍ତ ପରିମାଣର ଗଛ ଲଗାଇ ବର୍ଦ୍ଧିତ ତାପମାତ୍ରାରୁ ବର୍ତ୍ତି ଯାଇପାରିବା। ଅତିକମ୍‌ରେ ଜଣକା ବର୍ଷକୁ କୋଡ଼ିଏଟି ଗଛ ଲଗାଇବାର ଲକ୍ଷ୍ୟ ସମସ୍ତଙ୍କର ରହିବା ଉଚିତ। ଆଗକୁ ବର୍ଷାଋତୁ ଆସୁଛି। ବୃକ୍ଷରୋପଣ କାର୍ଯ୍ୟକୁ ସବୁ ଜାଗାରେ ସମ୍ପ୍ରସାରିତ କରି ବ୍ୟାପକ ଗଛ ଲଗାଇବା ଉଚିତ। ଗାଁରୁ ଆରମ୍ଭ କରି ସହରାଞ୍ଚଳରେ ମଧ୍ୟ ଜଙ୍ଗଲ ନିଆଁକୁ ରୋକିବା ପାଇଁ ପର୍ଯ୍ୟାପ୍ତ ସଚେତନତା ଶିବିରମାନ ଆୟୋଜନ କରାଯିବା ଉଚିତ। ସରକାରୀ ଏବଂ ବେସରକାରୀ ସ୍ତରରେ ଏହି ସମସ୍ୟାକୁ ଗୁରୁତ୍ୱର ସହ ନେଇ ଏ ଦିଗରେ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରିବାର ଆବଶ୍ୟକତା ଅଛି। ବିଶେଷକରି ଜଙ୍ଗଲରେ ବନ୍ୟପ୍ରାଣୀ ଏବଂ ବିଭିନ୍ନ ପ୍ରକାରର ପକ୍ଷୀମାନଙ୍କ ପାଇଁ ପର୍ଯ୍ୟାପ୍ତ ପିଇବା ପାଣିର ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ଉଚିତ। ଏହି ସମସ୍ୟା ଅନ୍ତର୍ଜାତୀୟ ସ୍ତରରେ ଜରୁରୀ ପରିସ୍ଥିତି ସୃଷ୍ଟି ହେବା ପୂର୍ବରୁ ଆମକୁ ସଚେତନ ହେବାର ଆବଶ୍ୟକତା ଅଛି।

**ଫକୀରପୁର, ଆନନ୍ଦପୁର, କେନ୍ଦୁଝର**
**ମୋ: ୯୮୫୩୯୯୨୧୬୫**

## ସୁ|ଡୋ|କୁ — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | 7 | | | 5 | | | | |
| 6 | | | | | | | 7 | |
| | | | | | | 8 | 1 | 6 |
| 1 | | | 4 | | 2 | | 8 | |
| | | | | | | | | |
| 7 | 9 | 6 | | | 5 | | | |
| | 2 | | | | | 3 | 9 | |
| | | 5 | 7 | | | | | |
| 8 | | | | 4 | 1 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 5 | 9 | 7 | 3 | 2 | 8 | 1 |
| 3 | 2 | 7 | 6 | 8 | 1 | 4 | 9 | 5 |
| 9 | 8 | 1 | 5 | 2 | 4 | 7 | 3 | 6 |
| 1 | 5 | 3 | 2 | 6 | 8 | 9 | 4 | 7 |
| 8 | 7 | 6 | 3 | 4 | 9 | 1 | 5 | 2 |
| 2 | 9 | 4 | 7 | 1 | 5 | 8 | 6 | 3 |
| 7 | 3 | 8 | 1 | 9 | 6 | 5 | 2 | 4 |
| 4 | 6 | 2 | 8 | 5 | 7 | 3 | 1 | 9 |
| 5 | 1 | 9 | 4 | 3 | 2 | 6 | 7 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିବାହ ମଧ୍ୟସ୍ଥଙ୍କ ଅର୍ଥ ଶୋଷଣ

ମହାଶୟ,

ବର୍ତ୍ତମାନ ପୁଅ ପାଇଁ ଭଲ ଝିଅଟିଏ ଓ ଝିଅ ପାଇଁ ଭଲ ପୁଅଟିଏ ଖୋଜି ପାଇବା ଅତ୍ୟନ୍ତ କଷ୍ଟକର। ଏପରି ସ୍ଥଳେ ଅନେକ ମାତାପିତା ସେମାନଙ୍କ ସନ୍ତାନର ବିବାହ ପାଇଁ ସ୍ଥାନୀୟ ମଧ୍ୟସ୍ଥଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଛନ୍ତି। ହେଲେ ଅନେକ ମଧ୍ୟସ୍ଥ ଏମାନଙ୍କ ବିଶ୍ୱାସରେ ବିଷ ମିଶାଉଛନ୍ତି। ଏମାନେ ନିଜ ପାଖରେ ରଖିଥିବା ୧୦/୧୫ ଜଣ ପୁଅଝିଅଙ୍କ ଫଟୋ ଓ ବାୟୋଡାଟା ଦେଖାଇ ପୁଅଝିଅଙ୍କ ମାତାପିତାଙ୍କ ଠାରୁ ୫/୧୦ ହଜାର ଟଙ୍କା ଲୁଟି ନେଉଛନ୍ତି। ଏହାପରେ ଅନେକ ମଧ୍ୟସ୍ଥ ସେମାନଙ୍କ ମୋବାଇଲ ନମ୍ବରକୁ ବଦଳାଇ ଦେଉଛନ୍ତି ଅଥବା ଟଙ୍କା ଦେଇଥିବା ଲୋକର ନମ୍ବରକୁ ବ୍ଲକ କରିଦେଉଛନ୍ତି। ଏମାନେ ବରକନ୍ୟାଙ୍କ ପରିବାରରୁ ଯୌତୁକର ୨୦-୩୦% ଅର୍ଥ କମିଶନି ଆକାରରେ ବି ନେଉଛନ୍ତି। ନକଲି ଜାତକ କରାଇ ପୁଅଝିଅଙ୍କ ବାହାଘର କରିଦେଉଛନ୍ତି। ଏମାନେ ବାହାରେ ମାସିକ ୧୦/୧୫ ହଜାର ଟଙ୍କାରେ କମ୍ପାନୀ ଚାକିରି କରିଥିବା ପୁଅ ଅଧିକ ଦରମା ପାଉଛି ବୋଲି କହି ଧନୀ ଘରର କନ୍ୟାଙ୍କ ସହିତ ବାହାଘର କରିଦେଉଛନ୍ତି। ପରେ ସତ୍ୟ ଜଣାପଡ଼ିବା ପରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସଂପର୍କ ତିକ୍ତ ହେଉଛି। ସୁତରାଂ, ଏଭଳି ମଧ୍ୟସ୍ଥଙ୍କ ପ୍ରତି ସତର୍କ ରହିବା ଦରକାର।

**–ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବାଲୁକାଚରେ ଚକ୍ରବାକ
ଚରଇ ମହାନନ୍ଦେ
ଗୋଧୂଳି ପଥ ଅରୁଣ ଆହେ
ଚରଣ ତବ ବନ୍ଦେ

–(ପଉଷ ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପିଏସ୍‌ଜିକୁ ହରାଇ ଫାଇନାଲରେ ବୋରୁସିଆ ଡର୍ଟମୁଣ୍ଡ


ବିଜୟ ପରେ ଉଲ୍ଲସିତ ବୋରୁସିଆ ଡର୍ଟମୁଣ୍ଡର ଖେଳାଳିମାନେ।

**ପ୍ୟାରିସ୍ ,୮।୫(ପି.ଟି.)**

ପ୍ୟାରିସ୍ ସେଣ୍ଟ ଜର୍ମେନ୍ (ପିଏସ୍‌ଜି)କୁ ହରାଇ ଚାମ୍ପିୟନ୍ସ ଲିଗ୍ ଫାଇନାଲରେ ପ୍ରବେଶ କରିଛି ବୋରୁସିଆ ଡର୍ଟମୁଣ୍ଡ। ପ୍ରଥମ ଚରଣ ସେମିଫାଇନାଲରେ ୧-୦ରେ ଆଗୁଆ ଥିବା ଡର୍ଟମୁଣ୍ଡ ଦ୍ୱିତୀୟ ଚରଣରେ ମଧ୍ୟ ୧-୦ରେ ଜିତିବା ସହ ଆଗ୍ରେଗେଟ ୨-୦ରେ ବିଜୟୀ ହୋଇଥିଲା। ଫଳରେ ପିଏସ୍‌ଜି ପାଇଁ ଚାମ୍ପିୟନ୍ସ ଲିଗ୍ ଜିତିବା କିଲିଆନ୍ ଏମ୍‌ବାପେଙ୍କ ସ୍ୱପ୍ନ ରହିଯାଇଛି। ମଙ୍ଗଳବାର ସେମିଫାଇନାଲରେ ଡିଫେଣ୍ଡର ମ୍ୟାଟ୍ସ ହମେଲ୍ସ ୫୦ ତମ ମିନିଟରେ ଏକମାତ୍ର ଗୋଲ ସ୍କୋର କରିଥିଲେ। ଜୁଲିଆନ୍ ବ୍ରାଣ୍ଟଙ୍କ କର୍ନରକୁ ହେଡର ଜରିଆରେ ଗୋଲରେ ପରିଣତ କରି ସେ ଡର୍ଟମୁଣ୍ଡକୁ ଆଗୁଆ କରିଥିଲେ। ଉଭୟ ଚରଣର ସେମିଫାଇନାଲରେ ପିଏସ୍‌ଜି ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ପ୍ରଥମ ଚରଣରେ ଦଳ ୫୮ ପ୍ରତିଶତ ସମୟ ବଲ ନିୟନ୍ତ୍ରଣରେ ରଖିଥିବା ବେଳେ ଦ୍ୱିତୀୟ ଚରଣରେ ୭୦ ପ୍ରତିଶତ ସମୟ ବଲ୍ ନିୟନ୍ତ୍ରଣରେ ରଖିଥିଲା।

# ଫ୍ରାନ୍ସରେ ପହଞ୍ଚିଲା ଅଲିମ୍ପିକ ମଶାଲ

**ମାର୍ସେଲେ, ୮।୫(ପି.ଟି.)**

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ର ଅଲିମ୍ପିକ୍ସ ମଶାଲ ଶେଷରେ ଫ୍ରାନ୍ସରେ ପ୍ରବେଶ କରିଛି। ବୁଧବାର ଫ୍ରାନ୍ସର ଦକ୍ଷିଣ ପଟରେ ଥିବା ମାର୍ସେଲେରେ ଏହି ମଶାଲ ପ୍ରବେଶ କରିଥିବା ବେଳେ ଫ୍ୟାନ୍‌ଙ୍କ ପକ୍ଷରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏପ୍ରିଲ ୧୬ ତାରିଖରେ ଦକ୍ଷିଣ ଗ୍ରୀସ୍‌ର ଏଥେନ୍ସରେ ଥିବା ପୁରାତନ ଗେମ୍ସ ଭେନ୍ୟୁରେ ମଶାଲରେ ଅଗ୍ନି ସଂଯୋଗ କରାଯାଇଥିଲା। ଏହାପରେ ବେଲେମ ନାମକ ଜାହାଜରେ ଏହାକୁ ପ୍ୟାରିସ୍ ଅଭିମୁଖେ ପ୍ରେରଣ କରାଯାଇଥିଲା। ୧୦୦୦ ନୌକା ସହ ପରେଡ୍ କରି ଏହି ଜାହାଜଟି ମାର୍ସେଲେରେ ପହଞ୍ଚିଥିଲା। ପୁରାତନ ବନ୍ଦରକୁ ଏକ ଆଥ୍‌ଲେଟିକ୍ସ ଟ୍ରାକ ପରି ସଜା ଯାଇଥିବା ବେଳେ ମଶାଲକୁ ସ୍ୱାଗତ କରାଯାଇଥିଲା। ଫ୍ରାନ୍ସ ଏୟାର ଫୋର୍ସର ବିମାନ ଦ୍ୱାରା ବିଭିନ୍ନ ଆକ୍ରୋବାଟିକ୍ କୌଶଳ ମଧ୍ୟ ପ୍ରଦର୍ଶନ କରାଯାଇଥିଲା। ଅଲିମ୍ପିକ୍ସ ମଶାଲ ସ୍ୱାଗତ କାର୍ଯ୍ୟକ୍ରମକୁ ଆହୁରି ସ୍ମରଣୀୟ କରାଯିବ ବୋଲି ଆୟୋଜକ କମିଟି ସଭାପତି ଟୋନି ଏଷ୍ଟାନଗୁଏଟ କହିଛନ୍ତି। ପୂର୍ବତନ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ଟୋନି ଏଷ୍ଟାନଗୁଏଟ ଅଲିମ୍ପିକ୍ସ ପୂର୍ବରୁ ଏଭଳି କାର୍ଯ୍ୟକ୍ରମର ଗୁରୁତ୍ୱ ସମ୍ପର୍କରେ ବର୍ଣ୍ଣନା କରିଛନ୍ତି। ୨୦୦୦, ୨୦୦୪ ଓ ୨୦୧୨ରେ କାନୋଇଂରେ ୩ ସ୍ୱର୍ଣ୍ଣ ଜିତିଥିବା ଟୋନି ମାର୍ସେଲେ ସହରକୁ ବାଛିବା ସମ୍ପର୍କରେ ମଧ୍ୟ କହିଛନ୍ତି। ମାର୍ସେଲେ ସହରର ଲୋକଙ୍କ କ୍ରୀଡା ପ୍ରତି ରହିଥିବା ଭଲ ପାଇବା କାରଣରୁ ଆୟୋଜକ କମିଟି ଏହି ନିଷ୍ପତ୍ତି ନେଇଥିବା ସେ କହିଛନ୍ତି। ଏହା ଫ୍ରାନ୍ସର ଦ୍ୱିତୀୟ ବୃହତ୍ ସହର ହୋଇଥିବା ବେଳେ ଏଠାକୁ ଆସିଥିବା ପର୍ଯ୍ୟଟକ ତଥା ସ୍ଥାନୀୟ ବାସିନ୍ଦାଙ୍କ ସୁରକ୍ଷା ପାଇଁ


ମାର୍ସେଲେ ବନ୍ଦରରେ ଅଲିମ୍ପିକ୍ ମଶାଲ ପହଞ୍ଚିବା ପରେ ଉପସ୍ଥିତ ଦର୍ଶକଙ୍କ ଆନନ୍ଦ ଉଲ୍ଲାସ।

**ଉଚ୍ଛ୍ୱସିତ ସ୍ୱାଗତ କଲେ ପ୍ରଶଂସକ**

ପ୍ରଶାସନ ତତ୍ପର ରହିଛି। ମଶାଲ ପହଞ୍ଚିବା ସମୟରେ ୧୦ ହଜାରରୁ ଅଧିକ ଦର୍ଶକ ଉପସ୍ଥିତ ଥିବା ବେଳେ ସୁରକ୍ଷା ଦାୟିତ୍ୱରେ ୮ ହଜାର ସୁରକ୍ଷା କର୍ମୀ ନିୟୋଜିତ ହୋଇଛନ୍ତି। ଗୁରୁବାର ମଶାଲ ବାହକମାନେ ମାର୍ସେଲେ ସହରରେ ଏହାର ପରିକ୍ରମା କରାଇବେ। ମାର୍ସେଲେର ଫୁଟବଲ ଫ୍ୟାନଙ୍କ ପାଇଁ ଦ ଫେମ୍‌ଡ ଷ୍ଟେଡ ଭେଲୋଡ୍ରୋମର ଛାତ ଉପରେ ଏହାକୁ ସ୍ଥାନ ଦିଆଯିବ। ମାର୍ସେଲେ ଛାଡିବା ପରେ ବିଭିନ୍ନ ସ୍ଥାନ ଦେଇ ଶେଷରେ ଜୁଲାଇ ୨୭ରେ ଏହା ପ୍ୟାରିସ୍‌ରେ ପହଞ୍ଚିବ।

ମାର୍ସେଲେ ପାଇଁ ଏହା ଏକ ଐତିହାସିକ ଦିନ ବୋଲି ଏହାର ଡେପୁଟି ମେୟର ୟାନିକ୍ ଓହାନେସିଆନ୍ ପ୍ରକାଶ କରିଛନ୍ତି। ଏପରିକି ସହରରେ ମଧ୍ୟ ଏହାକୁ ନେଇ ଏକ ଭିନ୍ନ ମାହୋଲ ରହିଛି। ମାର୍ସେଲେ ଅଲିମ୍ପିକ୍ସ ମଶାଲକୁ ସ୍ୱାଗତ କରୁଥିବାରୁ ଗର୍ବିତ ଲେଖାଥିବା ଟି ଶାର୍ଟ ପିନ୍ଧି ପର୍ଯ୍ୟଟକଙ୍କ ମନୋରଞ୍ଜନ ମଧ୍ୟ କରାଯାଉଛି। ଫ୍ରାନ୍ସର କ୍ରୀଡାମନ୍ତ୍ରୀ ଆମେଲି ଔଡି କାଷ୍ଟେରା ଏହି ମୁହୂର୍ତ୍ତକୁ ଗର୍ବର ସମୟ ବୋଲି କହିଛନ୍ତି। ବର୍ଷାଧିକ ସମୟର ପ୍ରସ୍ତୁତି ପରେ ପ୍ୟାରିସ୍ ଏଭଳି ଏକ ବୃହତ୍ ଟୁର୍ନାମେଣ୍ଟ ଆୟୋଜନ କରିବାକୁ ଯାଉଛି। କ୍ରୀଡା ମାଧ୍ୟମରେ ଆମେ ବିଶ୍ୱକୁ ଶାନ୍ତିର ବାର୍ତ୍ତା ଦେବାକୁ ଯାଉଛୁ ବୋଲି କହିଛନ୍ତି ଆମେଲି ଔଡି କାଷ୍ଟେରା। ଅଲିମ୍ପିକ୍ସ ସନ୍ତରଣକାରୀ ଫ୍ଲୋରେଣ୍ଟ ମାନାଉଡୋଉ ପ୍ରଥମ ମଶାଲ ବାହକ ଭାବରେ ମନୋନୀତ ହୋଇଛନ୍ତି। ପୁରାତନ ବନ୍ଦରରେ ଦେଢ ଲକ୍ଷ ଲୋକେଙ୍କ ଉପସ୍ଥିତିରେ ଗୁରୁବାର ମଶାଲ ଯାତ୍ରା କରାଯିବ ବୋଲି ମେୟର ବେନୋଟ ପୟାନ କହିଛନ୍ତି।

# ୧୦ ଉଇକେଟରେ ଜିତିଲା ସନ୍‌ରାଇଜର୍ସ


ଉଇକେଟ ନେବା ପରେ ଭୁବନେଶ୍ୱର କୁମାରଙ୍କୁ ସନ୍‌ଭୀର ସିଂଙ୍କ ବଧେଇ।


ଶତକୀୟ ଭାଗୀଦାରି ଅବସରରେ ଶଟ୍ ଖେଳୁଛନ୍ତି ଟ୍ରାଭିସ୍ ହେଡ୍।


ଅର୍ଦ୍ଧଶତକ ପରେ ଅଭିଷେକ ଶର୍ମା।

- ଟ୍ରାଭିସ ହେଡ୍ ଓ ଅଭିଷେକ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ
- ମାତ୍ର ୯.୪ ଓଭରରେ ଖେଳ ଶେଷ

**ହାଇଦ୍ରାବାଦ, ୮।୫**

ଟାର୍ଗେଟ ଥିଲା ୧୬୬ ରନ। ଲକ୍ଷ୍ନୌ ସୁପର ଜାଏଣ୍ଟ ଯେପରି ବ୍ୟାଟିଂ କରିଥିଲା ପିଚ୍ ସ୍ଲୋ ଥିବା ପ୍ରତୀୟମାନ ହେଉଥିଲା। ମାତ୍ର ସିଂହ ପରାକ୍ରମରେ ଲକ୍ଷ୍ନୌ ବୋଲରଙ୍କ ଉପରେ ଝାମ୍ପି ପଡ଼ିଲେ ସନ୍‌ରାଇଜର୍ସ ହାଇଦ୍ରାବାଦର ଦୁଇ ଓପନର ଟ୍ରାଭିସ ହେଡ୍ ଓ ଅଭିଷେକ ଶର୍ମା। ବିଜୟ ଲକ୍ଷ୍ୟ ହାସଲ ପାଇଁ ମାତ୍ର ୪୫ ମିନିଟରୁ କମ୍ ସମୟ ଓ ୯.୪ ଓଭରର ସହାୟତା ନେଲେ। ଦୁହେଁ ଅପରାଜିତ ରହିବା ସହ ମାତ୍ର ୫୮ ବଲ୍‌ରୁ ଗଢ଼ିଲେ ୧୬୭ ରନର ପାର୍ଟନରଶିପ୍। ଅର୍ଥାତ୍ ଦ୍ୱିତୀୟ ପାୱାରପ୍ଲେ ଆସିବା ପୂର୍ବରୁ ଖେଳ ଖତମ। ହେଡ୍ ୩୦ ବଲ୍‌ରୁ ୮ଟି ଲେଖାଏ ଚୌକା ଓ ଛକା ସହାୟତାରେ ୮୯ ଓ ଅଭିଷେକ ୨୮ ବଲ୍‌ରୁ ୮ ଚୌକା ଓ ୬ ଛକା ସହିତ ୭୫ ରନରେ ଅପରାଜିତ ରହି ଦଳକୁ ଏକ ଚମତ୍କାର ବିଜୟ ଭେଟିଦେଲେ। ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ବୁଧବାର ଏପରି ଏକ ଚିତାକର୍ଷକ ମ୍ୟାଚ ଦେଖିବାକୁ ମିଳିଥିଲା। ଏହି ବିଜୟ ସହ ସନ୍‌ରାଇଜର୍ସ କେବଳ ୨ ପଏଣ୍ଟ ପାଇନାହିଁ ରନ୍ ହାରରେ ଅବିଶ୍ୱସନୀୟ ଉନ୍ନତି ଆଣିଛି। ଫଳରେ ଦଳ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି।

ଟସ୍ ଜିତି ଲକ୍ଷ୍ନୌ ଦଳର ଅଧିନାୟକ ଲୋକେଶ ରାହୁଲ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ମାତ୍ର ପିଚ୍ ଆରମ୍ଭରେ ବ୍ୟାଟରଙ୍କୁ ଆଦୌ ସହାୟକ ହୋଇ ନ ଥିଲା। ଶୀଘ୍ର ୨ଟି ଉଇକେଟର ପତନ ମଧ୍ୟ ଲକ୍ଷ୍ନୌକୁ ବ୍ୟାକ୍‌ଫୁଟରେ ରଖିଥିଲା। ପିଚ୍‌ରୁ ସମ୍ପୂର୍ଣ୍ଣ ଫାଇଦା ଉଠାଇଥିଲେ ଭୁବନେଶ୍ୱର କୁମାର। ସେ ଇନିଂସ ଏବଂ ନିଜ ପ୍ରଥମ ଓଭରରେ ମାତ୍ର ୩ ରନ ଦେଇଥିବା ଭୁବନେଶ୍ୱର ଦ୍ୱିତୀୟ ଓଭରର ପ୍ରଥମ ବଲ୍‌ରେ କ୍ୱିଣ୍ଟନ ଡି'କକ୍‌ଙ୍କୁ ଆଉଟ୍ କରି ଲକ୍ଷ୍ନୌକୁ ପ୍ରଥମ ଝଟ୍‌କା ଦେଇଥିଲେ। କେବଳ ସେତିକି ନୁହେଁ ନିଜ ତୃତୀୟ ଓଭରର ଦ୍ୱିତୀୟ ବଲ୍‌ରେ ସେ ଫର୍ମରେ ଥିବା ମାର୍କୁସ ଷ୍ଟୋଇନିସଙ୍କୁ ପ୍ୟାଭିଲିୟନ ପଠାଇ ଲକ୍ଷ୍ନୌ ଶିବିରରେ ନୈରାଶ୍ୟ ଖେଳାଇ ଦେଇଥିଲେ। ଡି'କକ୍ ୨ ଓ ଷ୍ଟୋଇନିସ ୩ ରନ କରିଥିଲେ। ଧିମା ଖେଳିଥିବା ରାହୁଲ ୩୩ ବଲ୍‌ରୁ ୨୯ ରନ କରିଥିବାବେଳେ ପ୍ୟାଟ୍ କୁମିନ୍ସଙ୍କ ବଲ୍‌ରେ ଆଉଟ ହେବାରୁ ଲକ୍ଷ୍ନୌର ବଡ଼ ସ୍କୋର ଆଶା ମଉଳି ଯାଇଥିଲା। ଲକ୍ଷ୍ନୌ ପ୍ରଥମ ୧୦ ଓଭରରେ ୩ ଉଇକେଟ ହରାଇ ୫୭ ରନ କରିବାକୁ ସକ୍ଷମ ହୋଇଥିଲା। ମଧ୍ୟଭାଗରେ କୃନାଲ ପାଣ୍ଡ୍ୟା ସେଟ୍ ହୋଇ ଆସୁଥିବାବେଳେ ଦୁର୍ଭାଗ୍ୟଜନକଭାବେ ରନ୍‌ଆଉଟ ହୋଇଥିଲେ। ସେ ୨୧ ବଲ୍‌ରୁ ୨୪ (୨ ଛକା) ରନ କରିଥିଲେ। ନିକୋଲସ ପୁରନ ଓ ଆୟୁଷ ବଦୋନୀ ଦ୍ରୁତ ହାରରେ ରନ ସଂଗ୍ରହ କରିବାରୁ ଲକ୍ଷ୍ନୌ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚି ପାରିଥିଲା। ଦୁହେଁ ଅସମାପ୍ତ ୫ମ ଉଇକେଟରେ ୫୨ ବଲ୍‌ରୁ ୯୯ ରନ ସଂଗ୍ରହ କରିଥିଲେ। ପୁରନ ୨୬ ବଲ୍‌ରୁ ୪୮ (୬ ଚୌକା, ୧ ଛକା) ଓ ବଦୋନୀ ୩୦ ବଲ୍‌ରୁ ୫୫ (୯ ଚୌକା) ରନକରି ଅପରାଜିତ ରହିଥିଲେ। ଫଳରେ ଶେଷ ୧୦ ଓଭରରେ ଲକ୍ଷ୍ନୌ ୧ ଉଇକେଟ ହରାଇ ୧୦୮ ରନ କରି ପାରିଥିଲା। ସନ୍‌ରାଇଜର୍ସ ବୋଲରଙ୍କ ମଧ୍ୟରେ ଭୁବନେଶ୍ୱର ଅତି ଚମତ୍କାର ବୋଲିଂ କରିଥିଲେ। ତାଙ୍କ ବୋଲିଂ ଫିଗର ଥିଲା ୪-୦-୧୨-୨।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ ୨୦ ଓଭରରେ ୧୬୫/୪ (ଆୟୁଷ ବଦୋନୀ-୫୫*, ନିକୋଲସ ପୁରନ-୪୮*, ଲୋକେଶ ରାହୁଲ-୨୯, ଭୁବନେଶ୍ୱର କୁମାର-୨/୧୨, ପ୍ୟାଟ୍ କୁମିନ୍ସ-୧/୪୭)। ସନ୍‌ରାଇଜର୍ସ ହାଇଦ୍ରାବାଦ ୯.୪ ଓଭରରେ ୧୬୭/୦ (ଟ୍ରାଭିସ ହେଡ୍-୮୯*, ଅଭିଷେକ ଶର୍ମା-୭୫*)।

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ)
ପଞ୍ଜାବ ବନାମ ବେଙ୍ଗାଲୁରୁ
ସ୍ଥାନ: ଧର୍ମଶାଳା
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ଆଇପିଏଲ୍ ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| କୋଲକାତା ନାଇଟ ରାଇଡର୍ସ | ୧୧ | ୮ | ୩ | ୧୬ | +୧.୪୫୩ |
| ରାଜସ୍ଥାନ ରୟାଲ୍ସ | ୧୧ | ୮ | ୩ | ୧୬ | +୦.୪୭୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୨ | ୭ | ୫ | ୧୪ | +୦.୪୦୬ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୧ | ୬ | ୫ | ୧୨ | +୦.୭୦୦ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୨ | ୬ | ୬ | ୧୨ | -୦.୩୧୬ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୨ | ୬ | ୬ | ୧୨ | -୦.୭୬୯ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୧ | ୪ | ୭ | ୮ | -୦.୦୪୯ |
| ପଞ୍ଜାବ କିଙ୍ଗ୍ସ | ୧୧ | ୪ | ୭ | ୮ | -୦.୧୮୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୪ | ୮ | ୮ | -୦.୨୧୨ |
| ଗୁଜରାଟ ଟାଇଟନ୍ସ | ୧୧ | ୪ | ୭ | ୮ | -୧.୩୨୦ |

# ଗୌରୀ କାର୍ଯ୍ୟକାରିଣୀ ସଦସ୍ୟ ମନୋନୀତ

**ଭୁବନେଶ୍ୱର, ୮।୫ (ତପନ ସ୍ୱାଇଁ)**

**ଜାତୀୟ କରାଟେ ସଂଘ ନିର୍ବାଚନ**



ଡେରାଡୁନଠାରେ ଜାତୀୟ କରାଟେ ସଂଘ (କରାଟେ ଇଣ୍ଡିଆ ଅର୍ଗାନାଇଜେଶନ)ର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜ୍ୟ କରାଟେ ସଂଘର ସାଧାରଣ ସମ୍ପାଦକ ଗୌରୀ ମହାନ୍ତି କାର୍ଯ୍ୟକାରିଣୀ ସଦସ୍ୟଭାବେ ମନୋନୀତ ହୋଇଛନ୍ତି। ମୋଟ ୩୪ଟି ରାଜ୍ୟ ସଂଘ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନେଇ ଗଠିତ କରାଟେ ଇଣ୍ଡିଆ ଅର୍ଗାନାଇଜେଶନର ଏହି ନିର୍ବାଚନରେ ମୋଟ ୧୨ ସଦସ୍ୟ ନିର୍ବାଚିତ ହୋଇଛନ୍ତି। ହାନ୍‌ସି ଭରତ ଶର୍ମା ସଭାପତି, ସିହାନ ସଞ୍ଜୀବ ଜାଙ୍ଗରା ସମ୍ପାଦକ ଓ ମୁଟୁମ୍ ବଙ୍କିମ କୋଷାଧ୍ୟକ୍ଷ ନିର୍ବାଚିତ ହୋଇଥିବାବେଳେ ମହେଶ ଗୌଡ଼ା, ଜୟ ପକାଶ ଓ କଲପେଶ ମକ୍ୱାନା ଉପସଭାପତି ହୋଇଛନ୍ତି। କିର୍ତ୍ତନ ଗୁନ୍ଦୁରୁ, ଯଶପାଲ ସିଂ ଓ ନଗେନ ବେଙ୍ଗରାଙ୍ଗ ସହ ସମ୍ପାଦକ ଏବଂ ଗୌରୀ ମହାନ୍ତି, ସନ୍ଦିପ ଗାଡ଼େ ଓ ଆମ୍ବେଦକର ଗୁପ୍ତା କାର୍ଯ୍ୟକାରୀ ସଦସ୍ୟଭାବେ ନିର୍ବାଚିତ ହୋଇଛନ୍ତି। ଜାତୀୟ କରାଟେ ସଂଘ ଇତିହାସରେ ଗୌରୀ ପ୍ରଥମ ମହିଳା ସଦସ୍ୟ ଅଟନ୍ତି। ଗୌରୀ ଜାଣେ ଜାତୀୟ କରାଟେ ଚାମ୍ପିୟନ ଏବଂ ରାଇଫଲ୍ ଶୁଟିଂରେ ଜାତୀୟ ପ୍ରତିଯୋଗିତା ଓ ଜାତୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିଛନ୍ତି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ 50 Years
ପୃଷ୍ଠା–୮+୮
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ମେ ୯/୨୦୨୪ (୮+୮=୧୬ ପୃଷ୍ଠା) | Bhubaneswar, Thursday, May 9/2024 | Page 16 | ₹ 7.00 | SAMBALPUR







# ନବରଙ୍ଗପୁରରେ ରୁବେଲା ଆତଙ୍କ

ନବରଙ୍ଗପୁର,୮।୫
(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାରେ ଦେଖାଦେଇଛି ରୁବେଲା ଆତଙ୍କ। ଜିଲାର ନନ୍ଦାହାଣ୍ଡି ବ୍ଲକ ପଡ଼ାଲଗୁଡ଼ା ପଞ୍ଚାୟତ ପଣସପଦରଗୁଡ଼ାରେ ୨ ଶିଶୁ ରୁବେଲା ଭାଇରସ୍‌ରେ ସଂକ୍ରମଣ ହୋଇଥିବା ଚିହ୍ନଟ ହୋଇଛନ୍ତି। ଗତ ୨୯ ତାରିଖରେ ୫ଜଣଙ୍କ ସାମ୍ପୁଲ ନିଆଯାଇଥିବା ବେଳେ ୨ ଜଣ ପଜିଟିଭ ଚିହ୍ନଟ ହୋଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛନ୍ତି। ସଂକ୍ରମିତ ହୋଇଥିବା ୨ ରୋଗୀଙ୍କୁ ବର୍ତ୍ତମାନ ସଙ୍ଗରୋଧ କରାଯାଇଛି। ୨୧ ଦିନ ପର୍ଯ୍ୟନ୍ତ ମେଡିକାଲ ଟିମ୍ ଅନୁଧ୍ୟାନ କରିବେ। ବର୍ତ୍ତମାନ ସେମାନଙ୍କୁ ଆଣ୍ଟିବାୟୋଟିକ୍ ଓ ଭିଟାମିନ ଆଦି ସେବନ କରିବାକୁ ଦିଆଯାଇଛି ବୋଲି ଭାରପ୍ରାପ୍ତ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ମଳୟ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ଗାଁରେ ଆଉ ୩ ଜଣଙ୍କ ପାଖରେ ଏହି ଲକ୍ଷଣ ଥିବା ଜଣାପଡିବା ପରେ ସେମାନଙ୍କୁ ମଧ୍ୟ ଔଷଧ ସେବନ କରିବାକୁ ଦିଆଯାଇଛି। ଏହାପରେ ଡବ୍ଲ୍ୟୁଏଚ୍‌ଓ ଏସ୍.ଏମ୍. ଓ ମୌସମ ମୋନା , ସ୍ୱାସ୍ଥ୍ୟ ଅଧିକାରୀ ମଳୟ କୁମାର ତ୍ରିପାଠୀ, ମାଇକ୍ରୋ ବାୟୋଲୋଜିଷ୍ଟ ରାଜ ଦତ୍ତ, ଏପିଡେମୋଲୋଜିଷ୍ଟ ଈର୍ଷାଦ୍ ଅହମ୍ମଦ ଖାନ, ନନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଶିବାନନ୍ଦ ବିଶୋଇ ଓ ମେଡ଼ିକାଲ ଟିମ୍ ଉକ୍ତ ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି।

ଭାରପ୍ରାପ୍ତ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ତ୍ରିପାଠୀଙ୍କ ସୂଚନା ଅନୁଯାୟୀ, ପଣସପଦରଗୁଡ଼ା ଗ୍ରାମର ୫ଜଣଙ୍କ ନିକଟରେ ରୁବେଲା ରୋଗର ଲକ୍ଷଣ ଦେଖାଯାଇଥିଲା। ଏଏନ୍‌ଏମ୍ ଗୁଞ୍ଜନ ପଟ୍ଟନାୟକ ଏ ସମ୍ପର୍କରେ ଖବରପାଇ ଗତ ୨୬ ତାରିଖରେ ଗାଁକୁ ଯାଇଥିଲେ। ସେମାନଙ୍କ ନିକଟରେ ଜ୍ୱର ଓ ମିଳିମିଳା ଭଳି ଲକ୍ଷଣ ଥିବାରୁ ସେ ନନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଜଣାଇଥିଲେ। ଗତ ୨୯ତାରିଖରେ ୫ ଜଣଙ୍କର ରକ୍ତ ନମୁନା ସଂଗ୍ରହକରି ଭୁବନେଶ୍ୱର ଆର୍‌ଏମ୍‌ଆର୍‌ସି ଲାବ୍‌କୁ ପଠାଯାଇଥିଲା। ସେଥିରୁ ୨ଜଣ ଶିଶୁ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନେ ହେଲେ ନନ୍ଦାହାଣ୍ଡି ବ୍ଲକ ପଡ଼ାଲଗୁଡ଼ା ପଣସପଦରଗୁଡ଼ା ଗାଁର ୭ ବର୍ଷର ଶିଶୁ କପିଳାସ ମାଝି ଓ ଅନ୍ୟ ଜଣେ ୧ ବର୍ଷ ୧୦ ମାସର ବର୍ଷର ତ୍ରିପତି ମାଝି।

## ୨ ରୋଗୀ ଚିହ୍ନଟ, ସ୍ଥିତି ଅନୁଧ୍ୟାନକଲା ଡବ୍ଲ୍ୟୁଏଚ୍‌ଓ ଟିମ୍

ଏହା ଏକ ଭୂତାଣୁଜନିତ ରୋଗ ହୋଇଥିବାରୁ ବାୟୁମଣ୍ଡଳରେ ବ୍ୟାପିଥାଏ। ରୁବେଲା ଭାଇରସ୍‌ରେ ସଂକ୍ରମଣ ହେଲେ ରୋଗୀଙ୍କୁ ଜ୍ୱର ହେବା ସହ ମିଳିମିଳା ଭଳି ଲକ୍ଷଣ ଦେଖାଦିଏ ବୋଲି ଡବ୍ଲ୍ୟୁଏଚ୍‌ଓର ଅଧିକାରୀ ଏସ୍‌ଏମ୍‌ଓ ମୌସମ କହିଛନ୍ତି। କିଛିଦିନ ପୂର୍ବେ ଗାଁ ନିକଟରେ ବାଲିଯାତ୍ରା ଅନୁଷ୍ଠିତ ହୋଇଥିଲା। ସେଠାକୁ ଗ୍ରାମର ବହୁ ଲୋକ ଯାଇଥିଲେ। ଭିଡ଼ ମଧ୍ୟରେ ଅନ୍ୟ କାହାଠାରୁ ଏହି ସଂକ୍ରମଣ ଆସିଥାଇପାରେ ବୋଲି ଡାକ୍ତାରୀ ଟିମ୍ ସନ୍ଦେହ କରିଛନ୍ତି। ବର୍ତ୍ତମାନ ରୁବେଲାର ସ୍ଥିତି ଯାଞ୍ଚ ପାଇଁ ଡବ୍ଲ୍ୟୁଏଚ୍‌ଓ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ ଟିମ୍ ପଡାଲଗୁଡା ଗ୍ରାମକୁ ଯାଇ ସ୍ଥିତି ଯାଞ୍ଚକରି ସଂକ୍ରମଣ ହୋଇଥିବା ସନ୍ଦେହ କରୁଥିବା ଶିଶୁ ଓ ବ୍ୟକ୍ତିଙ୍କ ନମୁନା ନେଇଛନ୍ତି।


କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ଅଧୀନ ଉଖୁଣ୍ଡା ଅଞ୍ଚଳର ମହିଳାମାନେ ବୁଧବାର ଜାଳେଣି ପାଇଁ ଜଙ୍ଗଲରୁ ପତ୍ର ସଂଗ୍ରହ କରି ଫେରୁଛନ୍ତି। **(ଫଟୋ: ନରେଶ ପଟ୍ଟନାୟକ)**

# ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ୧୦୦ ବିମାନ ରଦ୍ଦ

ନୂଆଦିଲ୍ଲୀ/କୋଚି,୮।୫

## କ୍ରିଉ ଅସନ୍ତୋଷରୁ ଅଚଳାବସ୍ଥା




ଟାଟା ଗ୍ରୁପ୍ ଦ୍ୱାରା ପରିଚାଳିତ ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର କର୍ମଚାରୀଙ୍କ ମଧ୍ୟରେ ପୁଞ୍ଜିଭୂତ ଅସନ୍ତୋଷ ଯୋଗୁ ଏହି ଘରୋଇ ବିମାନ ଚଳାଚଳ କମ୍ପାନୀରେ ବଡ଼ ବିଭ୍ରାଟ ଦେଖାଦେଇଛି। ନିଯୁକ୍ତିରେ ଅସୁରକ୍ଷା ଭାବ, ଆଶା ମୁତାବକ ଦରମା ଓ ସିନିୟର କ୍ରିଉମାନଙ୍କୁ ସମ୍ମାନ ମିଳୁ ନ ଥିବା ଦର୍ଶାଇ ୩୦୦ରୁ ଊର୍ଦ୍ଧ୍ୱ ବରିଷ୍ଠ କର୍ମଚାରୀ କାର୍ଯ୍ୟରେ ଯୋଗ ନ ଦେଇ ମ୍ୟାନେଜ୍‌ମେଣ୍ଟ ବିରୋଧରେ ବିକ୍ଷୋଭ କରିଛନ୍ତି। ମଙ୍ଗଳବାର ରାତିରୁ ଅଦ୍ୟାବଧି ପ୍ରାୟ ୧୦୦ ବିମାନକୁ ରଦ୍ଦ କରାଯାଇଛି। ଫଳରେ ଦେଶର ବିଭିନ୍ନ ଭାଗରେ ଥିବା ଏହାର ବିମାନବନ୍ଦରଗୁଡ଼ିକରେ ଅନେକ ହଜାର ଯାତ୍ରୀ ଫସିରହିଛନ୍ତି। ଅନ୍ୟପକ୍ଷେ କ୍ରିଉମାନେ ଅସୁସ୍ଥ ଥିବା ଦର୍ଶାଇ ସାମୂହିକ ଛୁଟିରେ ଚାଲିଯିବା ପରେ ଏଭଳି ଅଚଳାବସ୍ଥା ସୃଷ୍ଟି ହୋଇଥିବା ନେଇ ବୁଧବାର କମ୍ପାନୀ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଇତିମଧ୍ୟରେ ବିକ୍ଷୋଭରତ କର୍ମଚାରୀଙ୍କୁ ମନାଇବା ପାଇଁ କମ୍ପାନୀ ସେମାନଙ୍କ ସହ ଆଲୋଚନା କରୁଥିବା ଜଣାପଡ଼ିଛି।

ଦେବାଳିଆ ଅବସ୍ଥାରେ ଥିବା ଏୟାର ଇଣ୍ଡିଆକୁ ୨୦୨୨ରେ ଟାଟା ସନ୍ସ ଅଧିଗ୍ରହଣ କରିଥିଲା। ସେବେଠୁ ଏହାର ପରିଚାଳନାରେ ତ୍ରୁଟିବିଚ୍ୟୁତି ଦେଖାଦେଇଥିଲା। କିନ୍ତୁ କର୍ମଚାରୀମାନେ ନିଜ କ୍ୟାରିୟର ଦୃଷ୍ଟିରୁ ମୁହଁ ବନ୍ଦକରି ରହିଥିଲେ। ସମୟକ୍ରମେ ନାନା ଅସୁବିଧା ବଢ଼ିବାରେ ଲାଗିଲା, ଯାହାର ସମାଧାନ ଦିଗରେ କମ୍ପାନୀ ଦୃଷ୍ଟି ଦେଲାନାହିଁ। ଫଳରେ ନିକଟରେ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ଏମ୍ପ୍ଲଇଜ୍ ୟୁନିୟନ୍ (ଏଆଇଏକ୍ସଇୟୁ) ଏୟାର ଇଣ୍ଡିଆ ଚେୟାରମ୍ୟାନ୍ ନଟରାଜନ୍ ଚନ୍ଦ୍ରଶେଖରନ୍‌ଙ୍କ ନିକଟକୁ ପତ୍ର ଲେଖି କର୍ମଚାରୀଙ୍କ ଅସନ୍ତୋଷ ଜଣାଇଥିଲା। ବରିଷ୍ଠ କ୍ରିଉମାନଙ୍କୁ ଉପଯୁକ୍ତ ଦରମା ଓ ସମ୍ମାନ ମିଳୁନାହିଁ। ସେମାନଙ୍କ ମଧ୍ୟରେ ନିଯୁକ୍ତିକୁ ନେଇ ଅସୁରକ୍ଷାଭାବ ରହିଛି। ଏପରି କି ଅଧିଗ୍ରହଣର ୨ ବର୍ଷ ମଧ୍ୟରେ କାହାକୁ ଛଟେଇ କରାଯିବ ନାହିଁ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଦେଇଥିବା ପ୍ରତିଶ୍ରୁତିକୁ ମଧ୍ୟ କମ୍ପାନୀ ପାଳନ କରୁନାହିଁ ବୋଲି ୨ ପୃଷ୍ଠା ସମ୍ବଳିତ ପତ୍ରରେ ଏଆଇଏକ୍ସଇୟୁ ଉଲ୍ଲେଖ କରିଛି।

ଅସୁସ୍ଥ ଥିବା ଦର୍ଶାଇ କ୍ରିଉମାନେ ସମୂହ ଛୁଟିରେ ଯିବା ପରେ କେରଳରୁ ସର୍ବାଧିକ ଉପସାଗରୀୟ ରାଷ୍ଟ୍ରଗୁଡ଼ିକୁ ବିମାନ ଚଳାଚଳ ରଦ୍ଦ କରାଯାଇଛି। ସେହିପରି କୋଚି, କାଲିକଟ, ଦିଲ୍ଲୀ ବିମାନବନ୍ଦରଗୁଡ଼ିକରୁ ମଧ୍ୟ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଘରୋଇ ବିମାନ ଚଳାଚଳ କ୍ଷେତ୍ରରେ ମଧ୍ୟ ଅନୁରୂପ ଅଚଳାବସ୍ଥା ଦେଖାଦେଇଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ବୁଧବାର ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌କୁ ରିପୋର୍ଟ ମାଗିବା ସହ ସମସ୍ୟାର ତତ୍କାଳ ସମାଧାନ କରିବାକୁ ପରାମର୍ଶ ଦେଇଛି। ଉଲ୍ଲେଖଯୋଗ୍ୟ, ମାର୍ଚ୍ଚ ଶେଷ ସପ୍ତାହରୁ ଏହି ବଜେଟ୍ ଏୟାରଲାଇନ୍ସର ଦୈନିକ ୩୬୦ଟି ବିମାନ ଚଳାଚଳ କରୁଥିଲା।

# ପ୍ରେମିକାପ୍ରେମିକଙ୍କୁ ଗାଁ ଦାଣ୍ଡରେ ଚଲାଇ ନିସ୍ତୁକ ମାଡ଼

ଭବାନୀପାଟଣା,୮।୫
(ଉତ୍ତମ କୁମାର ଦାଶ)

## କଳାହାଣ୍ଡିରେ କଙ୍ଗାରୁ କୋର୍ଟ

କଳାହାଣ୍ଡି ଜିଲାରେ କଙ୍ଗାରୁ କୋର୍ଟ ଭଳି ଏକ ଘଟଣା ଦେଖିବାକୁ ମିଳିଛି। ବିବାହିତା ପ୍ରେମିକାଙ୍କୁ ଜଣେ ବିବାହିତ ପ୍ରେମିକ ରାତିରେ ଭେଟିବାକୁ ଯାଇଥିବାବେଳେ ପରିବାର ଲୋକଙ୍କ ହାତରେ ଧରାପଡିଥିଲେ। ଏହାପରେ ସେମାନେ ପ୍ରେମିକାପ୍ରେମିକଙ୍କୁ ଦଉଡିରେ ବାନ୍ଧି ଗାଁ ଦାଣ୍ଡରେ ଚଲାଇ ନିସ୍ତୁକ ମାଡ଼ ମାରୁଥିବା ଭିଡ଼ିଓ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ମିଳିଥିବା ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲା ଧର୍ମଗଡ ଥାନା ଅଞ୍ଚଳର ବିବାହିତ ମହିଳା ନିଜ ସ୍ୱାମୀ ନ ଥିବାବେଳେ ଶାଶୁ, ଶ୍ୱଶୁରଙ୍କ ସହ ରହନ୍ତି। ଗତ ସୋମବାର ରାତିରେ ଜୁନାଗଡ଼ ଥାନା ଅଞ୍ଚଳର ଜଣେ ବିବାହିତ ଯୁବକ ମହିଳାଙ୍କ ଘରେ ପଶିଥିଲେ। ଏହା ଜାଣିବା ପରେ ମହିଳାଙ୍କ ଶାଶୁ ଓ ଶ୍ୱଶୁର ପ୍ରଥମେ ଘର କବାଟ ବନ୍ଦ କରିଦେଇଥିଲେ। ଏହାପରେ ମଙ୍ଗଳବାର ସକାଳୁ ମହିଳାଙ୍କ ସ୍ୱାମୀଙ୍କ ସମ୍ପର୍କୀୟ ଲୋକ ଉଭୟଙ୍କୁ ବାନ୍ଧି ନିସ୍ତୁକ ମାଡ଼ ମାରି ଗାଁ ରାସ୍ତାରେ ବୁଲାଇବା ଭଳି ଘଟଣା ଏକ ଭିଡ଼ିଓରେ ଦେଖିବାକୁ ମିଳିଛି। ଏ ନେଇ ଧର୍ମଗଡ ଥାନାରେ ମହିଳାଙ୍କ ପକ୍ଷରୁ ଏକ ଲିଖିତ ଏତଲା ଦିଆଯାଇଛି। ପୋଲିସ ଏକ ମାମଲା (ନଂ.୧୪୦/୨୪) ରୁଜୁ କରି ଘଟଣାର ତଦନ୍ତ କରୁଥିବା ଧର୍ମଗଡ ଥାନା ଅଧିକାରୀ ଦାମୋଦର ବିହାରି ପ୍ରକାଶ କରିଛନ୍ତି।

# ୧୨ ଯାଏ କାଳବୈଶାଖୀ ବର୍ଷା

ଭୁବନେଶ୍ୱର, ୮।୫(ଅସମାପିକା ସାହୁ)

ରାଜ୍ୟରେ ଗୋଟିଏ ଦିନର ବ୍ରେକ୍ ପରେ ପୁଣି ୪୦ ଡିଗ୍ରୀ ଛୁଇଁଛି ପାରଦ। ବୁଧବାର ନୂଆପଡ଼ା ଏବଂ ବଲାଙ୍ଗୀରରେ ସର୍ବାଧିକ ଦିନ ତାପମାତ୍ରା ୪୦ ଡିଗ୍ରୀ ରେକର୍ଡ କରାଯାଇଛି। ତେବେ କାଳବୈଶାଖୀ ଯୋଗୁ ବିଭିନ୍ନ ସ୍ଥାନରେ ବର୍ଷା ହୋଇଥିବା ଦେଖାଯାଇଛି। କେନ୍ଦ୍ରାପଡ଼ାରେ ସର୍ବାଧିକ ୪୨ ମିମି ବର୍ଷା ହୋଇଥିବାବେଳେ ଚାନ୍ଦବାଲିରେ ୧୫, କେନ୍ଦୁଝରଗଡ଼ ୮.୨ ଓ ଭୁବନେଶ୍ୱରରେ ୪.୨ ମିମି ବର୍ଷା ହୋଇଛି। ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଏହିଭଳି କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ବର୍ଷା ସହିତ ଘଣ୍ଟାପ୍ରତି ୩୦ ରୁ ୪୦କିମି ବେଗରେ ବହିବାର ସମ୍ଭାବନା ରହିଛି। ଏଥିପାଇଁ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଗୁରୁବାର ମୟୂରଭଞ୍ଜ, ଢେଙ୍କାନାଳ, ଯାଜପୁର, ଅନୁଗୋଳ ଏବଂ ବାଲେଶ୍ୱରରେ ପ୍ରବଳ ବର୍ଷା ହେବ।

# ବିବାହ ବାର୍ଷିକୀରେ ଅଧା ରହିଗଲା ଜଗା ଦର୍ଶନ

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା)/ ଅମରପାଲି,୮।୫(ପୀତାମ୍ବର ସାହୁ)

## ପଳାଶୁଣୀରେ ଦମ୍ପତିଙ୍କୁ ଚାପିଦେଲା ଟ୍ରକ୍


ଉମେଶ ପ୍ରସାଦ ପାଣିଗ୍ରାହୀ ଓ ସ୍ତ୍ରୀ ନଳିନୀ ପାଣିଗ୍ରାହୀ

ଅଧା ରହିଗଲା ବିବାହ ବାର୍ଷିକୀ ପାଳନ। ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରି ଆଶୀର୍ବାଦ ନେବା ପୂର୍ବରୁ ସାଥିହୋଇ ଆରପାରିକୁ ଚାଲିଛନ୍ତି ବୃଦ୍ଧ ଦମ୍ପତି। ଭୁବନେଶ୍ୱରରେ ହାତଧରାଧରି ହୋଇ ରାସ୍ତାପାର ହେଉଥିବାବେଳେ ଟ୍ରକ୍ ମାଡ଼ିଯିବାରୁ ସେମାନଙ୍କର ମୃତ୍ୟୁ ଘଟିଛି। ବୁଧବାର ଭୋର୍ ସମୟରେ ୧୬ ନମ୍ବର ଜାତୀୟ ରାଜପଥର ପଳାଶୁଣୀ ଛକରେ ଏହି ଦୁଃଖଦ ଘଟଣା ଘଟିଛି। ମୃତ ଦମ୍ପତି ହେଲେ ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଆନନ୍ଦପୁର ଗାଁର ଉମେଶ ପ୍ରସାଦ ପାଣିଗ୍ରାହୀ (୬୬) ଓ ତାଙ୍କ ସ୍ତ୍ରୀ ନଳିନୀ ପାଣିଗ୍ରାହୀ (୬୨)। ଖବର ପାଇ ମଞ୍ଚେଶ୍ୱର ଥାନା ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଦୁଇଜଣଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ସେମାନଙ୍କ ପୁଅଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଏକ ମାମଲା (ନଂ. ୨୩୩/୨୦୨୪) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ଟି ଫେରାର ହୋଇଯାଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ଗାଡିକୁ ଚିହ୍ନଟ କରି ଧରିବା ଲାଗି ଉଦ୍ୟମ କରାଯାଉଥିବା ତଦନ୍ତକାରୀ ଅଧିକାରୀ ଗୋବର୍ଦ୍ଧନ ସାହୁ କହିଛନ୍ତି।

ସୂଚନାନୁସାରେ, ୧୯୮୫ ମସିହା ମେ ୯ରେ ଉଭୟେ ବିବାହ କରିଥିଲେ। ଦୁଇ ପୁଅ ଓ ବୋହୂଙ୍କୁ ନେଇ ଥିଲା ତାଙ୍କର ସୁଖର ସଂସାର। ଶିକ୍ଷକତା ଜୀବନରୁ ଉମେଶ ଅବସର ନେଇସାରିଥିବାବେଳେ ସେମାନଙ୍କ ଦାମ୍ପତ୍ୟ ଜୀବନ ୩୯ ବର୍ଷ ପାର କରିସାରିଥିଲା। ତେବେ ଏହି ୩୯ତମ ବିବାହ ବାର୍ଷିକୀରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାକୁ ମନସ୍ଥ କରି ଉମେଶ ଓ ନଳିନୀ ଗତ ମଙ୍ଗଳବାର ରାତିରେ ଉଲୁଣ୍ଡାରୁ ବସ୍‌ଯୋଗେ ପୁରୀ ବାହାରିଥିଲେ। ବୁଧବାର ଭୋର୍ ୫ଟା ୧୫ରେ ଭୁବନେଶ୍ୱର ପଳାଶୁଣୀ ଛକରେ ଓହ୍ଲାଇ ପୁରୀ ବସ୍ ଧରିବାକୁ ଅପରପାର୍ଶ୍ୱ (ରସୁଲଗଡ଼ ପାର୍ଶ୍ୱ)କୁ ଯାଉଥିଲେ। ଏହି ସମୟରେ ରସୁଲଗଡ଼ ଓଭରବ୍ରିଜ୍‌ରୁ କଟକ ଆଡକୁ ଦ୍ରୁତଗତିରେ ଯାଉଥିବା ଏକ ଟ୍ରକ ନଳିନୀଙ୍କୁ ଧକ୍କା ଦେଇ ଚଢ଼ିଯାଇଥିଲା। ଏହା ଦେଖି ଉମେଶ ଟ୍ରକ୍‌କୁ ଅଟକାଇବାକୁ ଚେଷ୍ଟା କରୁଥିବାବେଳେ ☞ପୃଷ୍ଠା–୬

# ୯ ମାଓବାଦୀଙ୍କ ଆତ୍ମସମର୍ପଣ


ଖବରଦାତା ସମ୍ମିଳନୀରେ ୯ ମାଓବାଦୀ ଓ ଆଇଜି ଜୟନାରାୟଣ ପଙ୍କଜ, ବୌଦ୍ଧ ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦ,ଏସ୍‌ଡିପିଓ କୁଳଦୀପ ମୀନା।

ବୌଦ୍ଧ,୮।୫(ଅଜିତ କୁମାର ବାରିକ)

ନିର୍ବାଚନ ପୂର୍ବରୁ ବୌଦ୍ଧ ପୋଲିସକୁ ବଡ଼ ସଫଳତା ମିଳିଛି। ବୁଧବାର ବୌଦ୍ଧ ପୋଲିସ ପାଖରେ ୨ ମହିଳା ଓ ୭ ଜଣ ପୁରୁଷ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏନେଇ ଜିଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦକ୍ଷିଣାଞ୍ଚଳ ଆଇଜି ଜୟନାରାୟଣ ପଙ୍କଜ ସୂଚନା ଦେଇଛନ୍ତି ।

ଆଇଜି ପଙ୍କଜ ଖବରଦାତା ସମ୍ମିଳନୀରେ କହିଥିଲେ, ଆତ୍ମସମର୍ପଣ କରିଥିବା ୨ ମହିଳା ମାଓବାଦୀ ହେଲେ ଯୋଗୀ ମାଦବୀ ଓରଫ ଜ୍ୟୋତି (୨୨) ଓ ପୋଜେ ମାଦବୀ(୨୨)। ଅନ୍ୟ ୭ ଜଣ ପୁରୁଷ ମାଓବାଦୀଙ୍କ ମଧ୍ୟରେ ଭୀମା କଡତୀ(୨୨), ଭୀମା ଭମ(୨୫), ବାନ୍ଦୀ ଭମ(୩୦), ଅରମା ରାବା(୩୦), ମାଲ୍ଲା ମାଦବୀ(୨୯), ଦେବା କଡତୀ(୨୫) ଓ ଆୟତା ମାଦବୀ(୨୬) ଅଛନ୍ତି। ଆତ୍ମସମର୍ପଣ କରିଥିବା ୨ ମହିଳା ମାଓବାଦୀଙ୍କ ମଧ୍ୟରୁ ଯୋଗୀ ଓରଫ ଜ୍ୟୋତି ୨୦୧୯ରେ ମାଓବାଦୀ ସଂଗଠନର ସଦସ୍ୟ ଭାବରେ ଯୋଗଦେବା ପରେ କେକେବିଏନ୍ ଡିଭିଜନ ୮ମ କମ୍ପାନୀର ଡିଭିଜନ କମାଣ୍ଡର ଶିଳା ଓରଫ ନାଗମଣି ଓରଫ ଲଳିତାଙ୍କ ବ୍ୟକ୍ତିଗତ ସୁରକ୍ଷା ଗାର୍ଡ ଭାବରେ କାର୍ଯ୍ୟ କରୁଥିଲେ। ସେହିପରି ଅନ୍ୟ ମହିଳା ମାଓବାଦୀ ☞ପୃଷ୍ଠା–୬

## ଘର ସମ୍ମୁଖରୁ ବାଇକ ଚୋରି

ବିନିକା,(ରାମ ଗୋପାଳ ବାଘ): ସୁବର୍ଣ୍ଣପୁର ଜିଲା ବିନିକା ନୂଆପଡାରୁ ବାଇକ ଚୋରି ହୋଇଥିବା ନେଇ ବୁଧବାର ଥାନାରେ ଅଭିଯୋଗ ହୋଇଛି। ନୂଆପଡାର ଜ୍ଞାନ ପ୍ରକାଶ ମେହେର ମଙ୍ଗଳବାର ରାତିରେ ତାଙ୍କ ଘର ସମ୍ମୁଖରେ (ନଂଓ ଡି ୩୧ ସି ୯୧୨୯)ବାଇକ ରଖିଥିଲେ। ହେଲେ ସକାଳେ ସେଠାରେ ବାଇକ ନଥିବାରୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ବାଇକର କୌଣସି ସନ୍ଧାନ ନପାଇବାରୁ ବିନିକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (୧୯୦/୨୪) ରୁଜୁ କରି ଅନୁସନ୍ଧାନ ଆରମ୍ଭ କରିଛି।

# ଅମରପାଲି-ଗୁଦଗୁଦା ରାସ୍ତାରେ ବାଡ଼ଦେଇ ଅବରୋଧ

### ୧୦ ଦିନ ହେଲା ଗ୍ରାମ ବାହାରକୁ ଯାଇ ପାରୁ ନାହାନ୍ତି ଗ୍ରାମବାସୀ

ଅମରପାଲି, ୮।୫(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି-ଗୁଦଗୁଦା ନିର୍ମାଣାଧୀନ ରାସ୍ତାକୁ କେତେକ ବ୍ୟକ୍ତି ବାଡ ଦେଇ ଅବରୋଧ କରିଛନ୍ତି। ଫଳରେ ୧୦ଦିନ ହେଲା ଗୁଦଗୁଦା ଗ୍ରାମକୁ ଯାତାୟାତ ସମ୍ପୂର୍ଣ୍ଣ ବ୍ୟାହତ ରହିଛି। ଗ୍ରାମର ଲୋକେ ବାହାରକୁ ଯିବା ଆସିବା କରି ପାରୁନାହାନ୍ତି।

ଅମରପାଲି ପୂର୍ତ୍ତ ବିଭାଗର ରାସ୍ତାରୁ ଗୁଦଗୁଦା ଗ୍ରାମକୁ ପ୍ରାୟ ୨ କିମି ଆଟେ। ଦୀର୍ଘ ଦିନର ଦାବି ପରେ ଉକ୍ତ ଗ୍ରାମକୁ ଏବେ ଏକ ନୂତନ ରାସ୍ତା ନିର୍ମାଣ କରାଯାଉଛି। ରାସ୍ତା ପାଇଁ ପୋଲ ନିର୍ମାଣ ମଧ୍ୟ ଅନ୍ତିମ ପର୍ଯ୍ୟାୟରେ ରହିଛି। ତେବେ ଗତ ୨୭ ତାରିଖରେ ଅମରପାଲି ଗ୍ରାମର କେତେକ ବ୍ୟକ୍ତି ଉକ୍ତ ରାସ୍ତା ମଝିରେ ଏକ ବାଡ ଦେଇ ଅବରୋଧ କରିଛନ୍ତି। ସେମାନଙ୍କ ଦାବି ଅନୁସାରେ ଉକ୍ତ ରାସ୍ତାର କେତେକ ଅଂଶ ତାଙ୍କର ରୟତି ଜମି ଅଟେ। କିଛି ବର୍ଷ ପୂର୍ବରୁ ମଧ୍ୟ ସେମାନେ ଏହି ରାସ୍ତାରେ ବାଡ ଦେଇ ଅବରୋଧ କରିଥିଲେ। ମାତ୍ର ସେହି ସମୟରେ ଆଲୋଚନା କରି ରାସ୍ତା ଛାଡ଼ି ଦିଆଯାଇଥିଲା। ଏବେ ରାସ୍ତା ନିର୍ମାଣ ହେଉଥିବା ବେଳେ ଗତ ମାର୍ଚ୍ଚ ୨୬ ତାରିଖରେ ପୁଣି ରାସ୍ତା ଅବରୋଧ କରିଥିଲେ। ଏନେଇ ଗତ ମାର୍ଚ୍ଚ ୨୭ରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ବୀରମହାରାଜପୁର ତହସିଲ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ କରିଥିଲେ। ବିଭାଗ ତରଫରୁ ଏହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମରେ କେନଝିରିଆପାଲି ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳକୁ ଆସି ଉକ୍ତ ରାସ୍ତା ଜମି ଚିହ୍ନଟ କରିଥିଲେ। ତେବେ ସେହି ସମୟରେ ଗ୍ରାମବାସୀଙ୍କ ଆଲୋଚନାର ଦୁଇ ଦିନ ପରେ ରାସ୍ତା ଅବରୋଧ ହଟାଇ ଦିଆ ଯାଇଥିଲା। ମାତ୍ର ଏବେ ପୁଣି ଏପ୍ରିଲ ୨୮ରେ ସେହି ବ୍ୟକ୍ତି ମାନେ ରାସ୍ତାରେ ବାଡ ଦେଇ ଅବରୋଧ କରିଛନ୍ତି। ଫଳରେ ଉକ୍ତ ଗ୍ରାମକୁ ଏବେ କୌଣସି ଗାଡ଼ି ମୋଟର ଯାତାୟାତ କରି ପାରୁ ନାହାଁନ୍ତି। ଏପରିକି ଆମ୍ବୁଲାନ୍ସ ମଧ୍ୟ ଯାଇ ପାରୁ ନାହିଁ। ଉକ୍ତ ରାସ୍ତା ଦେଇ ଅମରପାଲି, ଗୌଡଗାଡ, ବହଲପଦର ଓ ବୀରମହାରାଜପୁର ଅଞ୍ଚଳର ଲୋକେ ଚାରମାଲ,ରେଢାଖୋଲ ଆଦି ଅଞ୍ଚଳକୁ ଯାତାୟାତ କରିଥାନ୍ତି। ରେଢ଼ାଖୋଲ ବ୍ଲକର ଗରଗଡବାହାଲ, କୁଆଖୋଲ, ବଦନତୈଲା, ଡଙ୍ଗାପଥର, ତେଲିଘଣା ଆଦି ଗ୍ରାମର ଲୋକେ ପ୍ରତ୍ୟେକ କାମ ପାଇଁ ବୀରମହାରାଜପୁର ବଜାର ଉପରେ ନିର୍ଭର କରନ୍ତି। ଏବେ ଯାତାୟତ ହୋଇ ପାରୁ ନ ଥିବାରୁ ସମସ୍ତେ ଅସୁବିଧାରେ ଅଛନ୍ତି। ଉକ୍ତ ଗ୍ରାମକୁ ଯିବାପାଇଁ ଉକ୍ତ ରାସ୍ତା ଅବରୋଧ ହଟାଇବା ପାଇଁ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ବୁଧବାର ଗୁଦଗୁଦା ଗ୍ରାମରେ ଏକ ଶୁଦ୍ଧି କାର୍ଯ୍ୟକ୍ରମ ଥିବା ବେଳେ ଗ୍ରାମକୁ ଆସିଥିବା ଲୋକଙ୍କ ଗାଡ଼ି ଯାଇ ନ ପାରିବାରୁ ସେମାନେ ନାହିଁ ନ ଥିବା ହଇରାଣ ହେଉଥିବା ଦେଖିବାକୁ ମିଳିଥିଲା। ଯଦି ଏହି ରାସ୍ତା ଅବରୋଧ ହଟାଇ ଦିଆ ନ ଯାଏ ତେବେ ଗ୍ରାମର ଲୋକେ ଭୋଟ ଦେବାକୁ ମଧ୍ୟ ଅମରପାଲିକୁ ଆସି ପାରିବେ ନାହିଁ। ଏହା ସହିତ ହଠାତ କୌଣସି ବ୍ୟକ୍ତି ଅସୁସ୍ଥ ହେଲେ ଆମ୍ବୁଲାନ୍ସ ଗ୍ରାମକୁ ଆସି ପାରିବ ନାହିଁ। ତେଣୁ ପ୍ରଶାସନ ଏହି ସମସ୍ୟାକୁ ଗୁରୁତ୍ୱ ଦେଇ ଏହାର ସମାଧାନ କରି ରାସ୍ତା ଅବରୋଧ ହଟାଇବାକୁ ସାଧାରଣରେ ଦାବି ହେଉଛି।


ଅମରପାଲି-ଗୁଦଗୁଦା ରାସ୍ତାରେ ବାଡ ଦେଇ ଅବରୋଧ କରାଯାଇଛି।

# ରେଡକ୍ରସ୍ ଦିବସରେ ରକ୍ତଦାନ ଶିବିର



ଶିବିରରେ ଜଣେ ସ୍ୱେଚ୍ଛାସେବୀ ସ୍ୱେଚ୍ଛାକୃତ ରକ୍ତଦାନ କରୁଛନ୍ତି।

ସୋନପୁର,୮।୫(ମୃତ୍ୟୁଞ୍ଜୟ ଶତପଥୀ)

### ୫୦ ୟୁନିଟ୍ ରକ୍ତ ସଂଗ୍ରହ

ବିଶ୍ୱ ରେଡକ୍ରସ ଦିବସ ଅବସରରେ ଇଣ୍ଡିଆନ ରେଡକ୍ରସ ସୋସାଇଟି ସୁବର୍ଣ୍ଣପୁର ଜିଲା ଶାଖା ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ରକ୍ତ ଭଣ୍ଡାରରେ ଏହି ଶିବିର ଆୟୋଜିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ରାଜେନ୍ଦ୍ର କୁମାର ମାଝି, ଡାକ୍ତର ଦୁର୍ଗାଦତ୍ତ ଦାଶ, ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ମାନସ କୁମାର ଦାସ, ଜିଲା ରେଡକ୍ରସ ଶାଖାର କାର୍ଯ୍ୟକାରୀ କମିଟି ସଭ୍ୟ ଅଧ୍ୟାପକ ଉମାକାନ୍ତ ନାଗ, ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ, ସାମାଜିକକର୍ମୀ ଗୌରିଶ୍ୟାମ ପଣ୍ଡା, ମନୋଜ କୁମାର ପଣ୍ଡା, ସତ୍ୟନାରାୟଣ ହୋତା, ଗତିକୃଷ୍ଣ ମିଶ୍ର ଓ ଅମ୍ବୁଜ କୁମାର ଶତପଥୀ ପ୍ରମୁଖ ଯୋଗଦାନ କରିଥିଲେ। ରକ୍ତର କୌଣସି ବିକଳ୍ପ ନାହିଁ। ତେଣୁ ଯୁବ ସମାଜ ରକ୍ତଦାନ କରିବାକୁ ଆଗେଇ ଆସିବାକୁ ଅତିଥି ବୃନ୍ଦ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମୋଟ ୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସୁବର୍ଣ୍ଣପୁର ରକ୍ତ ଭଣ୍ଡାର ପକ୍ଷରୁ ଟେକ୍‌ନିସିଆନ ଚୁଟୁ ଭୋଇ, ପରାମର୍ଶଦାତା ଜଗତଦରୱାନ ଓ ରେବତୀ ମହାପାତ୍ର ରକ୍ତ ସଂଗ୍ରହ କରିଥିଲେ।

# ବୌଦ୍ଧରେ ବିଶ୍ୱ ରେଡକ୍ରସ ଦିବସ ପାଳିତ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା କର୍ମଚାରୀ।

ବୌଦ୍ଧ,୮।୫(ଅଜିତ କୁମାର ବାରିକ)

ଭାରତୀୟ ରେଡକ୍ରସ ସୋସାଇଟିର ବୌଦ୍ଧ ଶାଖା ପକ୍ଷରୁ ବୁଧବାର ଦିନ ଜିଲାପାଳଙ୍କ ସଦ୍‌ଭାବନା ଗୃହଠାରେ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି। ସାଧାରଣ ନିର୍ବାଚନ ଥିବାରୁ ଆଚରଣ ବିଧି ଲାଗୁ ହୋଇଥିବା ହେତୁ କେବଳ ସରକାରୀ କର୍ମଚାରୀଙ୍କୁ ନେଇ ପାଳିତ ହୋଇଥିଲା । ଜିଲା ଜରୁରୀକାଳୀନ ଅଧିକାରୀ ତଥା ଜିଲା ରେଡକ୍ରସର ସମ୍ପାଦକ ସୁଧର୍ମା ମଲିକ ରେଡକ୍ରସ ଦିବସ ପାଳନ ନେଇ ମତବ୍ୟକ୍ତ କରିଥିଲେ। ଜିଲା ଯୁବ ରେଡକ୍ରସର ସମ୍ପାଦକ ଅଧ୍ୟାପକ ପ୍ରବୀର କୁମାର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ରେଡକ୍ରସର ପ୍ରତିଷ୍ଠାତା ହେନେରୀ ଓ ରେଡକ୍ରସର ଇତିହାସ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଏସ ମିଞ୍ଜ ଯୋଗଦେଇ ସମସ୍ତଙ୍କୁ ମାନବିକତାର ସହ ସେବା କରିବାକୁ ଆହ୍ୱାନ କରିଥିଲେ। ଅନ୍ୟତମ ଅତିଥି ଅତିରିକ୍ତ ଚିକିତ୍ସା ଅଧିକାରୀ ବି.କେ.ଆରସି ଦେଓ ହେମ୍ବ୍ରମ ଯୋଗଦେଇ ସ୍ୱାସ୍ଥ୍ୟସେବା ଓ ରକ୍ତଦାନ କ୍ଷେତ୍ରରେ ରେଡକ୍ରସର ଅବଦାନ ଉପରେ ମତବ୍ୟକ୍ତ କରିଥିଲେ । ଜିଲା ବିପର୍ଯ୍ୟୟ ପରିଚାଳନା ସଂଯୋଜକ ସଞ୍ଜୀବ ଝା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଗାମୀ ଦିନରେ ପ୍ରାଥମିକ ଚିକିତ୍ସା, ବିପର୍ଯ୍ୟୟ ପରିଚାଳନା ତାଲିମ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ରେଡକ୍ରସ ପାଇଁ ଅର୍ଥ ସଂଗ୍ରହ କ୍ଷେତ୍ରରେ ଆଇନ ବିଭାଗ, ଅବକାରୀ ବିଭାଗ ଓ ଜିଲା ଯୋଗାଣ ବିଭାଗକୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଆଜୀବନ ସଦସ୍ୟତା ଗ୍ରହଣ କରିଥିବା କେତେଜଣ କର୍ମଚାରୀଙ୍କୁ ଜିଲା ରେଡକ୍ରସ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।ଶେଷରେ ଜିଲା ଯୁବ ରେଡକ୍ରସ ସମ୍ପାଦକ ଦାସ ସମସ୍ତଙ୍କୁ ରେଡକ୍ରସର ଶପଥ ପାଠ କରାଇଥିଲେ।

# ରେଳ ଟ୍ରାକ୍‌ରୁ ଦାଦନ ଶ୍ରମିକଙ୍କ ମୃତଦେହ ଜବତ

ଅମରପାଲି, ୮।୫(ପୀତାମ୍ବର ସାହୁ)

ତାମିଲନାଡୁକୁ ଦାଦନ ଖଟିବାକୁ ଯାଉଥିବା ବେଳେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିକଟସ୍ଥ ଉଫୁଲା ଗ୍ରାମର ସୁବ୍ରତ ଦଣ୍ଡସେନା (୨୮) ନାମକ ନିଖୋଜ ଥିବା ଶ୍ରମିକଙ୍କ ଖଣ୍ଡ ବିଖଣ୍ଡିତ ମୃତ ଦେହ ଉଦ୍ଧାର କରାଯାଇଛି। ତାମିଲନାଡୁର ଦୁର୍ବାଦା ରେଳ ଷ୍ଟେଶନ ନିକଟର ଅଳ୍ପ ଦୂରରେ ସେଠାକାର ରେଳୱେ ପୋଲିସ ମୃତଦେହ ଜବତ କରିଛି। ତେବେ ପରିବାର ଲୋକ ସେଠାକୁ ଯାଇ ନ ଥିବାରୁ ରେଳୱେ ପୋଲିସ ମୃତ ଦେହର ଅନ୍ତିମ ସଂସ୍କାର କରିଥିଲା। ତେବେ ବୁଧୁବାର ପରିବାର ଲୋକେ ସେଠାକୁ ଯାଇ ସମ୍ପୂର୍ଣ୍ଣ ତଥ୍ୟ ପାଇଛନ୍ତି। ସୂଚନା ଅନୁସାରେ ସୁବ୍ରତ ଗତ ୨ ତାରିଖ ସୁବ୍ରତ ତାଙ୍କ ସ୍ତ୍ରୀ ରଞ୍ଜିତା, ଶାଶୁ କଳ୍ପନା ଓ ଏକ ଶିଶୁକୁ ଧରି ମଧ୍ୟସ୍ଥଙ୍କ ସହ ତାମିଲନାଡୁ ଯାଉଥିଲେ। ରଞ୍ଜିତା ଓ କଳ୍ପନାଙ୍କ କହିବା ଅନୁସାରେ ଗତ ୨ ତାରିଖରେ ସେମାନେ ବଲାଙ୍ଗୀରରୁ ଟିଟିଲାଗଡ଼ ଦେଇ ଟ୍ରେନ ଯୋଗେ ତାମିଲନାଡୁ ଅଭିମୁଖେ ଯାଉଥିଲେ । ରାତି ପ୍ରାୟ ୮ଟା ବେଳେ ଦୁର୍ବାଦ ଷ୍ଟେଶନ ପରେ ସୁବ୍ରତ ଶୌଚାଳକକୁ ଯାଇଥିବା ବେଳେ ପ୍ରବଳ ଭିଡ଼ ଯୋଗୁ ଟ୍ରେନ ତଳକୁ ଖସିପଡ଼ିଥିଲେ। ଅନ୍ୟମାନଙ୍କଠାରୁ ଏହା ଶୁଣିବା ପରେ ଚେନ ଟାଣି ଟ୍ରେନ ଅଟକାଇବା ବେଳକୁ ପ୍ରାୟ ୮ କିଲୋମିଟର ଦୂରରେ ଅଟକିଥିଲା । ସେଠାରୁ ବହୁ ଖୋଜାଖୋଜି କଲା ପରେ ମଧ ସୁବ୍ରତଙ୍କ କୌଣସି ପତ୍ତା ମିଳି ନ ଥିଲା । ପରେ ଦାଦନ ମଧ୍ୟସ୍ଥ କଳ୍ପନା ଓ ରଞ୍ଜିତାଙ୍କୁ ଉଫୁଲାରୁ ଏକ କିଲୋମିଟର ଦୂର କାନପୁର ଛକଠାରେ ଓହ୍ଲାଇ ଫେରି ଯାଇଥିଲେ। ଏନେଇ ନିଖୋଜ ଶ୍ରମିକଙ୍କ ବାପା କାଶୀନାଥ ଦଣ୍ଡସେନା ବୀରମହାରାଜପୁର ଥାନାରେ ଅଭିଯୋଗ କରିବାକୁ ଯାଇଥିଲେ ମଧ୍ୟ ଅଭିଯୋଗ କରି ନ ଥିଲେ।

# ପୁରୀ ଅଭିମୁଖେ ଗଲା ୧୮୭ଖଣ୍ଡ ରଥକାଠ

ନାକଟିଦେଉଳ/ରେଢାଖୋଲ, ୮।୫ (ବୈକୁଣ୍ଠନାଥ ସାହୁ/ଅଚ୍ୟୁତାନନ୍ଦ ପୁରୋହିତ)

ଶ୍ରୀକ୍ଷେତ୍ରରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ଆସନ୍ତା ଅକ୍ଷୟତୃତୀୟା ତିଥିରେ ମହାପ୍ରଭୁଙ୍କ ରଥ ନିର୍ମାଣ ପାଇଁ ରଥ କାଠ ଅନୁକୂଳ ହେବ। ଚଳିତବର୍ଷ ପ୍ରଥମଥର ପାଇଁ ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ରେଢ଼ାଖୋଲ ବନଖଣ୍ଡ ଗିରିଶ୍ଚନ୍ଦ୍ରପୁର ବନାଞ୍ଚଳର ଖୋଲଗଡ଼ ସଂରକ୍ଷିତ ଜଙ୍ଗଲରୁ ରଥ ନିର୍ମାଣ ପାଇଁ କାଠ ସଂଗ୍ରହ କରାଯାଇଛି। ବୁଧବାର ବନ ବିଭାଗ ପକ୍ଷରୁ ଗିରିଶ୍ଚନ୍ଦ୍ରପୁର ବନାଞ୍ଚଳରେ ରଖାଯାଇଥିବା ୧୮୭ଖଣ୍ଡ କାଠକୁ ୪ଟି ଟ୍ରକ୍ ଯୋଗେ ପୁରୀ ପଠାଯାଇଛି। ସେଥିମଧ୍ୟରୁ ୧୭୯ ଖଣ୍ଡ ଧଉରା ଏବଂ ୮ଖଣ୍ଡ ଅସନ କାଠଗଣ୍ଡି ରହିଛି। ଏଥିପୂର୍ବରୁ ସକାଳୁ ସଡୋ ଗ୍ରାମରେ ବନ ବିଭାଗ ଏବଂ ଗ୍ରାମବାସୀଙ୍କ ପକ୍ଷରୁ ରୀତିନୀତିରେ ହୋମ ସହ ରଥ କାଠଗୁଡିକୁ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ବନବିଭାଗ ଆର୍‌ସିସିଏଫ୍ ଟି.ଅଶୋକ, ଡିଏଫ୍‌ଓ ଅରବିନ୍ଦ ମହାନ୍ତି, ଏସିଏଫ୍ ମାଳତୀଲତା ହାଂସଦା, ରେଞ୍ଜର ମନଜିତ ବିଶ୍ୱାଳ, ଗିରିଶ୍ଚନ୍ଦ୍ରପୁର ବନାଞ୍ଚଳ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ଦର୍ଶନିଆ ଭୋଇଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଜଗନ୍ନାଥ ମନ୍ଦିର ପୂଜକ ପଣ୍ଡିତ ରଞ୍ଜନାଭ ପାଣିଗ୍ରାହୀ ପୂଜାର୍ଚ୍ଚନା କରିଥିଲେ।

ପରେ ଗ୍ରାମବାସୀ ଏବଂ ବନ ବିଭାଗ କର୍ମଚାରୀ ନାମ ସଂକୀର୍ତ୍ତନ ଓ ହରିବୋଲ ହୁଳହୁଳି ଦେଇ ପୁରୀ ଅଭିମୁଖେ ପଠାଯାଉଥିବା କାଠ ବୋଝେଇ ଟ୍ରକ୍‌ଗୁଡିକୁ ଏକ ଶୋଭାଯାତ୍ରାରେ ଫୁଲକୁସୁମ ପର୍ଯ୍ୟନ୍ତ ପାଛୋଟି ନେଇ ବିଦାୟ ଦେଇଥିଲେ। ଏହି ଅବସରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଜୟ ଜଗନ୍ନାଥ ଧ୍ୱନିରେ ସଡୋ ଗ୍ରାମଠାରୁ ଫୁଲକୁସୁମ ପର୍ଯ୍ୟନ୍ତ ଗାଁ ଦାଣ୍ଡ ପ୍ରକମ୍ପିତ ହୋଇଉଠିଥିଲା। ଏହି କାର୍ଯ୍ୟକ୍ରମରେ ଗିରିଶ୍ଚନ୍ଦ୍ରପୁର ଫରେଷ୍ଟର ପ୍ରବୀଣ କୁମାର ସାହୁ, ଲୁହାବୀର ଫରେଷ୍ଟର ସୁଶୀଲ ମେହେର, ସଡୋ ଫରେଷ୍ଟର ମନୋରଞ୍ଜନ ପ୍ରଧାନ, କିସିଣ୍ଡା ଥାନା ଅଧିକାରୀ ଅଞ୍ଜଳି କୁମ୍ଭାର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁ, ସମାଜସେବୀ ଅନାଦି ଚରଣ ସାହୁ, ପାଣିମୁରା ସରପଞ୍ଚ ଜଗନ୍ନାଥ ସାହୁ, ସମିତି ସଭ୍ୟ ମାନସ କୁଅଁର, ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ଜଗନ୍ନାଥ ସଂସ୍କୃତି ପ୍ରେମୀ ରଘୁନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ରଥକାଠ ବୋଝେଇ ଟ୍ରକ୍ ରେଢ଼ାଖୋଲ ସହରରେ ପହଞ୍ଚିବା ପରେ ବିଭିନ୍ନ ସ୍ଥାନରେ ଜନସାଧାରଣ କଳସ ବସାଇ ସ୍ୱାଗତ କରିଥିଲେ।


ମହାପ୍ରଭୁଙ୍କ ରଥ ନିର୍ମାଣ ପାଇଁ ପୁରୀ ଅଭିମୁଖେ ଯାଉଥିବା କାଠ ବୋଝେଇ ଟ୍ରକ୍‌କୁ ବିଦାୟ ଦିଆଯାଉଛି।

# ପଦ୍ମପୁର ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥିନୀଙ୍କ ମାରାଥନ ପ୍ରଚାର

ପଦ୍ମପୁର,୮।୫(ପ୍ରଦୀପ୍ତ ଦାଶ)

ପଦ୍ମପୁର ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥିନୀ ବର୍ଷା ସିଂ ବରିହା ମାରାଥନ ପ୍ରଚାର ଆରମ୍ଭ ହୋଇଛି। ମଙ୍ଗଳବାର ସେ ପଦ୍ମପୁର ନିର୍ବାଚନମଣ୍ଡଳୀ ରାଜବୋଡାସମ୍ବର ବ୍ଲକ ଅନ୍ତର୍ଗତ ସମାରପାଲି, ଦ. ନୂଆପାଲି, ସାରଙ୍ଗପୁର, ଘନାମାଲ, ଅମାମୁଣ୍ଡା, ବିସିପାଲି, ଢୋଲବନ୍ଦ, ନିମପଡା, ପଞ୍ଚଭାୟା ଆଦି ଗ୍ରାମରେ ପ୍ରଚାର କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଜନହିତକର ଯୋଜନା ଗୁଡ଼ିକ ନେଇ ଲୋକଙ୍କ ପାଖରେ ପହଞ୍ଚି ଯୋଡ଼ି ଶଙ୍ଖରେ ଭୋଟ ଦେବା ପାଇଁ ଭୋଟ ଭିକ୍ଷା କରିଛନ୍ତି। ପ୍ରଚାର ସମୟରେ ଜିଲା ପରିଷଦ ପୂର୍ଣ୍ଣିମା ରଣା, ଦହିଁଗା ପାକ୍ସ ସଭାପତି ମହେଶ୍ୱରପୁରୀଙ୍କ ସମେତ ଶତାଧିକ ଦଳୀୟ କର୍ମୀମାନେ ସାମିଲ ହୋଇଥିଲେ।


ବିଭିନ୍ନ ଗାଁରେ ବିଜେଡି ପ୍ରାର୍ଥିନୀଙ୍କ ପ୍ରଚାର।

# ୩ ବାଇକ୍ ସହ କାଠ ଜବତ

ଘଣ୍ଟାପଡ଼ା,୮।୫(ପ୍ରଭାତ କୁମାର ସାହୁ)

ବୌଦ୍ଧ ବନଖଣ୍ଡ ଅଧୀନ କଣ୍ଟାମାଳ ରେଞ୍ଜ ଅନ୍ତର୍ଗତ ବରପଦର ସେକ୍ସନ ଲମ୍ବସରି ଅଞ୍ଚଳରେ ଚଢ଼ାଉ କରାଯାଇ ବହୁ ପରିମାଣର ଚଉକାଠ ସହ ତିନୋଟି ବାଇକ୍ ଜବତ କରାଯାଇଛି । ଏହି ଘଟଣାରେ ସଂପୃକ୍ତ ଥିବା ୩ ଜଣ କାଠ ଚୋର ଫେରାର ହୋଇ ଯାଇଥିବା ବନବିଭାଗ ପକ୍ଷରୁ କୁହାଯାଇଛି। ସୂଚନା ଅନୁସାରେ, ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବରପଦର ଫରେଷ୍ଟର ବୁଲି ବେହେରାଙ୍କ ନେତୃତ୍ୱରେ ବନ ବିଭାଗର ଏକ ଟିମ୍ ଲମ୍ବସରି ଅଞ୍ଚଳର ଦେମୁହାନିରେ ପାଟ୍ରୋଲିଂ କରୁଥିଲେ । ଉକ୍ତ ରାସ୍ତାରେ ତିନୋଟି ବାଇକ୍‌ରେ ତିନି ଜଣ ଚଉକାଠ ଧରି ଆସୁଥିବା ବେଳେ ବନ କର୍ମଚାରୀମାନେ ସେମାନଙ୍କୁ ଅଟକାଇଥିଲେ । ତେବେ ବନ କର୍ମଚାରୀଙ୍କୁ ଚକ୍‌ମା ଦେଖାଇ ଗାଡ଼ି ଛାଡ଼ି କାଠ ଚୋରମାନେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ସେମାନଙ୍କ ନିକଟରୁ ୨୫ ଖଣ୍ଡ ଚଉକାଠ ଓ କାଠ ଚୋରା ଚାଲାଣରେ ବ୍ୟବହୃତ ୩ ବାଇକ୍ ଜବତ କରାଯାଇଛି। ଚଢ଼ାଉରେ ଫରେଷ୍ଟ ଗାର୍ଡ ସୁନିଲ ପ୍ରଧାନ, ତୋଫାନ ମହାକୁଡ, ଜୟକୃଷ୍ଣ ମହାକୁଡ, ପରମେଶ୍ୱର ପ୍ରଧାନ ପ୍ରମୁଖ ସାମିଲ ଥିଲେ । ଏନେଇ ବନ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ବନ ବିଭାଗ ସୂତ୍ରରୁ ପ୍ରକାଶ।

# ଦହିତା ମଣ୍ଡଳରେ ଭାଜପାର ପ୍ରଚାର ଜୋର୍‌ଦାର

ପଦ୍ମପୁର,୮।୫(ପ୍ରଦୀପ୍ତ ଦାଶ)

ପଦ୍ମପୁର ନିର୍ବାଚନମଣ୍ଡଳୀ ଦହିତା ମଣ୍ଡଳଠାରେ ଭାଜପା ବିଧାୟକ ପ୍ରାର୍ଥୀ ଗୋବର୍ଦ୍ଧନ ଭୋଏ ପ୍ରଚାର ଜୋର୍‌ଦାର କରିଛନ୍ତି। ଦହିତା ମଣ୍ଡଳ ଦହିଗାଁ, ତେତେଲଖୁଣ୍ଟି, ଦର୍ଲିଗୁଡ଼ା, ବୁବୁଡ଼ା, ବ୍ରାହ୍ମଣଡିହି ଏବଂ ଖଲିଆପାଲି ପଞ୍ଚାୟତ ଝାଙ୍କରପାଲି, ଟେଣ୍ଡାପଦର, ମୁଣ୍ଡୋମହୁଲ, ଭାଜେନମୁଣ୍ଡା, ଯୁଧିଷ୍ଠିରପୁର, ଭେନ୍ତକାପୁର, ଦିୱାନ୍ଡିହି, ଖଲିଆପାଲିରେ ସ୍ୱାଗତ ସମ୍ବର୍ଦ୍ଧନା କରି ଘରକୁ ଘର ଯାଇ ମାରାଥନ ପ୍ରଚାର କରି ଓଡିଶାରେ ଡବଲ ଇଞ୍ଜିନ ସରକାର ଗଠନ କରିବା ପାଇଁ ଭୋଟ ଭିକ୍ଷା କରିଥିଲେ। ମଣ୍ଡଳ ସଭାପତି କେତନ ମେହେର, ମଣ୍ଡଳ ସାଧାରଣ ସମ୍ପାଦକ ଜନକ ସାହୁ, ଜିଲା ପରିଷଦ ସଭ୍ୟ ମକରଧ୍ୱଜ ବଗାର, ଶ୍ରୀକାନ୍ତ ପାଣିଗ୍ରାହୀ, ଯୁଗଳ ସାହୁ, ଚିତ୍ତ ପଣ୍ଡା, ପ୍ରମୋଦ ମେହେର, ନୀତେଶ ବାଗ, ଗୌର ବେହେରା, ଖଗେଶ୍ୱର ମେହେର ପ୍ରମୁଖ କାର୍ଯ୍ୟକର୍ତ୍ତା ପ୍ରଚାରରେ ସାମିଲ ଥିଲେ।


ଦହିତା ଅଞ୍ଚଳରେ ଭାଜପାର ପ୍ରାର୍ଥୀଙ୍କ ପ୍ରଚାର।

# ମତଦାନ କେନ୍ଦ୍ରର ସ୍ଥିତି, ବ୍ୟବସ୍ଥାର ନିରୀକ୍ଷଣ

ସୋନପୁର,୮।୫(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାରେ ନିର୍ବାନକୁ ସୁବ୍ୟବସ୍ଥିତ ଭାବେ ପରିଚାଳନା ପାଇଁ ଭାରତୀୟ ନିର୍ବାଚନ ଆୟୁକ୍ତଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯାଉଛି। ଜିଲା ପାଇଁ ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ ରାଜନ ଭିଶାଲ ବଲାଙ୍ଗୀର ସଂସଦୀୟ କ୍ଷେତ୍ର ସହ ୬୪ ବୀରମହାରାଜପୁର ଓ ୬୫ ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ମତଦାନ କେନ୍ଦ୍ରର ସ୍ଥିତି ଓ ବ୍ୟବସ୍ଥାର ବୁଧବାର ନିରୀକ୍ଷଣ କରିଛନ୍ତି। ସାଧାରଣ ପର୍ଯ୍ୟବେକ୍ଷକ ନିର୍ବାଚନ ସମ୍ବନ୍ଧୀୟ ବିଧି ବ୍ୟବସ୍ଥା ସହ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ନୋଡାଲ ଅଧିକାରୀ, ରାଜନୈତିକ ପ୍ରତିନିଧି, ନିର୍ବାଚନରେ ନାମାଙ୍କନ ଭରିଥିବା ପ୍ରାର୍ଥୀ, ପ୍ରତିନିଧିଙ୍କ ସହ ସ୍ୱତନ୍ତ୍ର ବୈଠକ ମାଧ୍ୟମରେ ଅବଗତ କରାଇଛନ୍ତି। ସେ ଉଭୟ ନିର୍ବାଚନ ମଣ୍ଡଳୀର ଇଭିଏମ, ଷ୍ଟ୍ରଙ୍ଗରୁମ ସହ କାଉଣ୍ଟିଂ ସେଣ୍ଟର ପରିଦର୍ଶନ କରିବା ସହ ଜିଲାର ବ୍ୟବସ୍ଥିତ ଓ ଶୃଙ୍ଖଳିତ ମତଦାନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଜିଲାରେ ମତଦାନ ହାରକୁ ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦେବା ସହ ଜିଲାର ବିଭିନ୍ନ ମତଦାନ କେନ୍ଦ୍ରରେ ପହଞ୍ଚି ସ୍ଥିତି ଓ ବ୍ୟବସ୍ଥାର ନିରୀକ୍ଷଣ କରିଥିଲେ। ସବୁ ବର୍ଗର ମତଦାତାଙ୍କ ନିମନ୍ତେ ଆବଶ୍ୟକ ମୌଳିକ ସୁବିଧାକୁ ସୁନିଶ୍ଚିତ କରିବା ନିମନ୍ତେ ସେ ଉଭୟ ନିର୍ବାଚନ ମଣ୍ଡଳୀର ରିଟର୍ନିଂ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସାଧାରଣ ପର୍ଯ୍ୟବେକ୍ଷକ ଭିଶାଲ ଏହି ଅବସରରେ ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଘାଟକଇଁତରା ୟୁପିସ୍କୁଲ ବୁଥ ନଂ ୨୫୨, ନୂଆପଡା ପ୍ରାଥମିକ ବିଦ୍ୟାଳୟ ବୁଥ ନଂ. ୨୫୫, ରଥପଡା ବାଳିକା ପ୍ରାଥମିକ ବିଦ୍ୟାଳୟ ବୁଥ ନଂ. ୨୫୯ ବୁଲି ଦେଖିଥିଲେ। ସେହିପରି ବୀରମହାରାଜପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଶିପଡା ବୁଥ ନଂ. ୧୩୮, ନାଏକପଡା ବୁଥ ନଂ. ୧୩୭ ଏବଂ ଚଡେଇପଙ୍କ ବୁଥ ନଂ. ୯୯ ପରିଦର୍ଶନ କରିଥିଲେ। ଏହି ସମୟରେ ରିଟର୍ନିଂ ଅଧିକାରୀ ତଥା ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସି, ରିଟର୍ନିଂ ଅଧିକାରୀ ତଥା ସୋନପୁର ଉପଜିଲାପାଳ ସୁରଜ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ସାଧାରଣ ପର୍ଯ୍ୟବେକ୍ଷକ ମତଦାନ କେନ୍ଦ୍ରର ସ୍ଥିତି ନିରୀକ୍ଷଣ କରୁଛନ୍ତି।

## ସଂକ୍ଷେପରେ

### ଥାନା ପରିସରରେ ନଷ୍ଟ ହେବାକୁ ବସିଛି ବାଇକ୍

**ଖଡ଼ିଆଳ,୮।୫ (ସୁଜିତ କୁମାର ପ୍ରଧାନ):** ଖଡିଆଳ ପୋଲିସ ଜବତ କରିଥିବା ଶତାଧିକ ବାଇକ୍ ଗତ ୫ବର୍ଷରୁ ଊର୍ଦ୍ଧ୍ୱ ହେବ ଥାନା ପରିସରରେ ରହି ନଷ୍ଟ ହେବାକୁ ବସିଛି। ସମ୍ପୂର୍ଣ୍ଣ ନଷ୍ଟ ହେବା ଆଗରୁ ଏସବୁ ବାଇକ୍ ବ୍ୟବହାର କରିବାର ଆବଶ୍ୟକତା ରହିଛି। ଆସନ୍ତା ବର୍ଷେ କିମ୍ବା ଦୁଇବର୍ଷ ମଧ୍ୟରେ ବ୍ୟବହାର ନ ହେଲେ ବାଇକ୍‌ଗୁଡିକ ସମ୍ପୂର୍ଣ୍ଣ ନଷ୍ଟ ହେବା ଆଶଙ୍କା ରହିଛି। ଏ ନେଇ ଖଡିଆଳ ପୋଲିସକୁ ଯୋଗାଯୋଗ କରାଯିବାରୁ କୋର୍ଟଙ୍କ ନିଷ୍ପତ୍ତି ଅନୁସାରେ ବାଇକ୍ ସବୁର ନିଲାମ କିମ୍ବା ମାଲିକଙ୍କୁ ହସ୍ତାନ୍ତର କରାଯିବ ବୋଲି ପ୍ରକାଶ କରିଥିଲେ।

### ପ୍ରବଳ ଖରାରେ ଥଣ୍ଡା ପାନୀୟର ଚାହିଦା ବଢୁଛି

**ଖଡିଆଳ,୮।୫(ସୁଜିତ କୁମାର ପ୍ରଧାନ):** ଚଳିତବର୍ଷ ଗ୍ରୀଷ୍ମପ୍ରବାହ ବଢୁଥିବାବେଳେ ଖଡିଆଳ ଅଞ୍ଚଳର ଲୋକମାନେ ପ୍ରବଳ ଖରାରୁ ରକ୍ଷା ପାଇବା ପାଇଁ ଘରେ କିମ୍ବା ଛାଇ ଥିବା ସ୍ଥାନରେ ଆଶ୍ରୟ ନେଉଥିବା ଦେଖାଯାଉଛି। ଟାଙ୍ଗରା ଜଙ୍ଗଲ ସାଙ୍ଗକୁ କଂକ୍ରିଟ ରାସ୍ତା ଓ ବ୍ୟାପକ ମାତ୍ରାରେ ବୃକ୍ଷ କଟାଯିବା ତାପମାତ୍ରା ବୃଦ୍ଧିର କାରଣ ପାଲଟିଛି। ଏପରି ସମୟରେ ଥଣ୍ଡା ପାନୀୟର ଚାହଦା ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି। ଖଡିଆଳ ସହର ଓ ଗ୍ରାମାଞ୍ଚଳରେ ଏବେ ବିଭିନ୍ନ କମ୍ପାନୀର ମୃଦୁ ପାନୀୟ, ଆଖୁରସ, କାଜୁସେକ, ଲସି, ତରଭୁଜ ଭଳି ଥଣ୍ଡା ଜାତୀୟ ଦ୍ରବ୍ୟର ଚାହିଦା ବେଶ୍ ବୃଦ୍ଧି ପାଉଛି। ଝାଞ୍ଜି ପବନ ଓ ଖରାକୁ ଦୃଷ୍ଟିରେ ରଖି ଦୋକାନ ବଜାର ବିଶେଷକରି ମଧ୍ୟାହ୍ନ ସମୟରେ ବନ୍ଦ ରହୁଥିବା ଦେଖାଯାଉଛି।

### ପିସିସି ସଭାପତିଙ୍କ ରୋଡ୍ ଶୋ

**ନୂଆପଡ଼ା,୮।୫ (ମକାରୁ ବେମାଲ):** ନୂଆପଡ଼ା ସଦର ବ୍ଲକ ଖରିଆର ରୋଡଠାରେ ନୂଆପଡ଼ା ବିଧାନସଭା ଲାଗି କଂଗ୍ରେସ ବିଧାୟକ ପ୍ରାର୍ଥୀ ପିସିସି ସଭାପତି ଶରତ ପଟ୍ଟନାୟକ ରୋଡ ଶୋ କରିବା ସହ ମାରାଥନ ପ୍ରଚାର କରିଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଫଳତାକୁ ନେଇ ସେ ଲୋକଙ୍କ ପାଖକୁ ଯାଇ ଭୋଟ ଭିକ୍ଷା କରୁଛନ୍ତି। ତାଙ୍କ ସହ ଦେବଦତ୍ତ ଦୀକ୍ଷିତ, ଯୁନେଦ ମହମ୍ମଦ, ଗୋବିନ୍ଦ ସିଂ ଠାକୁର, ସହରୁଖ ଖାନ, ପ୍ରମୋଦ ଚାନ୍ଦ୍ରକର, ପବନ ଶର୍ମା, ଅମିତ ସିଂ ଘାଇଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଛନ୍ତି।

### ବଜ୍ରପାତରେ ମହିଳାଙ୍କ ମୃତ୍ୟୁ

**ଥୁଆମୂଳ ରାମପୁର,୮।୫(ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅଞ୍ଚଳରେ ମଙ୍ଗଳବାର ବଜ୍ରପାତ ଘଟି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ମହୁଲପାଟଣା ଫାଣ୍ଡି ଅନ୍ତର୍ଗତ ପୋଡ଼ାପଦର ଗ୍ରାମର ପେଙ୍ଗାଏ ମାଝି (୪୮)। ସୂଚନା ଅନୁସାରେ ସ୍ୱାମୀଙ୍କ ମୃତ୍ୟୁ ପରଠାରୁ ପେଙ୍ଗାଏ ତାଙ୍କ ବଡ ଭଣଜା କୃଷ୍ଣ ମାଝିଙ୍କ ଘରେ ରହିଆସୁଥିଲେ। ମଙ୍ଗଳବାର କୌଣସି କାମରେ ସେ ସାନଭଣଜା ନିଙ୍ଗି ମାଝିଙ୍କ ଗ୍ରାମ ସାନ ଛତ୍ରଙ୍ଗକୁ ଯାଇଥିଲେ। ଅପରାହ୍ନରେ ସେ ଭଣଜା ଓ ଭଣଜା ବୋହୂଙ୍କ ସହ ମିଶି ବଡ଼ ଭଣଜା ଘରକୁ ଫେରୁଥିଲେ। ବାଟରେ ପବନ ସହ ବର୍ଷା ହେବାରୁ ସେମାନେ ଏକ ଗଛମୂଳେ ଆଶ୍ରୟ ନେଇଥିଲେ। ହଠାତ୍ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ବଡ ଭଣଜା ଏ ନେଇ ଥୁଆମୂଳ ରାମପୁର ଥାନାରେ ଅଭିଯୋଗ କରିଥିଲେ। ବୁଧବାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଦିନ ଦ୍ୱିପ୍ରହରରେ ୬୨ ହଜାର ଲୁଟ୍

**ବୋଡ଼େନ, ୮।୫(ଟିକେଶ୍ୱର ନାଗ):** ବୋଡ଼େନ ଥାନା ଅନ୍ତର୍ଗତ ବୋଇରଗାଁ ପଞ୍ଚାୟତ ମହୁଲପଡ଼ା ଗାଁର ଚିତ୍ରସେନ ମାଝିଙ୍କଠାରୁ ବୁଧବାର ଦିନ ଦ୍ୱିପ୍ରହରରେ ୬୨ହଜାର ଟଙ୍କା ଲୁଟ୍ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନାକ୍ରମେ ଚିତ୍ରସେନ ନିଜ ଇନ୍ଦିରା ଆବାସ ଗୃହର ଦ୍ୱିତୀୟ କିସ୍ତି ୬୨ ହଜାର ଟଙ୍କା ଷ୍ଟେଟବ୍ୟାଙ୍କ ଶାଖାରୁ ଉଠାଣ କରି ସାଇକେଲ ଯୋଗେ ନିଜ ଗାଁକୁ ଯାଉଥିଲେ। ବୋଡ଼େନ ସାପ୍ତାହିକ ବଜାର ନିକଟ ନିଛାଟିଆ ଜାଗାରେ ପଛପଟୁ ତିନିଜଣ ଯୁବକ ବାଇକ୍‌ରେ ଆସି ତାଙ୍କଠାରୁ ଟଙ୍କା ବ୍ୟାଗ ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ। ଚିତ୍ରସେନ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୩ଜଣ ଯୁବକଙ୍କୁ ଅଟକ ରଖି ତଦନ୍ତ ଚଳାଇଥିବା ଥାନା ଆଇଆଇସି ଗୋବିନ୍ଦ ମାଝି ପ୍ରକାଶ କରିଛନ୍ତି।



ଭାଙ୍ଗିଯାଇଥିବା ଷ୍ଟାଣ୍ଡପୋଷ୍ଟ ପାଖରେ ମହିଳାମାନେ।

# ବସୁଧା ଯୋଜନା ବାଟବଣା

**ନୂଆପଡ଼ା,୮।୫ (ମକାରୁ ବେମାଲ)**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସିଆଲଲଟି ପଞ୍ଚାୟତ କରଙ୍ଗାଭଟା ଗାଁରେ ଉତ୍କଟ ଜଳ ସଙ୍କଟ ଦେଖାଦେଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ବନ୍ଧ, ମୁଡା, ଚହଲା ଆଦି ଜଳାଶୟ ଶୁଖିଗଲାଣି। ଗାଁରେ ନଳକୂଅ ଥିଲେ ବି ସେଥିରୁ ଫ୍ଲୋରାଇଡଯୁକ୍ତ ପାଣି ବାହାରୁଛି। ଏହି ପାଣିକୁ ଲୋକେ ବ୍ୟବହାର କରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି । ବସୁଧା ଯୋଜନାରୁ ଲୋକେ ଉପକୃତ ହେବେ ବୋଲି ଅଶା ରଖିଥିଲେ। ହେଲେ ଓଭରହେଡ୍ ଟାଙ୍କି ନିର୍ମାଣ ହୋଇ ପାଇପ୍ ପୋତା ସରି ପ୍ରାୟ ୩ବର୍ଷ ବିତିଯାଇଥିଲେ ମଧ୍ୟ ଜଳଯୋଗାଣ ହୋଇପାରି ନାହିଁ। ଗାଁରେ ଲାଗିଥିବା ଷ୍ଟାଣ୍ଡପୋଷ୍ଟ ସବୁ ଭାଙ୍ଗିବାକୁ ବସିଲାଣି। ଏହି ସ୍ଥିତିକୁ ଅନୁଧ୍ୟାନ କଲେ ଜିଲାରେ ବସୁଧା ଯୋଜନା ବାଟବଣା ହୋଇଥିବା କୁହାଯାଉଛି। କେବଳ କରଙ୍ଗାଭଟା ନୁହେଁ, ଅନେକ ଗାଁରେ ପାଇପ୍ ପୋତା ସରିଥିଲେ ମଧ୍ୟ ପାଣି ମିଳୁନାହିଁ। କରଙ୍ଗାଭଟା ଗାଁରେ ବସ୍ତି ସମେତ ବ୍ରାହ୍ମଣପଡା, ନାଏକପଡା, କଲୋନିପଡା, ସ୍କୁଲପଡାରେ ୩ ଶହ ପରିବାର ବସବାସ କରୁଥିବାବେଳେ ୨ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ରହିଛି। ବସ୍ତି ସମେତ ୪ଟି ପଡା ପାଇଁ ୭ଟି ନଳକୂଅ ରହିଛି । ସବୁ ନଳକୂଅରେ ଫ୍ଲୋରାଇଡ ଯୁକ୍ତ ପାଣି ବାହାରୁଛି। ଏହି ପାଣିକୁ

**୩ ବର୍ଷ ପରେ ବି ଜଳଯୋଗାଣ ନୋହିଲା**

ବାଲ୍‌ଟି, ଗରାରେ ରଖିଲେ ଲାଲ ରଙ୍ଗ ହୋଇଯାଉଥିବାରୁ ଲୋକେ ଫ୍ଲୋରାଇଡ ପାଣି ବୋଲି ସନ୍ଦେହ କରୁଛନ୍ତି। ହେଲେ ଅନ୍ୟ ଉପାୟ ନ ଥିବାରୁ ଲୋକେ ବାଧହୋଇ ଫ୍ଲୋରାଇଡ ଯୁକ୍ତ ପାଣି ବ୍ୟବହାର କରୁଛନ୍ତି। ବସ୍ତି, ନାଏକପଡାରେ ଥିବା ନଳକୂଅକୁ ଫ୍ଲୋରାଇଡ ଯୁକ୍ତ ପାଣି ବାହାରୁଛି। କଲୋନିପଡା ଓ ସ୍କୁଲ ପଡାରେ ନଳକୂଅ ନାହିଁ । ସ୍କୁଲପଡ଼ାବାସୀ ସ୍କୁଲ ନଳକୂଅ ପାଣି ବ୍ୟବହାର କରୁଛନ୍ତି । ସ୍କୁଲ ଛୁଟି ହେଲେ ଗେଟ୍‌ରେ ତାଲା ପଡୁଥିବାରୁ ମୁଡା କିମ୍ବା ଚହଲା ଖୋଲା ପାଣି ବ୍ୟବହାର କରୁଛନ୍ତି। ଅଧିକାଂଶ ଲୋକ ନଈ ତଟରେ ଗାତକରି ପାଣି ଆଣି ବ୍ୟବହାର କରୁଛନ୍ତି। ଏ ସଂକ୍ରାନ୍ତରେ କୋମନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ହିତାଂଶୁ ଶେଖର ସାମଲଙ୍କୁ ପଚାରିବାରୁ ବହୁତ ଶୀଘ୍ର ପାଣି ସମସ୍ୟା ସମାଧାନ ହୋଇଯିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ୭ଦିନ ମଧ୍ୟରେ ସମସ୍ୟା ଦୂର ନ ହେଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ମାଳିକ ରାମ ରାଉତ, ରାଜେଶ୍ୱରୀ ଦୁବେ, ପଦ୍ମେ ରଣା, ଡମ୍ବୁ ରାଉତ, ମହନି ରାଉତ, ସେଏବା ରାମ ନାଏକ, ଡିଲେଶ୍ୱର ଦୁବେ, ତେଜ ଦୁବେ, ସୌହାଗି ସତନାମୀ ପ୍ରମୁଖ ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

## ୫୨ବର୍ଷରେ ଖଡ଼ିଆଳ ଏନ୍‌ଏସି

**ଖଡ଼ିଆଳ,୮।୫(ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲାର ଖଡ଼ିଆଳ ହେଉଛି ଏକ ପ୍ରମୁଖ ସହର। ୧୯୭୨ରେ ଏହି ସହର ଏନ୍‌ଏସି ମାନ୍ୟତା ପାଇଥିଲା। ଚଳିତବର୍ଷ ଏହା ୫୨ ବର୍ଷରେ ପଦାର୍ପଣ କରିଛି। ଇତିମଧ୍ୟରେ ଅନେକ ଏନ୍‌ଏସିରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ ହୋଇଥିବା ବେଳେ ସ୍ୱଚ୍ଛ, ସୁନ୍ଦର ଓ ବିକାଶଶୀଳ ଖଡ଼ିଆଳ ଗଠନ ପାଇଁ ଅନେକ କାର୍ଯ୍ୟ ହାତକୁ ନିଆଯାଇଛି ବୋଲି ନଗରପାଳ ଉଜ୍ଜ୍ୱଳ ଗୁପ୍ତା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ସହରର ପରିମଳ ବ୍ୟବସ୍ଥାର ସୁଧାର ଆଣିବା ପାଇଁ ଡ୍ରେନ୍ ସଫେଇ ସହ ଘରକୁ ଘର ବୁଲି ଅଳିଆ ଗାଡ଼ି ଉଠାଉଛି। ଉକ୍ତ ବର୍ଜ୍ୟବସ୍ତୁରେ ଚାଷ ଉପଯୋଗୀ ଖତ ପ୍ରସ୍ତୁତ କରି ବିକ୍ରି କରାଯାଉଛି। ପୁରୁଣା ଡାକ୍ତରଖାନାରେ ଶୌଚାଳୟ ନିର୍ମାଣ ହେବା ଫଳରେ ବାହାର ଅଞ୍ଚଳରୁ ଆସୁଥିବା ଲୋକେ ଉପକୃତ ହୋଇପାରୁଛନ୍ତି। ବିଭିନ୍ନ ୱାର୍ଡ଼ରେ ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ରାସ୍ତା ନିର୍ମାଣ ପାଇଁ ଅନେକ ଯୋଜନା ହାତକୁ ନିଆଯାଇଛି। କେତେକ ରାସ୍ତା ନିର୍ମାଣ ମଧ୍ଯ ଶେଷ ହୋଇଛି। ଲୋକଙ୍କ ମନୋରଞ୍ଜନ ପାଇଁ ବିଜୁ ଉଦ୍ୟାନ ମାଧ୍ୟମରେ ପାର୍କ ତିଆରି କରାଯାଉଥିବା ସେ ସୂଚନା ଦେଇଛନ୍ତି।

## ପ୍ରଚାରକୁ ଜୋରଦାର କଲା ବିଜେଡି



କେସିଙ୍ଗା ସହରର ବିଭିନ୍ନ ୱାର୍ଡରେ ଭୋଟ ପ୍ରଚାର।

**କେସିଙ୍ଗା, ୮।୫(ତୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ସହରରେ ନଗରପାଳ ନୃପରାଜ ଯାଦବଙ୍କ ନେତୃତ୍ୱରେ ବିଜେଡି ପକ୍ଷରୁ ନିର୍ବାଚନୀ ପ୍ରଚାରକୁ ଜୋରଦାର କରାଯାଇଛି। ଟାଉନ ସଭାପତି ରମେଶ ପଟ୍ଟନାୟକ ଏଥିରେ ସାମିଲ ହୋଇ କହିଥିଲେ, ରାଜ୍ୟ ସରକାର ଅନୁସୂଚିତ ଜାତି, ଜନଜାତିମାନଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। ଆଦିବାସୀ ଉନ୍ନୟନ ପରିଷଦ ଗଠନ ସହ ଭୁବନେଶ୍ୱରରେ ଆଦିବାସୀ ଭବନ ନିର୍ମାଣ ପାଇଁ ଶହେ କୋଟି ଟଙ୍କା ପ୍ରଦାନ କରିଛନ୍ତି। ସେହିପରି ଜଙ୍ଗଲଜାତ ଦ୍ରବ୍ୟ ବିକ୍ରୟ ପାଇଁ ଏମ୍‌ଏସ୍‌ପି ପ୍ରଦାନ, ୮ ଲକ୍ଷ କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ବୋନସ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ବର୍ଷକୁ ମହିଳାଙ୍କ ପାଇଁ ଦଶ ଲକ୍ଷ ଓ ପୁରୁଷଙ୍କୁ ୫ଲକ୍ଷ ଟଙ୍କା ସହାୟତା ପ୍ରଦାନ ସହ ଅନ୍ୟାନ୍ୟ ଯୋଜନା ଉପରେ ଆଲୋକପାତ କରିଥିଲେ। ନଗରପାଳ ଯାଦବ ମୁଖ୍ୟମନ୍ତ୍ରୀଙ୍କ ସହାୟତାରେ ସହରରେ ଅନେକ ପ୍ରକଳ୍ପ ଶେଷ ହୋଇଥିବାବେଳେ କେତେକ ଉନ୍ନୟନ କାମ ନିର୍ମାଣାଧୀନ ରହିଥିବା ୱାର୍ଡ଼ବାସୀଙ୍କୁ ଅବଗତ କରାଇଥିଲେ। ଏହାସହ ସେ ବିଜେଡିର ଭବାନୀପାଟଣା ନିର୍ବାଚନମଣ୍ଡଳୀର ବିଧାୟିକା ପ୍ରାର୍ଥିନୀ ଲଳିତା ନାଏକ, ଏମ୍‌ପି ପ୍ରାର୍ଥୀ ଲମ୍ବୋଦର ନିଆଲଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ଭୋଟ ପଚାର ସମୟରେ ବିଭିନ୍ନ ୱାର୍ଡରେ ଭୋଟରମାନେ ନେତୃବୃନ୍ଦଙ୍କୁ ସ୍ୱାଗତ କରୁଥିବା ଦେଖାଯାଇଥିଲା।

## 'ମୁଁ ବଞ୍ଚିବି, ଆପଣଙ୍କ ସେବା କରିବା ପାଇଁ'



ଭାଜପା ବିଧାୟକ ପ୍ରାର୍ଥୀ ପ୍ରଦୀପ୍ତ ନାଏକ ଭାଷଣ ରଖୁଛନ୍ତି।

**ଭବାନୀପାଟଣା,୮।୫(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମରେ ବୁଧବାର ଭାଜପାର ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଯୋଗଦେଇଥିଲେ। ତେବେ ସମାବେଶରେ ଭବାନୀପାଟଣା ବିଧାୟକ ପ୍ରାର୍ଥୀ ପ୍ରଦୀପ୍ତ ନାଏକଙ୍କ ଭାଷଣରେ ସାଧାରଣ ଲୋକେ ଭାବବିହ୍ୱଳ ହୋଇଥିଲେ। ପ୍ରଦୀପ୍ତ ତାଙ୍କ ଭାଷଣରେ କହିଥିଲେ, ଚଳିତ ସାଧାରଣ ନିର୍ବାଚନରେ ମୁଁ ଛିଡା ହେବା ପରେ ବିରୋଧୀଙ୍କ ମଧ୍ୟରେ ଛନକା ପଶିଛି। ମୁଁ ବୁଲିଲେ କାଳେ ଲୋକେ ମୋତେ ଗ୍ରହଣ କରିନେବେ, ତେଣୁ ସେମାନେ କିଛି ଉପାୟ ନ ପାଇ ମୋର ସ୍ୱାସ୍ଥ୍ୟାବସ୍ଥାକୁ ନେଇ କଟାକ୍ଷ କରୁଛନ୍ତି। ପ୍ରଦୀପ୍ତ ତ ଆଇସିୟୁରେ ଅଛନ୍ତି, କେତେବେଳେ କ'ଣ ହୋଇଯିବ, ତାଙ୍କୁ ଭୋଟ ଦେଲେ କିଛି କାମ କରିବେ ନାହିଁ ବୋଲି ସେମାନେ ଅପପ୍ରଚାର କରୁଛନ୍ତି। ମୁଁ ବଞ୍ଚିବି, ଆପଣ ସେବା କରିବା ପାଇଁ ବୋଲି ପ୍ରଦୀପ୍ତ କହିଥିଲେ। କିଛି ସମୟ ନୀରବତା ପରେ ପ୍ରଦୀପ୍ତଙ୍କ ନାମରେ ଜନତା ଜୋରରେ କରତାଳି ଦେଇଥିଲେ। ଦୀର୍ଘ ୨୬ ମାସ କରୋନାରେ ସଂଘର୍ଷ କରି ପୁଣି ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି ପ୍ରଦୀପ୍ତ।

**ପ୍ରଦୀପ୍ତଙ୍କ ଭାଷଣରେ ଭାବବିହ୍ୱଳ ହେଲେ ଜନତା**

## ୩୪ ଖଣ୍ଡ ଶାଗୁଆନ ପଟ୍ଟା ଜବତ

**ଦେଓଗାଁ,୮।୫(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଦେଓଗାଁ-ଭୂତିଆରବାହାଲ ରାସ୍ତାର ଅର୍ଡା ଛକ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଜିଲା ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ପାଟ୍ରୋଲିଂ ସମୟରେ ବନ ବିଭାଗ କର୍ମଚାରୀମାନେ ଚୋରା ଶାଗୁଆନ ପଟା ଜବତ କରିଛନ୍ତି । ପ୍ରକାଶ ଯେ, ରେଞ୍ଜର ଯୁଧିଷ୍ଠିର ଜାଲଙ୍କ ନେତୃତ୍ୱରେ ଫରେଷ୍ଟର ବ୍ୟାସଦେବ ସାହୁ, ଜନ୍ମେଜୟ ପାଣିଗ୍ରାହୀ, ଫରେଷ୍ଟ ଗାର୍ଡ ସୁକାନ୍ତି ସରାଫ ଓ ପାରା ଷ୍ଟାଫ୍‌ମାନେ ପାଟ୍ରୋଲିଂ କରୁଥିଲେ । ଏହି ସମୟରେ ଏକ ଗାଡି (ନଂ ଓଡି୦୩ଏ ୬୬୫୪)ରେ ୩୪ଖଣ୍ଡ ଶାଗୁଆନ ପଟା ଚାଲାଣ ହେଉଥିବା ବେଳେ ବନବିଭାଗର ପାଟ୍ରୋଲିଂ ଦେଖି ଗାଡିକୁ ରାସ୍ତା ଉପରେ ଛାଡିଦେଇ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ । ଗାଡି ଓ ପଟାକୁ ବନବିଭାଗ କର୍ମଚାରୀମାନେ ଜବତ କରି ସ୍ଥାନୀୟ ରେଞ୍ଜ କାର୍ଯାଳୟକୁ ଆଣିଥିବା ବେଳେ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ପ୍ରୟାସ ଜାରି ରହିଥିବା ରେଞ୍ଜର ଜାଲ ସୂଚନା ଦେଇଛନ୍ତି ।

## ଲୋଇସିଂହା ବ୍ଲକ: ହାତ ଗୁଞ୍ଜା ନ ପାଇଲେ ବିଲ୍ ପାସ ହେଉନି

**ଲୋଇସିଂହା,୮।୫(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ କାର୍ଯ୍ୟରତ କେତେଜଣ ଅସାଧୁ କର୍ମଚାରୀ ହାତଗୁଞ୍ଜା ନ ପାଇଲେ ଉନ୍ନୟନମୂଳକ କାମ ବାବଦ ବିଲ୍ ପାସ କରୁ ନ ଥିବା ଅଭିଯୋଗ ହେଉଛି । ହାତଗୁଞ୍ଜା ପାଇବା କ୍ଷଣି କିଛି ଘଣ୍ଟା ପରେ ଠିକାଦାରଙ୍କ କାମ ହୋଇଯାଉଛି। ଏହି ଟଙ୍କା କାରବାରର ମାଧ୍ୟମ ସାଜିଛନ୍ତି ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ । ସମ୍ପୃକ୍ତ କର୍ମଚାରୀ ଓ ଠିକାଦାରଙ୍କ ମୋବାଇଲ ବାର୍ତ୍ତାଳାପରୁ ବ୍ଲକରେ ଖୋଲାଖୋଲି ପିସି କାରବାର ଚାଲିଥିବା ସ୍ପଷ୍ଟ ହୋଇଛି । ପ୍ରକାଶ ଯେ, ଜନୈକ ଠିକାଦାର ଏକ ଉନ୍ନୟନ କାମ ସାରିଲା ପରେ ବିଲ୍ ପାଇଁ ସମସ୍ତ କାଗଜପତ୍ର ବ୍ଲକ ଅଫିସରେ ଦାଖଲ କରିଥିଲେ । ହେଲେ ଦୀର୍ଘଦିନ ଧରି ସେହି କାମର ବିଲ୍ ହୋଇ ନ ଥିଲା । ଜାଣିଶୁଣି ଫାଇଲକୁ ଚାପି ରଖିଥିଲେ କର୍ମଚାରୀ। କାରଣ ଜାଣିବା ପାଇଁ ବ୍ଲକକୁ ଯିବାରୁ ବିଭିନ୍ନ ବାହାନା କରିଥିଲେ କର୍ମଚାରୀ । ଏ ସଂକ୍ରାନ୍ତରେ ବ୍ଲକର ଜଣେ କର୍ମଚାରୀଙ୍କ ସହ କଥା ହେବାରୁ ସେ କାର୍ଯ୍ୟାଳୟର ସମ୍ପୃକ୍ତ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ସହିତ କଥା ହେବାକୁ କହିଥିଲେ । ଠିକାଦାର ଜଣକ ତାଙ୍କ ସହ କଥା ହେଲା ପରେ କେତେକ କର୍ମଚାରୀଙ୍କ ନାମ ନେଇ ବିଲ୍‌ର ଏକ ପ୍ରତିଶତ ଟଙ୍କା ଦେବାକୁ ସେ କହିଥିଲେ । ଠିକାଦାର ଜଣକ ଟଙ୍କା ଦେବାକୁ ରାଜି ହୋଇଥିଲେ । ପରେ ଠିକାଦାର ଜଣକ କାମ ହେବା ପାଇଁ ହାତଗୁଞ୍ଜା ବାବଦକୁ ୬ ହଜାର ୬ ଶହ ଟଙ୍କା ଦେଇଥିଲେ। ଟଙ୍କା ମିଳିବାର କିଛି ଘଣ୍ଟା ପରେ ସଂପୃକ୍ତ ୪ର୍ଥ ଶ୍ରେଣୀ କର୍ମଚରୀ ଜଣକ କାମ ହୋଇଥିବା ଠିକାଦାରଙ୍କୁ ସୂଚନା ଦେଇଥିଲେ । ଠିକାଦାରମାନେ ହାତଗୁଞ୍ଜା ନ ଦେଲେ ବିଲ ପାସ ହେଉ ନ ଥିବାରୁ ବ୍ଲକରେ ଉନ୍ନୟନ କାମରେ ବ୍ୟାପକ ଦୁର୍ନୀତ ହେଉଛି। ଏ ସଂକ୍ରାନ୍ତରେ ବିଡିଓ ଅକ୍ଷୟ ପାଣି ଉଡୁଙ୍କୁ ପଚାରିବାରେ ଏହା ଏକ ଚିନ୍ତାଜନକ କଥା । ଷ୍ଟାଫ୍‌ଙ୍କୁ ଡାକି ଆଲୋଚନା କରିବି । ପ୍ରମାଣ ମିଳିଲା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ ।

## ବିଶ୍ୱ ରେଡକ୍ରସ ଦିବସ ପାଳିତ

ଖପ୍ରାଖୋଲ,୮।୫(ଅଭୟ ତ୍ରିପାଠୀ) ସ୍ଥାନୀୟ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିଶ୍ୱ ରେଡକ୍ରସ ଦିବସ ବୁଧବାର ବିଦ୍ୟାଳୟ ଅଧ୍ୟକ୍ଷ ବଳଭଦ୍ର ଦାଶ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର, ମୁଖ୍ୟବକ୍ତା ବ୍ଲକ ସହ ଶିକ୍ଷା ଅଧିକାରୀ ରୁଦ୍ରଦେବ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଅଚ୍ୟୁତାନନ୍ଦ ସାହୁ ଯୋଗ ଦେଇଥିଲେ। ପ୍ରଥମେ ରେଡକ୍ରସର ପ୍ରତିଷ୍ଠାତା ହେନେରୀଙ୍କ ଫଟୋ ଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ ସହ ସ୍ମୃତିଚାରଣ କରାଯାଇଥିଲା। ଛାତ୍ରୀଛାତ୍ରମାନେ ସମାଜ ସେବା ପ୍ରତି ଆକୃଷ୍ଟ ହେଲେ ସୁସ୍ଥ ସମାଜ ସମ୍ଭବ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପକ ପ୍ରଶାନ୍ତ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବିକାଶ ଫାଷ୍ଟଷ୍ଟେପରେ ଗ୍ରୀଷ୍ମ ଶିବିର

**ବରଗଡ଼,୮।୫(ପ୍ରେମାନନ୍ଦ ଖମାରୀ)**

ବିଦ୍ୟାଳୟର ଗ୍ରୀଷ୍ମ ଅବକାଶ ସମୟରେ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ମୌଳିକ, ବୌଦ୍ଧିକ ଜ୍ଞାନର ବିକାଶ ପାଇଁ ବରଗଡ଼ର ବିକାଶ ଫାଷ୍ଟଷ୍ଟେପ୍ ଶିକ୍ଷାନୁଷ୍ଠାନରେ ଗ୍ରୀଷ୍ମ ଶିବିର ଆରମ୍ଭ ହୋଇଛି। ବିଦ୍ୟାଳୟ ଅଧ୍ୟକ୍ଷା ପୁଷ୍ପଲତା ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବିକାଶ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଏଥିରେ ଛାତ୍ରୀଛାତ୍ରମାନେ ଯୋଗ, ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, କରାଟେ ଆଦି ବିଷୟରେ ଶିକ୍ଷାଲାଭ କରୁଛନ୍ତି। ଅନୁଷ୍ଠାନର ଶିକ୍ଷୟିତ୍ରୀ, ଶିକ୍ଷକମାନେ ଶିକ୍ଷାଦାନ କରୁଛନ୍ତ। ଆସନ୍ତା ୧୩ ତାରିଖରେ ଶିବିର ଉଦଯାପିତ ହେବ ।



ଗ୍ରୀଷ୍ମ ଶିବିରରେ ଛାତ୍ରୀଛାତ୍ର ଚିତ୍ର ଅଙ୍କନ କରୁଛନ୍ତି ।

## ସମ୍ବିଧାନର ସୁରକ୍ଷା ହିଁ ଦେଶର ସୁରକ୍ଷା: ବଘେଲ

**ଭବାନୀପାଟଣା,୮।୫ (ଉତ୍ତମ କୁମାର ଦାଶ)**

ସମ୍ବିଧାନ ରହିଲେ ହିଁ ଦେଶ ସୁରକ୍ଷିତ ରହିବ। ସମ୍ବିଧାନ ହିଁ ଦେଶର ସୁରକ୍ଷା କବଚ। ଶାସନ ଗାଦିରେ ବସିବା ପାଇଁ ସଂଖ୍ୟା ଗରିଷ୍ଠତା ଦରକାର। ମୋଦି ସରକାର ୪୦୦ ପାର ନାରା ଦେବା ଅର୍ଥ ଅଧିକ ସଂଖ୍ୟାବଳ ହେଲେ ସମ୍ବିଧାନ ରହିବ ନାହିଁ। ସମ୍ବିଧାନ ନ ରହିଲେ ନିର୍ବାଚନ ହେବ ନାହିଁ। ନିର୍ବାଚନ ନ ହେଲେ ଗଣତନ୍ତ୍ର ବଦଳରେ ରାଜତନ୍ତ୍ର ସ୍ଥାପିତ ହେବ। ଲୋକେ ଭୋଟ ଦେବା ଅଧିକାର ହରାଇବେ। ସରକାର ବୋଲି କିଛି ରହିବ ନାହିଁ। ଯେଉଁମାନେ ଶାସନ ଗାଦିରେ ବସିବେ ସେମାନେ ଜନସାଧାରଣଙ୍କ ନିକଟରେ ଉତ୍ତରଦାୟୀ ରହିବେ ନାହିଁ। ଫଳରେ ଏକଛତ୍ରବାଦ ବଢ଼ିବ ବୋଲି ବୁଧବାର ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ କଳାହାଣ୍ଡି ଜିଲା ଧର୍ମଗଡ଼ଠାରେ ଆୟୋଜିତ ନିର୍ବାଚନୀ ସଭାରେ କହିଥିଲେ।



ବିଶ୍ୱନାଥପୁରରେ କାର୍ଯ୍ୟକ୍ରମରେ ଭୂପେଶ ବଘେଲ ଓ ଅନ୍ୟ ନେତୃବୃନ୍ଦ।

ବଘେଲ ଭାଜପା ଓ ବିଜେଡି ସରକାରକୁ ଜନବିରୋଧୀ ବୋଲି କହିବା ସହ କଂଗ୍ରେସର ଧର୍ମଗଡ଼ ବିଧାୟକ ପ୍ରାର୍ଥିନୀ ରଶ୍ମିରେଖା ରାଉତ, ଜୁନାଗଡ଼ ବିଧାୟକ ପ୍ରାର୍ଥୀ ତୁଲେଶ୍ୱର ନାଏକ, ଲାଞ୍ଜିଗଡ଼ ପ୍ରାର୍ଥୀ ବଳଭଦ୍ର ମାଝି, ନର୍ଲା ବିଧାୟକ ପ୍ରାର୍ଥୀ ଭକ୍ତ ଚରଣ ଦାସ, ଭବାନୀପାଟଣା ବିଧାୟକ ପ୍ରାର୍ଥୀ ସାଗର ଚରଣ ଦାସ ଲୋକ ସଭା ପ୍ରାର୍ଥିନୀ ଦ୍ରୋପଦୀ ମାଝିଙ୍କ ପାଇଁ ଭୋଟ ମାଗିଥିଲେ। ସଭାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସ ଯୋଗଦେଇ ବିଜେଡି ସରକାର ଉପରେ ବର୍ଷିଥିଲେ। ସମସ୍ତଙ୍କୁ ସମାନ ଅଧିକାର, ସମ୍ବିଧାନର ସୁରକ୍ଷା, ମା' ମାଟିର ସୁରକ୍ଷା ଏବଂ ବେକାରୀ ଦୂରୀକରଣ ପାଇଁ କଂଗ୍ରେସର ଆବଶ୍ୟକତା ରହିଛି ବୋଲି ଭକ୍ତ ଦାସ କହିବା ସହ କଂଗ୍ରେସ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ କଂଗ୍ରେସ ନେତା ତୁଷାର ପାଙ୍ଗଯୋଷୀ ପରିଚାଳନା କରିଥିଲେ। ଏହାପୂର୍ବରୁ ବଘେଲ ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀର ବିଶ୍ୱନାଥ ପୁରକୁ ନିର୍ବାଚନୀପ୍ରଚାରକରିବାପାଇଁଯାଇଥିଲେ।

## ସଂକ୍ଷେପରେ

### ନିଆଁ ଲାଗି ଜଳିଗଲା କାର୍

ବାଲିଶଙ୍କରା. ୮।୫(ହୃଦାନନ୍ଦ ବାରିକ): ତଳସରା ଥାନା ଅନ୍ତର୍ଗତ ଶାଗବାହାଲ ପଞ୍ଚାୟତ ମଗରକୁଣ୍ଡା ଗ୍ରାମରେ ଏକ ଘଟଣା ଘଟିଛି। ପ୍ରଚଣ୍ଡ ଖରାରୁ ରକ୍ଷା କରିବା ପାଇଁ ଗଛ ତଳେ କାରକୁ ଛିଡା କରି ରଖିଥିବାବେଳେ ଜଙ୍ଗଲରେ ହଠାତ ନିଆଁ ଲାଗିବା ଦ୍ୱାରା ନିଆଁ ଉଡିଆସି ଗାଡ଼ିରେ ମଧ ହୁହୁ ହୋଇ ନିଆଁ ଲାଗିଯାଇଥିଲା। ଏହି ଗାଡି ନଂ. ସିଜି ୧୪ ଏମଏଫ ୯୩୬୮। ଗ୍ରାମବାସୀ ଯେତେ ଚେଷ୍ଟା କଲେ ମଧ ନିଆଁକୁ ଆୟତ୍ତ କରି ପାରି ନ ଥିଲେ। ଗାଡିଟି ସମ୍ପୂର୍ଣ୍ଣ ଜାଳି ଯାଇଥିବାରୁ ମାଲିକ ସୁମନ ଖେସ ଚିନ୍ତାରେ ଅଛନ୍ତି।

### ବଜ୍ରପାତରେ ମହିଳାଙ୍କ ମୃତ୍ୟୁ

ଥୁଆମୂଳ ରାମପୁର,୮।୫(ଦୁର୍ଗା କୀର୍ତ୍ତି): କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅଞ୍ଚଳରେ ମଙ୍ଗଳବାର ବଜ୍ରପାତ ଘଟି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ମହୁଲପାଟଣା ଫାଣ୍ଡି ଅନ୍ତର୍ଗତ ପୋଡ଼ାପଦର ଗ୍ରାମର ପେଙ୍ଗାଏ ମାଝି (୪୮)। ସୂଚନା ଅନୁସାରେ ସ୍ୱାମୀଙ୍କ ମୃତ୍ୟୁ ପରଠାରୁ ପେଙ୍ଗାଏ ତାଙ୍କ ବଡ ଭଣଜା କୃଷ୍ଣ ମାଝିଙ୍କ ଘରେ ରହିଆସୁଥିଲେ। ମଙ୍ଗଳବାର କୌଣସି କାମରେ ସେ ସାନଭଣଜା ନିଙ୍ଗି ମାଝିଙ୍କ ଗ୍ରାମ ସାନ ଛତ୍ରଙ୍ଗକୁ ଯାଇଥିଲେ। ଅପରାହ୍ନରେ ସେ ଭଣଜା ଓ ଭଣଜା ବୋହୂଙ୍କ ସହ ମିଶି ବଡ଼ ଭଣଜା ଘରକୁ ଫେରୁଥିଲେ। ବାଟରେ ପବନ ସହ ବର୍ଷା ହେବାରୁ ସେମାନେ ଏକ ଗଛମୂଳେ ଆଶ୍ରୟ ନେଇଥିଲେ। ହଠାତ୍ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ବଡ ଭଣଜା ଏ ନେଇ ଥୁଆମୂଳ ରାମପୁର ଥାନାରେ ଅଭିଯୋଗ କରିଥିଲେ।

### ଗାଁ ଗାଁ ବୁଲି ସୁଧାରାଣୀଙ୍କ ଭୋଟ ପ୍ରଚାର

ହେମଗିର,୮।୫(ଚୈତନ୍ୟ ପଟେଲ): ଗାଁ ଗାଁ ବୁଲି ଭୋଟ ପ୍ରଚାର କରୁଛନ୍ତି ସୁନ୍ଦରଗଡ଼ କଂଗ୍ରେସ ପ୍ରାର୍ଥୀ ସୁଧାରାଣୀ ରାଉଡିଆ । ଲୋକଙ୍କ ସହ ମିଶି କରୁଛନ୍ତି ବୈଠକ । ତେବେ ଏହି ଅବସରରେ ମୁଣ୍ଡରକ୍ଷେତ, ବିଲେଇମୁଣ୍ଡା, ଛତାବର, ଟପରିଆ, ହେମଗିର, ଉଜ୍ଜ୍ୱଳପୁର, ସଦର, ଟାଙ୍ଗରପାଲି, ଝାରପଲମ ଆଦି ବିଭିନ୍ନ ଗ୍ରାମରେ ପ୍ରଚାର କରିବା ସହିତ ଅନେକ ଲୋକ କଂଗ୍ରେସ ଦଳରେ ସାମିଲ ହେଉଛନ୍ତି ।


କଂଗ୍ରେସ ପ୍ରାର୍ଥୀ ସୁଧାରାଣୀ ରାଉଡିଆ ପ୍ରଚାର କରୁଛନ୍ତି।

# ଇବ୍ ନଦୀର ଜଳଧାର କମୁଛି

ସୁନ୍ଦରଗଡ,୮।୫(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡବାସୀଙ୍କ ଜୀବନ ରେଖା କୁହାଯାଉଥିବା ଇବ୍ ନଦୀର ଧାର ଏବେ ଶୁଖିଲାଣି। ପ୍ରଚଣ୍ଡ ଗ୍ରୀଷ୍ମ ଯୋଗୁ ସମସ୍ତେ ପାଣି ଟୋପାଏ ପାଇଁ ଡହକବିକଳ ହେଉଥିବାବେଳେ ଏହାଉପରେ ଗାଧୁଆ ପାଧୁଆ ଓ ପାନୀୟ ଜଳ ପାଇଁ ନିର୍ଭରଶୀଳ ଲୋକେ ଜଳକଷ୍ଟ ଭୋଗୁଛନ୍ତି। ପୂର୍ବରୁ ଏହି ନଦୀର ଧାର ଏପ୍ରିଲ ମାସ ପର୍ଯ୍ୟନ୍ତ ପ୍ରବାହିତ ହେଉଥିବାରୁ ଲୋକେ ଜଳ କଷ୍ଟ ସେତେଟା ଜାଣିପାରୁ ନ ଥିଲେ। ମାତ୍ର ଗତ କିଛି ବର୍ଷ ହେବ ଏହି ନଦୀର ଜଳାଧାର କମି କମି ଯାଉଛି। ଓଡ଼ିଶାର ସୁନ୍ଦରଗଡ ସୀମା ଠାରୁ ପ୍ରାୟ ୧୦/୧୨କିମି ଦୂରରେ ପଡୋଶୀ ରାଜ୍ୟ ଛତିଶଗଡ଼ ସରକାର ଏହି ନଦୀ ଉପରେ ସମଡମାଠାରେ ଗତ ୨୦୧୭ ମସିହାଠାରୁ ଏକ ଆନିକଟ ନିର୍ମାଣ କରିବାପରେ ତଳମୁଣ୍ଡରେ ନଦୀର ଜଳାଧାର ପୂର୍ବାପେକ୍ଷା ହ୍ରାସ ପାଇଛି। ମହାନଦୀର ଉପନଦୀ କୁହାଯାଉଥିବା ଏହି ନଦୀ ଛତିଶଗଡ଼ରୁ ବାହାରି ସୁନ୍ଦରଗଡ ଜିଲା ଦେଇ ଝାରସୁଗୁଡାଠାରେ ମହାନଦୀର ହୀରାକୁଦ ଡ୍ୟାମରେ ମିଶିଛି। ଇବ୍ ନଦୀର ଜଳାଧାର କମିବା ପରେ ଏହା ଉପରେ ନିର୍ଭରଶୀଳ ସୁନ୍ଦରଗଡ ଓ ଝାରସୁଗୁଡା


ଇବ୍ ନଦୀରେ ବାଲିବନ୍ଧ କରି ପାଣି ଅଟକାଯାଇଛି।

**ବାଲିବନ୍ଧ ଭରସାରେ ଚାଲିଛି ଜଳଯୋଗାଣ**

ଜିଲାର ୫ଟି ବ୍ଲକର ନଦୀ ପାର୍ଶ୍ୱବର୍ତ୍ତୀ ଅଧିବାସୀଙ୍କୁ ଜଳକଷ୍ଟର ଶିକାର ହେବାକୁ ପଡୁଛି। ସମଡେମାଠାରେ ଛତିଶଗଡ଼ ସରକାର ସାଢେ ତିନି ମିଟର ଉଚ୍ଚତା ବିଶିଷ୍ଟ ଏହି ଆନିକଟରେ ୨୪ଟି ଗେଟ ନିର୍ମାଣ କରିଛନ୍ତି। ଫଳରେ ସେଠାରେ ପାଣିକୁ ଅଟକାଇବା ପରେ ଏବେ ପ୍ରତିବର୍ଷ ଫେବୃଆରୀର ଶେଷ ବେଳକୁ ଇବ ନଦୀର ଜଳଧାର କମି ଯାଉଛି। ଆଗମୀ ଦିନରେ ଜଳାଧାର ଆହୁରି ପୂର୍ବରୁ କମିବାର ସମ୍ଭାବନା ଦେଖାଦେଇଛି। ଏହି ନଦୀରୁ ସୁନ୍ଦରଗଡ ସହରକୁ ଜଳଯୋଗାଣ ହୋଇଥାଏ। ବର୍ତ୍ତମାନ ସୁନ୍ଦରଗଡ ସହରର ଜନସଖ୍ୟା ୫୯,୮୧୧ ସରକାରୀ ତଥ୍ୟ ଅନୁସାରେ ରହିଥିବା ବେଳେ ବେସରକାରୀ ଭାବେ ଏହାଠାରୁ ଅଧିକ ରହିଛି। ଏଠାରେ ଦୈନିକ୧୨ଲକ୍ଷ ଲିଟର ପାଣିର ଆବଶ୍ୟକତା ରହିଛି। ପ୍ରତିବର୍ଷ ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଜିଲା ଗ୍ରାମ ଉନ୍ନୟନ ସଂସ୍ଥା କିମ୍ବା ପୌର ପ୍ରଶାସନ ପକ୍ଷରୁ ଖରାଦିନେ ଅସ୍ଥାୟୀ ବାଲିବନ୍ଧ କରି ଜଳଧାରକୁ ଅଟକାଇ ରଖାଯାଇଥାଏ। ଚଳିତବର୍ଷ ନଦୀରେ ଜଳଧାର କମି ଯିବା ପରେ ସହରାଞ୍ଚଳ ଜଳଯୋଗାଣ ବିଭାଗ ପକ୍ଷରୁ ନଦୀରେ ବାଲି ବନ୍ଧ ନିର୍ମାଣ କରି ଜଳଧାରକୁ ଅଟକାଇ ସେଠାରୁ ସହରବାସୀଙ୍କୁ ଜଳଯୋଗାଣ କରାଯାଉଛି। ବର୍ତ୍ତମାନ ଆବଶ୍ୟକତାଠାରୁ ପ୍ରତିଦିନ ୧୬ଲକ୍ଷ ଲିଟର ଜଳ ସଂଗ୍ରହ ହେଉଛି। ପ୍ରତିଦିନ ଗୋଟିଏ ବେଳା ଦିଆଯାଉଥିଲା ବେଳେ ଏବେ ଦୁଇବେଳା ଜଳଯୋଗାଣ ହେଉଛି। ସହରରେ ପୂର୍ବରୁ ୬ଟି ଓଭରହେଡ ପାଣି ଟାଙ୍କି ଥିଲା। ଏବେ ଆଉ ୪ଟି ନୂଆ ଓଭରହେଡ ପାଣି ଟାଙ୍କି ନିର୍ମାଣ ହୋଇଛି। ଏବେ ଜଳଯୋଗାଣ ବ୍ୟବସ୍ଥା ଠିକ ଥିବା ବେଳେ ଆଗକୁ ବର୍ଷା ବିଳମ୍ବିତ ହେଲେ ଏଥିରେ ସମସ୍ୟା ଦେଖାଦେବାର ଆଶଙ୍କା ରହିଥିବା ନେଇ ୱାଟକୋର ସହକାରୀ ଯନ୍ତ୍ରୀ ନିକୁଞ୍ଜ ବିଳାସିନୀ କାଲୋ ପ୍ରକାଶ କରିଛନ୍ତି। ଅପରପକ୍ଷରେ ସୁନ୍ଦରଗଡ ସଦରବ୍ଲକର କୋପସିଂହା ଓ କୁଡାବଗା ଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦୁଇଟି ବ୍ୟାରେଜ ନିର୍ମାଣ ଆରମ୍ଭ ହୋଇଛି।ଏହା ସମ୍ପୂର୍ଣ୍ଣ ହେଲେ ସୁନ୍ଦରଗଡବାସୀଙ୍କୁ ଉଭୟ ପାନୀୟ ଜଳ ଓ ଚାଷ ଜମିକୁ ପାଣି ବ୍ୟବସ୍ଥା ହୋଇପାରିବ ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି। ହେଲେ ନଦୀର ଉପର ମୁଣ୍ଡରେ ଛତିଶଗଡ଼ ରାଜ୍ୟ ସରକାର ପାଣିକୁ ଅଟକାଇ ରଖିବା ପାଇଁ ବିଭିନ୍ନ ପ୍ରକଳ୍ପ ନିର୍ମାଣ ସୁନ୍ଦରଗଡବାସୀଙ୍କୁ ଚିନ୍ତାରେ ପକାଇଛି।

## ଭାଜପାର ନିର୍ବାଚନୀ ସଭା

ବଡ଼ଗାଁ, ୮।୫(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ସାହାଜବାହାଲ ଗ୍ରାମରେ ବୁଧବାର ଭାଜପାର ନିର୍ବାଚନୀ ସଭା ହୋଇଥିଲା। ସାଂସଦ ପ୍ରାର୍ଥୀ ଜୁଏଲ ଓରାମ ସଭାରେ ଦୃଢ଼ୋକ୍ତି ପ୍ରକାଶ କରି କହିଛନ୍ତି, ଓଡ଼ିଶାରେ ଭାଜପା ସରକାର ଗଢ଼ିବ। ଜୁଏଲ ଏବଂ ତଳସରା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଭବାନୀ ଶଙ୍କର ଭୋଇ ପୂର୍ବାହ୍ନରେ ପଟୁଆବେଡା, ଟିକିଲିପଡା ଓ ଇତମା ଗ୍ରାମରେ ସଭା ଓ ଜନସମ୍ପର୍କ କରି ମଧ୍ୟାହ୍ନରେ ସାହାଜବାହାଲ ଗାଁରେ ପହଞ୍ଚିଥିଲେ। ଭାଜପାର ବରିଷ୍ଠ ନେତା ବସନ୍ତ ସାହୁ, ରୋହିତ ସାହୁ, ପଦ୍ମଲୋଚନ ନାଏକ ଓ ଟିକାନନ୍ଦ ଜୟପୁରିଆଙ୍କ ପ୍ରଚେଷ୍ଟାରେ ଆୟୋଜିତ ସଭାରେ ସାଂସଦ ପ୍ରାର୍ଥୀ ଓରାମ, ବିଧାୟକ ପ୍ରାର୍ଥୀ ଭୋଇ, ଜିଲା ସଂଯୋଜକ ବଟକିଶୋର ମିଶ୍ର, ଏସ୍‌ଟି ମୋର୍ଚ୍ଚା ଜିଲା ସଭାପତି ଜଗବନ୍ଧୁ ଭୋଇ, ପାମରା ମଣ୍ଡଳ ସଭାପତି ଚିନ୍ମୟ ସାହୁ, ବରିଷ୍ଠ କର୍ମୀ କୃଷ୍ଣଚନ୍ଦ୍ର ସାହୁ, ଗୋକୁଳାନନ୍ଦ ନାଏକ, ହୃଦାନନ୍ଦ ନାଏକ, ଶିଶିର ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ବିଧାୟକ ପ୍ରାର୍ଥୀ ଭୋଇ ତାଙ୍କ ଭାଷଣରେ କହିଥିଲେ, ତଳସରା ସ୍ୱାଭିମାନର ମାଟି। ଏଠାକାର ଭୋଟରଙ୍କୁ ଟଙ୍କା କିଣିପାରିବ ନାହିଁ। ଭାଜପା ଆସିଲେ ମୋଦି ଗ୍ୟାରେଣ୍ଟିର ୨୧ଟି ସଂକଳ୍ପ ପୂରଣ କରାଯିବ ବୋଲି କହିବା ସହିତ ଲୋକଙ୍କ ସୁବିଧା ଅସୁବିଧାରେ ଛିଡ଼ା ହେବୁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ସଭାରେ ସାହାଜବାହାଲ ଗ୍ରାମର ବିଜେଡ଼ି ସମର୍ଥକ କ୍ରିଷ୍ଣା ସାହୁ, ରଜତ ପଟେଲ, ପ୍ରଶାନ୍ତ ପୃଷେଟ ଓ ଗଗନ ବେହେରା ଭାଜପାରେ ଯୋଗ ଦେଇଥିଲେ।


ଭାଜପା ନିର୍ବାଚନୀ ସଭାରେ ସାଂସଦ ପ୍ରାର୍ଥୀ ଜୁଏଲ ଓରାମ ଭାଷଣ ଦେଉଛନ୍ତି।

## ସ୍ୱାଧୀନ ପ୍ରାର୍ଥୀଙ୍କୁ ଇଣ୍ଡିଆ ମେଣ୍ଟର ସମର୍ଥନ

କୁଆଁରମୁଣ୍ଡା,୮।୫(ମହେନ୍ଦ୍ର କୁମାର ସାହୁ)

ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ଜେଏମଏମ ନିଜର ପ୍ରାର୍ଥୀଭାବେ ପୂର୍ବତନ ବିଧାୟକ ନିହାର ସୁରିନଙ୍କୁ ଟିକେଟ ଦେଇଥିଲା। ହେଲେ ନାମାଙ୍କନ ପରେ ପ୍ରପୋଜର ସଂଖ୍ୟା କମ ଦର୍ଶାଇ ନିର୍ବାଚନ ଅଧିକାରୀ ନିହାରଙ୍କ ପ୍ରାର୍ଥିତ୍ୱକୁ ଖାରଜ କରିଦେବା ପରେ ଇଣ୍ଡିଆ ମେଣ୍ଟ ପ୍ରାର୍ଥୀ ଶୂନ୍ୟ ହୋଇଯାଇଥିଲା। ଉକ୍ତ ମେଣ୍ଟ ଅନ୍ୟ କୌଣସି ବିକଳ୍ପ ନ ପାଇ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ରାଜେଶ କେରକେଟାଙ୍କୁ ଚଳିତ ନିର୍ବାଚନରେ ପୂର୍ଣ୍ଣ ସମର୍ଥନ କରିବ ବୋଲି ବୁଧବାର କୁଆଁରମୁଣ୍ଡା ଲୋକନାଥ ମନ୍ଦିରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏଆଇସିସି ପର୍ଯ୍ୟବେକ୍ଷକ ଅଭିଷେକ ତ୍ରିପାଠୀ ପ୍ରକାଶ କରିଛନ୍ତି। ଏହି ଅବସରରେ ପୂର୍ବରୁ କଂଗ୍ରେସ ଦଳ ଛାଡିଥିବା ସ୍ୱାଧୀନ ପ୍ରାର୍ଥୀ ରାଜେଶଙ୍କୁ ପୁନର୍ବାର କଂଗ୍ରେସ ଦଳକୁ ଏଆଇସିସି ପର୍ଯ୍ୟବେକ୍ଷକ ତ୍ରିପାଠୀ ଫେରାଇ ଆଣିଛନ୍ତି। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ଜିଲା ସଭାପତି ଆଲବର୍ଟ କିଣ୍ଡୋ, ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ କଂଗ୍ରେସ ଉପଦେଷ୍ଟା ଏମଡି କମାଲ ଖାନ, ନିର୍ବାଚନ ମଣ୍ଡଳୀ ସଂଯୋଜକ ବିକ୍ରମ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ଦିଲୀପ ରାୟ ପ୍ରଚାରରେ ଭୋଟରଙ୍କ ଗହଣରେ ଯାଉଛନ୍ତି।

# ଭାଜପା ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର

ରାଉରକେଲା, ୮।୫ (ବିପ୍ଳବରଞ୍ଜନ ଦାଶ)

ରାଉରକେଲା ବିଧାନସଭା ଆସନର ଭାଜପା ପ୍ରାର୍ଥୀ ଦିଲ୍ଲୀପ ରାୟ ବୁଧବାର ନିଜ ସମର୍ଥକଙ୍କ ସହିତ ବିଭିନ୍ନ ସ୍ଥାନରେ ପ୍ରଚାର କରିଛନ୍ତି। ସହରର କୋଏଲ ବ୍ୟାଙ୍କ, ଡିଏଭି ପୋଖରୀ, ବାସନ୍ତୀ କଲୋନୀ, ପାୱାର ହାଉସ, ପାନପୋଷ, ସିଭିଲ ଟାଉନଶିପ, ଟ୍ରାଫିକ ମାର୍କେଟ ସମେତ ବିଭିନ୍ନ ସ୍ଥାନରେ ଆୟୋଜିତ ନିର୍ବାଚନୀ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ପରେ ଝିରପାଣିରେ ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଝିରପାଣି ପଞ୍ଚାୟତର ସରପଞ୍ଚ ତଥା ବିଶ୍ରା ବ୍ଲକ ସରପଞ୍ଚ ସଂଘ ଓ ଜିଲା ସରପଞ୍ଚ ସଂଘର ଉପସଭାପତି ଅଜିତ ତିର୍କୀ ଓ ପୂର୍ବତନ ସରପଞ୍ଚ ଖାଡା କୁଜୁର ପ୍ରମୁଖ ମଞ୍ଚାସୀନ ଥିଲେ। ଏହାପରେ କୋଏଲ ନଗର ସି-ବ୍ଲକ ନେଟ ପାର୍କଠାରେ ଆୟୋଜିତ ନିର୍ବାଚନୀ ସଭାରେ ଦିଲ୍ଲୀପ ରାୟ ଯୋଗଦେଇଥିଲେ। ଟ୍ରାଫିକ ମାର୍କେଟରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଶତାଧିକ ସ୍ଥାନୀୟ ଭୋଟର ସମବେତ ହୋଇ ଦିଲ୍ଲୀପଙ୍କୁ ନିଜର ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଉପରୋକ୍ତ ନିର୍ବାଚନୀ ସଭାରେ ଦିଲ୍ଲୀପ ଲୋକଙ୍କ ପ୍ରଶ୍ନଗୁଡିକର ଜବାବ ରଖିବା ସହିତ କହିଥିଲେ ଯେ, ନିର୍ବାଚନରେ ବିଜୟୀ ହେଲେ ସର୍ବପ୍ରଥମେ ଲୋକଙ୍କ ପ୍ରତିଟି ସମସ୍ୟାର ସମାଧାନ କରାଯିବ। ବିଶୁଦ୍ଧ ପାଣି ଠାରୁ ଆରମ୍ଭ କରି ରାସ୍ତାଘାଟ ସମସ୍ୟା ସମାଧାନ ହେବ।

## ୩୪ ଖଣ୍ଡ ଶାଗୁଆନ ପଟ୍ଟା ଜବତ

ଦେଓଗାଁ,୮।୫(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଦେଓଗାଁ-ଭୁତିଆରବାହାଲ ରାସ୍ତାର ଅର୍ଡା ଛକ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଜିଲା ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ପାଟ୍ରୋଲିଂ ସମୟରେ ବନ ବିଭାଗ କର୍ମଚାରୀମାନେ ଚୋରା ଶାଗୁଆନ ପଟା ଜବତ କରିଛନ୍ତି । ପ୍ରକାଶ ଯେ, ରେଞ୍ଜର ଯୁଧିଷ୍ଠିର ଜାଲଙ୍କ ନେତୃତ୍ୱରେ ଫରେଷ୍ଟର ବ୍ୟାସଦେବ ସାହୁ, ଜନ୍ମେଜୟ ପାଣିଗ୍ରାହୀ, ଫରେଷ୍ଟ ଗାର୍ଡ ସୁକାନ୍ତି ସରାଫ ଓ ପାରା ଷ୍ଟାଫ୍‌ମାନେ ପାଟ୍ରୋଲିଂ କରୁଥିଲେ । ଏହି ସମୟରେ ଏକ ଗାଡି (ନଂ ଓଡି୦୩ଏ ୬୬୫୪)ରେ ୩୪ଖଣ୍ଡ ଶାଗୁଆନ ପଟା ଚାଲାଣ ହେଉଥିବା ବେଳେ ବନବିଭାଗର ପାଟ୍ରୋଲିଂ ଦେଖି ଗାଡିକୁ ରାସ୍ତା ଉପରେ ଛାଡିଦେଇ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ । ଗାଡି ଓ ପଟାକୁ ବନବିଭାଗ କର୍ମଚାରୀମାନେ ଜବତ କରି ସ୍ଥାନୀୟ ରେଞ୍ଜ କାର୍ଯ୍ୟାଳୟକୁ ଆଣିଥିବା ବେଳେ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ପ୍ରୟାସ ଜାରି ରହିଥିବା ରେଞ୍ଜର ଜାଲ ସୂଚନା ଦେଇଛନ୍ତି ।

## ସୁନ୍ଦରଗଡ଼ ବିକାଶଧାରା ଆହୁରି ଆଗକୁ ଯିବ: କୁସୁମ


ନିର୍ବାଚନୀ ସଭାରେ ଭାଜପା ପ୍ରାର୍ଥିନୀ କୁସୁମ ଟେଟେ ଉଦ୍‌ବୋଧନ ଦେଉଛନ୍ତି।

ସୁନ୍ଦରଗଡ଼,୮।୫(ଜୟନାରାୟଣ ମେଣ୍ଡୁଲି)

ଗତ ପାଞ୍ଚବର୍ଷ ଭିତରେ ଯେଉଁ ବିକାଶଧାରା ସୁନ୍ଦରଗଡ଼ରେ ଆରମ୍ଭ ହୋଇଛି, ଯଦି ଦ୍ୱିତୀୟ ଥର ବିଜୟୀ ହୁଏ ସୁନ୍ଦରଗଡ଼ର ବିକାଶଧାରା ଆହୁରି ଆଗକୁ ଯିବ। ସବୁ କ୍ଷେତ୍ରରେ ଅଗ୍ରାଧିକାର ଭିତ୍ତିରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ସୁନ୍ଦରଗଡ଼ ବିଧାୟିକା ତଥା ଭାଜପା ପ୍ରାର୍ଥିନୀ କୁସୁମ ଟେଟେ ବୁଧବାର ନିର୍ବାଚନୀ ସଭାରେ କହିଛନ୍ତି। ଅନେକ ଦୁର୍ଗମ ଅଞ୍ଚଳରେ ପକ୍କା ରାସ୍ତା ନିର୍ମାଣ ସରିଛି। ଆଉ ବାକି ରହିଥିବା ରାସ୍ତାଗୁଡିକ ନିର୍ମାଣ ହେବ। କେନ୍ଦ୍ରୀୟ ଯୋଜନା ଘରଘର ଜଳ, ହର ଘର ନଳ ଯୋଜନାରେ ପ୍ରତ୍ୟେକ ପରିବାରକୁ ସ୍ୱଚ୍ଛ ପିଇବା ପାଣି ସହ ଅନେକ ମୌଳିକ ସମସ୍ୟାର ସମାଧାନ କରାଯିବ ବୋଲି ବାରଗାଡ଼ ପଞ୍ଚାୟତର ବଳଦମାଲ ଓ ଲଙ୍କାହୁଡା ପଞ୍ଚାୟତର ରୂପିଡ଼ିହି, କୁଣ୍ଡୁକେଲା ଗ୍ରାମରେ ନିର୍ବାଚନୀ ସଭାରେ କୁସୁମ ନିଜ ମତ ରଖିଛନ୍ତି। କାର୍ଯ୍ୟକ୍ରମରେ ସଦର ଭାଜପା ପର୍ଯ୍ୟବେକ୍ଷକ ସଞ୍ଜୀବ ପଟେଲ, ଜିଲା ଉପସଭାପତି ସୁରେନ୍ଦ୍ର ଭିତିରିଆ, ମହିଳା ନେତ୍ରୀ ଆରତୀ ପଟେଲ, ଉଦିତ ଖରସେଲ, ପରୀକ୍ଷିତ ସାହୁ, ସୁଦାମ ହୋତା, ସୁରେଶ ପଟେଲ, ସଦର ବ୍ଲକ ଉପାଧାକ୍ଷା ପ୍ରମୁଖ ଉପସ୍ଥିତ ରହିଥିଲେ।

## ବିଶ୍ୱ ରେଡକ୍ରସ ଦିବସ ପାଳିତ

ଖପ୍ରାଖୋଲ,୮।୫(ଅଭୟ ତ୍ରିପାଠୀ) ସ୍ଥାନୀୟ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିଶ୍ୱ ରେଡକ୍ରସ ଦିବସ ବୁଧବାର ବିଦ୍ୟାଳୟ ଅଧକ୍ଷ ବଳଭଦ୍ର ଦାଶ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର, ମୁଖ୍ୟବକ୍ତା ବ୍ଲକ ସହ ଶିକ୍ଷା ଅଧିକାରୀ ରୁଦ୍ରଦେବ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଅଚ୍ୟୁତାନନ୍ଦ ସାହୁ ଯୋଗ ଦେଇଥିଲେ। ପ୍ରଥମେ ରେଡକ୍ରସର ପ୍ରତିଷ୍ଠାତା ହେନେରୀଙ୍କ ଫଟୋ ଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ ସହ ସ୍ମୃତିଚାରଣ କରାଯାଇଥିଲା। ଛାତ୍ରୀଛାତ୍ରମାନେ ସମାଜ ସେବା ପ୍ରତି ଆକୃଷ୍ଟ ହେଲେ ସୁସ୍ଥ ସମାଜ ସମ୍ଭବ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ଅଧାପିକା ଅଧାପକ ଉପସ୍ଥିତ ଥିଲେ। ଶେଷରେ ଅଧାପକ ପ୍ରଶାନ୍ତ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସରପଞ୍ଚ ସଂଘର ବୈଠକ

ବଡ଼ଗାଁ, ୮।୫(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ବୁଧବାର ପୂର୍ବାହ୍ନରେ ଅଞ୍ଚଳର ବିଭିନ୍ନ ସମସ୍ୟାଗୁଡିକୁ କିପରି ସମାଧାନ କରାଯାଇପାରିବ ସେ ନେଇ ବୈଠକ କରି ଆଲୋଚନା ହୋଇଛି। କଣ୍ଟିଆମୁରା ଖେଳ ପଡିଆ ଠାରେ ଆୟୋଜିତ ଏହି ବୈଠକରେ ସରପଞ୍ଚ ସଂଘର ସଭାପତି ଯୋଗେନ୍ଦ୍ର କିଷାନ, ସମ୍ପାଦିକା ମେନକା କାଲୋ, କୋଷାଧକ୍ଷ ଗୋବର୍ଦ୍ଧନ ହାହା, ସରପଞ୍ଚ ସୁଦୀପ ବାଡା, ରଜନୀ ବା, ରଜେଶ୍ୱରୀ କାଲୋ, ସାବିତ୍ରୀ ମାଝି, ସୁକୃତା ବିଶାଳ, ଶ୍ୟାମ ସୁନ୍ଦର ଲାକ୍ରା, ଇମାନୁସ ଡୁଙ୍ଗଡୁଙ୍ଗ, ସାଇବାନୀ ଲାକ୍ରା ଯୋଗଦେଇ ସମସ୍ୟାଗୁଡିକ ଉପରେ ଆଲୋଚନା କରିଥିଲେ। ବିଶେଷକରି ବାର୍ଦ୍ଧକ୍ୟ ଭତ୍ତା ବିଧବା ଭତ୍ତା, ଦିବ୍ୟାଙ୍ଗ ଭତ୍ତା ଆକାଉଣ୍ଟରେ ଆସିପାରୁ ନ ଥିବାରୁ ବୃଦ୍ଧା ବୃଦ୍ଧମାନେ ହଇରାଣ ହେଉଥିବା, ସେମାନଙ୍କ ଟିପ ଚିହ୍ନ ମେସିନରେ ନେଇ ନ ଥିବାରୁ ଏଭଳି ହିତାଧିକାରୀଙ୍କୁ ନଗଦ ଅର୍ଥ ଦେବା ବ୍ୟବସ୍ଥା କରିବା ଭଳି କେତେକ ପଦକ୍ଷେପ ନେବାକୁ ଆଲୋଚନା ହୋଇଥିଲା। ଏ ନେଇ ପୂର୍ବରୁ ସମସ୍ୟା ସମ୍ପର୍କରେ ଅବଗତ କରାଯାଇଥିଲା। ପୁନର୍ବାର ଏହା ଉପରେ ସଂଘ ପକ୍ଷରୁ ବିଭାଗୀୟ ଅଧିକାରୀମାନଙ୍କୁ ଜଣାଇ ସମସ୍ୟାର ସମାଧାନ କରିବା ଉପରେ ସରପଞ୍ଚମାନେ ସହମତି ପ୍ରକାଶ କରିଥିଲେ।


ସରପଞ୍ଚ ସଂଘ କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି।

# ଆର୍‌ଏସ୍‌ପି ପକ୍ଷରୁ କୃତୀ ପ୍ରତିଯୋଗୀ ପୁରସ୍କୃତ

ରାଉରକେଲା, ୮।୫(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିରେ ସ୍ୱଚ୍ଛତା ପକ୍ଷ-୨୦୨୪ ପାଳନ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ବିଜେତାଙ୍କୁ ଇଡି(ୱର୍କସ) କନଫରେନ୍ସ ହଲରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଛି। କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍‌ଆର ସୂର୍ଯ୍ୟବଂଶୀ ଉତ୍ସବରେ ଅଧକ୍ଷତା କରି ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ କାରଖାନାର ବହୁ ସିଜିଏମ, ବିଭାଗ ମୁଖ୍ୟ ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ରହିଥିଲେ। ସ୍ଲୋଗାନ ଲିଖନ, ଚିତ୍ରାଙ୍କନ ଏବଂ ବର୍ଜ୍ୟାଦିରୁ ହସ୍ତଶିଳ୍ପ ପ୍ରତିଯୋଗିତାରେ ମୋଟ ୧୨ଜଣ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କର୍ମଚାରୀଙ୍କୁ ନଗଦ ପୁରସ୍କାର ପ୍ରମାଣପତ୍ର ସହିତ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଛି। କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କ ସହିତ ମତବିନିମୟ କରିଥିଲେ। ଏକ ସୁସ୍ଥ, ସ୍ୱଚ୍ଛ ଓ ସୁନ୍ଦର ଭାରତ ଗଢିବା ପାଇଁ ସ୍ୱଚ୍ଛତାର ସଂସ୍କୃତିକୁ ଅନୁପାଳନ କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ସ୍ଲୋଗାନ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ତଥା ସାନ୍ତ୍ୱନାମୂଳକ ପୁରସ୍କାର ବିଜୟୀ ହେଲେ ସିଲିକନ ଷ୍ଟିଲ ମିଲ ବିଭାଗ ପ୍ରଶାନ୍ତ କୁମାର ନାୟକ, ବ୍ଲାଷ୍ଟ ଫର୍ଣ୍ଣେସ-୫ ବିଭାଗର ଧୋବେଇ ଦାସ, କାର୍ମିକ ବିଭାଗର ଯୋଗେନ୍ଦ୍ର କୁମାର ଦାଶ, କୋଲ କେମିକାଲ୍ସ ବିଭାଗର ମାଜିଦ୍ ଅଖତାର ଅନସାରୀ। ଚିତ୍ରାଙ୍କନ ପ୍ରତିଯୋଗିତାରେ ହଟ ଷ୍ଟ୍ରିପ ମିଲ-୧ ବିଭାଗର ରିଜୱାନ ହାସିମ ଖାନ, ପିପିସି ବିଭାଗର ରବି ନାରାୟଣ ପଣ୍ଡା,ହଟଷ୍ଟ୍ରିପ ମିଲ ବିଭାଗ ସମୀର କୁମାର ଦାଶ ଓ ଏମପିସି ପୁଲ ବିଭାଗର ନବେନ୍ଦୁ ପସାୟତ କ୍ରମାନୁସାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବର୍ଜ୍ୟରୁ ଐଶ୍ୱର୍ଯ୍ୟ ହସ୍ତଶିଳ୍ପ ପ୍ରତିଯୋଗିତାର ପ୍ରଥମ ୪କୃତୀ ପ୍ରତିଯୋଗୀ ରହିଥିଲେ ଆରଏଣ୍ଡସି ଲ୍ୟାବ ବିଭାଗ ଦେବାଶିଷ ମହାନ୍ତି, କାର୍ମିକ ବିଭାଗର ଜ୍ୟୋତିର୍ମୟ ମହାନ୍ତି, ଏଚଏସଏମ-୨ ବିଭାଗର ସୁବ୍ରତ ଘୋଷ ଏବଂ କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ-୧ ବିଭାଗର ଶିବନନ୍ଦନା ଏହି ସମାବେଶକୁ ପାର୍ସନାଲ-ୱର୍କସ ବିଭାଗର ଜିଏମ ଇନଚାର୍ଜ ଧିରେନ୍ଦ୍ର ମିଶ୍ର ସ୍ୱାଗତ ଜଣାଇଥିବା ବେଳେ କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଡିଜିଏମ ମୁକେଶ କିଶୋର କରନ ଧନ୍ୟବାଦ ଜ୍ଞାପନ କରିଥିଲେ। ପି ଏଲ ୱର୍କ୍ସ ବିଭାଗ ସୁବୀର କୁମାର ସିଂ ଓ ବି.କରଣ କୁମାରଙ୍କ ସହଯୋଗରେ ପର୍ଶନାଲ ଏମଏମ ଓ ଏମପିସି ବିଭାଗର ଡେପୁଟି ମ୍ୟାନେଜର ଇତିଶ୍ରୀ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।



କୃତୀ ପ୍ରତିଯୋଗୀମାନଙ୍କ ସହ ଆର୍‌ଏସ୍‌ପି ଅଧିକାରୀ।

## ସଂକ୍ଷେପରେ

### ବିଦ୍ୟୁତ୍ ଠିକା କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବି

କୁଚିଣ୍ଡା, ୮।୫(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକର ଅର୍ଡାବାହାଲଠାରେ ଓଡ଼ିଶା ବିଦ୍ୟୁତ୍ ମହାସଂଘ ପକ୍ଷରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ବିଦ୍ୟୁତ ଡିଭିଜନରେ ନିଯୁକ୍ତ ଗ୍ରୀଡ କର୍ମଚାରୀ, ମିଟର ରିଡର, ରକ୍ଷଣାବେକ୍ଷଣ, ବିଲ୍ କଲେକ୍ଟର,ଏନଫୋର୍ସମେଣ୍ଟ ଓ ନିୟମିତ କର୍ମଚାରୀଙ୍କୁ ନେଇ ଗଠିତ ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘ ପକ୍ଷରୁ ଆୟୋଜିତ ସଭାରେ ପଶ୍ଚିମ ଜୋନ ସମ୍ପାଦକ ତାପସ ରଞ୍ଜନ ନାଥ ଅଧ୍ୟକ୍ଷତା କରିଥିଲେ। ଝାରସୁଗୁଡ଼ା ଡିଭିଜନ ସମ୍ପାଦକ ଦୀପକ କୁମାର ନାଏକ, ସବ୍‌ଡିଭିଜନ ସମ୍ପାଦକ ପ୍ରସନ୍ନ କୁମାର ଧୂରୁଆ ଓ ରାଜଗାଙ୍ଗପୁର ଡିଭିଜନ ସମ୍ପାଦକ ସୁମିତ ପଟେଲ ଯୋଗଦେଇ ରାଜ୍ୟ ସରକାର ଶ୍ରମିକ କର୍ମଚାରୀଙ୍କ ୨୫ପ୍ରତିଶତ ଦରମା ବୃଦ୍ଧି କରିଥିବାରୁ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାଧୁବାଦ ଜଣାଇଥିଲେ। ଏଥିସହ ଠିକାରେ କାର୍ଯ୍ୟ କରୁଥିବା ବିଭିନ୍ନ ବର୍ଗର କର୍ମଚାରୀଙ୍କ ମଧ୍ୟରୁ ବାର୍ଷିକ ଅନୂନ୍ୟ ୧ ହଜାର କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ନିମନ୍ତେ ପ୍ରସ୍ତାବ ଆଗତ କରି ଆଲୋଚନା କରିଥିଲେ।

### ଶନିଶ୍ଚରଙ୍କ ଜନ୍ମୋତ୍ସବ ପାଳିତ

ପଡିଆବାହାଲ,୮।୫(ରାଧାମୋହନ ଷଡଙ୍ଗୀ)

ସମ୍ବଲପୁର ଜିଲା ଯୁଜୁମୁରା ବ୍ଲକ ବାହାମ ପଞ୍ଚାୟତ ଖଲିଆପାଲି ଛକରେ ଶନିବାର ଶନିଶ୍ଚରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପଣ୍ଡିତ ଅଭୟ କୁମାର ନାୟକଙ୍କ ପୌରୋହିତ୍ୟରେ ବିଶ୍ୱରଞ୍ଜନ ବଡ଼ପଣ୍ଡା ଓ କଲ୍ୟାଣୀ ବଡପଣ୍ଡାଙ୍କ ନେତୃତ୍ୱରେ ଜୟନ୍ତୀ ପାଳନ କରାଯାଇଥିଲା। ସଞ୍ଜୀବ ପଣ୍ଡାଙ୍କ ଦ୍ୱାରା ଏଠାରେ ଏକ ହନୁମାନ ମନ୍ଦିର ସ୍ଥାପନ ପରେ ନିକଟସ୍ଥ. ପିପ୍ପଳ ବୃକ୍ଷ ମୂଳେ ଶନିଦେବଙ୍କ ପୂଜାରମ୍ଭ ହୋଇଥିଲା । ପରେ ଦାତା ଭକ୍ତଙ୍କ ସହଯୋଗରେ ଏଠାରେ ଏକ ଛୋଟ ମନ୍ଦିର ନିର୍ମାଣ ହୋଇ ପୂଜା ହୋଇ ଆସୁଛି। ଦୂରଦୁରାନ୍ତରୁ ମାନସିକଧାରୀ ଏଠାକୁ ଶନିଦେବଙ୍କ ଦର୍ଶନ ପାଇଁ ଆସୁଛନ୍ତି ।

### ପଞ୍ଚାୟତସ୍ତରୀୟ ଶ୍ରମିକ ସଚେତନତା ସଭା

କୁଚିଣ୍ଡା,୮।୫(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା ବାମରା ବ୍ଲକ ଅନ୍ତର୍ଗତ ରବଗା ପଞ୍ଚାୟତ ଉହମୁଣ୍ଡା ଠାରେ ଲୋକମୁକ୍ତି ସଙ୍ଗଠନ ବାମରା କ୍ଷେତ୍ର ପକ୍ଷରୁ ବୁଧବାର ପଞ୍ଚାୟତତ୍ସ୍ତରୀୟ ଶ୍ରମିକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଉହମୁଣ୍ଡା ଜଙ୍ଗଲ ଅଧିକାର କମିଟି ସମ୍ପାଦକ ଦାୟାଲ ତିର୍କୀଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ଲୋକମୁକ୍ତି ସଙ୍ଗଠନ ମୁଖ୍ୟ ସଂଯୋଜକ ଉମାକାନ୍ତ ନାଏକ ଓ ସଂଯୋଜକ ଜିନିତ ସାମାଦ ଯୋଗଦେଇଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଆଇନ, ଓଡ଼ିଶା କୋଠାବାଡ଼ି, ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଏବଂ ଓଡ଼ିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ବିଷୟରେ ଅତିଥିମାନେ ଆଲୋଚନା କରିଥିଲେ। ଏଥିରେ ସଙ୍ଗଠନର କେନ୍ଦ୍ରୀୟ ସମ୍ପାଦକ ଗ୍ରେଗୋରୀ ସାମାଦ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଫୁଲଦେଓ ସାମାଦ, କୁମୁଦିନୀ କିଡୋ, ସୁକାନ୍ତି ତିର୍କୀ, ଦାୟାଲ ତିର୍କୀ, ଜୁଆକିମ ଡୁଙ୍ଗଡୁଙ୍ଗ, କେଥରିନା କିଡୋ, ଆସ୍ରିତା ତପ୍ପ, ଭଗୋରେଟି କିଡୋ, ପ୍ରେମଶିଲା କାଣ୍ଡୁଲନା, ସୁନୀଲ ତପ୍ପ, ସୁନିତା ସାମାଦ, ଆଶ୍ରିତା ଡୁଙ୍ଗଡୁଙ୍ଗ, ସୁନିତା ଟେଟେ ପ୍ରମୁଖ ସହଯୋଗ କରିଥିଲେ।

# ଗ୍ରାମବାସୀ ଉପଜିଲାପାଳଙ୍କ ଦ୍ୱାରସ୍ଥ

**ଯାତ୍ରା ମଣ୍ଡପ ବିବାଦ**

କୁଚିଣ୍ଡା, ୮।୫(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଗୋଛରା ପଞ୍ଚାୟତ ଅନ୍ତର୍ଗତ ଲଇଗୁରା ଗ୍ରାମରେ ଯାତ୍ରାମଣ୍ଡପ ନିର୍ମାଣକୁ ନେଇ ବିବାଦ ଦେଖାଦେଇଛି। ସରକାରୀ ଅନୁଦାନରେ ହେବାକୁ ଥିବା ଏହି ଯାତ୍ରା ମଣ୍ଡପ ନିର୍ମାଣରେ ଗ୍ରାମର କେତେକ ବ୍ୟକ୍ତି ଅଯଥା ବିବାଦ ସୃଷ୍ଟି କରୁଥିବା ଯୋଗୁ ଏହି କାର୍ଯ୍ୟ ଆଗେଇ ପାରୁ ନ ଥିବା ଗ୍ରାମବାସୀ କୁଚିଣ୍ଡା ଉପଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଲଇଗୁରା ଗ୍ରାମରେ ଯାତ୍ରାମଣ୍ଡପ ନିର୍ମାଣ ପାଇଁ ୨୦୨୩-୨୪ ଆର୍ଥିକ ବର୍ଷରେ ସରକାରୀ ଅନୁଦାନ ମଞ୍ଜୁର ହୋଇଛି। ମାତ୍ର ଯାତ୍ରା ମଣ୍ଡପ ପାଇଁ ଉଦ୍ଦିଷ୍ଟ ମୋଟ ୬ଡିସିମିଲ ଜମିରୁ ଉକ୍ତ ଗ୍ରାମର ୩ଜଣ ବ୍ୟକ୍ତି ଯାତ୍ରା ମଣ୍ଡପ ସ୍ଥାନର ୨ଡିସିମିଲ ଜମିକୁ ନିଜ ଅକ୍ତିଆରରେ ରଖି ଏଥିରେ ଅନ୍ତରାୟ ସୃଷ୍ଟି କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବହୁ ବର୍ଷ ପୂର୍ବେ ଖତିୟାନ ନଂ.୬୮ର ପ୍ଲଟ ନଂ.୭୨୮ ଓ ଖତିୟାନ ନଂ.୪୩ର ପ୍ଲଟ ନଂ.୭୨୯ ଏରିଆ ୨ ଡିସିମିଲ ଜମିକୁ ବ୍ରଜମୋହନ ଦେଓ, ରାଜକିଶୋର ଦେଓଙ୍କ ପୂର୍ବଜ ଦୀନବନ୍ଧୁ ଦେଓ ଗ୍ରାମବାସୀଙ୍କୁ ଯାତ୍ରାମଣ୍ଡପ ଉଦ୍ଦେଶ୍ୟରେ ଦାନ କରିଥିଲେ। ମଣ୍ଡପ ନିର୍ମାଣ କାର୍ଯ୍ୟ ଆରମ୍ଭ ପୂର୍ବରୁ ଗତ ମାର୍ଚ୍ଚ ମାସରେ ଗୋଛରା ରାଜସ୍ୱ ନିରୀକ୍ଷକଙ୍କ ଉପସ୍ଥିତିରେ ଜମି ଚିହ୍ନଟ ଚାଲିଥିବା ସମୟରେ ଉପରୋକ୍ତ ବ୍ୟକ୍ତିମାନେ ଗଣ୍ଡଗୋଳ ସୃଷ୍ଟି କରିଥଲେ। ଏପରିକି ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଚେରୁ ଉଇଁଷାଙ୍କ ଉପରେ ଆକ୍ରମଣ କରିଥିଲେ। ଏ ନେଇ ମହୁଲପାଲି ଥାନାରେ ଏକ ମାମଲା ରୁଜୁ ହୋଇଛି। ପରବର୍ତ୍ତୀ ସମୟରେ ପୋଲିସ ଅଧିକ ଗଣ୍ଡଗୋଳ ଆଶଙ୍କା କରି ଉଭୟ ପକ୍ଷଙ୍କ ନାମରେ ୧୦୭ ମାମଲା ରୁଜୁ କରିଛି। ଗ୍ରାମର ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ପୋଲିସ ଏବଂ ରାଜସ୍ୱ ବିଭାଗ ଉଚ୍ଚ ଅଧିକାରୀଙ୍କ ଉପସ୍ଥିତିରେ ଜମି ଚିହ୍ନଟ କରାଯିବାକୁ ଗ୍ରାମବାସୀ ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଉପଜିଲାପାଳ ହେମସାଗର ଭୋଇ ଦାବିପତ୍ର ଗ୍ରହଣ କରି କୁଚିଣ୍ଡା ତହସିଲଦାରଙ୍କ ମାଧ୍ୟମରେ ଏହାର ତଦନ୍ତ କରାଇବେ ବୋଲି କହିଛନ୍ତି।

# ସ୍କୁଲକୁ ସ୍କୁଟି ଦାନ କଲେ ପୁରାତନ ଛାତ୍ର



ବୁଢାରଜା ହାଇସ୍କୁଲ ପ୍ରାକ୍ତନ ଛାତ୍ର ଦେବୀ ପ୍ରସାଦ ଭୋଇ ଅଟୋମୋବାଇଲ ପାଠ୍ୟକ୍ରମର ପ୍ରାକ୍ଟିକାଲ ପାଇଁ ନିଜ ପୁରୁଣା ସ୍କୁଟିକୁ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଦାନ କରୁଛନ୍ତି।

ସମ୍ବଲପୁର,୮।୫(ଭବାନୀ ଶଙ୍କର ଭୋଇ)

**ଅଟୋମୋବାଇଲ ପାଠ୍ୟକ୍ରମ ପ୍ରାକ୍ଟିକାଲ ପାଇଁ**

ସମ୍ବଲପୁର ବୁଢାରଜା ସରକାରୀ ହାଇସ୍କୁଲରେ ନବମ ଏବଂ ଦଶମ ଶ୍ରେଣୀରେ ଅଟୋମୋବାଇଲ ପାଠ୍ୟକ୍ରମର ପ୍ରାକ୍ଟିକାଲ ପାଇଁ ସହଯୋଗର ହାତ ବଢାଇଛନ୍ତି ବିଦ୍ୟାଳୟର ପୁରାତନ ଛାତ୍ର ଦେବୀ ପ୍ରସାଦ ଭୋଇ। ସେ ନିଜର ପୁରୁଣା ବାଇକକୁ ସ୍କୁଲକୁ ଦାନ କରିଛନ୍ତି। ସରକାରୀ ହାଇସ୍କୁଲଗୁଡିକରେ ତୃତୀୟ ଭାଷା ସଂସ୍କୃତ, ହିନ୍ଦୀ ସହ ଭୋକେଶନାଲ ଟ୍ରେନିଂରେ ଆଇ.ଟି ଏବଂ ଅଟୋମୋବାଲ ପାଠ୍ୟକ୍ରମ ସାମିଲ କରାଯାଇଛି। ତେବେ ବୁଢାରଜା ସରକାରୀ ହାଇସ୍କୁଲରେ ଅଟୋମୋବାଇଲ ପାଠ୍ୟକ୍ରମରେ ପ୍ରାକ୍ଟିକାଲ କରିବା ପାଇଁ ପୁରୁଣା ବାଇକ କିମ୍ବା ସ୍କୁଟର ବିଦ୍ୟାଳୟର ନଥିବାରୁ ଛାତ୍ରଛାତ୍ରମାନେ ପ୍ରାକ୍ଟିକାଲରୁ ବଞ୍ଚିତ ରହୁଥିଲେ। ବିଦ୍ୟାଳୟକୁ ଯାଇଥିବା ସମୟରେ ପ୍ରାକ୍ତନ ଛାତ୍ର ଦେବୀପ୍ରସାଦ ଏକଥା ଜାଣିବା ପରେ ଘରେ ଥିବା ପୁରୁଣା ବାଇକକୁ ବିଦ୍ୟାଳୟକୁ ଦାନ କରିବାକୁ ମନସ୍ଥ କରିଥିଲେ। ଏହାପରେ ସେ ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ପତ୍ରୀଙ୍କ ଉପସ୍ଥିତିରେ ମଙ୍ଗଳବାର ନିଜର ସ୍କୁଟିକୁ ବିଦ୍ୟାଳୟକୁ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପୁରାତନ ଛାତ୍ରଙ୍କ ଏଭଳିସହଯୋଗ ପାଇଁ ଧନ୍ୟବାଦ ଦେଇଛନ୍ତି। ଛାତ୍ରୀଛାତ୍ରମାନେ ଆଗାମୀ ଦିନରେ ସ୍କୁଟିକୁ ଖୋଲି ଏହାର ବିଭିନ୍ନ ପାର୍ଟସ ବିଷୟରେ ଅବଗତ ହୋଇପାରିବେ ବୋଲି ସେ କହିଥିଲେ।

# ପୁରୀ ଅଭିମୁଖେ ଗଲା ୧୮୭ଖଣ୍ଡ ରଥକାଠ



ମହାପ୍ରଭୁଙ୍କ ରଥ ନିର୍ମାଣ ପାଇଁ ପୁରୀ ଅଭିମୁଖେ ଯାଉଥିବା କାଠ ବୋଝେଇ ଟ୍ରକ୍‌କୁ ବିଦାୟ ଦିଆଯାଉଛି।

ନାକଟିଦେଉଳ/ରେଢାଖୋଲ, ୮।୫
(ବୈକୁଣ୍ଠନାଥ ସାହୁ/ଅଚ୍ୟୁତାନନ୍ଦ ପୁରୋହିତ)

ଶ୍ରୀକ୍ଷେତ୍ରରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ଆସନ୍ତା ଅକ୍ଷୟତୃତୀୟା ତିଥିରେ ମହାପ୍ରଭୁଙ୍କ ରଥ ନିର୍ମାଣ ପାଇଁ ରଥ କାଠ ଅନୁକୂଳ ହେବ। ଚଳିତବର୍ଷ ପ୍ରଥମଥର ପାଇଁ ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ରେଢ଼ାଖୋଲ ବନଖଣ୍ଡ ଗିରିଶ୍ଚନ୍ଦ୍ରପୁର ବନାଞ୍ଚଳର ଖୋଲଗଡ଼ ସଂରକ୍ଷିତ ଜଙ୍ଗଲରୁ ରଥ ନିର୍ମାଣ ପାଇଁ କାଠ ସଂଗ୍ରହ କରାଯାଇଛି। ବୁଧବାର ବନ ବିଭାଗ ପକ୍ଷରୁ ଗିରିଶ୍ଚନ୍ଦ୍ରପୁର ବନାଞ୍ଚଳରେ ରଖାଯାଇଥିବା ୧୮୭ଖଣ୍ଡ କାଠକୁ ୪ଟି ଟ୍ରକ୍ ଯୋଗେ ପୁରୀ ପଠାଯାଇଛି। ସେଥିମଧ୍ୟରୁ ୧୭୯ ଖଣ୍ଡ ଧଉରା ଏବଂ ୮ଖଣ୍ଡ ଅସନ କାଠଗଣ୍ଡି ରହିଛି। ଏଥିପୂର୍ବରୁ ସକାଳୁ ସଡୋ ଗ୍ରାମରେ ବନ ବିଭାଗ ଏବଂ ଗ୍ରାମବାସୀଙ୍କ ପକ୍ଷରୁ ରୀତିନୀତିରେ ହୋମ ସହ ରଥ କାଠଗୁଡିକୁ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ବନବିଭାଗ ଆର୍‌ସିସିଏଫ୍ ଟି.ଅଶୋକ, ଡିଏଫ୍‌ଓ ଅରବିନ୍ଦ ମହାନ୍ତି, ଏସିଏଫ୍ ମାଳତୀଲତା ହାଂସଦା, ରେଞ୍ଜର ମନଜିତ ବିଶ୍ୱାଳ, ଗିରିଶ୍ଚନ୍ଦ୍ରପୁର ବନାଞ୍ଚଳ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ଦର୍ଶନିଆ ଭୋଇଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଜଗନ୍ନାଥ ମନ୍ଦିର ପୂଜକ ପଣ୍ଡିତ ରଞ୍ଜନାଭ ପାଣିଗ୍ରାହୀ ପୂଜାର୍ଚ୍ଚନା କରିଥିଲେ। ପରେ ଗ୍ରାମବାସୀ ଏବଂ ବନ ବିଭାଗ କର୍ମଚାରୀ ନାମ ସଂକୀର୍ତ୍ତନ ଓ ହରିବୋଲ ହୁଳହୁଳି ଦେଇ ପୁରୀ ଅଭିମୁଖେ ପଠାଯାଉଥିବା କାଠ ବୋଝେଇ ଟ୍ରକ୍‌ଗୁଡ଼ିକୁ ଏକ ଶୋଭାଯାତ୍ରାରେ ଫୁଲକୁସୁମ ପର୍ଯ୍ୟନ୍ତ ପାଛୋଟି ନେଇ ବିଦାୟ ଦେଇଥିଲେ। ଏହି ଅବସରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଜୟ ଜଗନ୍ନାଥ ଧ୍ୱନିରେ ସଡୋ ଗ୍ରାମଠାରୁ ଫୁଲକୁସୁମ ପର୍ଯ୍ୟନ୍ତ ଗାଁ ଦାଣ୍ଡ ପ୍ରକମ୍ପିତ ହୋଇଉଠିଥିଲା। ଏହି କାର୍ଯ୍ୟକ୍ରମରେ ଗିରିଶ୍ଚନ୍ଦ୍ରପୁର ଫରେଷ୍ଟର ପ୍ରବୀଣ କୁମାର ସାହୁ, ଲୁହାବୀର ଫରେଷ୍ଟର ସୁଶୀଲ ମେହେର, ସଡୋ ଫରେଷ୍ଟର ମନୋରଞ୍ଜନ ପ୍ରଧାନ, କିସିଣ୍ଡା ଥାନା ଅଧିକାରୀ ଅଞ୍ଜଳି କୁମ୍ଭାର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁ, ସମାଜସେବୀ ଅନାଦି ଚରଣ ସାହୁ, ପାଣିମୁରା ସରପଞ୍ଚ ଜଗନ୍ନାଥ ସାହୁ, ସମିତି ସଭ୍ୟ ମାନସ କୁଅଁର, ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ଜଗନ୍ନାଥ ସଂସ୍କୃତି ପ୍ରେମୀ ରଘୁନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ରଥକାଠ ବୋଝେଇ ଟ୍ରକ୍ ରେଢ଼ାଖୋଲ ସହରରେ ପହଞ୍ଚିବା ପରେ ବିଭିନ୍ନ ସ୍ଥାନରେ ଜନସାଧାରଣ କଳସ ବସାଇ ସ୍ୱାଗତ କରିଥିଲେ।

### କଂଗ୍ରେସରେ ମିଶିଲେ ବିଜେଡି, ଭାଜପା କର୍ମୀ

ସମ୍ବଲପୁର, ୮।୫(ବି.ଶଙ୍କର)

କଂଗ୍ରେସ ପକ୍ଷରୁ ମିଶ୍ରଣ ପର୍ବ ବୁଧବାର ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଲପୁର ସହରର ବିଭିନ୍ନ ଅଞ୍ଚଳରୁ ୩ ଶହରୁ ଅଧିକ ବିଜେଡି ଓ ଭାଜପା କର୍ମୀ କଂଗ୍ରେସ ଦଳର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ସାମିଲ ହୋଇଥିଲେ। କଂଗ୍ରେସ ଯୁବ ନେତା ମୋହନ ସାହାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାନସଭା କଂଗ୍ରେସ ପ୍ରାର୍ଥି ଦୁର୍ଗା ପାଢ଼ୀ , ରେଢ଼ାଖୋଲ ବିଧାନ ସଭା ପ୍ରାର୍ଥୀ ଆସଫଅଲି ଖାନ, ଜିଲା କଂଗ୍ରେସ ସଭାପତି ଜୟଶଙ୍କର ମିଶ୍ର ନୂତନ ସଭ୍ୟମାନଙ୍କୁ କଂଗ୍ରେସ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ । ବରିଷ୍ଠ ନେତା ନିରଞ୍ଜନ ତ୍ରିପାଠୀ, ବିଜୁ ପ୍ରଧାନ, ଚନ୍ଦ୍ରକାନ୍ତ ମହାନ୍ତି, ଗୋବିନ୍ଦ ମିଶ୍ର, ଅରୁଣ କୁମାର, ମହିଳା ନେତ୍ରୀ ସୁତପା ମିତ୍ର, ସୁରନଜିନି ବାରିକ, ରେଣୁ କରିମ, ନିୟତି ସେନ, ପ୍ରକାଶ ଶତପଥୀ ସମେତ କଂଗ୍ରେସର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଏହିମିଶ୍ରଣ ପର୍ବରେ କଂଗ୍ରେସର ସମସ୍ତ ବିଧାନସଭା, ଲୋକସଭା ପ୍ରାର୍ଥୀମାନଙ୍କୁ ବିଜୟୀ କରାଇବା ପାଇଁ ସଂକଳ୍ପ ନିଆଯାଇଥିଲେ।

# ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଗୃହ କାର୍ଯ୍ୟର ସଂଶୋଧନ କାର୍ଯ୍ୟକ୍ରମ



ଗ୍ରୀଷ୍ମକାଳୀନ ଗୃହ କାର୍ଯ୍ୟର ସଂଶୋଧନ କାର୍ଯ୍ୟକ୍ରମ।

ସମ୍ବଲପୁର, ୮।୫(ବି.ଶଙ୍କର)

ସମ୍ବଲପୁର ଜିଲା ଧନକଉଡ଼ା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଗ୍ରୀଷ୍ମକାଳୀନ ଗୃହ କାର୍ଯ୍ୟର ସଂଶୋଧନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ଗ୍ରୀଷ୍ମ ଅବକାଶରେ ବିଦ୍ୟାଳୟକୁ ନ ଯାଇ ଘରେ ରହିଥାନ୍ତି । ତେଣୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ବିଷୟଭିତ୍ତିକ ଗୃହ କାର୍ଯ୍ୟ ବିଦ୍ୟାଳୟରୁ ପ୍ରଦାନ କରାଯାଇଛି। ଏହା ଶିକ୍ଷାର୍ଥୀମାନଙ୍କ ଦକ୍ଷତା ଓ କୌଶଳର ଅଭିବୃଦ୍ଧି ପାଇଁ ଉଦ୍ଦିଷ୍ଟ । ଶିକ୍ଷାର୍ଥୀମାନେ ଖୁସି ମନରେ ଏହି ସମସ୍ତ କାର୍ଯ୍ୟ ଘରେ ଥାଇ ଗ୍ରୀଷ୍ମ ଅବକାଶକୁ ଉପଯୁକ୍ତ ଭାବରେ ବିନିଯୋଗ କରିପାରିବେ। ଏଥିସହ ମୌଳିକ ଦକ୍ଷତାକୁ ଦୃଢୀକରଣ କରିପାରିବ। ଗ୍ରୀଷ୍ମଛୁଟିରେ ଛାତ୍ରୀଛାତ୍ରଙ୍କୁ ନୂତନ ପାଠ ଶିଖିବା ଓ ପଢ଼ିବାକୁ ସହାୟକ ହେବ । ଏହି ଲକ୍ଷ୍ୟକୁ ହାସଲ କରିବାକୁ ଧନକଉଡ଼ା ଶିକ୍ଷା କାର୍ଯ୍ୟାଳୟ ଏଭଳି ନିଆରା ପଦକ୍ଷେପ ହାତକୁ ନେଇଛି । ତେଣୁ ଶିକ୍ଷୟିତ୍ରୀ, ଶିକ୍ଷକ, ସିଆରସିସି, ଏବିଇଓମାନେ ସ୍ୱତଃ ଭାବରେ ବିଭିନ୍ନ ସାହି, ଅଞ୍ଚଳକୁ ଯାଇ ପିଲାଙ୍କ ସହିତ ଯୋଗସୂତ୍ର ରକ୍ଷା ପୂର୍ବକ ଗୃହ କାର୍ଯ୍ୟକୁ ସଂଶୋଧନ କରିଛନ୍ତି । ଆବଶ୍ୟକସ୍ଥଳେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବିଷୟରେ ଉପଦେଶ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରିବା ଲକ୍ଷ୍ୟ ନେଇ ଧନକଉଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇ ବିଭିନ୍ନ ଅଞ୍ଚଳ ଗସ୍ତ କରି ତଦାରଖ କରୁଛନ୍ତି।

# ଗ୍ରୀଷ୍ମକାଳୀନ ମାର୍ଶାଲ ଆର୍ଟ ତାଲିମ ଶିବିର



ମାର୍ଶାଲ ଆର୍ଟ ତାଲିମ ଶିବିରରେ ଅତିଥିଙ୍କ ସହ ପ୍ରଶିକ୍ଷାର୍ଥୀମାନେ।

ସମ୍ବଲପୁର, ୮।୫(ବି.ଶଙ୍କର)

ସାଓଲିନ କୁଙ୍ଫୁ ଉଷୁ ଆସୋସିଏଶନ ପକ୍ଷରୁ ଗ୍ରୀଷ୍ମକାଳୀନ ନିଃଶୁଳ୍କ ମାର୍ଶାଲ ଆର୍ଟ ତାଲିମ ଶିବିର ବୁଧବାର ସକାଳ ୮ଟାରେ ସମ୍ବଲପୁର ଜିଲା ଜୁଡୋ ହଲଠାରେ ଉଦ୍‌ଘାଟିତ ହୋଇଯାଇଛି । ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଉପକାର୍ଯ୍ୟ ନିବନ୍ଧକ ମନମୋହନ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରର ଶୁଭାରମ୍ଭ କରିଥିଲେ । ଶାରୀରିକ, ମାନସିକ ଓ ଆତ୍ମରକ୍ଷାର କୌଶଳ ପ୍ରଶିକ୍ଷଣ ନିଶ୍ଚିତଭାବେ ସୁସ୍ଥ ସମାଜ ଗଠନରେ ସହଯୋଗ ହୋଇଥାଏ। ତେଣୁ ଏହି ଶିବିର ଛାତ୍ରୀଛାତ୍ରମାନଙ୍କୁ ସୁନିଶ୍ଚିତ ଭାବେ ଲାଭଦାୟକ ହୋଇପାରିବ। ମାର୍ଶାଲ ଆର୍ଟ ସହ ଜୁଡୋ, କୁସ୍ତି, କରାଟେ ମଧ୍ୟ ପ୍ରଶିକ୍ଷଣ ଦିଆଯାଉଛି । ଯଦ୍ୱାରା ଛାତ୍ରୀଛାତ୍ରମାନଙ୍କୁ ଶୃଙ୍ଖଳିତ କରିପାରିବ ବୋଲି ମୁଖ୍ୟ ଅତିଥି ମନମୋହନ କହିଥିଲେ । ଏଥିରେ ୫ ବର୍ଷରୁ ୨୫ ବର୍ଷର ଛାତ୍ରୀଛାତ୍ରଙ୍କୁ ମାଗଣାରେ ତାଲିମ ପ୍ରଦାନ କରାଯିବ । ଶିବିର ଉଦ୍‌ଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯିବାକୁ ସ୍ଥିର କରାଯାଇଛି। କୁସ୍ତି, ଜୁଡୋ ଆଦି ଅଲିମ୍ପିକ ଖେଳ ହୋଇଥିବାରୁ ଏହି ଶିବିରରୁ ଦେଶ ପାଇଁ ମେଡାଲିଷ୍ଟ ଖେଳାଳି ମଧ୍ୟ ବାହାରି ପାରନ୍ତି ଏବଂ ସେହି ଖେଳାଳିଙ୍କୁ ଅନୁଷ୍ଠାନ ପକ୍ଷରୁ ସମସ୍ତ ପ୍ରକାର ସୁବିଧା ଓ ସୁଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟ ପ୍ରଶିକ୍ଷକ ସୁବାଷ ଚନ୍ଦ୍ର ବେହେରା ସୂଚିତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ୪୩ ଜଣ ଛାତ୍ରୀଛାତ୍ର ଯୋଗଦେଇଥିଲେ । ଗାୟତ୍ରୀ ମିଶ୍ର, ପୁଷ୍ପାଞ୍ଜଳି ସାହୁ, ସ୍ୱାଗତ କୁମାର ଘଡାଇ, ଶାନ୍ତି ଗୋପ, ଦିବ୍ୟଲକ୍ଷ୍ମୀ ମାଝି, ଦିବ୍ୟ କରିସ୍ମା ପୃଷ୍ଟି, ଶମ୍ଭୁ କୁଷ୍ଟା, ସମିର ବିଶ୍ୱାଳ, ପ୍ରିୟଙ୍କା ମିଉଲ, ସୋନୁ ପ୍ରସାଦ ସୋନାର, ଅରୁଣ କୁମାର ଅଜାଡିୱାଲ, ସଞ୍ଜୀବ ପଟ୍ଟନାୟକ, କେଶବ ଭୋଇ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ସମ୍ବଲପୁର ସହରରେ ବିଗତ ୩୩ ବର୍ଷ ହେବ ସାଓଲିନ କୁଙ୍ଫୁ ଉଷୁ ଆସୋସିଏଶନ ନିୟମିତ ତାଲିମ ପ୍ରଦାନ ଦେଇଆସୁଛି ।

### ପାନଦୋକାନରୁ ଚୋରି, ଜଣେ ଗିରଫ

ସମ୍ବଲପୁର, ୮।୫(ପ୍ରମୋଦ ବହିଦାର)

ସମ୍ବଲପୁର ଭିଏସଏସ ମାର୍ଗରେ ଥିବା ଏକ ପାନ ଦୋକାନର ଆଜବେଷ୍ଟସ ଛାତ ଭାଙ୍ଗି ଗତ ୭ ତାରିଖରେ ଦୁର୍ବୃତ୍ତ ବିଭିନ୍ନ ବ୍ରାଣ୍ଡର ସିଗାରେଟ୍ ଓ ଅନ୍ୟ ସାମଗ୍ରୀ ଚୋରି କରି ନେଇଥିଲେ। ଦୋଲାନ ମାଲିଲ ସର୍ଙ୍କମା ବାଗଡ଼ିଆପଡ଼ାର ରହୁଥିବା ଦୋକାନ ମାଲିକ ଦେବଦ ମହାରଣା ମହାରଣା ଏନେଇ ଧନୁପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ପୋଲିସ ଅଭିଯୁକ୍ତ କାଳିବାଡ଼ି କୁମ୍ଭାରପଡ଼ାର ମହମ୍ମଦ ସୋନୁ ଓରଫ ସାହେନୱାବ ଅଖତର(୧୯)ଙ୍କୁ ଗିରଫ କରିଥିଲା। ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ନିକଟରୁ ଉଦ୍ଧାର ଚୋରି ସିଗାରେଟ ପ୍ୟାକେଟ ଓ ଅନ୍ୟ ସାମଗ୍ରୀକୁ ଦୋକାନ ମାଲିକଙ୍କୁ ପୋଲିସ ହସ୍ତାନ୍ତର କରିଛି।

# ରେଙ୍ଗାଲି ବିଜେଡି ପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟିତ

ରେଙ୍ଗାଲି, ୮।୫(ଦେବବ୍ରତ ପଣ୍ଡା)



ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟନ କରାଯାଉଛି।

ସମ୍ବଲପୁର ଜିଲା ରେଙ୍ଗାଲି ପଞ୍ଚାୟତ ବିଜେଡି କାର୍ଯ୍ୟାଳୟ ବୁଧବାର ଉଦ୍‌ଘାଟିତ ହୋଇଛି। ରେଙ୍ଗାଲି ମହାବୀର ଛକ ନିକଟରେ ବରିଷ୍ଠ ବିଜେଡି ନେତା ତଥା ସମାଜସେବୀ ଶଶୀଭୂଷଣ ସାହୁ ଏହି କାର୍ଯ୍ୟାଳୟକୁ ଫିତା କାଟି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରେଙ୍ଗାଲି ବ୍ଲକ ବିଜେଡି ସଭାପତି ଅଶୋକ ଗୁରୁ, ଜିଲା ସାଧାରଣ ସମ୍ପାଦକ ମହେନ୍ଦ୍ର ଓରାମ, ନାରାୟଣ ଶର୍ମା, ପୂର୍ବତନ ବ୍ଲକ ସଭାପତି ମୁକୁନ୍ଦ ବେହେରା, ବିଶ୍ୱକେଶନ ବିଶ୍ୱାଳ, ରେଙ୍ଗାଲି ସରପଞ୍ଚ ଚିତ୍ତରଞ୍ଜନ ବାଗ, ପ୍ରଦୀପ ସାହୁ, ସାଲଡ଼ ସରପଞ୍ଚ ସତ୍ୟନାରାୟଣ ମହାନନ୍ଦିଆ, ସନ୍ତୋଷ ବର୍ମା, ଅମର ବାରିକ, ବିରଞ୍ଚି ବିଶାଳ, ଅମର ମହାନନ୍ଦ ଙ୍କ ସହ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# ଡକାୟତି ଯୋଜନା ପଣ୍ଡ, ୬ ଗିରଫ

**ବ୍ୟାପକ ପରିମାଣର ମାରଣାସ୍ତ୍ର ଜବତ**

ସମ୍ବଲପୁର,୮।୫(ପ୍ରମୋଦ ବହିଦାର)



ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଓ ଟାଉନଥାନା ଅଧିକାରୀଙ୍କ ସହ ଗିରଫ ଡକାୟତମାନେ।

ସମ୍ବଲପୁର ସହରରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ବଡ଼ ଧରଣର ଡକାୟତି ଯୋଜନାକୁ ପଣ୍ଡ କରିଛି ସ୍ଥାନୀୟ ପୋଲିସ। ସମ୍ବଲପୁର ଟାଉନ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ତୋଫାନ ବାଗ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଁ ଟାଉନଥାନା ପୋଲିସ ମୁଦିପଡ଼ା ପଦ୍ମକେଶରୀ ପାର୍କ ନିକଟରେ ଚଢ଼ାଉ କରି ୬ ଜଣ ଡକାୟତଙ୍କୁ ଧରିଥିଲା। ସେମାନେ ହେଲେ ଧନୁପାଲିଥାନା ଅନ୍ତର୍ଗତ କୁମ୍ଭାରପଡ଼ାର ଅର୍ମାନ ଖାନ(୨୧), ସୋନାପାଲିର ମହମ୍ମଦ ସେଖ ଇକ୍‌ବାଲ(୧୮), ଗୋବିନ୍ଦଟୋଲାର ସୋହେଲ ଅଲ୍ଲୀ ଖାନ(୨୨), ପେନସନପଡ଼ାର ସେପ୍ଟେନ ରାଜା(୧୮), ସୋନାପାଲିର ମହମ୍ମଦ ସେହେଜାଦ ଆଲମ(୨୧) ଓ କୁମ୍ଭାରପଡ଼ାର ମହମ୍ମଦ ଇମ୍‌ତିଆଜ ଆଲ୍ଲାମ(୨୦)। ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ପିସ୍ତଲ ସହ ଜୀବନ୍ତ ଗୁଳି, ୪ଟି ବିଭିନ୍ନ ପ୍ରକାର ଧାରୁଆ ଅସ୍ତ୍ର, ବିଭିନ୍ନ କମ୍ପାନୀର ୬ଟି ଦାମିକା ମୋବାଇଲ ଫୋନ ଜବତ କରାଯାଇଥିଲା। ସେମାନେ ଏକ ଡକାୟତି ପାଇଁ ଯୋଜନା କରୁଥିଲେ। ଏହାକୁ ନେଇ ଟାଉନ ଥାନାରେ ଦଫା ୩୯୯, ୪୦୨, ୨୫ ଅସ୍ତ୍ରଶସ୍ତ୍ର ଆଇନ୍‌ରେ ଏକ ମାମଲା (୧୮୯/୨୪) ରୁଜୁ ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି।

# ବିକାଶ ରଥକୁ ଅଟକାଇପାରିବେନି ବିରୋଧୀ: ପାଣ୍ଡିଆନ୍



ସୋହେଲା ବ୍ଲକ ହଳଦୀପାଲି ପଡ଼ିଆରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍ ଉଦ୍‌ବୋଧନ ଦେଉଛନ୍ତି।

## ବିରୋଧୀ ଗୋଷ୍ଠୀଙ୍କ ଷଡ଼ଯନ୍ତ୍ର ଯୋଗୁ ପଦ୍ମପୁର ଜିଲା ମାନ୍ୟତାରେ ବିଳମ୍ବ

ବରଗଡ଼/ପଦ୍ମପୁର/ଭେଡ଼େନ/ ସୋହେଲା (ପ୍ରେମାନନ୍ଦ ଖମାରୀ/ ପ୍ରଦୀପ୍ତ ଦାଶ/ ସୁଦନ ମହାକୁର/ ଅଶ୍ୱିନୀ ପାତ୍ର), ୮।୫

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ ରାଜ୍ୟବାସୀଙ୍କ ବିକାଶ କଥା ଚିନ୍ତା କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମକ୍ରମେ ରାଜ୍ୟରେ ବିକାଶ ଆଗେଇ ଚାଲିଛି। ସ୍କୁଲ, କଲେଜ, ମନ୍ଦିର, ସ୍ୱାସ୍ଥ୍ୟକେନ୍ଦ୍ରର ରୂପାନ୍ତରଣ ଚାଲିଛି। ରାସ୍ତାଘାଟ, ପାନୀୟଜଳ, କୃଷିକ୍ଷେତ୍ରରେ ଉନ୍ନତି ଘଟୁଛି। କିନ୍ତୁ ବିରୋଧୀ (ଭାଜପା) ଏହି ବିକାଶଧାରାକୁ ବନ୍ଦ କରିବା ପାଇଁ ଷଡ଼ଯନ୍ତ୍ର କରୁଛି। ହେଲେ ବିରୋଧୀ ରାଜ୍ୟରେ ଚାଲିଥିବା ବିକାଶ ରଥକୁ ଅଟକାଇ ପାରିବ ନାହିଁ ବୋଲି ବୁଧବାର ବରଗଡ଼ ଜିଲା ଗସ୍ତରେ ଆସିଥିବା ବିଜେଡି ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଦଳୀୟ ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାରରେ କହିଛନ୍ତି।

ପାଣ୍ଡିଆନ ପ୍ରଥମେ ପଦ୍ମପୁରରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଉଦବୋଧନ ଦେଇ ଉପନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମକ୍ରମେ ୨୩ କୋଟି ଟଙ୍କା ବ୍ୟୟ ଅଟକଳରେ ନୃସିଂହନାଥ ମନ୍ଦିରର ରୂପାନ୍ତରଣ ଚାଲିଛି। ପଦ୍ମପୁର ନିର୍ବାଚନମଣ୍ଡଳୀର ୫୮ ପଞ୍ଚାୟତକୁ ମୁଖ୍ୟମନ୍ତ୍ରୀ ୧ କୋଟି ଲେଖାଏଁ ଅର୍ଥାତ୍ ପ୍ରାୟ ୬୦ କୋଟି ଅନୁଦାନ ଦେଇଛନ୍ତି, ଯାହା ସାରା ଭାରତବର୍ଷର କୌଣସି ନିର୍ବାଚନମଣ୍ଡଳୀରେ ଏ ପର୍ଯ୍ୟନ୍ତ ହୋଇପାରିନାହିଁ। ସେହିପରି ପାଇକମାଳକୁ ଏନ୍‌ଏସି ଏବଂ ପାଇକମାଳ ପିଏଚ୍‌ସିକୁ ସିଏଚ୍‌ସି ମାନ୍ୟତା ଦିଆଯାଇଛି। ତେବେ ବିରୋଧୀ ଗୋଷ୍ଠୀଙ୍କ ଷଡ଼ଯନ୍ତ୍ର ଯୋଗୁ ପଦ୍ମପୁରକୁ ଜିଲା ମାନ୍ୟତା ବିଳମ୍ବ ହୋଇଥିବା ସେ କହିଥିଲେ। ପାଣ୍ଡିଆନ କହିଥିଲେ, ଜିଲା ମାନ୍ୟତା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ବିଜ୍ଞପ୍ତି ପ୍ରକାଶ ସହିତ ଜାଗା ଚିହ୍ନଟ ଏବଂ ଜଣେ ଆଇଏଏସ ଅଫିସରଙ୍କୁ ନିଯୁକ୍ତି ଦେଇ ସାରିଥିଲେ। କିନ୍ତୁ ଶ୍ରୀମନ୍ଦିର, ସମଲେଶ୍ୱରୀ ମନ୍ଦିର ରୂପାନ୍ତରଣ କାର୍ଯ୍ୟକୁ ଯେଉଁ ଗୋଷ୍ଠୀ (ଭାଜପା) ବିରୋଧ କରି ହାଇକୋର୍ଟ, ସୁପ୍ରିମକୋର୍ଟ ଯାଇଥିଲେ, ସେହି ଗୋଷ୍ଠୀ ପଦ୍ମପୁର ଜିଲା ମାନ୍ୟତାକୁ ବିରୋଧ କରି ହାଇକୋର୍ଟରେ କେସ୍ କରିଛନ୍ତି। ଫଳରେ ପଦ୍ମପୁରକୁ ଜିଲା ମାନ୍ୟତା ମିଳିବା ବିଳମ୍ବ ହୋଇଥିବା ସେ କହିଥିଲେ। ତେବେ ଶ୍ରୀମନ୍ଦିର, ସମଲେଶ୍ୱରୀ ମନ୍ଦିର କ୍ଷେତ୍ରରେ ଯେଭଳି କେସ୍ ଜିତି ମନ୍ଦିର ରୂପାନ୍ତରଣ କାର୍ଯ୍ୟ ହେଲା, ଅନୁରୂପ ଭାବେ ହାଇକୋର୍ଟ ହେଉ ଅବା ସୁପ୍ରିମକୋର୍ଟ, ସେଠାରେ ମଧ୍ୟ କେସ୍ ଜିତ ପଦ୍ମପୁରକୁ ନିଶ୍ଚିତ ଜିଲା ମାନ୍ୟତା ମିଳିବ। ଏହା ସହିତ ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ରରୁ ଜିଏସଟି ଛାଡ଼, କେନ୍ଦୁପତ୍ର ତୋଳାଳିଙ୍କୁ ବୋନସ ପ୍ରଦାନ ଏବଂ ବିନା ପ୍ରିମିୟମରେ ଚାଷୀଙ୍କ ଫସଲବୀମା କରିବା ଭଳି ଯୁଗାନ୍ତକାରୀ ପଦକ୍ଷେପ ମୁଖ୍ୟମନ୍ତ୍ରୀ ନେଇଛନ୍ତି ବୋଲି ପାଣ୍ଡିଆନ କହିଥିଲେ। ସେହିପରି ପଡ଼ୋଶୀ ଛତିଶଗଡ଼ରେ ମାଓବାଦୀ ହିଂସା ବଢ଼ି ଚାଲିଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସରୁ ପଦ୍ମପୁର ଉପଖଣ୍ଡରେ ସେଭଳି ହିଂସା ଆଉ ଦେଖିବାକୁ ମିଳୁ ନାହିଁ ବୋଲି ସେ କହିଥିଲେ। ପଦ୍ମପୁର କାର୍ଯ୍ୟକ୍ରମ ସାରି ପାଣ୍ଡିଆନ ବିଜେପୁରକୁ ଯାଇଥିଲେ। ସେଠାରେ ସେ ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ, ଗଙ୍ଗାଧର ମେହେରଙ୍କ ଜନ୍ମମାଟି, ମ୍ୟୁଜିୟମର ଉନ୍ନତୀକରଣ ଆଦି ବିକାଶମୂଳକ କାର୍ଯ୍ୟ ଉପରେ ଉଦବୋଧନ ଦେଇଥିଲେ। ସେହିପରି ବିଜେପୁରରେ ଉଦ୍‌ଘାଟନ ହୋଇପାରି ନ ଥିବା ଜେଏମ୍‌ଏଫ୍‌ସି କୋର୍ଟ ଆଗାମୀ ଦିନରେ ଉଦଘାଟନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିଶ୍ଚୟ ପଦକ୍ଷେପ ନେବେ ବୋଲି ସେ କହିଥିଲେ। ବିଜେପୁର କାର୍ଯ୍ୟକ୍ରମ ସାରି ପାଣ୍ଡିଆନ ଅତାବିରା ନିର୍ବାଚନମଣ୍ଡଳୀର ଭେଡ଼େନ ରଣଜିତା ଷ୍ଟାଡ଼ିୟମରେ ଅନୁଷ୍ଠିତ ନିର୍ବାଚନୀ ସଭାକୁ ଯାଇ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରିଥିଲେ। ଭାଜପାକୁ ବିକାଶ ବିରୋଧୀ ବୋଲି ସେ ଆକ୍ଷେପ କରିଥିଲେ। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଧାନର ଦର ୨ ଗୁଣା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ତାହା ମିଛ ସାବ୍ୟସ୍ତ ହୋଇ ସାରିଛି ଏବଂ ଭାଜପା ନେତାମାନେ ମିଛ କହିବାରେ ମାହିର ବୋଲି ପାଣ୍ଡିଆନ କହିଥିଲେ। ସେହିପରି ଭଟଲି ନିର୍ବାଚନମଣ୍ଡଳୀ ଅଧୀନ ସୋହେଲା ବ୍ଲକ ହଳଦୀପାଲି ପଡ଼ିଆରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ପାଣ୍ଡିଆନ ଯୋଗଦେଇ ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେଇଥିଲେ ଏବଂ ନିର୍ବାଚନମଣ୍ଡଳୀବାସୀଙ୍କ ଦାବିକ୍ରମେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟକ୍ରମର ହିସାବ ବାଢ଼ିଥିଲେ। ଶେଷରେ ବରଗଡ଼ ନିର୍ବାଚନମଣ୍ଡଳୀ ଅଧୀନ ବରଗଡ଼ ସହରରେ ହଜାର ହଜାର ଲୋକଙ୍କ ଉପସ୍ଥିତିରେ ପାଣ୍ଡିଆନଙ୍କ ରୋଡ୍ ଶୋ' ହୋଇଥିଲା। ପାଣ୍ଡିଆନଙ୍କ କାର୍ଯ୍ୟକ୍ରମରେ ଦଳୀୟ ଲୋକ ସଭା ପ୍ରାର୍ଥିନୀ ପରିଣିତା ମିଶ୍ରଙ୍କ ସମେତ ପଦ୍ମପୁର ବିଧାୟିକା ପ୍ରାର୍ଥିନୀ ବର୍ଷା ସିଂ ବରିହା, ବିଜେପୁର ବିଧାୟିକା ପ୍ରାର୍ଥିନୀ ରୀତା ସାହୁ, ଅତାବିରା ପ୍ରାର୍ଥିନୀ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ଭଟଲି ବିଧାୟକ ପ୍ରାର୍ଥୀ ସୁଶାନ୍ତ ସିଂ, ବରଗଡ଼ ବିଧାୟକ ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପା ସରକାରକୁ ଆସିଲେ ସବୁ ସଂକଳ୍ପ ପୂରଣ କରିବ: ସମୀର

ଭୁବନେଶ୍ୱର,୮।୫(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ୨୩୮ଟି ପ୍ରତିଶ୍ରୁତି ଦେଇଥିଲେ। ସେଥିରୁ ଏଯାଏଁ ୨୨୨ଟି ପୂରଣ କରିସାରିଛନ୍ତି। ଏହି ପ୍ରତିଶ୍ରୁତି ମଧ୍ୟରେ କଶ୍ମୀରରୁ ୩୭୦, ୩୫(ଏ) ଧାରା ଉଚ୍ଛେଦ, ସମାନ ନାଗରିକ ସଂହିତା ଲାଗୁ, ରାମମନ୍ଦିର ପ୍ରତିଷ୍ଠା, ପ୍ରତି ଘରକୁ ନଳ ଯୋଗେ ପାଣି ଯୋଜନାକୁ ସଫଳ ରୂପାୟନ କରିପାରିଛନ୍ତି। ସବୁଠୁ ବଡ଼ କଥା ହେଲା ମୋଦିଙ୍କ ପ୍ରତିଶ୍ରୁତି ଭିତରେ ଓଡ଼ିଶାର କଥା ମଧ୍ୟ ରହିଛି। ଓଡ଼ିଶାରେ 'ଡବଲ ଇଞ୍ଜିନ ସରକାର' ଗଠନ ହେଲେ ଗ୍ରାମାଞ୍ଚଳର ବିକାଶ ସହ ସହରାଞ୍ଚଳ ବିକାଶ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ସେହିପରି ଟୁଇନ୍ ସିଟିରେ ମୁଖ୍ୟତଃ ବର୍ଜ୍ୟବସ୍ତୁ, ବର୍ଷାଜଳ, ଭୂତଳ ଜଳ ପରିଚାଳନା ଓ ସହରବାସୀଙ୍କ ସୁସ୍ଥ ଜୀବନକୁ ଗୁରୁତ୍ୱ ଦିଆଯିବ। ଏଥିଲାଗି ମୋଦି ସରକାର 'ମ୍ୟାପିଙ୍ଗ୍' କରିସାରିଛନ୍ତି। ଏହାଛଡା ରାଜ୍ୟବାସୀ ବର୍ଦ୍ଧିତ ବିଦ୍ୟୁତ୍ ବିଲ୍ ଦେଇ ହନ୍ତସନ୍ତ ହେଉଛନ୍ତି। ଗ୍ରାମାଞ୍ଚଳ ଓ ସହରାଞ୍ଚଳବାସୀଙ୍କ ପାଇଁ ସୂର୍ଯ୍ୟଘର ବ୍ୟବସ୍ଥା କରିଛନ୍ତି। ଫଳରେ ସାଧାରଣ ଲୋକଙ୍କ ଉପରେ ବିଦ୍ୟୁତ୍ ବିଲ୍‌ର ବୋଝ ପଡିବ ନାହିଁ। ଭାଜପା ସରକାରକୁ ଆସିଲେ ସମସ୍ତ ସଂକଳ୍ପ ପୂରଣ କରିବ ବୋଲି ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି, କେନ୍ଦ୍ରୀୟ ଯୋଜନା ଓଡ଼ିଶାରେ ବାଟବଣା ହୋଇଛି। ଭାଜପା ସରକାରକୁ ଆସିଲେ ଭାରତର ୨୦ଟି ପ୍ରମୁଖ ସହର ଭିତରେ ଓଡ଼ିଶାକୁ ସ୍ଥାନିତ କରିବ ବୋଲି ସଂକଳ୍ପ ନେଇଛି। ୨୫ ବର୍ଷ ଶାସନରେ ନବୀନବାବୁ ରାଜଧାନୀର ଛାତି ଉପରେ ଅଳିଆଗଦାର ପାହାଡ଼ ସୃଷ୍ଟି କରିଛନ୍ତି। ଏନେଇ ଭାଜପା ଦୀର୍ଘ ୩୦ ଦିନ ଧରି ଅହୋରାତ୍ର ଆନ୍ଦୋଳନ କରିବା ପରେ ମଧ୍ୟ ରାଜ୍ୟ ସରକାର କୌଣସି ତତ୍ପରତା ପ୍ରକାଶ କଲେ ନାହିଁ। ବିଜେଡି ସରକାର କେନ୍ଦ୍ରୀୟ ଟଙ୍କାର ସଦ୍‌ବିନିଯୋଗ କରିପାରୁନାହାନ୍ତି। ଭାଜପା କ୍ଷମତାକୁ ଆସିଲେ ତାହାର ସଦ୍‌ବିନିଯୋଗ କରିବ। ପଣାସଂକ୍ରାନ୍ତି ଦିନ କେନ୍ଦ୍ରୀୟସ୍ତରରେ ଭାଜପା ଦେଶବାସୀଙ୍କ ପାଇଁ ସଂକଳ୍ପପତ୍ର ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କ ପାଇଁ ଉତ୍ସର୍ଗୀକୃତ କରିଥିଲା। ମାର୍ଚ୍ଚ ୧୮ରେ ୨୩ଟି ଏଲ୍‌ଇଡି ଭ୍ୟାନ୍ ଓଡ଼ିଶାର ବିଭିନ୍ନ ସ୍ଥାନକୁ ଯାଇଥିଲା। ୨୧ ଲୋକ ସଭାର ମତାମତକୁ ସଂକଳନକରି ସଂକଳ୍ପପତ୍ରରେ ସ୍ଥାନିତ କରାଯାଇଛି ବୋଲି ସମୀର କହିଛନ୍ତି।

# ଛତିଶଗଡ଼ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲଙ୍କ ରୋଡ୍ ଶୋ


ରାଲିରେ ଲୋକଙ୍କୁ ସମ୍ବୋଧିତ କରୁଛନ୍ତି ସପ୍ତଗିରି ଏବଂ ତାଙ୍କ ସହ ଅଛନ୍ତି ଷ୍ଟାର ପ୍ରଚାରକ ଭୂପେଶ ବାଘେଲ ଓ ପୂଜା ଉଲାକା।

ରାୟଗଡ଼ା/ଟିକିରି (ଆଶିଷ ରଞ୍ଜନ ପଣ୍ଡା/ ପ୍ରଫୁଲ୍ଲ କୁମାର ବେହେରା), ୮।୫

ଛତିଶଗଡ଼ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ବୁଧବାର ରାୟଗଡା ନିର୍ବାଚନ ମଣ୍ଡଳୀର କାଶୀପୁର ବ୍ଲକରେ ରୋଡ୍ ଶୋ କରି କଂଗ୍ରେସ ପ୍ରାର୍ଥୀଙ୍କ ଲାଗି ପ୍ରଚାର କରିଛନ୍ତି। ଏହି ପ୍ରଚାର ସମୟରେ ସମ୍ବୋଧିତ କରି ବାଘେଲ ଭାଜପା ସରକାରଙ୍କ ଉପରେ ବର୍ଷିଛନ୍ତି। ଭାଜପା ସରକାରୀ କଳକୁ ଲଗାଇ ନିର୍ବାଚନ ଜିତିବା ପାଇଁ ପ୍ରୟାସ କରୁଛି। ସେଥିପାଇଁ ଭାଜପା ଏଥର ୪୦୦ ପାର କରିବ ବୋଲି ବାହାବା ମାରୁଛି। ତେବେ ଜନସାଧରଣ ସବୁ ଜାଣିଲେଣି। ଚଳିତ ନିର୍ବାଚନରେ କଂଗ୍ରେସ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହୋଇ କେନ୍ଦ୍ରରେ ସରକାର ଗଠନ କରିବ ବୋଲି ଭୂପେଶ କହିଛନ୍ତି। ସେହିଭଳି ରାଜ୍ୟରେ ବିଜେଡି ସରକାରର ୨୫ବର୍ଷର ଦୁର୍ନୀତି ବିଷୟରେ ନିନ୍ଦା କରିବା ସହିତ ମେ ୧୩ ରେ କଂଗ୍ରେସକୁ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ଲୋକଙ୍କୁ ନିବେଦନ କରିଥିଲେ। ଏହି ରୋଡ୍ ଶୋରେ ଏମ୍‌ପି ପ୍ରାର୍ଥୀ ସପ୍ତଗିରି ଉଲାକା, ତାଙ୍କ ସ୍ତ୍ରୀ ପୂଜା ଉଲାକା, ପିସିସି ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ପଣ୍ଡା, ଜିଲା ଉପସଭାପତି ଶଙ୍କର୍ଷଣ ମଙ୍ଗରାଜ, ବ୍ଲକ କଂଗ୍ରେସ ସଭାପତି ଅଙ୍ଗଦ ନାଏକ, ସଦାନନ୍ଦ ନାଏକ, ଏମ୍‌ପି ପ୍ରତିନିଧି ଅନିଲ ଜୈନ, ପି. ଦେବେନ୍ଦ୍ର ରାଓ, ଭୁବନେଶ୍ୱର ମହାନ୍ତି, ଏସ୍‌ସି ସେଲ୍ ମୋର୍ଚ୍ଚା ସଭାପତି ହୁତାଶନ ନାଏକ, ଜିଲା ଯୁବା କଂଗ୍ରେସ ଉପସଭାପତି ଅସଲମ ଖାନ ପ୍ରମୁଖ ଉପସ୍ଥିତ ଥିଲେ।

ଚଳିତ ନିର୍ବାଚନରେ କୋରାପୁଟ ଲୋକ ସଭା ଆସନରେ ତ୍ରିମୁଖୀ ଲଢେଇର ସମ୍ଭାବନା ରହିଛି। ୩ ପ୍ରମୁଖ ରାଜନୈତିକ ଦଳ କଂଗ୍ରେସ, ବିଜେଡି ଓ ଭାଜପା ମଧ୍ୟରେ କଡା ଟକ୍କର ନେଇ ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି।

# ଡବଲ ଇଞ୍ଜିନ ସରକାର ହେଲେ ଧାନ କୁଇଣ୍ଟାଲ ୩୧ଶହ ହେବ


ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀଙ୍କ ସହ ଦଳୀୟ କର୍ମକର୍ତ୍ତା।

## ନୂଆପଡ଼ାରେ ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀଙ୍କ ପ୍ରଚାର

ନୂଆପଡ଼ା,୮।୫ (ମକାରୁ ବେମାଲ)

ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ ଅରୁଣ ସାଓ ବୁଧବାର ଦିନିକିଆ ନୂଆପଡ଼ା ଜିଲା ଗସ୍ତରେ ଆସି ଭାରତୀୟ ଜନତା ପାର୍ଟି ନିର୍ବାଚନୀ ସଭାରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି। ଛତିଶଗଡ଼ରେ ଡବଲ ଇଞ୍ଜିନ ସରକାର ଗଠନ କରି ବିକାଶ କାର୍ଯ୍ୟ ଜାରି ରହିଛି। ଓଡ଼ିଶାରେ ମଧ୍ୟ ଡବଲ ଇଞ୍ଜିନ ସରକାର ହେଲେ ବିକାଶ ତ୍ୱରାନ୍ୱିତ ହେବ। ଛତିଶଗଡରେ ତୃତୀୟ ପର୍ଯ୍ୟାୟ ଭୋଟ ଶେଷ ହୋଇଥିବାରୁ ହାଇକମାଣ୍ଡ ତାଙ୍କୁ ଓଡିଶା ଗସ୍ତରେ ପଠାଇଥିବା କହିଥିଲେ। ସାଓ ନୂଆପଡ଼ା ନିର୍ବାଚନମଣ୍ଡଳୀ ମଙ୍ଗରାପାଲି, ପରକୋଡ, ବେଲଟୁକୁରି, କୁଲିଆବନ୍ଧା, ସାହିହା, ଖରିଆର ରୋଡଠାରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇ ବିଧାୟକ ପ୍ରାର୍ଥୀ ଅଭିନନ୍ଦନ ପଣ୍ଡା ଓ ସାଂସଦ ପ୍ରାର୍ଥୀ ମାଳବିକା କେଶରୀ ସିଂଦେଓଙ୍କ ପାଇଁ ଭୋଟ ମାଗିଥିଲେ।

ସେ କହିଥିଲେ, ମୋଦି ଗ୍ୟାରେଣ୍ଟି ରହିଛି। ଆମେ ଯାହା ଘୋଷଣା କରିଛୁ ତାହା କରି ଦେଖାଇଛୁ । ଛତିଶଗଡରେ ଡବଲ ଇଞ୍ଜିନ ହେଲେ ଧାନ କୁଇଣ୍ଟାଲ ୩୧ ଶହ କରିବୁ ବୋଲି କହିଥିଲୁ, କରି ଦେଖାଇଦେଲୁ। ସେହିପରି ଓଡିଶାରେ ମଧ୍ୟ ଡବଲ ଇଞ୍ଜିନ ସରକାର ହେଲେ ଧାନ କୁଇଣ୍ଟାଲ ୩୧ ଶହ ଟଙ୍କା, ସୁଭଦ୍ରା ଯୋଜନାରେ ମା'ମାନଙ୍କୁ ପ୍ରତି ୨ ବର୍ଷରେ ୫୦ ହଜାର ଟଙ୍କା, ୫ ଲକ୍ଷ ବେକାର ଯୁବତୀଯୁବକଙ୍କୁ ସରକାରୀ ଚାକିରି, ୩ ଶହ ୟୁନିଟ ବିଜୁଳି ମାଗଣା, ୫ବର୍ଷ ରାଶନ ମାଗଣା, କିଷାନ ସମ୍ମାନ ଯୋଜନା ବଳବତ୍ତର ରହିବ ବୋଲି କହିଥିଲେ। ଏହି ସମୟରେ ଗୋଲଡି ଅଗ୍ରୱାଲ, ଚତୁର୍ଭୁଜ ଶର୍ମା, ସନ୍ଦିପ ଶର୍ମା, କମଲେଶ ଦୀକ୍ଷିତ, ମୁନ୍ନା ମହାପାତ୍ର ଓ ଶତାଧିକ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଭୋଟରଙ୍କୁ ପ୍ରଲୋଭିତ କରିବାକୁ ଅସ୍ମିତା କଥା କହୁଛନ୍ତି ବିଜେଡି, ଭାଜପା: ବିଶ୍ୱରଞ୍ଜନ

ଭୁବନେଶ୍ୱର, ୮।୫(ସୁନିତ୍ ମିଶ୍ର)

ବିଜେଡି ଓ ଭାଜପାର ନେତାମାନେ ନିର୍ବାଚନ ସମୟରେ କେବଳ ଭୋଟରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଅସ୍ମିତାର କଥା କହୁଛନ୍ତି। ବାସ୍ତବରେ ଓଡ଼ିଆ ଭାଷା, ଓଡ଼ିଶାର ସ୍ୱାର୍ଥ ପ୍ରତି ସେମାନଙ୍କ କୌଣସି ପ୍ରକାର ଆନ୍ତରିକତା ନାହିଁ ବୋଲି ପିସିସି ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ବିଶ୍ୱରଞ୍ଜନ ମହାନ୍ତି କହିଛନ୍ତି। ସେ କହିଛନ୍ତି, ଲୋକସେବା ଭବନକୁ ଓଡ଼ିଶାର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପ୍ରବେଶ ନିଷେଧ କରିଥିବା ବିଜେଡି ସରକାରର ଜଣେ କଥାକଥିତ ଅଣଓଡ଼ିଆ ନେତା କାର୍ତ୍ତିକ ପାଣ୍ଡିଆନ୍ ଖବରଦାତାଙ୍କୁ ଡାକି ରାଜନୈତିକ ଚର୍ଚ୍ଚା କରୁଛନ୍ତି ଏବଂ ଓଡ଼ିଆ ଅସ୍ମିତା କଥା କହୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଥରୁଟିଏ ରାଜ୍ୟ ଖବରଦାତାଙ୍କ ସହ ଆଲୋଚନା କରିବା କେହି ଦେଖିନାହାନ୍ତି। ମୁଖ୍ୟମନ୍ତ୍ରୀ ୨୪ ବର୍ଷର ଶାସନରେ ମଧ ଠିକ୍ ଭାବେ ଓଡ଼ିଆ କହିପାରୁ ନ ଥିବା ବିଶ୍ୱରଞ୍ଜନ କହିଛନ୍ତି।

# ଭାଜପା କର୍ମୀଙ୍କ ଆକ୍ରମଣରେ ମହିଳା ଆହତ

## ନିର୍ବାଚନୀ ହିଂସା

ମାଲକାନଗିରି,୮।୫(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଖଇରପୁଟରେ ବୁଧବାର ନିର୍ବାଚନୀ ହିଂସା ଦେଖିବାକୁ ମିଳିଛି। ଭାଜପା କର୍ମୀମାନେ ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ନେଇ ମୁଦୁଲିପଡ଼ା ଥାନାରେ ଅଭିଯୋଗ ହୋଇଛି। ଗୁରୁତର ଜଣକ ହେଲେ ଲକ୍ଷ୍ମୀ ବାଙ୍କିଆ। ଏନେଇ ମହିଳାଙ୍କ ପରିବାର ପକ୍ଷରୁ ମୁଦୁଲିପଡ଼ା ଥାନାରେ ଲିଖିତ ଅଭିଯୋଗ କରାଯାଇଥିବା ବେଳେ ପୋଲିସ ନଂ.୫୩/୨୪ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ରଶ୍ମୀରଞ୍ଜନ ପ୍ରଧାନ କହିଛନ୍ତି।

ପ୍ରକାଶ ଯେ, ଖଇରିପୁଟ ବ୍ଲକ ସଦରରେ ରହୁଥିବା ଲକ୍ଷ୍ମୀ ବାଙ୍କିଆ ଓ ମନ ବାଙ୍କିଆଙ୍କ ଘର ସମ୍ମୁଖରେ ଭାଜପା କର୍ମୀମାନେ ପୋଷ୍ଟର ଲଗାଉଥିଲେ। ଏହା ଜାଣିବା ପରେ ଘର ଭିତରୁ ଲକ୍ଷ୍ମୀ ଓ ମନ ବାହାରକୁ ଆସି ଭାଜପା କର୍ମୀଙ୍କୁ ବିରୋଧ କରିଥିଲେ। କହିଥିଲେ ଯେ, ଆମ ଘର ଭଗ୍ନ ଅବସ୍ଥାରେ ରହିଥିବା ସତ୍ତ୍ୱେ ଆମକୁ କେନ୍ଦ୍ରୀୟ ଯୋଜନାରେ କୌଣସି ସରକାରୀ ସହାୟତା ମିଳି ନାହିଁ। ବର୍ଷ ବର୍ଷ ଧରି ଆମେ ଏପରି ଅବସ୍ଥାରେ ରହି ଆସୁଥିଲେ ମଧ୍ୟ ସରକାର ଆମ ଭଳି ଲୋକଙ୍କ ପାଇଁ କୌଣସି ପଦକ୍ଷେପ ନେଇ ନ ଥିବା ଅଭିଯୋଗକରି ପୋଷ୍ଟର ଲଗାଇବାକୁ ମନା କରିଥିଲେ। ଏହାକୁ ନେଇ ଭାଜପା କର୍ମୀମାନଙ୍କ ସହ ତାଙ୍କର ବଚସା ହୋଇଥିଲା। ଉଭୟଙ୍କ ମଧ୍ୟରେ ବଚସା ବଢିଥିବା ବେଳେ ଜଣେ ଭାଜପା କର୍ମୀ ଲକ୍ଷ୍ମୀଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ଏଥିରେ ସେ ଆହତ ହୋଇଥିବା ବେଳେ ତାଙ୍କୁ ପରିବାର ଲୋକେ ଖଇରପୁଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

# କେନ୍ଦ୍ରୀୟ ଯୋଜନାକୁ ବିଜେଡି ସରକାର ନିଜର କହିଚାଲିଛି: ବିଷ୍ଣୁଦେଓ

## ଓଡ଼ିଶାରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର

ନବରଙ୍ଗପୁର/ ରାଇଘର,୮।୫ (ସଦାଶିବ ପ୍ରହରାଜ/କିରଣ ପଟ୍ଟନାୟକ)


ନବରଙ୍ଗପୁର ଜିଲା ଉମରକୋଟ ନିର୍ବାଚନମଣ୍ଡଳୀର ହାଟଭରଣ୍ଡି ଖେଳ ପଡ଼ିଆରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ଓ ଅନ୍ୟ ଭାଜପା ନେତା।

ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ଏବଂ କଣ୍ଡାଗାଁ ବିଧାୟିକା ଲତା ଉସେଣ୍ଡି ବୁଧବାର ଉମରକୋଟ ନିର୍ବାଚନମଣ୍ଡଳୀର ହାଟଭରଣ୍ଡି ଖେଳ ପଡ଼ିଆରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ବର୍ଷିଛନ୍ତି। ସାଏ କହିଛନ୍ତି, କେନ୍ଦ୍ରର ବିଭିନ୍ନ ଯୋଜନାକୁ ନିଜର କହି ନବୀନ ପଟ୍ଟନାୟକ ୨୪ ବର୍ଷ ହେଲା ଓଡ଼ିଶାବାସୀଙ୍କୁ ଠକି ଚାଲିଛନ୍ତି। ବିଜେଡିର ଏପରି ନୀତି ଆଉ ଚଳିବ ନାହିଁ। ଭାଜପାର ବିଧାୟକ ଓ ଏମ୍‌ପି ପ୍ରାର୍ଥୀଙ୍କୁ ଭୋଟ ଦେଇ ବିଜୟୀ କରିବାକୁ ସେ ନିବେଦନ କରିଥିଲେ। ଛତିଶଗଡ଼ ସୀମାନ୍ତ ନବରଙ୍ଗପୁର ଜିଲା ରାଇଘର ବ୍ଲକ୍ ଅଞ୍ଚଳରେ ଅନେକ ହିନ୍ଦୀଭାଷୀ ଓ ଛତିଶଗଡ଼ ହଲବୀଭାଷୀ ଲୋକ ରହୁଥିବାରୁ ସେ ହିନ୍ଦୀ ଓ ଛତିଶଗଡ଼ୀ ଭାଷାରେ ପ୍ରାର୍ଥୀମାନଙ୍କ ପାଇଁ ପ୍ରଚାର କରିଥିଲେ। ସଭାରେ ନବରଙ୍ଗପୁର ଭାଜପା ଲୋକ ସଭା ପ୍ରାର୍ଥୀ ବଳଭଦ୍ର ମାଝି ଓ ଉମରକୋଟ ବିଧାୟକ ପ୍ରାର୍ଥୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ ଥିଲେ।

ସାଏ କହିଥିଲେ, ଡବଲ ଇଞ୍ଜିନ ସରକାର ହେଲେ ଧାନ ଦର ଛତିଶଗଡ଼ ପରି ଓଡ଼ିଶାରେ ମଧ ୩୧୦୦ ଟଙ୍କା ହେବ। ସେହିପରି ଆୟୁଷ୍ମାନ ଯୋଜନା କାର୍ଯ୍ୟକାରୀ ହେବ। ବିଧବା ଓ ବିକଳାଙ୍ଗ ଭତ୍ତା ୩୦୦୦ ଟଙ୍କା, ୩ ଲକ୍ଷ୫୦ ହଜାର ବେକାରଙ୍କୁ ରୋଜଗାର, ସୁଭଦ୍ରା ଯୋଜନାରେ ୫୦ ହଜାର ଭାଉଚର ମିଳିବା ସହ ଭ୍ରଷ୍ଟାଚାର ଓ ଦୁର୍ନୀତି ଦୂର କରାଯିବ। ଛତିଶଗଡ଼ ସହ ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ସମ୍ପର୍କ ରହିଛି ବୋଲି ସେ ପ୍ରକାଶ କରିଥିଲେ। ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯାହା କହିଥିଲେ ତାହା କରିଛନ୍ତି। ଶୌଚାଳୟ, ବିଜୁଳି, ଗ୍ୟାସ୍ ଓ ପାନୀୟ ଜଳ ସମସ୍ୟା ଦୂରକରିଛନ୍ତି। ଜମ୍ମୁ ଓ କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ସହ ଶ୍ରୀରାମ ମନ୍ଦିର ନିର୍ମାଣ କରିବେ ବୋଲି ମୋଦି ଯାହା କହିଥିଲେ ତାହା କରିଛନ୍ତି। ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ରହିଲେ ସମସ୍ତ ଯୋଜନାର ସୁବିଧା ଗରିବ ଲୋକଙ୍କ ପାଖରେ ପହଞ୍ଚିପାରିବ। ଆସନ୍ତା ମେ ୧୩ରେ ହେବାକୁ ଥିବା ମତଦାନରେ ଭାଜପାର ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କ ସପକ୍ଷରେ ମତ ଦେବାପାଇଁ ସେ ଅନୁରୋଧ କରିଥିଲେ।

# କାହିଁକି ମନା କରିଥିଲେ କରୀନା



କରୀନା

କପୁର ଖାନ୍ଦାନର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ହେଉଛନ୍ତି କରୀନା। ବଡ଼ ଭଉଣୀ କରିସ୍ମାଙ୍କ ପରି ସେ ମଧ୍ୟ ବଡ଼ ପରଦାରେ ନିଜ ଅଭିନୟ ଦକ୍ଷତା ଦେଖାଇଥିଲେ। ହେଲେ ନିଜ କ୍ୟାରିୟର ଆରମ୍ଭର ଏକ ଘଟଣାକୁ ଏବେ ବି ମନେପକାନ୍ତି। କଥା କ'ଣ କି, ହିନ୍ଦୀ ସିନେମାର ଅନ୍ୟତମ ଲୋକପ୍ରିୟ ପ୍ରଯୋଜକ ତଥା ନିର୍ଦ୍ଦେଶକ ରାକେଶ ରୋଶନ ତାଙ୍କ ପୁଅ ହ୍ରିତିକଙ୍କୁ ବଲିଉଡ୍‌ରେ ଏଣ୍ଟ୍ରି କରାଇବାକୁ ମନସ୍ଥ କଲେ। ଏଥିପାଇଁ ଏକ ମନଛୁଆଁ କାହାଣୀ ଚୟନ କରି ସେ ନିର୍ମାଣ କରିଥିଲେ 'କହୋ ନା ପ୍ୟାର ହେ'। ଏଥିରେ ହ୍ରିତିକଙ୍କ ଅପୋଜିଟ୍‌ରେ କରୀନାଙ୍କୁ ସାଇନ୍ କରାଇଥିଲେ ରାକେଶ। କିନ୍ତୁ ଫିଲ୍ମଟିର ପ୍ରାରମ୍ଭିକ କାମ ଚାଲିଥିବା ବେଳେ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଫିଲ୍ମରେ ତାଙ୍କ ଭୂମିକାକୁ ଗୌଣ କରାଯାଇ ନାୟକ ଚରିତ୍ରକୁ ଅଧିକ ଗୁରୁତ୍ୱ ଦିଆଯାଉଛି ବୋଲି ଅଭିଯୋଗ କରିଥିଲେ କରୀନା। କେବଳ ସେତିକି ନୁହେଁ, ଏହି ଫିଲ୍ମରେ ସେ ଅଭିନୟ କରିବେ ନାହିଁ ବୋଲି ସିଧାସଳଖ ଜଣାଇ ଦେଇଥିଲେ। ଏହାପରେ ରାକେଶ ମଧ୍ୟ ତାଙ୍କୁ ପୁଣିଥରେ ଅନୁରୋଧ କରି ନଥିଲେ। ଶେଷରେ ଏହି ଫିଲ୍ମର ନାୟିକା ଭୂମିକା ପାଇଁ ଅମୀଷା ପଟେଲଙ୍କୁ ନିଆଯାଇଥିଲା। ପରବର୍ତ୍ତୀ ସମୟରେ ଜେ.ପି. ଦତ୍ତାଙ୍କ 'ରିଫ୍ୟୁଜି'ରୁ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ କରୀନା। ଏଥିରେ ତାଙ୍କର ନାୟକ ସାଜିଥିଲେ ଅଭିଷେକ ବଚ୍ଚନ। କରୀନାଙ୍କ ଅଭିନୀତ ପ୍ରମୁଖ ସିନେମାଗୁଡ଼ିକ ମଧ୍ୟରେ ରହିଛି– 'ମୁଝେ କୁଛ୍ କହନା ହେ', 'ଅଶୋକା', 'ଏଲ୍‌ଓସି କାରଗିଲ', 'ଚମେଲି', 'ଜବ୍ ଉଇ ମେଟ୍', 'ଥ୍ରୀ ଇଡିୟଟ୍‌ସ', 'ବଡିଗାର୍ଡ', 'ହିରୋଇନ୍', 'ବଜରଙ୍ଗୀ ଭାଇଜାନ୍', 'ଗୁଡ୍ ନ୍ୟୁଜ୍' ଏବଂ 'ଲାଲ୍ ସିଂ ଚଡ୍ଢା'।

# ଅପେକ୍ଷା ଶୁଭ ଦିନକୁ

ଆଜିକାଲି ରିଲ୍ ବନେଇବା ଏକ ଫ୍ୟାଶନ ପାଲଟି ଗଲାଣି। ଗାଁରେ ରହୁଥିବା ଭଗିଆର ଭାରିଯାକୁ ମଧ୍ୟ ଏହି ନିଶା ଘାରିଛି। ତେବେ ରିଲ୍ ମାଧ୍ୟମରେ ସେ ନିଜର ଏକ ପରିଚୟ ସୃଷ୍ଟି କରିବାକୁ ଚାହିଁଛି। ତାହା ଭବିଷ୍ୟତରେ କେତେ ସଫଳ ହେଉଛି ଫିଲ୍ମଟି ଦେଖିଲେ ଜାଣିପାରିବେ। ହଁ, ଏଭଳି ଏକ ଭିନ୍ନ ଧରଣର ତଥା ସାମ୍ପ୍ରତିକ ଘଟଣାବଳୀକୁ ନେଇ ନିର୍ମିତ ହୋଇଛି ଓଡ଼ିଆ ସିନେମା 'ଭଗିଆ ଭାରିଯା'। ଫିଲ୍ମଟି ଖୁବ୍‌ଶୀଘ୍ର ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ହରିବୋଲ ମିଡିଆ ଏଣ୍ଟରଟେନ୍‌ମେଣ୍ଟ ପ୍ରା.ଲି. ବ୍ୟାନରରେ ନିର୍ମିତ ଏହି ଚିତ୍ରଟିର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ହରିହର ମହାପାତ୍ର ଓରଫ ହରି ଭାଇ। ଏ ନେଇ ସେ କହନ୍ତି, 'ଭଗିଆର ଭାରିଯା ଏକ ଭିନ୍ନ ଧରଣର କାହାଣୀକୁ ନେଇ ପ୍ରସ୍ତୁତ ହେଉଛି। ଏଥିରେ ଅନେକ କିଛି ଶିକ୍ଷଣୀୟ କଥା ଭରି ରହିଛି।'' ଡ. ଭୀଷ୍ମ ରଥ ଏବଂ ହରିହର ମହାପାତ୍ରଙ୍କ ପ୍ରଯୋଜିତ ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି ମୃତ୍ୟୁଞ୍ଜୟ ସାହୁ (ବାପି)। ହରି ଏହାର ନାୟକ ସାଜିଥିବା ବେଳେ ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ଦେବଯାନୀ।



'ଭଗିଆ ଭାରିଯା' ଚଳଚ୍ଚିତ୍ରରେ ହରି–ଦେବଜାନୀ

# ଲାଗିପଡ଼ିଛନ୍ତି ପୂଜା

ଦକ୍ଷିଣ ଭାରତୀୟ ସିନେମାରେ ପୂଜା ହେଗ୍‌ଡେ ଜଣେ ବେଶ୍ ପରିଚିତା ଅଭିନେତ୍ରୀ। ଆଶୁତୋଷ ଗୋୱାରିକରଙ୍କ ଐତିହାସିକ ଫିଲ୍ମ 'ମହେଞ୍ଜୋଦାରୋ'ରେ ତାଙ୍କୁ ବଲିଉଡ୍‌ରେ ବ୍ରେକ୍ ମିଳିଥିଲା। କିନ୍ତୁ ନିଜର ଡେବ୍ୟୁ ହିନ୍ଦୀ ସିନେମାକୁ ନେଇ ସେ ଯେଉଁ ଆଶା ରଖିଥିଲେ ତାହା ସଫଳ ହୋଇ ନ ଥିଲା। ବକ୍ସ ଅଫିସରେ ଫିଲ୍ମଟି ଫ୍ଲପ୍ ହେଲା। ହେଲେ ଏବେ ଏକ କଥା ପାଇଁ ପୂରାଦମ୍‌ରେ ଲାଗି ପଡ଼ିଛନ୍ତି। କଥା କ'ଣ କି ସେ ନିକଟରେ ଏକ ନୂଆ ସିନେମା ସାଇନ୍ କରିଛନ୍ତି। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ଶୁଣିବା ପରେ ସେଗୁଡ଼ିକରେ କିପରି ଠିକ୍ ଭାବରେ ଡ୍ୟାନ୍ସ କରିପାରିବେ, ସେଥିପାଇଁ ପ୍ରାକ୍ଟିସ ଆରମ୍ଭ କରିଦେଇଛନ୍ତି। ଏ ସମ୍ପର୍କରେ ପୂଜା କହନ୍ତି, ''ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। ହେଲେ ଏହାର ଗୀତଗୁଡ଼ିକ ମୋ ମନକୁ ଛୁଇଁପାରିଛି। ତେଣୁ ସେଗୁଡ଼ିକୁ କିପରି ଶତ ପ୍ରତିଶତ ଜଷ୍ଟିସ ଦେବି ସେ ନେଇ ପ୍ରାକ୍ଟିସ ଆରମ୍ଭ କରିଦେଇଛି। ଏହି ଅନ୍‌ଟାଇଟଲ୍‌ଡ ଫିଲ୍ମରେ ଦର୍ଶକ ମୋତେ ଏକ ରୋମାଣ୍ଟିକ ଭୂମିକାରେ ଦେଖିବାକୁ ପାଇବେ।'' ତେବେ ଏହି ଗୀତଟି ତାଙ୍କ କ୍ୟାରିୟରକୁ କେତେ ମାଇଲେଜ୍ ଦେଇଛି ତାହା ଫିଲ୍ମଟି ରିଲିଜ୍ ହେଲେ ଜଣାପଡ଼ିବ।



ପୂଜା

# ଅନୁଶୋଚନାର ସମୟ ଆସିଛି

ଓଡ଼ିଆ ଚଳଚ୍ଚିତ୍ର ୮୮ ବର୍ଷରେ ପାଦ ଥାପିଛି। ଅଥଚ ଆମ ଚଳଚ୍ଚିତ୍ର ଆହୁରି ଚଳଚଞ୍ଚଳ ହେବା ପରିବର୍ତ୍ତେ ସତେଯେମିତି ଥକା ମାରି ବସିପଡ଼ିଛି। ପରିଣତ ବୟସରେ ପରିପକ୍ୱତା ଅଧିକ ହେବା କଥା। ସିନେ ସମାଜର ବୃହତ୍ତର ସ୍ୱାର୍ଥ ପାଇଁ କାହାର ଚିନ୍ତା ନାହିଁ। ମଝିରେ ମଝିରେ କୌଣସି ଅଘଟଣ ହେଲେ ଆମ ସିନେ ପରିବାର କହି ପିଠିଆପୁଡ଼ା କାର୍ଯ୍ୟ କରି ଆମର ସ୍ଥିତି ରକ୍ଷା କରୁ। ଭଲ ବିତରଣ ସଂସ୍ଥା ନଥିବା ଯୋଗୁ ପ୍ରଯୋଜକ–ବିତରକଙ୍କ ମଧ୍ୟରେ ଅର୍ଥ ପାଇଁ ତିକ୍ତତା ବଢ଼ୁଛି।

ଓଡ଼ିଆ ଚଳଚ୍ଚିତ୍ରରେ ନୂତନ ପିଢ଼ିର ନିର୍ଦ୍ଦେଶକ, ପ୍ରଯୋଜକ, କଳାକାରମାନେ ଭଲ କାହାଣୀକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରିବା ଦିଗରେ ମନଧ୍ୟାନ ଦେବା ଖୁସି ଖବର। ଏପରି ପରମ୍ପରା ଯଦି ଦୀର୍ଘସ୍ଥାୟୀ ହେବ, ପ୍ରଯୋଜନା କ୍ଷେତ୍ରରେ କିଛିଟା ପ୍ରଭାବ ନିଶ୍ଚୟ ପଡ଼ିବ। ଭଲ କାହାଣୀକୁ ନେଇ ସିନେମା ହେଲେ ତାହା ଆଦୃତି ଲାଭ କରୁଛି। ସିନେମାକୁ ଶିଳ୍ପର ମାନ୍ୟତା ଦେଲେ ମଧ୍ୟ ପ୍ରଯୋଜକମାନଙ୍କୁ କୌଣସି ପ୍ରୋତ୍ସାହନ ମିଳୁନାହିଁ। ଫଳରେ ହାତରୁ ଖାଇ ଘୋଡ଼ା ଆଗରେ ଡେଇଁବା ପରି କେତେଦିନ ଏହି ଶିଳ୍ପକୁ ବଞ୍ଚେଇ ରଖିବେ ତାହା ସମୟ କହିବ।

କଳିଙ୍ଗ ଷ୍ଟୁଡିଓର ନବୀକରଣ ହେଲେ ମଧ୍ୟ ପ୍ରଯୋଜନାଗତ ଖର୍ଚ୍ଚ ପ୍ରଯୋଜକ କିପରି ପାଇବ ସେ ଦିଗରେ ପ୍ରେକ୍ଷାଳୟର ସଂଖ୍ୟା ବୃଦ୍ଧିକୁ ବିଶେଷ ପ୍ରାଧାନ୍ୟ ଦିଆଯାଉ ନାହିଁ। ଗ୍ରାମାଞ୍ଚଳରେ ମିନି ପ୍ରେକ୍ଷାଳୟ ହେଲେ ଟିକେଟର ଦାମ କମ ହେଲେ ସାଧାରଣ ବ୍ୟକ୍ତି ନିଜ ପରିବାର ନେଇ ଓଡ଼ିଆ ସିନେମା ଦେଖିବା ପାଇଁ ମନ ବଳାନ୍ତେ। ମଲ୍ଟିପ୍ଲେକ୍ସରେ ଅର୍ଥ ବ୍ୟାପକ ହେତୁ ଅନେକ ବ୍ୟକ୍ତିବିଶେଷ ଏହି ପ୍ରେକ୍ଷାଳୟକୁ ଯିବା ଦିଗରେ ଅନିଚ୍ଛା ପ୍ରକାଶ କରୁଛନ୍ତି। ସାଧାରଣତଃ ଓଡ଼ିଶାର ଲୋକ ଆୟ ଦେଖି ବ୍ୟୟ କରନ୍ତି। ମନୋରଞ୍ଜନର ଅର୍ଥ ନୁହେଁ କେବଳ ସିନେମା ଦେଖିବା। ପରିବାର ପାଇଁ ଅର୍ଥ ରୋଜଗାର କରିବା ଚିନ୍ତାରେ ସମସ୍ତେ ଧ୍ୟାନ ଦିଅନ୍ତି। ଭଲ ସିନେମା ଦେଖିବା ପାଇଁ ହେଲେ 'ମଲ୍'କୁ 'ମାଲେମାଲ' ନକରି ଗ୍ରାମାଞ୍ଚଳରେ ଛୋଟ ପ୍ରେକ୍ଷାଳୟ କରି କମ୍ ଟିକେଟ ଖର୍ଚ୍ଚରେ ସିନେମା ଦେଖାଇବା ଦିଗରେ ଧ୍ୟାନ ଦେବା ଜରୁରୀ। ଓଡ଼ିଶାରେ ମିନି ପ୍ରେକ୍ଷାଳୟ ଯେତେ ଅଧିକ ହେବ, ଓଡ଼ିଆ ସିନେମା ଶିଳ୍ପର ପ୍ରଗତି ସେତେ ଅଧିକ ହେବ। ନୂଆ ପ୍ରଯୋଜକମାନେ ସିନେମା କରିବା ଦିଗରେ ଧ୍ୟାନ ଦେବେ।

ଓଡ଼ିଶାରେ ପ୍ରେକ୍ଷାଳୟ ସଂଖ୍ୟା ବୃଦ୍ଧି ଦିଗରେ ଏକ ଯୋଜନା ପ୍ରସ୍ତୁତ କରାଯାଉ। ପ୍ରତି ବ୍ଲକରେ ଗୋଟିଏ ଗୋଟିଏ ପ୍ରେକ୍ଷାଳୟ ହେଲେ ତାହା ଓଡ଼ିଆ ସିନେମାକୁ ଆଗକୁ ନେବାରେ ସହାୟକ ହେବ। ଓଡ଼ିଆ ସିନେମାର ଦୃଷ୍ଟିଭଙ୍ଗୀ ବଦଳୁଛି। ଯୁବ ନିର୍ଦ୍ଦେଶକମାନେ ଭଲ କାହାଣୀଭିତ୍ତିକ ସିନେମା କରିବା ଦିଗରେ ଏକ ସୁସ୍ଥ ପ୍ରତିଯୋଗିତା ଅନୁଭୂତ ହେଉଛି। ଆଗାମୀ ଦିନରେ ପ୍ରଯୋଜକମାନଙ୍କ ସମସ୍ୟା ପ୍ରତି ସରକାର ଗୁରୁତର ସହ ବିଚାରବିମର୍ଶ କରି ପ୍ରେକ୍ଷାଳୟ ସଂଖ୍ୟା ବୃଦ୍ଧି ଦିଗରେ ଧ୍ୟାନ ଦେବା ଜରୁରୀ।

ଆମ ନିକଟରେ ଭଲ କାହାଣୀର ଅଭାବ ନାହିଁ, ହେଲେ ଅଧିକାଂଶ ଓଡ଼ିଆ ସିନେମା ଅନ୍ୟ ପ୍ରାନ୍ତୀୟ ଭାଷାରେ ନିର୍ମିତ



ସିନେମାରୁ ଫ୍ରେମ୍–ଟୁ–ଫ୍ରେମ କପି କରାଯାଉଛି। ସତେ ଯେମିତି ଆମ ଓଡ଼ିଆ ଇଣ୍ଡଷ୍ଟ୍ରିକୁ କପି ରୋଗ ଗ୍ରାସିଛି। ଏଭଳି ମନୋଭାବର ପରିବର୍ତ୍ତନ ହେବା ନିହାତି ଦରକାର। ପୁଣି କପି ସିନେମାରେ ଆବଶ୍ୟକ ମୁତାବକ ଅର୍ଥ ବିନିଯୋଗ କରାଯାଉନାହିଁ।

ବୟସରେ ଆମେ ପରିପକ୍ୱତା ଅନୁସାରେ ସବୁ ଦିଗ ପ୍ରତି ଯତ୍ନବାନ୍ ହେବା ଉଚିତ। ବଜେଟ କମ୍ ହେଲେ ମଧ୍ୟ ଭଲ ସିନେମା ହେବ। ବୈଷୟିକ ଦିଗରେ ବିଶେଷ ଧ୍ୟାନ ଦେଲେ ସିନେମାର ରୂପରେଖରେ ପରିବର୍ତ୍ତନ ହେବ।

– *ଦିଲ୍ଲୀପ ହାଲି*, ବଡ଼ଗଡ଼, ଭୁବନେଶ୍ୱର–୧୮
ମୋ: ୯୮୬୧୦୦୯୨୫୨

ଛୋଟ ପରଦା

# ୧୦୦ତମ ଅଧ୍ୟାୟରେ 'ମଧୁର ସଂସାର'

ଅନ୍ୟତମ ଆଧଗାଡ଼ିର ମନୋରଞ୍ଜନ ଚ୍ୟାନେଲ ଜୀ–ସାର୍ଥକ ଓଡ଼ିଆ ମହିଳାମାନଙ୍କ ସହ ଦୀର୍ଘ ଦିନର ସୁସମ୍ପର୍କକୁ ମଜଭୁତ କରିବା ପାଇଁ ସବୁବେଳେ ଚେଷ୍ଟାରତ। ସେହି ପରିପ୍ରେକ୍ଷୀରେ ନୂଆବର୍ଷରୁ ଆରମ୍ଭ ହୋଇଥିବା ମେଗା ଧାରାବାହିକ 'ମଧୁର ସଂସାର' ଦର୍ଶକଙ୍କ ମନକୁ ଛୁଇଁବାରେ ସଫଳ ହୋଇଛି। ଏହି ଧାରାବାହିକର ୧୦୦ତମ ଅଧ୍ୟାୟ ନିକଟରେ ପ୍ରସାରିତ ହୋଇସାରିଛି। ମଧୁ ଖବରକାଗଜ କମ୍ପାନୀରେ ସାମ୍ବାଦିକା ଭାବରେ ନିଯୁକ୍ତି ହେବା ଭରଦ୍ୱାଜ ପରିବାରର କିଛି ସଦସ୍ୟଙ୍କୁ ଭଲ ଲାଗେ ନାହିଁ। କିନ୍ତୁ ସ୍ୱର୍ଣ୍ଣ ଯେହେତୁ ମଧୁକୁ ସମର୍ଥନ କରେ, ତେଣୁ ମଧୁଙ୍କୁ ଏହି କାମ କରିବାକୁ କେହି ଅଟକାଇ ପାରନ୍ତି ନାହିଁ। ବୋମା ଫିଙ୍ଗି ନିଜ ଶ୍ୱଶୁର ଘରକୁ ଧମକ ଦେଇଥିବା ଗୁଣ୍ଡା ବିରୋଧରେ ପ୍ରମାଣ ସଂଗ୍ରହ କରିବାକୁ ନିଷ୍ପତ୍ତି ନେଇଥାଏ ମଧୁ। ଏଭଳି କାର୍ଯ୍ୟ ପାଇଁ ମଧୁ ତାଙ୍କ ଶ୍ୱଶୁର, ଦିଅର ଏବଂ ନଣନ୍ଦଙ୍କ ସାହାଯ୍ୟ ନିଅନ୍ତି। ଏଭଳି କାର୍ଯ୍ୟରେ ଲିପ୍ତ ଥିବା ଗୁଣ୍ଡାଙ୍କ ଘରେ ଛଦ୍ମବେଶରେ ପଶି ପ୍ରମାଣ ସଂଗ୍ରହ କରିବାରେ ଲାଗିପଡ଼ନ୍ତି। ତେବେ ସେମାନେ ଗୁଣ୍ଡାକୁ କ'ଣ ଗିରଫ କରାଇବାରେ ସଫଳ ହୁଅନ୍ତି? ମଧୁଙ୍କୁ କ'ଣ ସମସ୍ତଙ୍କଠାରୁ ପ୍ରଶଂସା ମିଳିବ? ମାନସ କ'ଣ ମଧୁଙ୍କ କାର୍ଯ୍ୟ ପାଇଁ ଗର୍ବ କରିବେ? ଏସବୁ ପ୍ରଶ୍ନର ଉତ୍ତର ଜାଣିବା ପାଇଁ ଏହି ଧାରାବାହିକଟିକୁ ନିୟମିତ ଦେଖିବାକୁ ଭୁଲନ୍ତୁ ନାହିଁ। ଏହାର ପ୍ରସାରଣ ସମୟ ରହିଛି ସୋମବାରଠାରୁ ଶନିବାର ସନ୍ଧ୍ୟା ୭ଟାରେ। ''ଓଡ଼ିଆ ମହିଳାମାନଙ୍କର ସଂସ୍କୃତି ଏବଂ ସରଳତାକୁ ପ୍ରତିଫଳିତ କରୁଥିବା ଚରିତ୍ରର ଅସାଧାରଣ କାହାଣୀ, ଜୀ–ସାର୍ଥକ ସଦା ସର୍ବଦା ତା'ର ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଦର୍ଶକଙ୍କୁ ଦେଖାଇ ଆସିଛି। ଏଥର ସେହିପରି ନୂଆ କାହାଣୀ 'ମଧୁର ସଂସାର'ର ଆରମ୍ଭ ସହିତ ଜୀ–ସାର୍ଥକ ଜାରି ରଖିଛି ଓଡ଼ିଆ ଦର୍ଶକଙ୍କ ମନୋରଞ୍ଜନର ଯାତ୍ରା ବୋଲି କହିଛନ୍ତି ଜୀ–ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସିଲ।''



ଧାରାବାହିକ 'ମଧୁର ସଂସାର'ରେ ନୀଲ୍–ଭକ୍ତି

# ସେହି ୭୨ ଘଣ୍ଟା...

ଶକ୍ତି ତନୟା ଶ୍ରଦ୍ଧା କପୁର ଏବେ ମଧ୍ୟ ଗୋଟିଏ କଥାକୁ ମନେପକାଇ ଥାଆନ୍ତି। ଏକଦା ତାଙ୍କୁ ନିଜ ଆକ୍ଟିଂ କ୍ୟାରିୟରରେ ଲଗାତର ତିନି ଦିନ ବେଶ୍ ପରିଶ୍ରମ କରିବାକୁ ପଡିଥିଲା। ଏପରିକି ଏହି ୭୨ ଘଣ୍ଟାରେ ସେ ଟିକେ ବିଶ୍ରାମ ନେଇପାରି ନ ଥିଲେ। ମାରାଥନ୍ ଶୁଟିଂ ସାଙ୍ଗକୁ ଦୁଇ–ତିନୋଟି ବିଜ୍ଞାପନ ପାଇଁ ସେହି ସମୟ ଭିତରେ କାମ କରିବାକୁ ପଡ଼ିଥିଲା। ଏ ନେଇ ଶ୍ରଦ୍ଧା କହନ୍ତି, ''ସେତେବେଳେ ମୁଁ ଏକାଥରେ ଦୁଇଟି ସିନେମା– 'ବାଗୀ' ଏବଂ 'ରକ୍ ଅନ୍–୨'ରେ ଅଭିନୟ କରୁଥିଲି। ପୁଣି ଫିଲ୍ମଦ୍ୱୟର ଶୁଟିଂ ସମାନ୍ତରାଳ ଭାବରେ ଚାଲୁଥିଲା। ସେତେବେଳେ ଏକାଥରେ ତିନି ଦିନ ମୋତେ ବିଶ୍ରାମ ନେବାକୁ କମ୍ ସମୟ ମିଳିଥିଲା। ଲଗାତର ଶୁଟିଂ ଏବଂ ବିଜ୍ଞାପନ ପାଇଁ କାମ, ତା'ସହ କିଛି ବ୍ୟକ୍ତିଗତ କାମ ଯୋଗୁ ମୁଁ ତିନିଦିନ ପୂରା ବ୍ୟସ୍ତ ରହିଥିଲି। ସେହି ବ୍ୟସ୍ତବହୁଳ ସିଡ୍ୟୁଲ ଏବେ ବି ମୋ ମନରେ ସତେଜ ହୋଇ ରହିଛି।'' ଶ୍ରଦ୍ଧାଙ୍କ ଅଭିନୀତ ଶେଷ ଫିଲ୍ମ 'ତୁ ଝୁଟି ମେଁ ମକ୍କାର' ଗତ ବର୍ଷ ରିଲିଜ୍ ହୋଇଥିଲା। ଏବେ ତାଙ୍କୁ କାଷ୍ଟିଂରେ ନେଇ ନିର୍ମିତ ହୋଇଥିବା 'ସ୍ତ୍ରୀ–୨' ରିଲିଜ୍ ଅପେକ୍ଷାରେ ରହିଛି। ଫିଲ୍ମଟି ଚଳିତବର୍ଷ ଅଗଷ୍ଟ ୩୦ରେ ମୁକ୍ତିଲାଭ କରିବ।



ଶ୍ରଦ୍ଧା

# ରହସ୍ୟ ଖୋଲିବ ରାତ୍ରିଭୋଜନ

ଏକଦା କେତେ ଜଣ ସାଙ୍ଗ ଏକାଠି ରାତ୍ରିଭୋଜନ କରୁଥିଲେ। ଖାଇବା ପିଇବା ସହ ସେମାନେ ପରସ୍ପର ଜୀବନର ସ୍ମରଣୀୟ ଘଟଣା ବିଷୟରେ ମଧ୍ୟ ଆଲୋଚନା କରୁଥିଲେ। ହେଲେ କିଏ ଜାଣିଥିଲା ଏହି ଆଲୋଚନା ହିଁ ଦିନେ ସେମାନଙ୍କ ପାଇଁ ସମସ୍ୟାର ପାହାଡ଼ ଠିଆ କରିଦେବ। ତେବେ ସେହି ସମସ୍ୟାଗୁଡ଼ିକ କ'ଣ ଆଉ ସେଗୁଡ଼ିକୁ ସେମାନେ ଏକତ୍ର ହୋଇ କିପରି ସାମ୍ନା କରୁଛନ୍ତି ତାହାକୁ ଆଧାର କରି କାହାଣୀ ଆଗକୁ ଗତି କରିଛି। ହଁ, ଏଭଳି ଏକ ରହସ୍ୟ ରୋମାଞ୍ଚଭରା କାହାଣୀକୁ ନେଇ ନିର୍ମିତ ହୋଇଛି ହିନ୍ଦୀ ସିନେମା 'ଖେଲ୍ ଖେଲ୍ ମେଁ'। ମୁଦାସର ଅଜିଜଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଅକ୍ଷୟ କୁମାର, ତାପସୀ ପାନ୍ନୁ ଏବଂ ଫରଦିନ୍ ଖାଁଙ୍କୁ ଦେଖିବାକୁ ମିଳିବ।



ତାପସୀ

# ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ନିର୍ବାଚନ ପରିଚାଳନା ସମୀକ୍ଷା

ଝାରସୁଗୁଡ଼ା,୮।୫(ସଞ୍ଜୟ ମାଲି)

ସାଧାରଣ ନିର୍ବାଚନ ୨୦୨୪ ପରିପ୍ରେକ୍ଷୀରେ ବ୍ରଜରାଜନଗର ଓ ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀ ପାଇଁ ନିୟୋଜିତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାରତୀୟ ରାଜସ୍ୱ ସେବା ଅଧିକାରୀ କ୍ରିଷ୍ଣମୂର୍ତ୍ତି ଏଟି ବୁଧବାର ଜିଲାର ଉଭୟ ନିର୍ବାଚନମଣ୍ଡଳୀ ପାଇଁ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନଙ୍କ ସହ ଆଲୋଚନା କରିଛନ୍ତି। ଜିଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ପର୍ଯ୍ୟବେକ୍ଷକଙ୍କ ସହ ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀର ରିର୍ଟନିଂ ଅଧିକାରୀ ଓ ଅତିରିକ୍ତ ଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ ତଥା ଝାରସୁଗୁଡା ନିର୍ବାଚନ ମଣ୍ଡଳୀର ରିର୍ଟନିଂ ଅଧିକାରୀ ଓ ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଡେପୁଟି କଲେକ୍ଟର (ନିର୍ବାଚନ) ପ୍ରସନ୍ନ ପଟେଲ, ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଓସିଟି, ଜିଏସଟି ସହକାରୀ କମିଶନର



ଶିବପ୍ରସାଦ ଭୋଇ ଓ ଆଶିଷ କୁମାର ଦାଶଙ୍କ ସମେତ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀ ଓ ପ୍ରାର୍ଥୀଙ୍କ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଚଳିତ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନେ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ନିର୍ବାଚନୀ ଖର୍ଚ୍ଚର ହିସାବ ପରିଚାଳନା ସମ୍ପର୍କରେ ସୂଚନା ପ୍ରଦାନ ପୂର୍ବକ ଯଥା ସମୟରେ ଏହାର ସମ୍ପୂର୍ଣ୍ଣ ବିବରଣୀ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ନିକଟରେ ଦାଖଲ ସହ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଜାରି ନିର୍ଦ୍ଦେଶାବଳୀର ଠିକ ଅନୁପାଳନ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ନିର୍ବାଚନୀ ଖର୍ଚ୍ଚ ସମ୍ବନ୍ଧୀୟ କୌଣସି ଅଭିଯୋଗ ଥିଲେ ପର୍ଯ୍ୟବେକ୍ଷକଙ୍କୁ ମୋବାଇଲ ନଂ. ୮୯୮୫୯୭୦୨୦୨ରେ ଯୋଗାଯୋଗ କରିବାକୁ ଅବଗତ କରାଯାଇଛି। ଏଥିସହିତ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ହେଡକ୍ୱାର୍ଟର୍ସରେ ଉପସ୍ଥିତି ଅନୁସାରେ ଜିଲା କାର୍ଯ୍ୟାଳୟସ୍ଥିତ ଦ୍ୱିତୀୟ ମହଲାରେ ଖର୍ଚ୍ଚ ପର୍ଯ୍ୟବେକ୍ଷଙ୍କ ପ୍ରକୋଷ୍ଠରେ ପୂର୍ବାହ୍ନ ୧୦ ଟାରୁ ମଧ୍ୟାହ୍ନ ୧୨ଟା ଯାଏଁ ସାକ୍ଷାତ କରିବାକୁ ସୂଚିତ କରାଯାଇଛି।

# ୧୦ରେ ପାଳନ ହେବ ଭଗବାନ ପର୍ଶୁରାମଙ୍କ ଜୟନ୍ତୀ

ଝାରସୁଗୁଡ଼ା,୮।୫(ସଞ୍ଜୟ ମାଲି)

ଝାରସୁଗୁଡ଼ା ସହରରେ ଆସନ୍ତା ଶୁକ୍ରବାର ଅକ୍ଷୟ ତୃତୀୟାରେ ଭଗବାନ ଶ୍ରୀ ପର୍ଶୁରାମଙ୍କ ଜନ୍ମୋଉତ୍ସବ ଅନୁଷ୍ଠିତ ହେବ। ଶୁକ୍ରବାର ସକାଳ ୭ଟା ୩୦ ମିନିଟରେ ସରାହାଲସ୍ଥିତ ଶୀ ପର୍ଶୁରାମ ମନ୍ଦିରରେ ପୂଜା ଓ ହୋମ ଯଜ୍ଞ ଅନୁଷ୍ଠିତ ହେବ। ସହରର ଶୀତଳା ମନ୍ଦିର ଓ ଝଣ୍ଡାଛକଠାରୁ ଅପରାହ୍ନ ୪ଟା ୩୦ ମିନିଟରେ ଏକ ବାଇକ ରାଲିରେ ଶହ ଶହ ଲୋକ ସାମିଲ ହେବେ ବୋଲି ସୂଚନା ମିଳିଛି। ଭଗବାନ ପର୍ଶୁରାମଙ୍କ ମହାଆଳତି ପରେ ଭବ୍ୟ ଶୋଭାଯାତ୍ରା ଶୀତଳା ମନ୍ଦିର ଛକରୁ ସନ୍ଧ୍ୟା ୬ଟା୩୦ରେ ଅନୁଷ୍ଠିତ ହେବ। ଝଣ୍ଡାଛକ ହନୁମାନ ମନ୍ଦିରରେ ରାତି ୮ଟା୩୦ ମିନିଟରେ ପ୍ରସାଦ ସେବନ ବ୍ୟବସ୍ଥା ରହିଛି। ଭଗବାନ ପର୍ଶୁରାମ ଜନ୍ମୋତ୍ସବରେ ଅଧିକରୁ ଅଧିକ ଲୋକ ସାମିଲ ହେବା ପାଇଁ ଝାରସୁଗୁଡ଼ା ଜିଲା ବ୍ରାହ୍ମଣ ସମାଜ ସଭାପତି ରବିନ୍ଦ୍ର ଦୀକ୍ଷିତ କହିଛନ୍ତି।

# ବିଜେଡିର ମିଶ୍ରଣ ପର୍ବ



ଝାରସୁଗୁଡ଼ା,୮।୫(ସଞ୍ଜୟ ମାଲି)

ଝାରସୁଗୁଡ଼ା ଜିଲା ବିଜେଡି ପକ୍ଷରୁ ବୁଧବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡା ସହରାଞ୍ଚଳ ସରବାହାଲସ୍ଥିତ ସ୍ୱର୍ଗୀୟ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କ ବାସଭବନଠାରେ ଏକ ବିରାଟ ମିଶ୍ରଣ ପର୍ବ ଅନୁଷ୍ଠିତ କରାଯାଇଥିଲା। ଟାଣ୍ଡିଆ ତଥା ଯୁବ ସମାଜସେବୀ ବିଶାଲ ଦାସଙ୍କ ଅଧକ୍ଷତା ଓ ବିଜେଡି ଜିଲା ସଭାପତି ରବି ସିଂଙ୍କ ନେତୃତ୍ୱରେ ଆୟୋଜିତ ମିଶ୍ରଣ ପର୍ବରେ ଝାରସୁଗୁଡ଼ା ଜିଲାର ଯୁବ କଂଗ୍ରେସ ନେତା ଈଶ୍ୱର ରାଓଙ୍କ ସହ ତାଙ୍କ ଶତାଧିକ ସହ କର୍ମୀ ବିଜେଡି ପରିବାରରେ ଯୋଗ ଦେଇଛନ୍ତି। ଏହା ସଙ୍ଗେ ଦଲକି ଗ୍ରାମପଞ୍ଚାୟତ ଅନ୍ତର୍ଗତ ବଞ୍ଜାରୀ, ଦଲକି, ଓରାମ ପଡା ଗ୍ରାମର ଶହ ଶହ ଅନ୍ୟ ଦଳର କର୍ମୀମାନେ ବିଜୁ ଜନତା ଦଳରେ ସାମିଲ ହୋଇ ଶଙ୍ଖ ଧରି ବିଧାୟିକା ପ୍ରାର୍ଥୀ ସୁଶ୍ରୀ ଦୀପାଳି ଦାସଙ୍କ ହାତ ମୁଠାକୁ ଟାଣ କରି ଚଳିତ ନିର୍ବାଚନରେ ବାଜିମାତ ତଥା ୬୦ ହଜାର ପାର ନାରାକୁ ସୁନିଶ୍ଚିତ କରିଛନ୍ତି।

# ବିଜେଡି ପ୍ରାର୍ଥିନୀ ଦୀପାଲିଙ୍କ ଗ୍ରାମାଞ୍ଚଳରେ ପ୍ରଚାର



ବିଜେଡି ପ୍ରାର୍ଥିନୀ ସୁଶ୍ରୀ ଦୀପାଲି ଦାସ ପ୍ରଚାର କରୁଛନ୍ତି।

ଝାରସୁଗୁଡ଼ା,୮।୫(ସଞ୍ଜୟ ମାଲି)

ବିଜେଡି ବିଧାନସଭା ପ୍ରାର୍ଥିନୀ ସୁଶ୍ରୀ ଦୀପାଲି ଦାସ ବୁଧବାର ଝାରସୁଗୁଡ଼ା ସଦର ବ୍ଲକସ୍ଥିତ କେଲଡାମାଲ ଓ କୁଲିହାମାଲ ଗ୍ରାମପଞ୍ଚାୟତର ସମସ୍ତ ଗ୍ରାମକୁ ଯାଇ ବିଶାଳ ଶୋଭାଯାତ୍ରା ସହ ପ୍ରଚାର ପ୍ରସାର କରିଛନ୍ତି। ଏହି ସବୁ ଗ୍ରାମରେ ପହଞ୍ଚି ଗ୍ରାମର ବୈଜେଷ୍ଠ ବ୍ୟକ୍ତିଙ୍କ ପାଦ ଛୁଇଁ ଆଶୀର୍ବାଦ ଭିକ୍ଷା ସହ ଭୋଟ ମାଗିଥିଲେ। ସମସ୍ତ ଭୋଟରଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ଓଡିଶାରେ ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣ କରିବାକୁ ନିବେଦନ କରିଛନ୍ତି। ଏଥିସହ ଝାରସୁଗୁଡ଼ା ଜିଲାର ବିକାଶ ପଥକୁ ଆଗେଇ ନେବା ପାଇଁ ସ୍ୱର୍ଗୀୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ସୁପୁତ୍ରି ଦୀପାଲି ଦାସଙ୍କୁ ବିଜୟୀ କରି ସସକ୍ତ କରିବା ପାଇଁ ପ୍ରାର୍ଥନା କରିଛନ୍ତି। ଗତ ଦିନରେ ଅଞ୍ଚଳର ଯେଉଁ ବିକାଶମୂଳକ କାର୍ଯ୍ୟ ହୋଇଛି ଏହାକୁ ଆହୁରି ବିକାଶ ମୁଖି କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରଚାର ଶୋଭାଯାତ୍ରାରେ ବ୍ଲକସ୍ତରୀୟ ସମସ୍ତ ଦଳୀୟ ପଦାଧିକାରୀ ଓ କାର୍ଯ୍ୟକର୍ତ୍ତାଙ୍କ ସହ ଅନେକ ଲୋକ ଉପସ୍ଥିତ ଥିଲେ। ଗ୍ରାମାଞ୍ଚଳଗୁଡ଼ିକରେ ଲୋକଙ୍କ ମୁହଁରେ ହସ ଉଲ୍ଲାସରେ ପରିପୂର୍ଣ୍ଣ ଥିବା ଦେଖିବାକୁ ମିଳିଛି।


## Format C-1

(For Candidate to publish in Newspapers, TV)

### Declaration about Criminal Cases

(As per the judgement dated 25th September, 2018 of Hon'ble Supreme Court in WP (Civil) No. 536 of 2011 (Public Interest Foundation & Ors. Vs. Union of India & Anr.)
Name and address of candidate: **Kanhai Charan Danga**
Name of Political Party: Bharatiya Janata Party
(Independent Candidates should write "Independent" here)
Name of Election: Lagislative Assembly
*Name of Constituency: 085 - Kantamal
I Kanhai Charan Danga (name of candidate), a candidate for the above mentioned election, declare for public information the following details about my criminal antecedents:

(A) Pending Criminal Cases

| Sl. No. | Name of Court | Case No. and Dated | Status of Case(s) | Section(s) of Acts concerned and brief description of offence(s) |
|---|---|---|---|---|
| 1 | JMFC, Kantamal | CT-401/18 | Appearance | U/s- 143, 341, 294, 323, 283, 506, 149 IPC |
| 2 | JMFC, Kantamal | CT-309/18 | Appearance | U/s- 143, 341, 186 IPC |
| 3 | SDJM, Boudh | CT-756/17 New Computer No. CT-257/18 | Appearance | U/s- 143, 427, 149 IPC |

(B) Details about cases of conviction for criminal offences

| Sl. No. | Name of Court & date(s) of Order(s) | Description of office(s) & punishment imposed | Maximum Punishment Imposed |
|---|---|---|---|
| | No | No | No |
| | No | No | No |
| | No | No | No |

*In the case of election to Council of States or election to Legislative Council by MLAs, mention the election concerned in place of name of constituency.

## Format C-1

(for candidate to publish in Newspapers, TV)

### DECLARATION ABOUT CRIMINAL CASES

(As per the judgement dated 25th September, 2018, of Hon'ble Supreme Court in WP (Civil) No- 536 of 2011 (Public Interest Foundation & Ors. Vs. Union of Indian & Anr.)
Name and Address of Candidate-Sudhir Ranjan Pattjoshi , Son of Late Krishna Mohan Pattjoshi, Resident of Village- College Road, Dharamgarh, P.O/P.S-Dharamgarh,Dist- Kalahandi, Odisha, PIN No- 766015.
Name of Political Party: BHARATIYA JANATA PARTY.
(Independent candidate should write "Independent" here).
Name of Election- ODISHA LEGISLATIVE ASSEMBLY
Name of Constituency: 79-DHARAMGARH.
I, Sudhir Ranjan Pattjoshi (name of candidate), a candidate for the above mentioned election, declare for public information the following details about my criminal antecedents:

**(A) Pending Criminal Cases**

| Sl. No. | Name of the Court | Case No. and Dated | Status of Case(s) | Section(s) Acts concerned and brief description of offence(s) |
|---|---|---|---|---|
| 1 | JMFC Koksara, Dist- Kalahandi | C.T. Case No. 47 of 2020. Date 20.02.2020 | For Appearance. | Section 143 / 283 / 149 of IPC. Section143- Punishment for whoever is a member of an unlawful assembly. Section 283-Causing danger, obstruction or injury in any public way or line of navigation. Section 149- If an offence be committed by any member of an unlawful assembly. Every other member of such assembly shall be guilty of offence. |
| 2 | SDJM, Dharamgarh, Dist- Kalahandi | C.T. Case No. 275 of 2019, Dated 15.07.2019 | For Hearing | Section 143 / 341 / 283 / 149/ 186 of IPC Section143- Punishment for whoever is a member of an unlawful assembly. Section 341-Punishment for wrongful restraining any person. Section 283- Causing danger, obstruction or injury in any public way or line of navigation. Section 149- If an offence be committed by any member of an unlawful assembly. Every other member of such assembly shall be guilty of offence. Section 186-Obstructing public servant in discharge of public function |

**(B) Details about Cases of conviction for criminal offences**

| Sl. No. | Name of Court & date(s) of other(s) | Description of offence(s) & Punishment imposed | Maximum Punishment Imposed |
|---|---|---|---|
| NIL | NIL | NIL | NIL |

## FORMAT C-1

### Declaration about criminal cases

(As per the judgment dated 25th September, 2018, of Hon'ble Supreme Court in WP (Civil) No.536 of 2011) (Public Interest Foundation & Ors. Vs. Union of India & Anr.)

| | |
|---|---|
| Name and Address of Candidate | **Sanat Kumar Gartia** |
| Name of Political Party | **Bharatiya Janata Party** |
| (Independent candidates should write "Independent' here) | |
| Name of Election | **Legislative Assembly of Odisha State-2024** |
| * Name of Constituency | **02-Bijepur** |

I **Sanat Kumar Gartia** (Name of the candidate) a candidate for the above mentioned election; declare for public information the following details about my criminal antecedents :

| Sl. No. | Pending Criminal Cases | | | Details about cases of conviction for criminal offences | |
|---|---|---|---|---|---|
| | **Name of Court** | **Case No. and status of case** | **Section(s) of Acts concerned and brief description of offences(s)** | **Name of Court & dates(s) order (s)** | **Description of offence(s) & punishment imposed.** |
| 1. | **JMFC, BARPALI** | **Case No. G.R.- 326 of 2020 Charged frame on Dt- 04.08.2022** | **IPC U/s** **143** : Punishment for unlawful assembly, with common object. **341** : Punishment for wrongful restraint. **283** : Danger or obstruction in public way or line of navigation. **506** : Punishment for criminal intimidation. **149** : Member of an unlawful assembly, with common object". **269** : that an individual who does an act that likely to spread a life-threatening disease infection . **270:** that anyone who intentionally spreads a life-threatening disease . | **N.A** | **N.A** |
| 2. | **JMFC, BARPALI** | **Case No. GR No.47 of 2021** | **IPC U/s** **143** : Punishment for unlawful assembly, with common object. **341** : Punishment for wrongful restraint. **283** : Danger or obstruction in public way or line of navigation. **431** :That anyone who commits mischief by injuring a public road, bridge river, or channel ,or making it impassable or less safe for travel,. **149** : Member of an unlawful assembly, with common object". | **N.A** | **N.A** |

* In the case of election to Council of States or election to Legislative Council by MLAs, mention the election concerned in place of name of constituency.

**Sd/- Sanat Kumar Gartia**

## Format C-7

(For political parties to publish in the Newspapers, Social Media platforms & website of the party)

**Information regarding individuals with pending criminal cases, who have been selected as candidates, along with the reasons for such selection, as also as to why other individuals without criminal antecedents could not be selected as candidates.**

(As per the Commission's directions issued in pursuance of the order dated 13.02.2020 of the Hon'ble Supreme Court in contempt petition(C) No. 2192 of 2018 in WP(C) No. 536 of 2011).
Name of Political Party: **Bharatiya Janata Party**
Name of the Election: General Elections to Assembly Constituency, 2024
Name of State: Odisha
(1) Name of the Constituency - 13 - Rajgangpur
Name of the Candidate: **Narasingha Minz**

| Sl. No. | | | |
|---|---|---|---|
| 1. | Criminal antecedents | | |
| | a. | Nature of the offenses | U/s - 13(2) read with Sec. 13(1)(a) of the P.C. Act and Sec. 409/34 IPC |
| | b. | Case No. | VGR - 10/2019, Arising out of Sambalpur Vigilance PS Case No. 33 of 2019 |
| | c. | Name of the Court | Special Judge (Vigilance), Sundargarh |
| | d. | Whether charges have been framed or not (Yes/No) | No |
| | e. | Date of conviction, if any | Not applicable |
| | f. | Details of punishment undergone, if any | Not applicable |
| | g. | Any other information required to be given | Even if case has been registered but till date, the I.O. has not submitted charge sheet. |
| 2. | The reasons for the selection of the candidate, Selection shall be with reference to the qualifications, achievements and merit of the candidate, and not mere "winnability" at the polls (not more than 100 words) | | The selected candidate is a very senior sincere and dedicated party worker who has already been on various important positions as elected member of AMC |
| 3. | Reasons as to why other individuals without criminal antecedents could not be selected as candidates (not more than 100 words) | | As a senior party worker he had an edge over other individuals considering the fact that whatever charges are alleged in the charge sheet have no substance and are purely with a vindictive approach and personal vendetta being waged by his political enemies. The case is long pending and the party believes that there will be no adverse outcome against the alleged accused. |

*In the case of election to Council of States or States or election to Legislative Council by MLAs, mention the election concerned in place of the name of Constituency.

**FORM No. 13**
**BEFORE THE DEBTS RECOVERY TRIBUNAL, CUTTACK**
**C-71, SECTOR-7, C.D.A, CUTTACK, ODISHA**
**O.A NO - 712/2023**

**STATE BANK OF INDIA** ...**APPLICANT**

**VRS**

**Rajib Kumar Rout,** aged about 38 years, S/o.: Ratnakar Rout, Of- Azimabad, P.O/Dist.: Balasore, PIN-756001 ...**DEFENDANT NO-3**

**SUMMON BY PAPER PUBLICATION FOR SHOWING SHOW CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted **O.A No- 712/2023** in the Court of Debts Recovery Tribunal, Cuttack for recovery of **Rs.57,48,526/- (Rupees Fifty Seven Lakh Forty Eight Thousand Five Hundred Twenty Six only)** together with current and future interest, cost and other reliefs. The above mentioned Defendant is therefore directed to appear before the tribunal in person or through Advocate or duly authorized agent in support of his defense to show cause within thirty days from the date of publication or on **28/06/2024** at **10:30 A.M** as to why relief prayed for should not be granted.

Take notice that in case of default the application will be heard and determined in his absence.

Given under my hand and seal of this tribunal on this **1st day of May 2024.**

**Sd/- REGISTRAR**
**(NIKHILA RANJAN PATI)**
**Debts Recovery Tribunal, Cuttack**

रजिस्ट्री सं: डी. एल.-33004/99 REGD. NO. D. L.-33004/99

**भारत का राजपत्र**
**The Gazette of India**

सी.जी.डी.एल.-अ.-30042024-253953
CG-DL-E-30042024-253953

**असाधारण**
**EXTRAORDINARY**
**भाग II- खण्ड 3 - उप-खण्ड (ii)**
**PART II - Section 3 - Sub-section (ii)**
**प्राधिकार से प्रकाशित**
**PUBLISHED BY AUTHORITY**

सं.1768] नई दिल्ली, सोमबार, अप्रैल 29, 2024/वैशाख 9, 1946
No.1768] NEW DELHI, MONDAY, APRIL 29, 2024/VAISAKHA 9, 1946

ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ
ଅଧିସୂଚନା
ନୂଆ ଦିଲ୍ଲୀ, ୨୬, ଅପ୍ରଲ୍, ୨୦୨୪

**ଏସ.ଓ. ୧୮୬୦ (ଙ)**-କେନ୍ଦ୍ର ସରକାର, ରାଷ୍ଟ୍ରୀୟ ରାଜମାର୍ଗ ଅଧିନିୟମ, ୧୯୫୬(୧୯୫୬ ର ୪୮) (ଯାହାକୁ ଏଥିରେ ଏହାର ପଶ୍ଚାତ୍ ଉକ୍ତ ଅଧିନିୟମ କୁହାଯାଇଛି) ର ଧାରା ୩କ ର ଉପଧାରା (୧) ଦ୍ୱାରା ପ୍ରଦତ ଶକ୍ତି ପ୍ରୟୋଗ କରି ଏହା ସମାଧାନ ହେବା ପରେ ଓଡ଼ିଶା ରାଜ୍ୟର (ତହସିଲ୍‌ଦାର କୋରାପୁଟ) କୋରାପୁଟ ଜିଲ୍ଲା ର ନୂତନ ପ୍ରସ୍ତାବିତ ୬ ଲେନ୍ ରାୟପୁର-ବିଶାଖାପାଟଣା ଏନ.ଏଚ ୧୩୦ସିଡି ଇକୋନୋମିକ୍ କରିଡର୍ ଜମିର ଦୈର୍ଘ୍ୟ ରେ କି.ମି.୨୩୯.୬୦ ଠାରୁ କି.ମି.୩୬୬.୫୦୦ ପର୍ଯ୍ୟନ୍ତ ନିର୍ମାଣ, ଅନୁରକ୍ଷଣ ପରିଚାଳନା ଉଦ୍ଦେଶ୍ୟରେ ଲୋକମାନଙ୍କ ଏହି ଭୂମି ଆବଶ୍ୟକ କରାଯାଉଛି ଯାହାର ସମ୍ପୂର୍ଣ୍ଣ ବିବରଣୀ ନିମ୍ନ ଅନୁସୂଚୀରେ ପ୍ରଦାନ କରାଯାଇଛି, ଉକ୍ତ ଭୂମିର ଅର୍ଜନ କରିବା ପାଇଁ ନିଜର ଆଗ୍ରହର ଘୋଷଣା କରାଯାଉଛି ।

ଯଦି କଥିତ ଜମି ଉପରେ କୌଣସି ବ୍ୟକ୍ତିଙ୍କ ସ୍ୱାର୍ଥ ରହିଥାଏ ତେବେ ଉପରୋକ୍ତ ଉଦ୍ଦେଶ୍ୟରେ ସେ କଥିତ ଅଧିନିୟମର ଧାରା ୩ଗ ର ଉପଧାରା (୧) ଅଧିନରେ ଉକ୍ତ ଉଦ୍ଦେଶ୍ୟରେ ଏହି ଜମିର ଉପଯୋଗୀତା ସମ୍ବନ୍ଧିତ ତାଙ୍କର ପ୍ରତିବାଦକୁ ବିଭାଗୀୟ ରାଜପତ୍ରରେ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବା ତାରିଖଠାରୁ ଏକୋଇଶ ଦିନ ମଧ୍ୟରେ ଜଣାଇପାରିବେ ।

ଏପ୍ରକାର ପ୍ରତ୍ୟେକ ପ୍ରତିବାଦକୁ ପ୍ରାଧିକୃତ କର୍ତ୍ତୃପକ୍ଷ, ଅର୍ଥାତ୍ ତହସିଲଦାର କମ ଭୂମି ଅଧିଗ୍ରହଣ ଅଧିକାରୀ କୋରାପୁଟ ଙ୍କୁ ଲିଖିତ ଆକାରରେ ନିଜ ପ୍ରତିବାଦର ପୃଷ୍ଠଭୂମି ଉଲ୍ଲେଖକରି ପଠାଇବେ ଓ ପ୍ରାଧିକୃତ କର୍ତ୍ତୃପକ୍ଷ ସେହି ପ୍ରତିବାଦ ଗୁଡ଼ିକୁ ଉପଯୁକ୍ତ ଭାବରେ ସମୀକ୍ଷା କରି ଯଦି ଆବଶ୍ୟକ ପଡ଼େ ଉପଯୁକ୍ତ ଅନୁସନ୍ଧାନ କରି ବ୍ୟକ୍ତିଗତ ଭାବରେ ବା ଜଣେ ଆଇନଗତ ପ୍ରାକଟିସନରଙ୍କ ଜରୀଆରେ ପ୍ରତବାଦକାରୀଙ୍କ ପାଇଁ ଶୁଣାଣୀ ବ୍ୟବସ୍ଥା କରିବେ ଓ ଏହା ଉପରେ ଉପଯକ୍ତ ସିଦ୍ଧାନ୍ତ ଗ୍ରହଣ କରିବେ । ଯଦି ଅନୁସନ୍ଧାନର ଆବଶ୍ୟକ ପଡ଼େ ତେବେ ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ ଆଦେଶ ଦ୍ୱାରା ସେପ୍ରକାର ପ୍ରତିବାଦକୁ ଗ୍ରହଣ ବା ଅସ୍ୱୀକାର କରିପାରିବେ ।

କଥିତ ଅଧିନିୟମର ଧାରା ୩ଗ ର ଉପଧାରା (୨) ଅଧିନରେ ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦାନ କରାଯିବାକୁ ଥିବା ଆଦେଶ ଅନ୍ତିମ ବୋଲି ବିବେଚନା କରାଯିବ ।

ଏହି ବିଜ୍ଞାପନ ଅଧିନରେ ଅଧିଗ୍ରହଣ ହେବାକୁ ଥିବା ଜମିର ଯୋଜନା ଓ ଜମିର ଅନ୍ୟାନ୍ୟ ବିବରଣୀ ଓ ସେ ସଂପର୍କିତ ବିଜ୍ଞାପନ ଉପଲବ୍ଧ ହେବ ଏବଂ ଇଚ୍ଛୁକ ବ୍ୟକ୍ତିମାନେ ଏହାକୁ ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ ଉପରୋକ୍ତ ଅଫିସରୁ ଦେଖିପାରିବେ ।

**ଅନୁସୂଚୀ**

**ଓଡ଼ିଶା ରାଜ୍ୟର କୋରାପୁଟ ଜିଲ୍ଲାର ନୂତନ ପ୍ରସ୍ତାବିତ ରାୟପୁର-ବିଶାଖା ପାଟଣା ଇକୋନମିକ କୋରିଡର ଏନଏଚ-୧୩୦ ସିଡି ର କି.ମି.୨୩୯.୬୫୦ ଠାରୁ କି.ମି.୩୬୬.୫୦୦ ପର୍ଯ୍ୟନ୍ତ (ତହସିଲଦାର, କୋରାପୁଟ, ଜିଲ୍ଲା-କୋରାପୁଟ) ବିନା ନିର୍ମାଣ କିମ୍ବା ନିର୍ମାଣ ସହିତ ଅଧିଗୃହୀତ ହେବାକୁ ଥିବା ନୂତନ ପ୍ରସ୍ତାବିତ ଜମିର ସଂକ୍ଷିପ୍ତ ବିବରଣୀ ।**

**File No. NHAI/11013/LA/PIU-Sambalpur,Odisha/Newly Proposed/ Notif.(3a)/Koraput/3A3]**
**District: Koraput**
**https://egazette.gov.in**
**Publication date:30.04.2024**
**https://egazette.gov.in/(S(qbxaga2pcle12doyan2fnaoc))ViewPDF.aspx**
**https://bhoomirashi.gov.in/auth/revamp/showFileCA.cshtml?notification_id=67751&file_id=45135**

# ଭାଜପାର ସରକାର ଗଢ଼ିବା ଆଶା ସଫଳ ହେବନି: ପାଣ୍ଡିଆନ

ଭୁବନେଶ୍ୱର,୮।୫(ଅନିଲ ଦାସ)

- ଜାତୀୟ ନେତାପୁଞ୍ଜଙ୍କ ସହ ଏକାକୀ ଲଢୁଛନ୍ତି ମୁଖ୍ୟମନ୍ତ୍ରୀ
- ଅବହେଳା ଢାଙ୍କିବାକୁ 'ଅସ୍ମିତା' କଥା ଉଠାଉଛନ୍ତି ବିରୋଧୀ
- ୧୦ବର୍ଷରେ ଓଡ଼ିଶା ପ୍ରତି ଧର୍ମେନ୍ଦ୍ର ପ୍ରଧାନଙ୍କ ଅବଦାନ କ'ଣ

ରାଜ୍ୟରେ କ୍ଷମତା ଦଖଲ ନିମନ୍ତେ ଦିବାସ୍ୱପ୍ନ ଦେଖୁଥିବା ଭାଜପା ଓ ଏହାର ନେତାମାନଙ୍କୁ ବିଜେଡି ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ସଣ୍ଟୁଆଶି ଆକ୍ରମଣ କରିଛନ୍ତି। ଭାଜପାର ଅସଲ ଉଦ୍ଦେଶ୍ୟକୁ ଲୋକଙ୍କ ସାମ୍ନାରେ ଖୋଲିଛନ୍ତି। ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଓ କର୍ନାଟକ ପରି ଭାଜପା ଏଠାରେ କ୍ଷମତା ଦଖଲ ନିମନ୍ତେ ବିଜେଡିକୁ ଭାଙ୍ଗିବାର ଷଡ଼ଯନ୍ତ୍ର କରୁଛି, ମାତ୍ର ଏହି ଆଶା କେବେ ବି ସଫଳ ହେବ ନାହିଁ। ବିଧାନସଭାରେ ବିଜେଡି ଦୁଇ ତୃତୀୟାଂଶ ଆସନରେ ବିଜୟୀ ହେବ ଓ ଲୋକ ସଭାରେ ପୂର୍ବାପେକ୍ଷା ଅଧିକ ଆସନ ପାଇବ ବୋଲି ପାଣ୍ଡିଆନ କହିଛନ୍ତି। ଏଥିସହିତ ଗତ ୧୦ବର୍ଷ ଧରି କେନ୍ଦ୍ରରେ କ୍ୟାବିନେଟ ମନ୍ତ୍ରୀ ଥିବା ଧର୍ମେନ୍ଦ୍ରଙ୍କ ଦକ୍ଷତା ଉପରେ ପ୍ରଶ୍ନ ଉଠାଇଛନ୍ତି। କେଉଁ ଅଦୃଶ୍ୟ କାରଣ ପାଇଁ ପ୍ରଧାନ ନିଜ ଅଞ୍ଚଳ ଢେଙ୍କାନାଳ ଛାଡ଼ି ସମ୍ବଲପୁରରେ ଯାଇ ନିର୍ବାଚନ ଲଢୁଛନ୍ତି ତାହାର ରହସ୍ୟ ମଧ୍ୟ ପାଣ୍ଡିଆନ ଖୋଲିଛନ୍ତି।

ବୁଧବାର ଗୋପାଳପୁରଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପାଣ୍ଡିଆନ ଗଣମାଧ୍ୟମ ପ୍ରତିନିଧିଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି ଯେ ନିର୍ବାଚନରେ ଭାଜପା ନିକଟରେ କିଛି ପ୍ରସଙ୍ଗ ନାହିଁ। ସେଥିପାଇଁ ସେମାନେ ଓଡ଼ିଆ ଅସ୍ମିତା କଥା କହୁଛନ୍ତି। ମାତ୍ର ବିଡ଼ମ୍ବନା ହେଉଛି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ତାଙ୍କ ଦଳର ନେତାଙ୍କ ମୁହଁରେ ଓଡ଼ିଆ ଅସ୍ମିତା କଥା ଶୋଭାପାଉନାହିଁ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ଓଡ଼ିଆ ଭାଷାକୁ ୨୦୧୪ରେ ଶାସ୍ତ୍ରୀୟ ମାନ୍ୟତା ମିଳିଲା। ମାତ୍ର ଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶା ଭାଷାର ଉନ୍ନତି ପାଇଁ କେନ୍ଦ୍ର ସରକାର ଟଙ୍କାଟିଏ ବି ଅନୁଦାନ ଦେଇନାହାନ୍ତି। ପରିକ୍ରମା ପ୍ରକଳ୍ପ ରୋକିବାକୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଓ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଷଡ଼ଯନ୍ତ୍ର କରିଛନ୍ତି। ମହାପ୍ରଭୁଙ୍କ କାର୍ଯ୍ୟ ରୋକିବାକୁ ସୁପ୍ରିମକୋର୍ଟରେ ୩୫ ଲକ୍ଷ ଟଙ୍କା ଫି' ନେଉଥିବା ଓକିଲଙ୍କୁ ଠିଆ କରାଇଛନ୍ତି। ସମ୍ବଲପୁରରେ 'ସମଲେଇ' ପ୍ରକଳ୍ପ ବିଳମ୍ବିତ କରିବାକୁ ଷଡ଼ଯନ୍ତ୍ର କରିଛନ୍ତି। ପାଇକ ବିଦ୍ରୋହ ହେଉଛି ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ। ଏହାକୁ ମାନ୍ୟତା ଦେବାକୁ ରାଜ୍ୟ ଭାଜପାର ୮ ଜଣ ଏମ୍‌ପି କିମ୍ବା କେନ୍ଦ୍ରମନ୍ତ୍ରୀ ଥରଟିଏ ବି ସ୍ୱର ଉତ୍ତୋଳନ କରିନାହାନ୍ତି। ଏହା ଓଡ଼ିଆ ଅସ୍ମିତା ଉପରେ ଆଘାତ ନୁହେଁ କି ବୋଲି ପାଣ୍ଡିଆନ କହିଛନ୍ତି।

ଭାଜପା ନେତାମାନଙ୍କର ଅସ୍ମିତା ପ୍ରସଙ୍ଗ ସମ୍ପୂର୍ଣ୍ଣ ଫମ୍ପା। ରାଜ୍ୟର ଲୋକମାନଙ୍କ ଉପରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ। ଓଡ଼ିଶାବାସୀ କେବଳ 'ନବୀନ ଗ୍ୟାରେଣ୍ଟି'ରେ ବିଶ୍ୱାସ କରନ୍ତି। ପ୍ରତି ନିର୍ବାଚନ ସମୟରେ ଜାତୀୟ ଦଳର ନେତାମାନେ ଓଡ଼ିଶାକୁ 'ନିର୍ବାଚନ ପର୍ଯ୍ୟଟନ'ରେ ଆସନ୍ତି। ମିଠାମିଠା ପ୍ରତିଶ୍ରୁତି ଦିଅନ୍ତି, ମାତ୍ର ଭୋଟ ସରିବା ପରେ ସେମାନଙ୍କର ଦେଖା ମିଳେନାହିଁ। ଓଡ଼ିଶାରୁ କ୍ରମାଗତ ୧୦ବର୍ଷ ଜଣେ କ୍ୟାବିନେଟ ମନ୍ତ୍ରୀ ରହିବା ନିଶ୍ଚିତ ଭାବରେ ଗର୍ବର କଥା। କ୍ୟାବିନେଟ ମନ୍ତ୍ରୀ ଥାଇ ଧର୍ମେନ୍ଦ୍ର ପ୍ରଧାନ କ'ଣ କରିଛନ୍ତି। କାମାକ୍ଷା ପ୍ରସାଦ ସିଂହଦେଓ କେନ୍ଦ୍ରରେ ସ୍ୱଳ୍ପକାଳ ମନ୍ତ୍ରୀ ଥିବାବେଳେ ଆଇଆଇଏମ୍‌ସି ସ୍ଥାପନ କରିଥିଲେ। ନୀତିନ ଗଡ଼କରୀ ନିଜ ରାଜ୍ୟ ମହାରାଷ୍ଟ୍ରକୁ ୩ଟି ଜାତୀୟ ରାଜପଥ ନେଇଛନ୍ତି। ମାତ୍ର ଧର୍ମେନ୍ଦ୍ର ନିଜ ଅଞ୍ଚଳରେ ଗୋଟିଏ କେନ୍ଦ୍ରୀୟ ବିଦ୍ୟାଳୟ ବି ଖୋଲିବାକୁ ସକ୍ଷମ ହୋଇ ନାହାନ୍ତି। ନିର୍ବାଚିତ ନ ହୋଇ ବି ତାଙ୍କ ଅଞ୍ଚଳରେ ତାଙ୍କ ବିରୋଧରେ ଏତେ ଲହର ସୃଷ୍ଟି ହୋଇଛି ଯେ ଶେଷରେ ସେ ବାଧ ହୋଇ ସମ୍ବଲପୁରରୁ ନିର୍ବାଚନ ଲଢୁଛନ୍ତି। ସମ୍ବଲପୁର ଲୋକଙ୍କୁ କୌଣସି ପ୍ରକାରେ ଭୁଆଁ ବୁଲାଇ ନିର୍ବାଚିତ ହେବା ତାଙ୍କର ଲକ୍ଷ୍ୟ। କେବଳ ବଡ଼ବଡ଼ ଭାଷଣ ମାରିଦେଲେ ହେବ ନାହିଁ, କେନ୍ଦ୍ରମନ୍ତ୍ରୀ ନିଜ ଅଞ୍ଚଳ ପାଇଁ ୧୦ବର୍ଷରେ କ'ଣ କାମ କରିଛନ୍ତି ତାହାର ରିପୋର୍ଟ କାର୍ଡ ରଖନ୍ତୁ। ଅସ୍ମିତା କଥା କହିବା ପୂର୍ବରୁ ତାଙ୍କ ଅଞ୍ଚଳ ଦେଇ ଯାଇଥିବା ମଣିଷମରା ରାଜପଥରେ ଜୀବନ ହରାଇଥିବା ୨୦୦୦ ଲୋକଙ୍କ ପରିବାରକୁ ଶ୍ରଦ୍ଧାଞ୍ଜଳି ଦିଅନ୍ତୁ। ୧୦ ବର୍ଷ ହେଲା କଟକ-ସମ୍ବଲପୁର ରାଜପଥ ସରୁନାହିଁ, ମାତ୍ର ୩ ବର୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ଏକ୍ସପ୍ରେସ୍ ୱେକୁ ଶେଷକରି ଦେଖାଇଛନ୍ତି। ଧର୍ମେନ୍ଦ୍ରଙ୍କ ହାତରେ ଶିକ୍ଷା ପରି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ରହିଛି।

ଅନ୍ୟ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଯେ ବିଜେଡି ଏକ ଆଞ୍ଚଳିକ ଦଳ। ଓଡ଼ିଶା ପାଇଁ ଲଢ଼େଇ ଏହାର ଆଭିମୁଖ୍ୟ। ଗତଥର ଭାଜପାର ୮ ଜଣ ସାଂସଦ ନିର୍ବାଚିତ ହୋଇ ଦିଲ୍ଲୀ ଯାଇଥିଲେ। ମାତ୍ର ସେମାନେ କେଉଁ ଗୋଟିଏ ରାଜ୍ୟ ପ୍ରସଙ୍ଗକୁ ସଂସଦରେ ଉଠାଇଛନ୍ତି ? ସେମାନଙ୍କ ଲକ୍ଷ୍ୟ ହେଉଛି କେମିତି କେନ୍ଦ୍ରରେ ମନ୍ତ୍ରୀ ହେବେ, ପରବର୍ତ୍ତୀ ନିର୍ବାଚନରେ ଟିକେଟ ପାଇବେ। ତେଣୁ ସେମାନେ ରାଜ୍ୟ ପ୍ରସଙ୍ଗ ଉଠାଇବେ ନାହିଁ। ବରଂ ସେମାନେ ମିଶନଶକ୍ତି ବନ୍ଦ କରିବାକୁ ଷଡ଼ଯନ୍ତ୍ର କରିଛନ୍ତି। ସେମାନେ କେବେ ଆଦିବାସୀଙ୍କ ଭାଷାକୁ ମାନ୍ୟତା, ସେମାନଙ୍କ ବର୍ଗକୁ ମାନ୍ୟତା କଥା ଉଠାଇନାହାନ୍ତି। ମାତ୍ର ବିଜେଡି ଏମ୍‌ପିମାନେ ବିଭିନ୍ନ ସମୟରେ ରାଜ୍ୟ ପ୍ରସଙ୍ଗକୁ କେନ୍ଦ୍ରରେ ନିରନ୍ତର ଉଠାଇଛନ୍ତି, ରାଜ୍ୟର ହକ୍ ପାଇଁ ଲଢ଼େଇ କରିଛନ୍ତି।

ଗତ ୨୫ ବର୍ଷ ହେଲା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ଐତିହ୍ୟ, ପରମ୍ପରା ଓ ଅସ୍ମିତା ପାଇଁ କାର୍ଯ୍ୟ କରୁଛନ୍ତି। ଯେଉଁ ୨/୩ଟି ରାଜ୍ୟରେ ସ୍ୱତନ୍ତ୍ର ଭାଷା ବିଶ୍ୱବିଦ୍ୟାଳୟ ସ୍ଥାପନ ହୋଇଛି ସେଥିରୁ ଓଡ଼ିଶା ଅନ୍ୟତମ। ଓଡ଼ିଶାରେ ପ୍ରଥମ ବିଶ୍ୱ ଭାଷା ସମ୍ମିଳନୀ ଆୟୋଜିତ ହୋଇଛି। ୨୦/୩୦ ଦେଶରୁ ପ୍ରତିନିଧି ଏଥିରେ ଯୋଗ ଦେଇଛନ୍ତି। ଭାଷା ସାହିତ୍ୟ ବୃତ୍ତି କେବଳ ଓଡ଼ିଶାରେ ପ୍ରଦାନ କରାଯାଉଛି ବୋଲି ପାଣ୍ଡିଆନ କହିଛନ୍ତି। ଏଠାରେ ବିଜେଡିର କେହି ପ୍ରତିଦ୍ୱନ୍ଦ୍ୱୀ ଥିବାପରି ଦିଶୁନାହିଁ। ଯଦି ସେମାନେ କାମ କରିଥାଆନ୍ତେ ତେବେ ୨୦୨୨ରେ ପଞ୍ଚାୟତ ଓ ପୌର ନିର୍ବାଚନରେ ଏପରି ପ୍ରଚଣ୍ଡ ପରାଜୟ ଭୋଗି ନ ଥାନ୍ତେ। ବିଜେଡି ଦୁଇ ତୃତୀୟାଂଶ ବିଧାନସଭା ଆସନରେ ବିଜୟୀ ହେବ। ଭାଜପା କିଛି ଅଧିକ ଆସନ ପାଇଲେ ମହାରାଷ୍ଟ୍ର, ମଧ୍ୟପ୍ରଦେଶ ପରି ବିଜେଡିରେ ବିଭାଜନ କରିବାକୁ ଲକ୍ଷ୍ୟ ରଖିଛି। ମାତ୍ର ତାହା କେବେ ବି ସଫଳ ହେବ ନାହିଁ ବୋଲି ପାଣ୍ଡିଆନ କହିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ରୋଡ୍ ଶୋ' ପାଇଁ ୫୫ ପ୍ଲାଟୁନ ଫୋର୍ସ

ଭୁବନେଶ୍ୱର,୮।୫(ସତ୍ୟଜିତ୍ ରାଉତ)

ଆସନ୍ତା ୧୦ ତାରିଖରେ ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରୋଡ୍ ଶୋ' କାର୍ଯ୍ୟକ୍ରମ ରହିଛି। ଏନେଇ କମିଶନରେଟ୍ ପୋଲିସ ପକ୍ଷରୁ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ସ୍ପେଶାଲ ପ୍ରୋଟେକ୍ସନ ଗ୍ରୁପ୍ (ଏସ୍‌ପିଜି) ସହ ପୋଲିସ ଆଲୋଚନା କରି ଯୋଜନା କରିଛି। ଏନେଇ ପୋଲିସ କମିଶନର ସଞ୍ଜୀବ ପଣ୍ଡା କହିଛନ୍ତି, ରାମମନ୍ଦିରରୁ ବାଣୀବିହାର ପର୍ଯ୍ୟନ୍ତ ରୋଡ୍ ଶୋ' ହେବ। ବ୍ଲୁ ବୁକ୍ ଅନୁଯାୟୀ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ରୋଡ୍ ଶୋ' ପାଇଁ ବାଣୀବିହାର ଯାଏ ନୋ ଫ୍ଲାଇଂ ଜୋନ୍ ରହିବ। ଡଗ୍ ସ୍କ୍ୱାଡ୍, ବମ୍ ସ୍କ୍ୱାଡ୍ ଆଦିକୁ ନିୟୋଜିତ କରାଯିବ। ରୋଡ୍ ଶୋ ପାଇଁ ୫ ଡିସିପି, ୧୦ ଅତିରିକ୍ତ ଡିସିପି, ୨୭ ଏସିପି, ୪୧ ଇନ୍ସପେକ୍ଟର ଦାୟିତ୍ୱରେ ରହିବେ। ଏଥିସହ ୩ ଆଣ୍ଟି ଟେରର୍ ଫୋର୍ସ ସହ ୫୫ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ ବୋଲି କମିଶନର ସୂଚନା ଦେଇଛନ୍ତି। ତେବେ ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଏସ୍‌ପିଜି ସହ କମିଶନରେଟ ପୋଲିସ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲା। ଏହି ଯାଞ୍ଚରେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ, ପରିବହନ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଏବଂ ବିଏମ୍‌ସିର ଅଧିକାରୀମାନେ ସାମିଲ ଥିଲେ।

## ଅନ୍ଧାରରେ ଶ୍ରୀମନ୍ଦିର

ପୁରୀ, ୮।୫(ଅଜିତ୍ ମହାନ୍ତି)

ଶ୍ରୀମନ୍ଦିରରେ ବୁଧବାର ବିଦ୍ୟୁତ ବିଭ୍ରାଟ ଯୋଗୁ ପ୍ରାୟ ୧୫ ମିନିଟ୍ ପର୍ଯ୍ୟନ୍ତ ଅନ୍ଧକାର ଛାଇଯାଇଥିଲା। ଫଳରେ ଶ୍ରଦ୍ଧାଳୁମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସୂଚନା ଅନୁଯାୟୀ, ସନ୍ଧ୍ୟାରେ ହଠାତ୍ ପାୱାର ପ୍ୟାକ୍ ଅପ୍ ବ୍ୟବସ୍ଥା ଫେଲ୍ ମାରିବାରୁ ତଥା ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇଯିବାରୁ ଶ୍ରୀମନ୍ଦିର ପରିସର ଅନ୍ଧାର ହୋଇଯାଇଥିଲା। ପ୍ରାୟ ୧୫ ମିନିଟ ପର୍ଯ୍ୟନ୍ତ ଏଭଳି ସ୍ଥିତି ରହିଥିଲା। ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମିନି ଇନ୍‌ଭର୍ଟର ବ୍ୟବସ୍ଥା କରାଯିବାରୁ କିଛି ଅଂଶ ଆଲୋକିତ ହୋଇଥିଲା। ଏ ନେଇ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ ଜେନା କହିଛନ୍ତି ଯେ, ପାୱାର ଟ୍ରିପ୍ ଯୋଗୁ ଅଳ୍ପ କିଛି ସମୟ ପାଇଁ ଏଭଳି ସମସ୍ୟା ଉପୁଜିଥିଲା। ତେବେ ତୁରନ୍ତ ସେହି ସମସ୍ୟାର ସମାଧାନ କରାଯାଇଥିଲା।

ପ୍ରଥମ ପୃଷ୍ଠାରୁ

### ୯ ମାଓବାଦୀଙ୍କ ...

ପୋଜେ ବୌଦ୍ଧ ଜିଲାରେ ସକ୍ରିୟ ଭାବରେ କାର୍ଯ୍ୟ କରୁଥିବା କେକେବିଏନ୍ ୮ମ କମ୍ପାନୀର ଡିଭିଜନ କମାଣ୍ଡର ଭିକେଶ ଓରଫ ଜଗଦୀଶର ଯୋଗାଯୋଗରେ ଆସି ୨୦୨୦ରେ ସଂଗଠନରେ ଯୋଗ ଦେଇଥିବା ନେଇ ଆଇଜି ପଙ୍କଜ ସୂଚନା ଦେଇଥିଲେ। ଆତ୍ମସମର୍ପଣ କରିଥିବା ଅନ୍ୟ ୭ ଜଣ ପୁରୁଷ ମାଓବାଦୀ ଏହି ଦଳର ସଦସ୍ୟ ଭାବରେ କାର୍ଯ୍ୟ କରୁଥିବା ନେଇ ମଧ୍ୟ ସୂଚନା ଦେଇଥିଲେ। ସମସ୍ତ ମାଓବାଦୀ କେକେବିଏନ୍ ଡିଭିଜନରେ କାମ କରୁଥିଲେ। ପୋଲିସ ପକ୍ଷରୁ ସେମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରାଯାଇଥିଲା। ସେମାନେ ଆତ୍ମସର୍ମପଣ କରିବା ପରେ ସରକାରଙ୍କ ନିୟମ ମୁତାବକ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ଶିକ୍ଷା, ବାସଗୃହ, ଜମି ଆଦି ଯୋଗାଇ ଦିଆଯିବ ବୋଲି ଆଇଜି ପଙ୍କଜ ସୂଚନା ଦେଇଥିଲେ। ଆତ୍ମସମର୍ପଣ କରିଥିବା ୨ ମହିଳା ମାଓବାଦୀ ସେମାନଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବା ନେଇ ଅଭିଯୋଗ କରିଥିବା ବେଳେ ପୁରୁଷ ମାଓବାଦୀମାନେ ବରିଷ୍ଠ କ୍ୟାଡର ମାଓବାଦୀଙ୍କ ଦ୍ୱାରା ଶୋଷଣର ଶିକାର ହେଉଥିବା ନେଇ ଅଭିଯୋଗ କରିଥିଲେ। ତେଣୁ ମାଓବାଦୀ କ୍ୟାମ୍ପରେ କଷ୍ଟ ଅତିଷ୍ଠ ହେବାରୁ ଆତ୍ମସମର୍ପଣ କରିଥିବା ନେଇ କହିଥିଲେ।

ଖବରଦାତା ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦ ଓ ଏସ୍‌ଡିପିଓ କୁଳଦୀପ ମୀନା ଉପସ୍ଥିତ ଥିଲେ। ପ୍ରକାଶଥାଉ କି, ଗତ ଫେବୃୟାରୀ ୬ ତାରିଖରେ ବୌଦ୍ଧ ପୋଲିସ ପାଖରେ ଛତିଶଗଡ଼ ରାଜ୍ୟର ଦୁଇ ହାର୍ଡକୋର ମହିଳା ମାଓବାଦୀ ମନୀଷା ଥାଟି (୨୧) ଓ ଚମ୍ପା କୋରମା ଓରଫ ସଜନ୍ତି ମହିଳା ମାଓବାଦୀଙ୍କୁ ଯୌନ ନିର୍ଯାତନା ହେଉଥିବା ଅଭିଯୋଗ କରି ବୌଦ୍ଧ ପୋଲିସ ପାଖରେ ଆତ୍ମସର୍ମପଣ କରି ମୁଖ୍ୟସ୍ରୋତରେ ସାମିଲ ହୋଇଥିଲେ।

### ବିବାହ ବାର୍ଷିକୀରେ ଅଧା ...

ତାଙ୍କୁ ମଧ ଧକ୍କାଦେଇ ପ୍ରାୟ ଅଧା କି.ମି. ପର୍ଯ୍ୟନ୍ତ ଘୋଷାରି ନେଇଥିଲା। ଫଳରେ ଉଭୟଙ୍କର ହିଁ ଜୀବନ ଚାଲିଯାଇଥିଲା। ପୋଲିସଠାରୁ ଖବର ପାଇ ବଡପୁଅ ସୁଦୀପ ଓ ପୁତୁରା ଶିବଶଙ୍କର ଭୁବନେଶ୍ୱର ଆସି ମା'ବାପାଙ୍କ ମୃତଦେହ ଗାଁକୁ ନେଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ସ୍ୱିଡେନ୍‌ରେ ରହୁଥିବା ସାନପୁଅ ଗୁରୁବାର ପହଞ୍ଚିବା ପରେ ଜନ୍ମମାଟି ଆନନ୍ଦପୁର ଗାଁରେ ଉଭୟ ସ୍ତ୍ରୀ ଓ ସ୍ୱାମୀଙ୍କର ଶେଷକୃତ୍ୟସମ୍ପନ୍ନ ହେବ। ଏଭଳି ଦୁଃଖଦ ଘଟଣାରେ ସ୍ଥାନୀୟ ଅଞ୍ଚଳ ପୂରା ସ୍ତବ୍ଧ ହୋଇଯାଇଛି। ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏମାନେ ସାଥୀ ଥିଲେ ଜନ୍ମ ଜନ୍ମର।

### ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାଡ଼ି ଭାଙ୍ଗିବ ନାହିଁ ,
ସାପ ମରିବ ନାହିଁ।**

ବେଳେବେଳେ ଦୁଇପଟକୁ ରକ୍ଷା କରିବା ପାଇଁ କେତେଜଣ ବ୍ୟକ୍ତି ସୁହାଇଲା ଭଳି କଥା କହୁଥିବାର ଲକ୍ଷ୍ୟ କରାଯାଇଥାଏ। ଏପରିସ୍ଥଳେ କୌଣସି ଦୃଢ଼ ନିଷ୍ପତ୍ତି ନିଆ ନ ଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବାପ ଥିଲା ପୁଅ
ସଭାରେ ବାଘ।**

ବାପର ସାହାଯ୍ୟ ସମର୍ଥନ ପାଇଲେ ପୁଅର ସାହସ ଦ୍ୱିଗୁଣିତ ହୋଇଯାଏ। ଉତ୍ସାହ, ପ୍ରେରଣା ପାଇଲେ ନିଜକୁ ହେୟ ମନେ ନ କରି ଆଗକୁ ବଢ଼ିଚାଲିଥାଏ। ସେହିପରି ତା'ର ଆତ୍ମବଳ, ଆତ୍ମବିଶ୍ୱାସ ବଢ଼ିଯିବା ସହ ସବୁକ୍ଷେତ୍ରରେ ବିଜୟ ଲାଭ କରିବାର ସମ୍ଭାବନା ମଧ୍ୟ ବଢ଼ିଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।



ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱରରେ ହୋଇଥିବା କାଳବୈଶାଖୀ ବର୍ଷାର ଦୃଶ୍ୟ। (ଫଟୋ: ବିକାଶ)

## ୨ କମ୍ପାନୀର ୩ ନିର୍ଦ୍ଦେଶକଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର,୮।୫(ସତ୍ୟଜିତ୍ ରାଉତ)

**ନିବେଶ ଆଳରେ ୫୪.୭୫ ଲକ୍ଷରୁ ଊର୍ଦ୍ଧ୍ୱ ଠକେଇ**

ବହୁଗୁଣା ଲାଭ ଦେବାର ପ୍ରତିଶ୍ରୁତି ଦେଇ ନିବେଶ ଆଳରେ ୫୪.୭୫ ଲକ୍ଷ ଠକିବା ଅଭିଯୋଗରେ କ୍ରାଇମବ୍ରାଞ୍ଚ ୨ ଫିନ୍‌ଟେକ୍ କମ୍ପାନୀର ୩ ନିର୍ଦ୍ଦେଶକଙ୍କୁ ବୁଧବାର ଗିରଫ କରିଛି। ସେମାନେ ହେଲେ ବରଗଡ଼ର ସୁମିତ କୁମାର ଦାସ, ଅମିୟ ରଞ୍ଜନ ଶତପଥୀ ଓ ଛତିଶଗଡ଼ ଭିଲ୍ଲାଇ ଅଞ୍ଚଳର ସିଦ୍ଧାର୍ଥ ଶତପଥୀ। ଅଭିଯୁକ୍ତ ସୁମିତ ଓ ଅମିୟ ଫିନ୍‌ଟେକ୍ କମ୍ପାନୀ (PayInc)ର ନିର୍ଦ୍ଦେଶକ ଥିବାବେଳେ ଓ ସିଦ୍ଧାର୍ଥ (Fype)ର ନିର୍ଦ୍ଦେଶକ ଅଛନ୍ତି। ଠକେଇର ଶିକାର ହୋଇଥିବା ଭୁବନେଶ୍ୱରର ଜଣେ ବ୍ୟକ୍ତି ଏହି ଅଭିଯୁକ୍ତଙ୍କ ଜାଲରେ ପଡ଼ି ଟଙ୍କା ହରାଇଥିଲେ। ତାଙ୍କ ଏତଲା ଆଧାରରେ କ୍ରାଇମବ୍ରାଞ୍ଚର ସାଇବର କ୍ରାଇମ୍ ଥାନା ପୋଲିସ ଗତ ୨୦୨୩ ମେ' ୨୯ରେ ଏ ସଂକ୍ରାନ୍ତରେ ମାମଲା (ନଂ.୬/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୋଗକାରୀଙ୍କ ମୋବାଇଲକୁ ଗତବର୍ଷ ମେ' ୫ରେ ଜଣେ ମହିଳା ହ୍ୱାଟ୍ସଆପ୍‌ରେ କଲ୍ କରି ଟଙ୍କା ରୋଜଗାର କରିବାକୁ ଏକ ୟୁଟ୍ୟୁବ୍ ଚ୍ୟାନେଲକୁ ସବ୍‌ସ୍କ୍ରାଇବ୍ କରିବାକୁ କହିଥିଲେ। ଏହାପରେ ମହିଳା ଜଣକ ଏକ ଟେଲିଗ୍ରାମ କଣ୍ଟାକ୍ଟ ଦେଇ ତାଙ୍କ ସହ ଚାଟ୍ କରିବାକୁ କହିଥିଲେ। ଠକେଇର ଶିକାର ବ୍ୟକ୍ତି ଜଣକ ନିୟମିତ ଉକ୍ତ ଟେଲିଗ୍ରାମ ନମ୍ବରରୁ ବାରମ୍ବାର ମେସେଜ୍ ପାଇଥିଲେ। ନିବେଶ କରି ବହୁଗୁଣ ଲାଭ ପାଇବାକୁ ସେ ପରାମର୍ଶ ଦେଇଥିଲେ। ଅଭିଯୁକ୍ତଙ୍କ ଜାଲରେ ଫସି ଅଭିଯୋଗକାରୀ ମେ' ୬ରୁ ୨୩ ମଧ୍ୟରେ ୫୪.୭୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଦେଇଥିଲେ ମଧ୍ୟ କୌଣସି ଟଙ୍କା ଫେରିପାଇ ନ ଥିଲେ। ତେବେ ଗୃହ ମନ୍ତ୍ରଣାଳୟର (ନ୍ୟାଶନାଲ ସାଇବର କ୍ରାଇମ୍ ରିପୋର୍ଟିଂ ପୋର୍ଟାଲ ବା ଏନ୍‌ସିଆର୍‌ପି)ର ଯାଞ୍ଚ ବେଳେ ଅଭିଯୁକ୍ତମାନଙ୍କ କମ୍ପାନୀକୁ ଠକେଇ ଟଙ୍କା ଯାଇଥିବା ଜଣାପଡ଼ିଥିଲା। ଏପରିକି ଦେଶବ୍ୟାପୀ ସିଦ୍ଧାର୍ଥଙ୍କ ଫିନ୍‌ଟେକ୍ କମ୍ପାନୀ ନାଁରେ ୨୬ଟି ଠକେଇ ଅଭିଯୋଗ ଆସିଥିବାବେଳେ ସୁମିତ ଓ ଅମିୟଙ୍କ ଫିନ୍‌ଟେକ୍ କମ୍ପାନୀ ନାଁରେ ୧୮ଟି ଅଭିଯୋଗ ଆସିଥିବା ଉକ୍ତ ପୋର୍ଟାଲ ଦ୍ୱାରା ଜଣାପଡ଼ିଛି। ଅନଲାଇନ୍ ଦ୍ୱାରା ଏଭଳି ମିଛ ପ୍ରତିଶ୍ରୁତିକୁ ବିଶ୍ୱାସ କରି ଠକେଇରେ ନ ପଡ଼ିବାକୁ କ୍ରାଇମବ୍ରାଞ୍ଚ ପରାମର୍ଶ ଦେଇଛି। ତେବେ ଠକେଇର ଶିକାର ହେଲେ ଅବିଳମ୍ବେ ସାଇବର କ୍ରାଇମ୍ ହେଲ୍ପ ଲାଇନ୍ ଟୋଲ ଫ୍ରି ନଂ. ୧୯୩୦ରେ କଲ୍ କରି କିମ୍ବା www.cybercrime.gov.in ରେ ଲଗଅନ୍ କରି ଅଭିଯୋଗ ପଞ୍ଜୀକୃତ କରିବାକୁ କୁହାଯାଇଛି।

## ବୌଦ୍ଧ-ଚମ୍ପାପୁର ରେଳ ସେକ୍ସନ କାର୍ଯ୍ୟ ନିରୀକ୍ଷଣ

ଭୁବନେଶ୍ୱର,୮।୫
(ଅନୁରାଧା ମହାରଣା)



ପୂର୍ବତଟ ରେଳପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ ମହେଶ କୁମାର ବେହେରା ବୁଧବାର ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ୍ ପ୍ରକଳ୍ପର ବୌଦ୍ଧ-ଚମ୍ପାପୁର ରେଳ ସେକ୍ସନ କାର୍ଯ୍ୟର ନିରୀକ୍ଷଣ କରିଛନ୍ତି। ଚାଲିଥିବା କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିବା ସହ ଧାର୍ଯ୍ୟ ସମୟରେ ଶେଷ କରିବା ଏବଂ ପ୍ରସ୍ତାବିତ ଷ୍ଟେଶନରେ ଯାତ୍ରୀଙ୍କ ସୁବିଧା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସେ ରେଳ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରକଳ୍ପର ମୋଟ ୩୦୧ କି.ମି. ମଧ୍ୟରୁ ୧୫୨.୮୦୫ କି.ମି. ରେଳ ଲାଇନ କାର୍ଯ୍ୟକ୍ଷମ ହୋଇସାରିଛି। ଏହି ପ୍ରକଳ୍ପ ଶୀଘ୍ର ଶେଷ ହେବା ପାଇଁ ରେଳପଥ ଉଭୟ ପାର୍ଶ୍ୱରୁ ଅର୍ଥାତ ଖୋର୍ଦ୍ଧା ରୋଡ୍ ଏବଂ ବଲାଙ୍ଗୀର ପାର୍ଶ୍ୱରୁ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛି। ଖୋର୍ଦ୍ଧା ରୋଡ୍‌ରୁ ଦଶପଲ୍ଲା ପର୍ଯ୍ୟନ୍ତ ୧୦୫.୮ କି.ମି. ଏବଂ ବଲାଙ୍ଗୀରରୁ ସୋନପୁର ପର୍ଯ୍ୟନ୍ତ ୪୭ କି.ମି. ରେଳ ଲାଇନ ବର୍ତ୍ତମାନ କାର୍ଯ୍ୟକ୍ଷମ ହୋଇସାରିଛି। ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ପ୍ରକଳ୍ପରେ ରେଳ ଲାଇନ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି। ସୋନପୁର-ପୁରୁଣାପାଣି-ଝରମୁଣ୍ଡା-ବୌଦ୍ଧ ମଧ୍ୟରେ ପ୍ରାୟ ୨୨ କି.ମି. ରେଳ ଲାଇନ ନିର୍ମାଣ କାର୍ଯ୍ୟ ସରିଥିବାବେଳେ ଏହି ମାର୍ଗରେ ସଫଳତାର ସହିତ ଇଞ୍ଜିନ ଗଡ଼ିବା ଏବଂ ପରୀକ୍ଷଣ କାର୍ଯ୍ୟ ମଧ୍ୟ କରାଯାଇଛି। ଏହାସହ ଝରମୁଣ୍ଡାଠାରୁ ଚମ୍ପାପୁର ପର୍ଯ୍ୟନ୍ତ ରେଳ ଲାଇନ୍ ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବା ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

## ଅନୁଭବଙ୍କ ଡିସ୍‌ଚାର୍ଜ ପିଟିଶନ୍ ଖାରଜ

କଟକ,୮।୫ (କାର୍ତ୍ତିକ ସାହୁ)

**ବର୍ଷାଙ୍କ ନିର୍ଯାତନା ମାମଲା ରଦ୍ଦ ପାଇଁ ଆବେଦନ**

ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ନିର୍ଯାତନା ଦେବା ମାମଲାରେ ଭାଜପା ନେତା ତଥା ଅଭିନେତା ଅନୁଭବ ମହାନ୍ତିଙ୍କ ପାଇଁ ଅଡୁଆ ବଢ଼ିଛି। ବର୍ଷା ଓ ଅନୁଭବଙ୍କ ମାମଲାରେ ଆଉ ଏକ ନୂଆ ମୋଡ଼ ଦେଖାଦେଇଛି। ବର୍ଷାଙ୍କ ପକ୍ଷରୁ ରୁଜୁ ନିର୍ଯାତନା ଅଭିଯୋଗ ମାମଲାର କୌଣସି ଆଧାର ନାହିଁ। ଏହାକୁ ରଦ୍ଦ କରାଯାଉ ବୋଲି ଦର୍ଶାଇ କଟକ ଜେଏମ୍‌ଏଫ୍‌ସି କୋର୍ଟ ଅନୁଭବ ମହାନ୍ତି କରିଥିବା ଆବେଦନକୁ ବୁଧବାର ଖାରଜ କରିଦେଇଛନ୍ତି। ବର୍ଷାଙ୍କ ପକ୍ଷରୁ କରାଯାଇଥିବା ଅଭିଯୋଗ ମିଥ୍ୟା ବୋଲି ଦର୍ଶାଇ ଅନୁଭବ ଡିସ୍‌ଚାର୍ଜ ପିଟିଶନ ଦାୟର କରିଥିଲେ। ଆସନ୍ତା ୧୦ ତାରିଖରେ ଚାର୍ଜଫ୍ରେମ୍ ପାଇଁ ଜେଏମ୍‌ଏଫ୍‌ସି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ବର୍ଷାଙ୍କୁ ଅନୁଭବ ମାନସିକ, ଶାରୀରିକ ନିର୍ଯାତନା ଦେବା ସହ ବିଭିନ୍ନ ସମୟରେ ଧମକ ଦେଉଥିଲେ। ଏନେଇ ସେ ୨୦୨୦ରେ ପୁରୀଘାଟ ଥାନାରେ ଏତଲା ଦେଇଥିଲେ। ଏପରିକି ଉକ୍ତ ଘଟଣାରେ ଅନୁଭବଙ୍କ ଦୁଇ ସହଯୋଗୀ ସୁଜିତ୍ ଦଳାଇ ଓ ଖଗେନ୍ଦ୍ର ପ୍ରସାଦ ସାହୁଙ୍କ ବିରୋଧରେ ମଧ୍ୟ ଅଭିଯୋଗ ହୋଇଥିଲା। ତେବେ ଏହି ମାମଲାକୁ ରଦ୍ଦ କରିବା ପାଇଁ ଅନୁଭବ କୋର୍ଟରେ ଡିସ୍‌ଚାର୍ଜ ପିଟିଶନ୍ ଦାଏର କରିଥିଲେ। ହେଲେ ବର୍ଷାଙ୍କ ପକ୍ଷରୁ ଏହାକୁ ବିରୋଧ କରାଯିବା ସହ ଏହି ମାମଲାରେ ଚାର୍ଜଫ୍ରେମ୍ ପାଇଁ ଯୁକ୍ତି ରଖାଯାଇଥିଲା।

## ସୂଚନାଦାତା ସନ୍ଦେହରେ ମାଓବାଦୀଙ୍କ ଆକ୍ରମଣ

**ଗୁରୁତର ଅବସ୍ଥାରେ ଯୁବକଙ୍କୁ ଡାକ୍ତରଖାନା ନେଲେ ସୁରକ୍ଷା କର୍ମୀ**

ମାଲକାନଗିରି,୮।୫(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ନାରାୟଣପୁରରେ ମାଓବାଦୀମାନେ ଜଣେ ବ୍ୟକ୍ତିଙ୍କୁ ନିସ୍ତୁକ ମାଡ଼ ମାରିଛନ୍ତି। ଗୁରୁତର ଅବସ୍ଥାରେ ଆହତ ବ୍ୟକ୍ତିଙ୍କୁ ସୁରକ୍ଷା କର୍ମୀମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

ସୂଚନା ଅନୁଯାୟୀ, ମଙ୍ଗଳବାର ବିଳମ୍ବିତ ରାତିରେ ଛୋଟେଙ୍ଗର ଥାନା ଅଞ୍ଚଳର କାଲେପାଦ ଗ୍ରାମର ଗୁଡ୍ଡୁ ନାମକ ଜଣେ ବ୍ୟକ୍ତିଙ୍କୁ ମାଓବାଦୀମାନେ ଆକ୍ରମଣ କରିଥିଲେ। ଏକ ଧାରୁଆ ଅସ୍ତ୍ରରେ ତାଙ୍କ ବେକ ଓ ମୁଣ୍ଡକୁ ଆକ୍ରମଣ କରିବା ପରେ ସେ ଗୁରୁତର ହୋଇ ପଡିଥିଲେ। ପ୍ରବଳ ରକ୍ତସ୍ରାବ ହେବା ଦେଖି ମାଓବାଦୀମାନେ ଗୁଡ୍ଡୁଙ୍କୁ ମରିଯାଇଥିବା ଭାବି ନିକଟରେ ଥିବା ଜଙ୍ଗଲ କଡରେ ପକାଇ ଦେଇ ପଳାଇ ଯାଇଥିଲେ। ଘଟଣାସ୍ଥଳରେ ମାଓବାଦୀମାନେ ପୋଷ୍ଟର ଲଗାଇ ଚାଲିଯିବା ପରେ ଗ୍ରାମବାସୀ ଏନେଇ ପୋଲିସକୁ ସୂଚନା ଦେଇଥିଲେ। ଡିଆର୍‌ଜିର ଯବାନମାନେ ଘଟଣାସ୍ଥଳକୁ ଯାଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ଥିବା ଗୁଡୁଙ୍କୁ ଉଦ୍ଧାରକରି ଆମ୍ବୁଲାନ୍ସ ଯୋଗେ ଛୋଟେଙ୍ଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ନାରାୟଣପୁର ଜିଲା ଡାକ୍ତରଖାନାକୁ ନିଆଯାଇଥିଲା। ତେବେ ଗୁଡୁଙ୍କୁ ପୋଲିସ ସୂଚନା ଦାତା ସନ୍ଦେହରେ ଏ ପରି ଆକ୍ରମଣ କରାଯାଇଥିବା ଜଣାପଡିଛି।

## ୩ ମାଓବାଦୀଙ୍କ ଆତ୍ମସମର୍ପଣ




ଆତ୍ମସମର୍ପଣ କରିଥିବା ୩ ମାଓବାଦୀ।

ମାଲକାନଗିରି, ୮।୫(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ଦାନ୍ତେୱାଡା ଜିଲା ପୋଲିସ ନିକଟରେ ୩ ମାଓବାଦୀ ବୁଧବାର ଆତ୍ମସମର୍ପଣ କରିଛନ୍ତି। ସୂଚନା ଅନୁଯାୟୀ, ହିଂସାର ବାଟ ଛାଡି ସମାଜର ମୁଖ୍ୟ ସ୍ରୋତରେ ସାମିଲହୋଇ ଏକ ସୁଖ ସଂସାର କରିବା ପାଇଁ ମାଲେଙ୍ଗାର ଏରିଆ ମାଓବାଦୀ କମିଟିର ସକ୍ରିୟ ୩ ମାଓବାଦୀ ଆତ୍ମସମର୍ପଣ କରିଥିବା ସୂଚନା ମିଳିଛି। ସେମାନଙ୍କ ମଧ୍ୟରେ ୨ ମହିଳା ଏବଂ ଜଣେ ପୁରୁଷ ମାଓବାଦୀ ଅଛନ୍ତି। ସେମାନେ ହେଲେ କେଏଏମ୍‌ଏସ୍ ସଦସ୍ୟ କୁମାରୀ ନନ୍ଦେ ମାଡକାମ(୨୪), ମିଲିସିଆ ସଦସ୍ୟ କେଶା ଗୋଞ୍ଚେ (୨୨), ସିଏନ୍‌ଏମ୍ ସଦସ୍ୟ କୁମାରୀ ମଲ୍ଲେ ମୁଚାକି (୨୫)। ସମସ୍ତ ମାଓବାଦୀ ଶହୀଦ ସପ୍ତାହ ସମୟ ଏବଂ ବନ୍ଦ ଡାକରା ସମୟରେ ରାସ୍ତା ଖୋଳିବା, ଗଛ କାଟିବା, ବୋମା ଖଞ୍ଜିବା, ରାସ୍ତା ଅବରୋଧ କରିବା ଏବଂ ବ୍ୟାନର ପୋଷ୍ଟର ଆଦି ଲଗାଇବା କାର୍ଯ୍ୟରେ ଜଡିତ ଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ଦାନ୍ତେୱାଡା ଏସ୍‌ପି ଗୌରବ ରାୟଙ୍କ ଉପସ୍ଥିତିରେ ସମସ୍ତ ୩ ଜଣ ଆତ୍ମସମର୍ପଣକାରୀଙ୍କୁ ୨୫ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି।

# ବିଶ୍ୱ ରେଡ଼କ୍ରସ ଦିବସ ପାଳିତ

ମୁରିବାହାଲ,୮।୫(ଶ୍ରୀବତ୍ସ ବେହେରା )

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଶିରୋଲ ଗ୍ରାମ ପଞ୍ଚାୟତର ଶିରୋଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଶ୍ୱ ରେଡକ୍ରସ ଦିବସ ବୁଧବାର ଦିନ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ରଣା ରେଡ଼କ୍ରସ ପତାକା ଉତ୍ତୋଳନ କରିଥିଲେ। ପରେ ଛାତ୍ରୀଛାତ୍ରମାନେ ଗ୍ରାମ ପରିକ୍ରମା କରିଥିଲେ। ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ଶିକ୍ଷକ ଜଗଦୀଶ ସୁନା ସଭାପତିତ୍ୱ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୈଳାସ ଭୋଇ, ମୋ ସ୍କୁଲ ଅଭିଯାନର ସଭାପତି ରୂପଧର ବରଗ୍ଡ଼, ଶିକ୍ଷକ ଲିଲୁ ମୋହନ ପଧାନ ମଞ୍ଚାସୀନ ହୋଇ ରେଡ଼କ୍ରସ ପ୍ରତିଷ୍ଠାତା ହେନେରୀଙ୍କ ଅବଦାନ, ରେଡ଼କ୍ରସର ମୂଳ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସରସ୍ୱତୀ ହୋତା, ଶିକ୍ଷକ ମୋହନ ପ୍ରଧାନୀ, ଶ୍ୟାମସୁନ୍ଦର ପ୍ରଧାନ, ଭରତ ଭୂଷଣ ମାଝୀ, ସୁଶାନ୍ତ ନାଏକ ସହଯୋଗ କରିଥିଲେ।

# ଗ୍ରାମବାସୀଙ୍କ ଭୋଟ ବର୍ଜନ ଚେତାବନୀ

## ନୂଆ ଗ୍ରାମ ପଞ୍ଚାୟତ ଗଠନ ଦାବି

ବଲାଙ୍ଗୀର,୮।୫(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କରମତଲା ଗ୍ରାମ ପଞ୍ଚାୟତକୁ ବିଭାଜନ କରି ନୂଆ ଦାବ୍‌ଯୋରୀ ଗ୍ରାମପଞ୍ଚାୟତ ଗଠନ କରିବାକୁ ଦୀର୍ଘଦିନରୁ ଗାଁ ଲୋକେ ଦାବି କରିଆସୁଛନ୍ତି। ସରକାର ଏହି ଦାବି ପୂରଣ କରି ନ ଥିବାରୁ ଏହାର ପ୍ରତିବାଦରେ ବୁଧବାର ବିଭିନ୍ନ ଗାଁର ଲୋକେ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟକୁ ଆସି ପୁଣି ଥରେ ଦାବିପତ୍ର ଦେବା ସହ ନୂଆ ପଞ୍ଚାୟତ ଗଠନ ନ ହେଲେ ଚଳିତ ଭୋଟକୁ ସେମାନେ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଜିଲାପାଳ କାର୍ଯ୍ୟାଳୟକୁ ଆସିଥିବା ଦାବ୍‌ଯୋରୀ, ଭଣ୍ଡାରବାଞ୍ଜି ଓ ଭିର୍କାପଡା ଗାଁର ଲୋକେ କହିଥିଲେ ଯେ,



ଦାବ୍‌ଯୋରୀ ଗ୍ରାମପଞ୍ଚାୟତ ଗଠନ ଦାବି ନେଇ ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟକୁ ଆସିଥିବା ଗ୍ରାମବାସୀ।

କରମତଲା ଗ୍ରାମପଞ୍ଚାୟତ ଅଫିସକୁ ଯିବାକୁ ହେଲେ ସେମାନଙ୍କୁ ପ୍ରାୟ ୧୫ କିଲୋମିଟର ଦୂର ଯିବାକୁ ପଡୁଛି। ଏହାବାଦ ଦାବ୍‌ଯୋରୀର ଜନସଂଖ୍ୟା ୩ ହଜାରରୁ ଊର୍ଦ୍ଧ୍ୱ ଥିଲେ ମଧ୍ୟ ଏଠାରେ ହାଇସ୍କୁଲ ନାହିଁ। ପାନୀୟ ଜଳ ଏବଂ ରାସ୍ତାଘାଟ ସୁବିଧା ହୋଇନାହିଁ। ନୂଆ ଗ୍ରାମପଞ୍ଚାୟତ ଅଫିସ, ହାଇସ୍କୁଲ ପ୍ରତିଷ୍ଠା, ପାନୀୟ ଜଳ ସୁବିଧା ଏବଂ ରାସ୍ତାଘାଟ ସୁବିଧା ନ ହେଲେ ଆଗାମୀ ନିର୍ବାଚନକୁ ଗ୍ରାମବାସୀ ବର୍ଜନ କରିବେ ବୋଲି ଚେତାବନୀ ଦେଇ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି।

# ଲାଠୋର ଅଞ୍ଚଳରେ ଭାଜପାର ପ୍ରଚାର ଆରମ୍ଭ



କରୁଆଁଝର ଗ୍ରାମରେ ନିର୍ବାଚନୀ ସଭା।

ଲାଠୋର,୮।୫(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ପାଟଣାଗଡ ନିର୍ବାଚନ ମଣ୍ଡଳୀର ଜୋନ ୩ ଲାଠୋର ଅଞ୍ଚଳରେ ସଭାପତି ଶଶୀଭୂଷଣ ପୂଝାରୀଙ୍କ ନେତୃତ୍ୱରେ ଭାଜପାର ପ୍ରଚାର ଆରମ୍ଭ ହୋଇଛି । କର୍ମୀମାନେ ବିଭିନ୍ନ ଗ୍ରାମକୁ ଯାଇ ଭୋଟରମାନଙ୍କ ସହ ମିଶି ମୋଦି ଗ୍ୟାରେଣ୍ଟି ଉପରେ ବୁଝାଇ ପାଟଣାଗଡ ନିର୍ବାଚନ ମଣ୍ଡଳୀରେ ବିଧାୟକ ଭାବେ କନକ ବର୍ଦ୍ଧନ ସିଂଦେଓଙ୍କୁ ଭୋଟ ଦେଇ ବିଜୟୀ କରିବାକୁ ଅନୁରୋଧ କରିଥିଲେ। ପ୍ରଚାର ବେଳେ ବିଭିନ୍ନ ଗ୍ରାମରେ ଭୋଟରମାନେ କର୍ମୀମାନଙ୍କୁ ବିଭିନ୍ନ ପ୍ରକାର ପ୍ରଶ୍ନ କରିଥିଲେ। ପ୍ରଚାର ପରେ କରୁଆଁଝର ଗ୍ରାମରେ ଏକ ନିର୍ବାଚନୀ ସଭାର ଆୟୋଜନ କରାଯାଇ ଲାଠୋର ଅଞ୍ଚଳରେ ଭାଜପା କେମିତି ବିଜୟୀ ହେବ ସେ ଉପରେ ରଣନୀତି ପ୍ରସ୍ତୁତ ହୋଇଥିଲା। ଏହି ଅବସରରେ ଏମ୍‌ପି ନୋମିନି ପ୍ରବୀଣ ଅଗ୍ରୱାଲ, କାଶୀନାଥ ମେହେର, ମାଧବ ସାହୁ, ବିପିନ ସାହୁ, ଘନଶ୍ୟାମ ସରାଫଙ୍କ ସହ ଅନେକ କର୍ମୀ ଉପସ୍ଥିତ ଥିଲେ।

# ଭାଜପାର ସଂକଳ୍ପ ପତ୍ର ଉନ୍ମୋଚିତ



ଭାଜପା ସଂକଳ୍ପ ପତ୍ର ବଲାଙ୍ଗୀରରେ ଉନ୍ମୋଚନ କରାଯାଉଛି।

ବଲାଙ୍ଗୀର,୮।୫(ବୀରେନ୍ଦ୍ର କୁମାର ଝାଙ୍କର)

## ସଂକଳ୍ପ ପତ୍ରରେ ଓଡ଼ିଶାର ବିକାଶ ଛବି ପ୍ରତିଫଳିତ

ଦାଦନ ସମସ୍ୟାର ସମାଧାନ କରିବାରେ ବିଜେଡି ସରକାର ବିଫଳ ହୋଇଛି। ବଲାଙ୍ଗୀର ଜିଲାର ଯେଉଁ କଣ୍ଟାବାଞ୍ଜି ଆସନରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହୋଇଛନ୍ତି ସେଠାକାର ଦାଦନ ସମସ୍ୟା ସମସ୍ତଙ୍କୁ ଜଣା। ଦାଦନ ଶ୍ରମିକଙ୍କ ଦୁଃଖ ନ ବୁଝି ବଲାଙ୍ଗୀର ଓ ଓଡିଶାରେ ଦାଦନ ସମସ୍ୟା ନାହିଁ ବୋଲି କହିବାର ଅର୍ଥ ବିଜେଡି ଦାଦନ ସମ୍ପର୍କରେ କିଛି ଜାଣି ନାହିଁ ବୋଲି ଭାଜପା ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା ବଲାଙ୍ଗୀର ସାମ୍ବାଦିକ ଭବନ ଠାରେ ଆୟୋଜିତ ସଂକଳ୍ପ ପତ୍ର ଉନ୍ମୋଚନ ସଭାରେ କହିଥିଲେ। ସେ ଆହୁରି କହିଥିଲେ ଯେ, ଭାଜପା ଯେଉଁ ସଂକଳ୍ପ ପତ୍ର ଉନ୍ମୋଚିତ କରିଛି ସେଥିରେ ଓଡିଶାର ବିକାଶ ଛବି ପ୍ରତିଫଳିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନ କାଳରେ ଦେଶରେ କିଭଳି ବିକାଶ ହୋଇଛି ସେ କହିଥିଲେ। ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ଭାଜପା ମୁଖପାତ୍ର ପଣ୍ଡା କହିଥିଲେ ଯେ, କେନ୍ଦ୍ର ସରକାର ପ୍ରଦାନ କରିଥିବା ୨୯.୨୮ ଲକ୍ଷ ପକ୍କା ଘରରୁ ରାଜ୍ୟ ସରକାରଙ୍କ ବିଫଳତା କାରଣରୁ ୬.୬୦ ଲକ୍ଷ ଘର ନିର୍ମାଣ ହୋଇପାରିଲା ନାହିଁ । ୧୯୧ ଟି ବୃହତ ପାନୀୟ ଜଳ ପ୍ରକଳ୍ପ ଅସମ୍ପୂର୍ଣ୍ଣ ରହିଛି । ରାଜ୍ୟରେ ଭାଜପା ସରକାର ଗଠନ ହେଲେ ଚାଷୀଙ୍କ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା କରାଯିବ, ପଶ୍ଚିମ ଓଡିଶାରେ ତିନୋଟି ମେଗା ଟେକ୍ସଟାଇଲ ହବ୍ ପ୍ରତିଷ୍ଠା କରାଯିବ, ଘରକରଣା ଖର୍ଚ୍ଚ ପାଇଁ ପ୍ରତ୍ୟେକ ମହିଳାଙ୍କୁ ୫୦ ହଜାର ଟଙ୍କାର ଭାଉଚର ଯୋଗାଇ ଦିଆଯିବ। ଅଧାରୁ ସ୍କୁଲ ଛାଡୁଥିବା ଆଦିବାସୀ ଓ ଦଳିତ ଛାତ୍ରୀଛାତ୍ରଙ୍କୁ ବାର୍ଷିକ ୫ ହଜାର ଟଙ୍କା ସହୀଦ ମାଧୋ ସିଂ ବୃତ୍ତି ପ୍ରଦାନ କରାଯିବ। ରତ୍ନ ଭଣ୍ଡାରର ଚାବି ଖୋଲି ମହାପ୍ରଭୁଙ୍କ ହିସାବ ଆକଳନ କରାଯିବ ବୋଲି କହିଥିଲେ। ସଭାରେ ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି, ବଲାଙ୍ଗୀର ଭାଜପା ବିଧାୟକ ପ୍ରାର୍ଥୀ ଗୋପାଳଜୀ ପାଣିଗ୍ରାହୀ, ରାଜ୍ୟ ମୁଖପାତ୍ର ଧୀରେନ ସେନାପତି, ସଂସଦ କ୍ଷେତ୍ର ସଂଯୋଜକ ଦିନେଶ ଶର୍ମା ଓ ଯଜ୍ଞେଶ୍ୱର ବାବୁ ଉପସ୍ଥିତ ଥିଲେ।

# ଉତ୍ତମ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାରକୁ ପ୍ରାଥମିକତା: ସମରେନ୍ଦ୍ର

ବଲାଙ୍ଗୀର,୮।୫(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ଓ ଏହାର ଆଖ ପାଖ ଅଞ୍ଚଳ ଧୀରେ ଧୀରେ ଯୁବକ ଶୂନ୍ୟ ହୋଇଯାଉଛି । ଅନେକ ଛାତ୍ର ଶିକ୍ଷା ପାଇଁ ଓ ବହୁ ଯୁବକ ରୋଜଗାର ପାଇଁ ବାହାର ରାଜ୍ୟକୁ ଚାଲି ଯାଉଛନ୍ତି। ଏସବୁ ମୂଳରେ ଭୁଶୁଡି ଯାଇଥିବା ସରକାରୀ ଶିକ୍ଷା ବ୍ୟବସ୍ଥା ଓ ସରକାରୀ ଶିଳ୍ପ ନ ଥିବା ଦାୟୀ। ଡାକ୍ତରଖାନାରେ ଡାକ୍ତର ନାହାନ୍ତି। ଘରୋଇ ଚିକିତ୍ସା ପାଇଁ ଲୋକଙ୍କ ପାଖରେ ଅର୍ଥ ନାହିଁ। ଏସବୁ ସଙ୍କଟରୁ ଆମ ଲୋକଙ୍କୁ ଉଦ୍ଧାର କରିବା ପାଇଁ ଉପଯୁକ୍ତ ରଣନୀତି ଆବଶ୍ୟକ। ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା, ଅତ୍ୟାଧୁନିକ ଚିକିତ୍ସାସେବା ଓ ଯୁବକଙ୍କୁ ରୋଜଗାର ଆମର ପ୍ରାଥମିକତା ବୋଲି କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ଦେଓଗାଁ ବ୍ଲକର ଉଡାର, ଜରାସିଂହା ଓ ସାଲେପାଲି ଗ୍ରାମପଞ୍ଚାୟତଠାରେ ବୁଧବାର ଆୟୋଜିତ ଜନ ଆଶୀର୍ବାଦ ସଭାରେ କହିଛନ୍ତି। କଂଗ୍ରେସ ନେତା କାନ୍ତେଶ୍ୱର ପଧାନଙ୍କ ସଭାପତିତ୍ୱରେ

## ୧୦ ବର୍ଷର ବିକାଶ ହେଉଛି ଆମ ରିପୋର୍ଟ କାର୍ଡ: ସମରେନ୍ଦ୍ର

ଅନୁଷ୍ଠିତ ଏହି ନିର୍ବାଚନୀ ସଭାରେ ସମରେନ୍ଦ୍ର କହିଥିଲେ ଯେ, ଗତ ୧୦ ବର୍ଷ ଧରି କଂଗ୍ରେସ ଦଳର ବରିଷ୍ଠ ନେତା ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ରଙ୍କ ନେତୃତ୍ୱରେ ଯେଉଁ ବିକାଶମୂଳକ କାର୍ଯ୍ୟ ହୋଇଛି ତାହା ହିଁ ଆମର ରିପୋର୍ଟ କାର୍ଡ। ମାତ୍ର ଏହା ପୂର୍ବରୁ ନିରବଚ୍ଛିନ୍ନ ଭାବେ ୨୪ ବର୍ଷ ଧରି କ୍ଷମତାରେ ଥିବା ସ୍ଥାନୀୟ ବିଜେଡି ନେତା ସେମାନଙ୍କ ରିପୋର୍ଟ କାର୍ଡ ଦେଇପାରିବେ କି ବୋଲି ସଭାରେ ପ୍ରଶ୍ନ କରିଥିଲେ। ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଥିଲେ ମଧ୍ୟ ଏହି ବିଜେଡି ନେତାମାନେ ବଲାଙ୍ଗୀର ପାଇଁ କୌଣସି ବୃହତ ପ୍ରକଳ୍ପ କରିଥିଲେ କି ବୋଲି ପ୍ରଶ୍ନ କରିଥିଲେ। ଅଞ୍ଚଳର ବିକାଶ ପାଇଁ ଏଭଳି ନେତାଙ୍କୁ ବରଖାସ୍ତ କରିବାକୁ ସେ ଲୋକଙ୍କୁ ନିବେଦନ କରିଥିଲେ। ଏହାସହିତ ସଦର ବ୍ଲକ ଅନ୍ତର୍ଗତ ବଡପଦର, ଖୁଜେନପାଲି ଓ ମାଧିଆପାଲି ପଞ୍ଚାୟତରେ ଆୟୋଜିତ ନିର୍ବାଚନୀ ସଭାରେ କଂଗ୍ରେସ ଦଳ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ଓ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଯୋଗଦେଇ କଂଗ୍ରେସ ଦଳର ଲୋକସଭା ଏବଂ ବିଧାୟକ ପ୍ରାର୍ଥୀଙ୍କୁ ହାତ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ । ସଭାରେ କଂଗ୍ରେସ ସରକାରକୁ ଆସିଲେ ଧାନ କୁଇଣ୍ଟାଲ ୩ ହଜାର ଟଙ୍କା, ମାସିକ ୨୦୦ ୟୁନିଟ ବିଜୁଳି ମାଗଣା, ଏସ୍‌ଏଚ୍‌ଜି ଗୋଷ୍ଠୀଙ୍କ ବ୍ୟାଙ୍କ ଋଣ ଛାଡ, ମହିଳାଙ୍କୁ ମାସିକ ଭତ୍ତା ୨ ହଜାର ଟଙ୍କା, ଦଳିତ ମହିଳାଙ୍କୁ ୩ ହଜାର ଟଙ୍କା, ଗ୍ୟାସ ସିଲିଣ୍ଡର ଦାସ ୫୦୦ ଟଙ୍କା, ସାମାଜିକ ସୁରକ୍ଷା ଅନ୍ତର୍ଗତ ମାସିକ ଭତ୍ତା ୨ ହଜାର ଟଙ୍କାକୁ ବୃଦ୍ଧି, ବେକାରୀ ଭତ୍ତା ୩ ହଜାର ଟଙ୍କା, ୫ ଲକ୍ଷ ଯୁବତୀ ଯୁବକଙ୍କ ପାଇଁ ନିଯୁକ୍ତି ବ୍ୟବସ୍ଥା କରାଯିବ ବୋଲି ବିଧାୟକ ମିଶ୍ର କଂଗ୍ରେସ ଦଳ ତରଫରୁ ଗ୍ୟାରେଣ୍ଟି ଦେଇଥିଲେ । ଏହି ନିର୍ବାଚନୀ ସଭାରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ଜନ୍ମେଜୟ ସାହୁ, କାଙ୍ଗାଳି ସାହୁ, ଅଚ୍ୟୁତ ପଧାନ ମଞ୍ଚସୀନ ଥିଲେ।



କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ନିର୍ବାଚନୀ ସଭାରେ ବକ୍ତବ୍ୟ ରଖୁଛନ୍ତି।

# ଠିକା ବିବାଦରେ ବଳି ପଡ଼ିଛି ୧ ଶହ ମିଟର ରାସ୍ତା



ରାସ୍ତା ପାଇଁ ଲଗାଯାଇଥିବା ସୂଚନା ଫଳକ।

ଲୋଇସିଂହା,୮।୫(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଗଲାପାଲି ଦଳିତ ବସ୍ତିରୁ ଛେଲବାହାଲ ପର୍ଯ୍ୟନ୍ତ ଯାଇଥିବା ରାସ୍ତା କଂକ୍ରିଟକରଣ କରାଯାଇଛି। ହେଲେ ଦୁଇପକ୍ଷ ଠିକାଦାରଙ୍କ ବିବାଦ ଯୋଗୁ ରାସ୍ତା ମଝିରେ ପ୍ରାୟ ୧ ଶହ ମିଟର ରାସ୍ତା କଂକ୍ରିଟ ହୋଇ ପାରିନାହିଁ। ଫଳସ୍ୱରୂପ ଅସମ୍ପୂର୍ଣ୍ଣ ରାସ୍ତାରେ ଯାତାୟତ ବେଳେ ଲୋକେ ହଟହଟା ହେଉଛନ୍ତ। ଠିକାଦାରଙ୍କ ବିବାଦ ଯୋଗୁ ରାସ୍ତା ବଳି ପଡିଥିବା ସ୍ଥାନୀୟ ଅଧିବାସୀ ଆଲୋଚନା କରୁଛନ୍ତି। ୨୦୨୨-୨୩ ଆର୍ଥିକ ବର୍ଷରେ ଲୋଇସିଂହା ପଞ୍ଚାୟତ ସମିତି ପକ୍ଷରୁ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ଉକ୍ତ ରାସ୍ତା ଉନ୍ନତୀକରଣ ପାଇଁ ୯ ଲକ୍ଷ ୯୦ ହଜାର ଟଙ୍କା ଅନୁଦାନ ମିଳିଛି। ସୂଚନା ଫଳକରେ ପ୍ରସ୍ତାବକ କେଶବ ପଣ୍ଡା ରହିଥିବା ବେଳେ ଅଗଲାପାଲି ଦଳିତ ବସ୍ତିରୁ ଛେଲବାହାଲ ଶେଷ ପର୍ଯ୍ୟନ୍ତ କଂକ୍ରିଟକରଣ ବୋଲି ଉଲ୍ଲେଖ ରହିଛି। ଅଗଲାପାଲି ଦଳିତବସ୍ତି ପଟରୁ କାମ ହୋଇ ନଳକୂପ ନିକଟ ପର୍ଯ୍ୟନ୍ତ କାମ ହୋଇଛି । ଏହି କାମକୁ ଜଣେ ଠିକାଦାର କରିଛନ୍ତି। ଅପରପକ୍ଷେ ଏହି ରାସ୍ତାର ଛେଲବାହାଲ ଆମ୍ବ ବଗିଚା ପଟରୁ ଅନ୍ୟ ଜଣେ ଠିକାଦର କାମ କରିଛନ୍ତି । ତାହା ମଧ୍ୟ ଅଧାବାଟରେ ରହିଛି । ରାସ୍ତାରେ କଂକ୍ରିଟକରଣ ସମ୍ପୂର୍ଣ୍ଣ

## ଅଗଲାପାଲି-ଛେଲବାହାଲ ରାସ୍ତା

ହୋଇ ପାରିନାହିଁ। ଅଗଲାପାଲି ବସ୍ତିରୁ ଛେଲବାହଲକୁ ସଂଯୋଗ କରୁଥିବା ଉକ୍ତ ରାସ୍ତାର ମଝିରେ ପ୍ରାୟ ୧ ଶହ ମିଟର ରାସ୍ତା କଂକ୍ରିଟ ବାକି ରହିଛି । କଂକ୍ରିଟକରଣ ପାଇଁ ରାସ୍ତାରେ ବାଲି ପକାଯାଇଛି। ମାସାଧିକ ସମୟ ବିତି ଯାଇଥିଲେ ସୁଦ୍ଧା ରାସ୍ତାର ବାକି କାମ ସମ୍ପୂର୍ଣ୍ଣ କରାଯାଇନାହିଁ। ସ୍ଥାନୀୟ ଲୋକଙ୍କ କହିବା ମୁତାବକ ଉକ୍ତ ରାସ୍ତାରେ ଦୁଇ ଜଣ ଠିକାଦାର କାମ କରିଛନ୍ତି। କାମକୁ ନେଇ ସେମାନେ ଟଣାଓଟରା ହେଉଛନ୍ତି। ଦୀର୍ଘ ଦିନ ଦାବି ପରେ ଏହି ରାସ୍ତା କାମ ହୋଇଛି। ଏବେ ବିବାଦ ଯୋଗୁ ବାକି ରାସ୍ତା କଂକ୍ରିଟକରଣ ହେବ ନା ନାହିଁ ତାକୁ ନେଇ ଲୋକେ ସଂଶୟରେ ଅଛନ୍ତି। ଆଗକୁ ବର୍ଷା ଋତୁ ଆସୁଥିବାରୁ ବାକି କାମ ସମ୍ପୂର୍ଣ୍ଣ ଦିଗରେ ପ୍ରଶସାନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ବ୍ଲକ ସହକାରୀ ଯନ୍ତ୍ରୀ କହିଛନ୍ତି ଅଗଲାପାଲି ପଟରୁ ଡବ୍ଲୁଓଡିସି ପାଣ୍ଠି ଓ ଛେଲବାହାଲ ବଗିଚା ପଟରୁ ଆଇଡିଏଫ ପାଣ୍ଠିରୁ କାମ ହୋଇଛି। ରାସ୍ତା ମଝିରେ ବାକି ରହିଥିବା ସମ୍ପର୍କରେ ଅବଗତ ନାହିଁ। ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରି ବିହିତ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

# ଅପରାଧମୁକ୍ତ ବଲାଙ୍ଗୀର ଗଢ଼ିବା ଲକ୍ଷ୍ୟ: କଳିକେଶ

ବଲାଙ୍ଗୀର,୮।୫(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ମ୍ୟୁନିସିପାଲିଟି ୧୮ ନମ୍ବର ୱାର୍ଡର ରାଜୀବନଗରଠାରେ ମଙ୍ଗଳବାର ସନ୍ଧ୍ୟାରେ ବିଜେଡି ପକ୍ଷରୁ ଏକ ଜନସମ୍ପର୍କ ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି ସମାବେଶରେ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଯୋଗଦାନ କରିଥିଲେ। ସମାବେଶରେ ବିଜେଡି ବିଧାୟକ ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓ ଏବଂ ବିଜେଡି ଲୋକସଭା ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇ ଯୋଗଦାନ କରିଥିଲେ। ସମାବେଶରେ କଳିକେଶ

## ବିଜେଡିର ଜନସମ୍ପର୍କ ସମାବେଶ

କହିଥିଲେ ଯେ, ଅପରାଧମୁକ୍ତ ବଲାଙ୍ଗୀର ଗଢ଼ିବା ହେଉଛି ତାଙ୍କର ଲକ୍ଷ୍ୟ। ଗତ ୧୦ ବର୍ଷରେ ବଲାଙ୍ଗୀରରେ ଅପରାଧ ଓ ଗୁଣ୍ଡାଗର୍ଦ୍ଦି ବଢ଼ିଛି। ଯେଉଁମାନେ ବଲାଙ୍ଗୀରର ବିକାଶ କରିଛୁ ବୋଲି କହୁଛନ୍ତି ବାସ୍ତବରେ ସେମାନେ ନିଜ ପରିବାରର ବିକାଶ କରିଛନ୍ତି। ଆଗାମୀ ଦିନରେ ଲୋକଙ୍କ ବିକାଶ ଦିଗରେ ଆମେ କାମ କରିବୁ ବୋଲି କଳିକେଶ କହି ପ୍ରତିପକ୍ଷକୁ ଟାର୍ଗେଟ କରିଥିଲେ। ସଭାରେ ଏମପି ପ୍ରାର୍ଥୀ ସୁରେନ୍ଦ୍ର ତାଙ୍କ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ଧାରାକୁ ଲୋକେ ପସନ୍ଦ କରୁଛନ୍ତି। ତାଙ୍କୁ ପୁଣି ଥରେ ମୁଖ୍ୟମନ୍ତ୍ରୀ କରିବାକୁ ଲୋକେ ସ୍ଥିର କରିସାରିଛନ୍ତି ବୋଲି କହିଥିଲେ। ଓଡିଶାରେ ମୋଦୀ ଲହର ନାହିଁ ଏଠି କେବଳ ନବୀନ ଲହର ଚାଲିଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ଲିକା ସାହୁ, କାଉନସିଲର ଗଙ୍ଗା ଚାନ୍ଦ, ବିଜେଡି ନେତା ଅସୀମ ପଟ୍ଟନାୟକ, ବିଧୁଭୂଷଣ ତ୍ରିପାଠୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।




ସମାବେଶରେ ବିଧାୟକ ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓ ଉଦ୍‌ବୋଧନ ଦେଉଛନ୍ତି।

# ଟୁକୁନୀଙ୍କ ମାରାଥନ ପ୍ରଚାର, ପଥପ୍ରାନ୍ତ ସଭା

ଟିଟିଲାଗଡ,୮।୫(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ ନିର୍ବାଚନମଣ୍ଡଳୀରେ ସାଧାରଣ ନିର୍ବାଚନ ପାଇଁ ବିଭିନ୍ନ ଦଳର ପ୍ରାର୍ଥୀଙ୍କ ପକ୍ଷରୁ ପ୍ରଚାର ଜୋରଦାର ହେବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, କଂଗ୍ରେସ ଏବଂ ଭାଜପା ମଧ୍ୟରୁ ବିଜେଡି ବିଧାୟକ ପ୍ରାର୍ଥିନୀ ତଥା ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନୀ ସାହୁ ପ୍ରଚାରରେ ଆଗୁଆ ରହିଥିବା ପରିଲକ୍ଷିତ ହୋଇଛି। ଗତ ଦୁଇଟି ନିର୍ବାଚନରେ ଟୁକୁନୀଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ଦଳର ସୁରେନ୍ଦ୍ର ସିଂଭୋଇ ବିଜେଡିରେ ସାମିଲ ହେବା ସହ ବଲାଙ୍ଗୀର ଲୋକସଭା ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ଭାବରେ ଅବତୀର୍ଣ୍ଣ ହୋଇଛନ୍ତି। ପ୍ରାୟ ୩୦ ବର୍ଷ ଧରି ଭାଜପା ଟିକେଟ ଆଶାୟୀ ଥିବା ତଥା ଭାଜପାର ଜିଲା ସାଧାରଣ ସମ୍ପାଦକ ମୁକେଶ ଜୈନ ନିକଟରେ ଦଳ ବଦଳ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଟୁକୁନିଙ୍କୁ ସମର୍ଥନ କରି ନିଜ ସମର୍ଥକଙ୍କ ସହ ବିଜେଡିରେ ଯୋଗ ଦେଇଛନ୍ତି। ଏନେଇ ଚଳିତ ଥର ଟୁକୁନି ସମ୍ମୁଖୀନ ହୋଇଥିବା ଗତ ଦୁଇଟି ନିର୍ବାଚନଠାରୁ ଅପେକ୍ଷାକୃତ ସୁବିଧାଜନକ ସ୍ଥିତିରେ ଥିବା ଚର୍ଚ୍ଚା ହେଉଛି। ବୁଧବାର ଟୁକୁନି ଟିଟିଲାଗଡ଼



ଟୁକୁନି ସାହୁ ସମର୍ଥକଙ୍କ ଗହଣରେ ପ୍ରଚାର କରୁଛନ୍ତି।

ବ୍ଲକର ସିହିଁନି, ଉଦେପୁର, ଘୋ ଅନ୍ତର୍ଲା ଆଦି ଗ୍ରାମରେ ମାରାଥନ୍ ପ୍ରଚାର କରିଛନ୍ତି। ଏହି ଅବସରରେ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା ହୋଇଥିଲା। ସଭାରେ ସେ କହିଥିଲେ, ଏକଦା ଟିଟିଲାଗଡ ବ୍ଲକର ମାର୍ଲାଡ଼, ଉଦେପୁର, ଖୋଲାଣ ବ୍ରିଜ ନିର୍ମାଣ ଅସମ୍ଭବ ମନେ ହେଉଥିଲା। ନଦୀ ଅପରପାର୍ଶ୍ୱ ଟିଟିଲାଗଡ଼ ବ୍ଲକର ୬ଟି ପଞ୍ଚାୟତର ଲୋକେ ସକାଳୁ ଘରୁ ବାହାରିଲେ ସନ୍ଧ୍ୟା ପର୍ଯ୍ୟନ୍ତ ବର୍ଷା ଋତୁରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ଅତ୍ୟନ୍ତ କଷ୍ଟକର ଥିଲା। ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦରୁ ଉପରୋକ୍ତ ତିନୋଟି ସ୍ଥାନରେ ନୂତନ ବ୍ରିଜ ନିର୍ମାଣ ହୋଇପାରିଛି। କଳାହାଣ୍ଡି ଛକରୁ ଡେଙ୍ଗ ପର୍ଯ୍ୟନ୍ତ ନୂଆ ପୋଲ ମୁଖ୍ୟମନ୍ତ୍ରୀ ସାକାର କଲେ। ମହିଳାମାନେ ମିଶନ ଶକ୍ତି ଯୋଜନାରେ ସାମିଲ ହୋଇ ପୁରୁଷଙ୍କ ଭଳି ସ୍ୱାବଲମ୍ବୀ ହେବାକୁ ସୁଯୋଗ ପାଇଲେ। ଟିଟିଲାଗଡ଼ରେ ଶିଶୁ ଓ ମହିଳାଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ଡାକ୍ତରଖାନା ଖୋଲିଲା। ବିଜୁ ସ୍ୱାସ୍ଥ୍ୟ କାର୍ଡ ଯୋଜନାରେ ଅନେକ ପରିବାର ଉପଯୁକ୍ତ ଚିକିତ୍ସା ପାଇବା ସହ ଉପକୃତ ହୋଇପାରିଲେ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବାକୁ ତାଙ୍କୁ ଏବଂ ଏମ୍‌ପି ପ୍ରାର୍ଥୀ ସୁରେନ୍ଦ୍ରଙ୍କୁ ବିପୁଳ ଭୋଟ ଦେଇ ବିଜୟୀ କରିବାକୁ ଟୁକୁନି ନିବେଦନ କରିଥିଲେ। ସଭାରେ ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାଏକ, ଜିଲା ପରିଷଦ ସଭ୍ୟ ଗୀତା ବିଶି, ବରିଷ୍ଠ ନେତା ଶ୍ୟାମାପ୍ରସାଦ ଗରିଆ, କାର୍ତ୍ତିକ ଛତର, ତୁଳସୀ ସାହୁ, ବିକାଶ ପାଣିଗ୍ରାହୀ, ଜଗବନ୍ଧୁ ସାହୁ, ଗଜେନ୍ଦ୍ର ଛତର,ବବ୍ଲୁ ରତେଇ, ନରେଶ ଅଗ୍ରୱାଲ,, ଧ୍ରୁବ ସାହୁ, ବେଣୁଧର ମାଝୀ, ଶରତ ମାଝୀ, ନିତ୍ୟା ବାଗ, ସିରାକାର ଜାନି ତଥା ୧୮ଟି ପଞ୍ଚାୟତର ସରପଞ୍ଚ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ପାଣ୍ଡିଆନଙ୍କୁ ଭେଟିଲା ଅଙ୍ଗ ନଦୀ ବନ୍ଧ ପ୍ରତିରୋଧ କମିଟି

**ପଦ୍ମପୁର,୮।୫(ପ୍ରଦୀପ୍ତ ଦାଶ):** ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ପଦ୍ମପୁର ନିର୍ବାଚନ ପ୍ରଚାର ଗସ୍ତ ସମୟରେ ଅଙ୍ଗ ନଦୀ ବନ୍ଧ ପ୍ରତିରୋଧ କମିଟି ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନଙ୍କୁ ସାକ୍ଷାତ କରିଥିଲେ। ପ୍ରତିରୋଧ କମିଟି ସଭାପତି ବିଜୟ ସାହୁ, ସମ୍ପାଦକ କେଶବ ସାହୁ ନେତୃତ୍ୱରେ ସଦସ୍ୟମାନେ ଏକ ଦାବି ପତ୍ର ପାଣ୍ଡିଆନଙ୍କୁ ଦେଇଥିଲେ। ପୁଝାରୀପାଲି ଠାରେ ଏକ ବୃହତ ନଦୀ ବନ୍ଧ ଯୋଜନା କରିବାକୁ ସରକାର ପ୍ରସ୍ତାବ ରଖିଛନ୍ତି। ଏଥିରେ ଓଡିଶାର ୨୮ ଓ ଛତିଶଗଡ଼ ରାଜ୍ୟର ୪ ମୌଜାର କେତେକାଂଶ ପ୍ରଭାବିତ ହେବ। ତେଣୁ ବିସ୍ଥାପନ ବିହୀନ ଛୋଟ ଛୋଟ ଆନିକଟ, ଆଡିବନ୍ଧ କରି ଜଳସେଚନର ସୁବିଧା କରିବାକୁ କମିଟି ଅନୁରୋଧ କରିଛି। ନିର୍ବାଚନ ପରେ ଏହି ପ୍ରସଙ୍ଗରେ ଆଲୋଚନା କରି ଉଚିତ ପଦକ୍ଷେପ ନେବାକୁ ପାଣ୍ଡିଆନ ପରାମର୍ଶ ଦେଇଥିଲେ।

### ଜିଲା ଦାବିରେ ଓକିଲ ସଂଘର ପ୍ରତିବାଦ ବିଜେଡି ସହ ମୁହାଁମୁହିଁ

**ପଦ୍ମପୁର,୮।୫(ପ୍ରଦୀପ୍ତ ଦାଶ):** ପଦ୍ମପୁର ସତୀଭଟା ଏୟାର ଷ୍ଟ୍ରିପରୁ ହେଲିକପ୍ଟର ଯୋଗେ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ନିର୍ବାଚନ ସଭା ସ୍ଥଳରେ ପହଞ୍ଚିଥିଲେ। ସଭାକୁ ଉଦବୋଧନ ଦେଉଥିବା ବେଳେ ଓକିଲ ସଂଘ ସଭାପତି ଆନନ୍ଦ ପଣ୍ଡା, ସନ୍ତୋଷ ସତପଥି, ଅଜିତ ସତପଥି, ପ୍ରଶାନ୍ତ ମାଝି, ପ୍ରଦୀପ ସାହୁ ଓ ମିଳିତ କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନେ ଆମର ଦାବି ପଦ୍ମପୁର ଜିଲା, ଗୋ ବ୍ୟାକ୍ ପାଣ୍ଡିଆନ ବୋଲି ସ୍ଲୋଗାନ ଦେଇ ସଭାସ୍ଥଳଙ୍କୁ ଧସେଇ ପଶୁଥିଲେ। ଏହି ସମୟରେ ବିଜେଡି କର୍ମୀମାନେ ପ୍ରତିବାଦ କରିଥିଲେ। ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ହୋଇଥିଲା। ପୋଲିସ ସଭା ମଞ୍ଚକୁ ଯିବାକୁ ଦେଇ ନ ଥିଲା।

### ହୃଦ୍‌ଘାତରେ ଶିକ୍ଷକଙ୍କ ଅକାଳ ବିୟୋଗ

**ପାଇକମାଳ,୮।୫(ବଡ ଶତପଥୀ):** ବରଗଡ ଜିଲା ପାଇକମାଳର ଜଣେ ଶିକ୍ଷକଙ୍କ ମଙ୍ଗଳବାର ରାତିରେ



ହୃଦ୍‌ଘାତରେ ଅକାଳ ବିୟୋଗ ହୋଇଯାଇଛି। ମୃତକ ହେଲେ ଦେବେନ୍ଦ୍ର ସାହୁ (୫୩)। ଗତ ମଧ୍ୟରାତିରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ପ୍ରଥମେ ପାଇକମାଳ ସରକାରୀ ଚିକିତ୍ସାଳୟ ଓ ପରେ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣ କରିଥିଲେ। ବୁଧବାର ପାଇକମାଳ ପୋଲିସ ଏକ ଅପମୃତ ମାମଲା ରୁଜୁ କରିଥିବା ବେଳେ ବ୍ୟବଚ୍ଛେଦ ପଦ୍ମପୁର ଚିକିତ୍ସାଳୟରେ କରାଯାଇଥିଲା। ପରିବାର ଲୋକେ ତାଙ୍କ ଜନ୍ମମାଟି ଯାଜପୁର ଜିଲା ସହାପଡା ଗ୍ରାମକୁ ନେଇଛନ୍ତି। ସେ ପାଇକମାଳ ବ୍ଲକର ବୁଢୁରାଖମାର, ଖଣ୍ଡିଝରଣ ଓ ସାଲେପାଲି ବିଦ୍ୟାଳୟରେ ଚାକିରି କରିଥିଲେ। ତାଙ୍କ ମୃତ୍ୟୁରେ ପାଇକମାଳ ଶିକ୍ଷକ ସଙ୍ଗଠନ ସଭାପତି ମହାଦେବ ବେହେରା ତଥା ଅନ୍ୟ ସଦସ୍ୟ ନିମାଇଁ ଚରଣ ସ୍ୱାଇଁ, କେଦାରନାଥ ରାଉତ, ବ୍ରଜ କିଶୋର ଜେନା, ସଚ୍ଚିଦାନନ୍ଦ ସ୍ୱାଇଁ, ବିକାଶ ଚରଣ ସ୍ୱାଇଁ, ନିରାକାର ପ୍ରଧାନ, ନାରାୟଣ ମେହେର, ବୈଷ୍ଣବ ପଣ୍ଡା, ଚକ୍ରଧର ଅଜଗର, ଧର୍ମେନ୍ଦ୍ର ସାହୁ, ସୁଶାନ୍ତ ସାହୁ ପ୍ରମୁଖ ସହ ପାଇକମାଳ କୁବେର ସମାଜ ପକ୍ଷରୁ ଗଭିର ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରଙ୍କୁ ଧୈର୍ଯ୍ୟ ଦେବା ପାଇଁ ଭଗବାନଠାରେ ପ୍ରାର୍ଥନା କରିଛନ୍ତି।

### ବିଶ୍ୱ ରେଡ୍‌କ୍ରସ ଦିବସ ପାଳିତ

**ମୁରିବାହାଲ,୮।୫(ଶ୍ରୀବତ୍ସ ବେହେରା ):** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଶିରୋଲ ଗ୍ରାମ ପଞ୍ଚାୟତର ଶିରୋଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଶ୍ୱ ରେଡକ୍ରସ ଦିବସ ବୁଧବାର ପାଳିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ଶିକ୍ଷକ ଜଗଦୀଶ ସୁନା ସଭାପତିତ୍ୱ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୈଳାସ ଭୋଇ, ମୋ ସ୍କୁଲ ଅଭିଯାନର ସଭାପତି ରୂପଧର ବଗର୍ତ୍ତି, ଶିକ୍ଷକ ଲିଲୁ ମୋହନ ପଧାନ ମଞ୍ଚାସୀନ ହୋଇଥିଲେ।

# ବରଗଡ଼ରେ ପାଣ୍ଡିଆନଙ୍କ ରୋଡ୍ ଶୋ’

**ବରଗଡ,୮।୭(ପ୍ରେମାନନ୍ଦ ଖମାରୀ)**

ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ବୁଧବାର ବରଗଡ଼ ଜିଲା ଗସ୍ତରେ ଆସିଥିବା ବେଳେ ବରଗଡ଼ ଜିଲାର ବିଭିନ୍ନ ନିର୍ବାଚନମଣ୍ଡଳୀରେ ନିର୍ବାଚନ ପ୍ରଚାର କରିଥିଲେ । ତେବେ ବରଗଡ଼ ସହରରେ ବରଗଡ଼ ବିଧାନସଭା ବିଜେଡି ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ ଓ ବରଗଡ଼ ଲୋକ ସଭା ପ୍ରାର୍ଥିନୀ ପରିଣୀତା ମିଶ୍ରଙ୍କ ପାଇଁ ରୋଡ଼ ଶୋ’ରେ ବ୍ୟାପକ ପ୍ରଚାର କରିବା ସହ ଆସନ୍ତା ୨୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ନିର୍ବାଚନରେ ବରଗଡ଼ବାସୀ ବିଧାୟକ ପ୍ରାର୍ଥୀ ଆଚାର୍ଯ୍ୟ ଏବଂ ଏମ୍‌ପି ପ୍ରାର୍ଥିନୀ ମିଶ୍ରଙ୍କୁ ଭୋଟ ପ୍ରଦାନ କରିବା ପାଇଁ ନିବେଦନ କରିଥିଲେ। ସେ ଭଟଲି ଛକରୁ ଏକ ବିରାଟ ଶୋଭାଯାତ୍ରାରେ ରୋଡ ଶୋ’ରେ ବାହାରି ଟାଙ୍ଗରପଡ଼ା, ରରାଧାକୃଷ୍ଣ ମନ୍ଦିର ଛକ, ସହରା ପଡ଼ା ଛକ, ଅଗ୍ରସେନ ଛକ, ଧର୍ମ ଶାଳା ଛକ,



ବରଗଡ଼ରେ ପାଣ୍ଡିଆନଙ୍କ ରୋଡ଼ ଶୋ’ କାର୍ଯ୍ୟକ୍ରମ।

ଲେଙ୍ଗୁ ମିଶ୍ର ଛକ, ଫୁଡ କୋର୍ଟ, ଏସପି ଅଫିସ ଛକ, ଗାନ୍ଧୀ ଛକରେ ପହଞ୍ଚିଥିଲେ। ଏହି ରୋଡ ଶୋରେ ବହୁ ଜନସାଧାରଣ ସାମିଲ ହୋଇ ପାଣ୍ଡିଆନଙ୍କୁ ସ୍ୱାଗତ କରିଥିବା ବେଳେ ବରଗଡ଼ ସହର ଦୁଲିକି ଯାଇଥିଲା। ବିଜେଡିର ଷ୍ଟାର ପାଣ୍ଡିଆନଙ୍କ ଏହି ରୋଡ ଶୋକ୍ଷରେ ବରଗଡ଼ ବିଜେଡି ବିଧାୟକ ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ ଓ ଲୋକ ସଭା ପ୍ରାର୍ଥିନୀ ପରିନିତା ମିଶ୍ର ଉଭୟେ କଳାକାରଙ୍କ ବାଦ୍ୟର ତାଳେ ତାଳେ ଏକ ବିଶାଳ ଜନପଟୁଆରରେ ନଗର ପରିକ୍ରମା କରିଥିଲେ। ଏହି ଅବସରରେ ବରଗଡ଼ ବିଜେଡି ଏମ୍‌ପି ପ୍ରାର୍ଥୀନୀ ମିଶ୍ର ଓ ବିଧାୟକ ପ୍ରାର୍ଥୀ ଆଚାର୍ଯ୍ୟଙ୍କୁ ମଧ୍ୟ ବିଭିନ୍ନ ଛକରେ ବିପୁଳ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜେଡିର ତୁଙ୍ଗ ନେତୃମଣ୍ଡଳୀ ସମ୍ମିତ ଆଚାର୍ଯ୍ୟ, ଜିଲା ପରିଷଦ ଅଧକ୍ଷା ମାନିନୀ ଭୋଇ, ପୌର ଅଧକ୍ଷା କଳ୍ପନା ମାଝି, ଉପ ନଗରପାଳ ରାଜେଶ ଅଗ୍ରୱାଲ, ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ଗୌରହରି ମିଶ୍ର, ବ୍ଲକ ସଭାପତି ପ୍ରଫୁଲ୍ଲ କୁମାର ନାଏକ ସୁଶାନ୍ତ ମିଶ୍ର ବ୍ଲକ ଉପାଧକ୍ଷ ଉନ୍ମେଷ ପଣ୍ଡା ଅନୁରାଧା ଅଗ୍ରୱାଲ ଜିଲା ପରିଷଦ ଉପାଧକ୍ଷ ମୋହନ ଲୁହା ପ୍ରମୁଖଙ୍କ ସମେତ ସମସ୍ତ ଜିଲା ପରିଷଦ ସଦସ୍ୟ ବୃନ୍ଦ ତଥା ସମସ୍ତ କାଉନସିଲର ଓ ବିଭିନ୍ନ ପଞ୍ଚାୟତ ସରପଞ୍ଚ ଓ ନେତୃମଣ୍ଡଳୀ ଉପସ୍ଥିତ ରହିଥିବା ବେଳେ ବହୁ ସଂଖ୍ୟାରେ ମହିଳା ଯୋଗଦେଇଥିଲେ।

## ଜିଲା, ରେଳ ଲାଇନ ପ୍ରସଙ୍ଗରେ ଉଭୟ ଦଳ ପଦ୍ମପୁରବାସୀଙ୍କୁ ଭୁଆଁ ବୁଲାଉଛନ୍ତି: ସତ୍ୟଭୂଷଣ

**ପଦ୍ମପୁର,୮।୫(ପ୍ରଦୀପ୍ତ ଦାଶ)**

ପଦ୍ମପୁର କଂଗ୍ରେସ କମିଟି ପକ୍ଷରୁ ବୁଧବାର ସ୍ଥାନୀୟ ଏକ ହୋଟେଲରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଖବରଦାତା ସମ୍ମିଳନୀରେ କଂଗ୍ରେସର ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ କେନ୍ଦ୍ରର ଭାଜପା ଓ ରାଜ୍ୟର ବିଜେଡି ସରକାର ଉପରେ ବର୍ଷିଥିଲେ। ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ପଦ୍ମପୁର ଜିଲା ଦାବି, ରୂପାନ୍ତରରଣ କାର୍ଯ୍ୟକ୍ରମ ସମେତ ପଦ୍ମପୁର ନିର୍ବାଚନମଣ୍ଡଳୀର ବିକାଶ ପାଇଁ ପ୍ରତି ପଞ୍ଚାୟତକୁ ୧ କୋଟି ଟଙ୍କାର ଅନୁଦାନ ଦିଆଯାଇଛି, ତାହା ଡାହା ମିଛ ବୋଲି କହିଛନ୍ତି। ଯଦି ଦେଇଛନ୍ତି ତା ହେଲେ ତାଙ୍କ କର୍ମୀ ଓ ନେତା ଜାଲ ବିଲ କରି ଅର୍ଥ ଆତ୍ମସାତ କରିଛନ୍ତି ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ଜାଣିଶୁଣି ପଦ୍ମପୁର ଜିଲା ଘୋଷଣାକୁ ହାଇକୋର୍ଟରେ କେସ୍ କରି ଅଟକାଇଛନ୍ତି ବୋଲି କହିବା ସହିତ ନିଜର ଦୋଷ ଲୁଚାଇବା ପାଇଁ ବିରୋଧୀଙ୍କ

**କଂଗ୍ରେସର ଖବରଦାତା ସମ୍ମିଳନୀ**



ଖବରଦାତା ସମ୍ମିଳନୀରେ ସତ୍ୟଭୂଷଣ ସାହୁ ସୂଚନା ଦେଉଛନ୍ତି।

ନାଁ ଧରୁଛନ୍ତି ବୋଲି କହିଥିଲେ। ସେହିପରି ଭାଜପାର ମନ୍ତ୍ରୀ ଓ ନେତାମାନେ ପଦ୍ମପୁରକୁ ରେଳ ଲାଇନର ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତହା କୁଆଡେ ଗଲା ବୋଲି କହିବା ସହିତ ଏହି ଦୁଇ ସରକାର ପଦ୍ମପୁରବାସୀଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି କହିଥିଲେ। ଖବରଦାତା ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ଗୌନ୍ତିଆ କୁମାରସାହୁ, ଟାଉନ କଂଗ୍ରେସ ସଭାପତି ଦିଲୀପ ଦାନୀ ଉପସ୍ଥିତ ଥିଲେ।

# ଭାରତୀୟ କିଷାନ ସଂଘର କୃଷକ ସମାବେଶ





କୃଷକ ସମାବେଶରେ ମଞ୍ଚାସୀନ ଭାରତୀୟ କିଷାନ ସଂଘର ନେତୃବୃନ୍ଦ ।

**ବରଗଡ଼,୮।୫(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ବୁଧବାର ଭାରତୀୟ କିଷାନ ସଂଘ ପକ୍ଷରୁ କୃଷକ ସମାବେଶ ହୋଇଥିଲା। ଉକ୍ତ ସମାବେଶରେ ସଂଘର ରାଜ୍ୟ ସଭାପତି ଶ୍ରୀମୁଖ ପ୍ରଧାନ ସଭାପତିତ୍ୱ କରିଥିଲେ। ସଂଘର ରାଷ୍ଟ୍ରୀୟ ସଦସ୍ୟ କେଦାର ମିଶ୍ର ମାର୍ଗଦର୍ଶନ ଦେଇଥିଲେ। ସମାବେଶରେ ବରଗଡ଼ ଜିଲାର ୧୨ବ୍ଲକରୁ ଶତାଧିକ ଚାଷୀ ପ୍ରତିନିଧି ଯୋଗଦାନ କରିଥିଲେ। ଦେଶ ନିର୍ମାଣରେ କୃଷକଙ୍କ ପ୍ରମୁଖ

**ଅଧିକାର ପାଇଁ ଲଢ଼େଇ ଆହ୍ୱାନ**

ଭୂମିକା ରହିଥିବାବେଳେ କୃଷକଙ୍କ ପ୍ରତି ସରକାର ଗୁରୁତ୍ୱ ଦେଉ ନ ଥିବା ଯୋଗୁ ସମାବେଶରେ ଉଦବେଗ ପ୍ରକାଶ ପାଇଥିଲା। ଫଳରେ ସମସ୍ତ କୃଷକ ସଂଗଠିତ ହୋଇ ଲଢ଼େଇ ଜାରି ରଖିବାକୁ ସଂଘର କ୍ଷେତ୍ରୀୟ ସଂଗଠନ ମନ୍ତ୍ରୀ ଶ୍ରୀନିବାସ ଆହ୍ୱାନ କରିଥିଲେ। ସେହିପରି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କ୍ଷେତ୍ର କାର୍ଯ୍ୟବାହ ପ୍ରଫେସର ଦୁର୍ଗାପ୍ରସାଦ ସାହୁ ନିଜର ଅଧିକାର ସାବ୍ୟସ୍ତ କରିବା ପାଇଁ ଉପସ୍ଥିତ କୃଷକଙ୍କୁ ଆହ୍ୱାନ କରିଥିଲେ। ସଂଘର ଜିଲା ସଭାପତି ପିତାମ୍ବର ସାହୁ ଶାନ୍ତିପାଠ କରିଥିଲେ। ସୋମନାଥ ଭୋଇ ସଭା ସଂଯୋଜନା କରିଥିଲେ। ଗଙ୍ଗା ପୂଜାରୀ, ଚିନ୍ମୟ ମିଶ୍ର, ଓଁକାର କଲେତ, ସୁଷମା ସାହୁ, ନାରାୟଣ ସାହୁ, ସେବାରାମ ମେହେର, ରାଜକୁମାର ମହାନନ୍ଦ, ଲିଙ୍ଗରାଜ ପୁରୋହିତ, ହୀରାଲାଲ ସା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକାରୀ ସଭାପତି ପଞ୍ଚାନନ ଦଳପତି ଧନ୍ୟବାଦ ଅର୍ପଣ କରିଥିଲେ ।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

**ବରପାଲି,୮।୫(ଚିତ୍ତରଞ୍ଜନ ସାହୁ)**

ବରପାଲି ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଗୁରୁତରଙ୍କୁ ବୁର୍ଲା ବଡ଼ମେଡ଼ିକାଲକୁ ନିଆଯାଇଛି। ମୃତକ ହେଲେ ଅଭିନୟ ଦୀପ (୨୫)। ଘଟଣାରୁ ପ୍ରକାଶ ଯେ, ବରପାଲି କୁମ୍ଭାରି ରାସ୍ତାରେ କୃଷକପଲ୍ଲୀ ନିକଟରେ ୨ ଜଣ ବାଇକ ଆରୋହୀ ଏକ ଟ୍ରାକ୍ଟରକୁ ଭାରସାମ୍ୟ ହରାଇ ପଛ ପଟେ ଧକ୍କା ଦେଇଥିଲେ। ବାଇକ (ନଂ.ଓଡ଼ି୧୭ଜେ–୦୭୫୮) ଚାଳକ ଅଭିନୟ ଦୀପ (୨୫) ଓ ବାଇକ ପଛରେ ବସି ଥିବା ସରଜୁ ଦୀପ (୨୪) ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବରପାଲି ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅଭିମନ୍ୟୁଙ୍କୁ ଡାକ୍ତର ମୃତ ଘୋଷଣା କରିବା ସହ ଗୁରୁତର ଆହତ ସରଜୁଙ୍କୁ ବୁର୍ଲା ମେଡିକାଲକୁ ପଠାଇ ଦେଇଛନ୍ତି। ବରପାଲି ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଭାଜପାର ମିଶ୍ରଣ ପର୍ବ, ମାରାଥନ ପ୍ରଚାର

**ବରପାଲି,୮।୫(ଚିତ୍ତରଞ୍ଜନ ସାହୁ)**

ମଙ୍ଗଳବାର ସନ୍ଧ୍ୟାରେ ଭାଜପାର ଏକ ବୈଠକ ସ୍ଥାନୀୟ ଆଶୀର୍ବାଦ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ଏଥିରେ ବରଗଡ଼ ଏମ୍‌ପି ପ୍ରାର୍ଥୀ ପ୍ରଦୀପ ପୁରୋହିତ, ବିଜେପୁର ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ସନତ ଗଡତିୟା, ଜିଲା ପରିଷଦ ସଭ୍ୟ ସୁଶାନ୍ତ ଗଡତିୟା, ପୂର୍ବତନ ଏମ୍‌ପି ଡକ୍ଟର ପ୍ରଭାସ କୁମାର ସିଂ, ଲିପସିତ ମିଶ୍ର, ହରଦୀପ ସିଂ, ସୁରେନ୍ଦ୍ର ପାତ୍ର, ପ୍ରମୋଦ ଛତର, ଜିଲା ପ୍ରଭାରୀ ସୁକାନ୍ତ ଦାଶଙ୍କ ଉପସ୍ଥିତିରେ ବହୁ ପୁରୁଣା ବିଜେପି କର୍ମୀଙ୍କ ଘର ବାହୁଡ଼ା ହୋଇଥିଲା । ଏହି ସଭାରେ ବରପାଲି ନଗର ମଣ୍ଡଳ ସଭାପତି ପଦ୍ମ ଲୋଚନ ସାହୁ ଅଧକ୍ଷତା କରିଥିବା ବେଳେ ମଣ୍ଡଳ ସମ୍ପାଦକ ଗୁଣନିଧି ମେହେର ସଂଯୋଜନା କରିଥିଲେ ଓ ଅଜିତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ପରେ ସମସ୍ତ ପ୍ରାର୍ଥୀ ଏକ ବିରାଟ ଶୋଭାଯାତ୍ରାରେ ନଗର ପରିକ୍ରମା କରି ଦଳର ପ୍ରଚାର କରି ଆଶୀର୍ବାଦ ଭିକ୍ଷା କରୁଥିଲେ। ଶୋଭାଯାତ୍ରାରେ ବହୁ ସଂଖ୍ୟାରେ ଭାଜପା କର୍ମୀ ସାମିଲ ହୋଇଥିଲେ।



ଭାଜପା ପକ୍ଷରୁ ପ୍ରଚାର କରାଯାଉଛି।

# ଗଡଭାଟି ଗ୍ରାମବାସୀଙ୍କୁ ମିଳୁନି ପିଇବା ପାଣି

**ପଦ୍ମପୁର,୮।୫(ପ୍ରଦୀପ୍ତ ଦାଶ)**

ପଦ୍ମପୁର ବ୍ଲକ ଅଧୀନ କଂସର ପଞ୍ଚାୟତର ଗଡଭାଟି ଗ୍ରାମରେ ପାଣି ଟୋପାଏ ପାଇଁ ଏକ ମାତ୍ର ସାହାର ପାଲଟିଛି ସ୍କୁଲ ପାଖରେ ଥିବା ନଳକୂପ। ଅନ୍ୟ ନଳକୂପଗୁଡିକ ପିଇବା ଯୋଗ୍ୟ ନୁହଁ। ବସୁଧା ଯୋଜନାରେ ପିଇବା ପାଣି ଯୋଗାଇ ଦେବା ପାଇଁ ବିଭାଗ ପକ୍ଷରୁ ଦୀର୍ଘ ଦିନ ହେବ ପାଇପ ବିଛା କାର୍ଯ୍ୟ ମଧ ସରିଛି।



ଗରା ମାଠିଆ ଧରି ଗଡଭାଟି ଗାଁର ମହିଳାମାନେ।

ମାତ୍ର ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି ଗଡଭାଟି ଗ୍ରାମବାସୀ। ୧୨ରୁ ୧୫ ଶହ ଜନସଂଖ୍ୟା ଥିବାବେଳେ ଗୋଟିଏ ମାତ୍ର ନଳକୂପ କଣ କରିବ। ସୁବିଧା ଥାଇ ଖରା ଦିନରେ ଅସୁବିଧା ଭୋଗୁ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପାଣି ବଣ୍ଟନ ଶୀଘ୍ର ଶୁଭାରମ୍ଭ କରିବା ପାଇଁ ମହିଳାମାନେ ଦାବି କରିଛନ୍ତି। ବିଭାଗୀୟ ଅଧିକାରୀ ଏଥି ପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ସମାଧାନ କରନ୍ତୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

## ସାମାନ୍ୟ ବଚସାରୁ ଛୁରି ମାଡ଼ରେ ଜଣେ ମୃତ

**ପଦ୍ମପୁର,୮।୫(ପ୍ରଦୀପ୍ତ ଦାଶ)**

ପଦ୍ମପୁର ସହର ନିର୍ବାଚନ ପାଇଁ ଜନ ସମୁଦ୍ର ହୋଇ ଥିବାବେଳେ ଅନ୍ୟ ପଟରେ ସାମାନ୍ୟ ବଚସାରୁ ଜନୈକ ବ୍ୟକ୍ତିଙ୍କ ଛୁରି ମାଡ଼ରେ ଅନ୍ୟ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଭେଉଁରିଆ ଛକ ନିକଟରେ ମେଜର କଁଟାପଡା ସୁଶାନ୍ତ ମହାନ୍ତି ସହ ଶାନ୍ତିନଗର ବାସିନ୍ଦା କମଳ ଓାଧୱାନୀ ମଧ୍ୟରେ କଥା କଟା କଟି ହୋଇଥିଲା। ପରବର୍ତ୍ତୀ ସମୟରେ ଗଣ୍ଡଗୋଳ ରୂପ ନେଇ ଥିଲା। ଉତ୍ୟକ୍ତ ହୋଇ କମଳ ଏକ ଛୁରିରେ ସୁଶାନ୍ତଙ୍କୁ ମାଡ଼ କରିଥିଲା। ତୁରନ୍ତ ତାଙ୍କୁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇ ଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଉଥିବା ବେଳେ ରାସ୍ତା ତାଙ୍କର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ। ଏ ନେଇ ପୋଲିସ ଘଟଣାର ତଦନ୍ତ ଜାରି ରହିଛି ।

## ବିକାଶ ଫାଷ୍ଟଷ୍ଟେପରେ ଗ୍ରୀଷ୍ମ ଶିବିର

**ବରଗଡ଼,୮।୫(ପ୍ରେମାନନ୍ଦ ଖମାରୀ)**

ବିଦ୍ୟାଳୟର ଗ୍ରୀଷ୍ମ ଅବକାଶ ସମୟରେ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ମୌଳିକ, ବୌଦ୍ଧିକ ଜ୍ଞାନର ବିକାଶ ପାଇଁ ବରଗଡ଼ର ବିକାଶ ଫାଷ୍ଟଷ୍ଟେପ୍ ଶିକ୍ଷାନୁଷ୍ଠାନରେ ଗ୍ରୀଷ୍ମ ଶିବିର ଆରମ୍ଭ ହୋଇଛି। ବିଦ୍ୟାଳୟ ଅଧ୍ୟକ୍ଷା ପୁଷ୍ପଲତା ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବିକାଶ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଏଥିରେ ଛାତ୍ରୀଛାତ୍ରମାନେ ଯୋଗ, ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, କରାଟେ ଆଦି ବିଷୟରେ ଶିକ୍ଷାଲାଭ କରୁଛନ୍ତି। ଅନୁଷ୍ଠାନର ଶିକ୍ଷୟିତ୍ରୀ, ଶିକ୍ଷକମାନେ ଶିକ୍ଷାଦାନ କରୁଛନ୍ତ। ଆସନ୍ତା ୧୩ ତାରିଖରେ ଶିବିର ଉଦଯାପିତ ହେବ ।



ଗ୍ରୀଷ୍ମ ଶିବିରରେ ଛାତ୍ରୀଛାତ୍ର ଚିତ୍ର ଅଙ୍କନ କରୁଛନ୍ତି ।

# ନବୀନ ବିଶ୍ୱାସଘାତକତା କରିଛନ୍ତି: ଭାଜପା

**ବରଗଡ଼,୮।୫(ପ୍ରେମାନନ୍ଦ ଖମାରୀ)**

ବରଗଡ଼ବାସୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଶ୍ୱସନୀୟତା ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଶ୍ୱାସଘାତକତାକୁ ପରଖି ସାରିଛନ୍ତି। ୨୦୧୪ରେ ମୋଦି ବରଗଡ଼ ମାଟିରୁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାର ଲୋକାର୍ପଣ କରିଥିଲେ। ଆଜି ପର୍ଯ୍ୟନ୍ତ ଏହି ଯୋଜନାରେ ଓଡ଼ିଶାର ୫୦.୦୩ ଲକ୍ଷ ଚାଷୀ ୬୬୮୬.୪୦ କୋଟି ଟଙ୍କାର ବୀମା ସହାୟତା ପାଇ ସାରିଛନ୍ତି। ଅନ୍ୟପକ୍ଷରେ ୨୦୧୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋହେଲାଠାରେ ଧାନ କୁଇଣ୍ଟାଲ ପ୍ରତି ୧୦୦ଟଙ୍କା ବୋନସ ଘୋଷଣା କରିଥିଲେ। କୌଣସି ଚାଷୀଙ୍କୁ ଏପର୍ଯ୍ୟନ୍ତ ସେହି ବୋନସ ମିଳିପାରି ନାହିଁ ବୋଲି ବୁଧବାର ବରଗଡ଼ରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଭାଜପାର ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା ଅଭିଯୋଗ କରିଛନ୍ତି। ପଣ୍ଡା ଆହୁରି କହିଥିଲେ, ପଦ୍ମପୁର ଜିଲା ଘୋଷଣା ପୂରଣ ଦିଗରେ ମୁଖ୍ୟମନ୍ତ୍ରୀ ବିଫଳ ହୋଇଛନ୍ତି। ସେହିପରି ଗତ ନିର୍ବାଚନରେ ବିଜେପୁରର ଦାୟିତ୍ୱ ନେବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। କିନ୍ତୁ ୨ଟି ନିର୍ବାଚନ ମଣ୍ଡଳୀରୁ ଜିତି ସାରିବା



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

ପରେ ସେ ବିଜେପୁର ଆ ସନ ତ୍ୟାଗ କରିଥିଲେ। ସେ ବିଜେପୁରରେ ଗୋଟିଏ ରାତି ମଧ୍ୟ ବିତାଇଲେ ନାହିଁ। ଏହା ପଶ୍ଚିମ ଓଡ଼ିଶା ପ୍ରତି ନବୀନ ବାବୁଙ୍କ ବିଶ୍ୱାସଘାତକତାର ଅନ୍ୟତମ ଉଦାହରଣ ବୋଲି ସେ ଅଭିଯୋଗ କରିଥିଲେ। ଅନ୍ୟପଟେ ରାଜ୍ୟରେ ଭାଜପା ସରକାର ଗଠନ ହେଲେ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କାରେ କ୍ରୟ, କଟନୀ ଛଟନୀ ବନ୍ଦ, ମହିଳାମାନଙ୍କୁ ୫୦ହଜାର ଟଙ୍କାର ବ୍ୟୟ ଭାଉଚର ପ୍ରଦାନ, ପଶ୍ଚିମ ଓଡ଼ିଶାରେ ୩ ମେଗା ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା, ବରଗଡ଼ସ୍ଥିତ ବରପାଲିଠାରେ ଏକ ବିଶ୍ୱସ୍ତରୀୟ ଗଙ୍ଗାଧର ମେହେର କଳା ଓ ସଂସ୍କୃତି ଗବେଷଣା କେନ୍ଦ୍ର ନିର୍ମାଣ, ଧନୁଯାତ୍ରା ମହୋତ୍ସବକୁ ବିଶ୍ୱ ସାଂସ୍କୃତିକ ଐତିହ୍ୟରେ ତାଲିକାଭୁକ୍ତ କରାଯାଇ ପ୍ରତ୍ୟେକ କଳାକାରଙ୍କୁ ୧୦ ହଜାର ଟଙ୍କା ସମ୍ମାନ ରାଶି ପ୍ରଦାନ, କେନ୍ଦୁପତ୍ର ତୋଳାଳିଙ୍କ ମଜୁରି ଏବଂ ବୋନସ ବୃଦ୍ଧି କରାଯିବ ବୋଲି ପଣ୍ଡା କହିଥିଲେ। ବରଗଡ଼ ଜିଲାର ଶହୀଦ ମାଧୋ ସିଂଙ୍କ ସ୍ମୃତିରେ ଅଧାରୁ ପାଠ ଛାଡୁଥିବା ଆଦିବାସୀ ଛାତ୍ରୀଛାତ୍ରଙ୍କୁ ନିୟମିତ ଅଧ୍ୟୟନ ପାଇଁ ୫ ହଜାର ଟଙ୍କା ବୃତ୍ତି ପ୍ରଦାନ, ବୁଣାକାରଙ୍କୁ ୩ ହଜାର ଟଙ୍କାରୁ ୩୫୦୦ ଟଙ୍କା ପର୍ଯ୍ୟନ୍ତ ବୋନସ, ୧.୫ ଲକ୍ଷ ଖାଲି ପଡ଼ିଥିବା ସରକାରୀ ପଦପଦବୀ ପୂରଣ ସହିତ ୨ଲକ୍ଷ ପଦବୀ ସୃଷ୍ଟି କରି ବେକାରି ସମସ୍ୟା ସମାଧାନ ପାଇଁ ଉଦ୍ୟମ କରାଯିବ ବୋଲି ମଧ୍ୟ କହିଥିଲେ। ଏହା ସହିତ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯାଇ ମହାପ୍ରଭୁଙ୍କ ସବିଶେଷ ସମ୍ପତ୍ତିର ଅଡ଼ିଟ୍, ଚାବି ହଜିବା ପ୍ରହସନର ଉଚ୍ଚସ୍ତରୀୟ ତଦନ୍ତ ହେବ। ମନ୍ଦିର ଚାରି ଦ୍ୱାରା ଖୋଲାଯାଇ ଭକ୍ତଙ୍କ କ୍ଲେଶକୁ ଦୂର କରାଯିବ ବୋଲି ଭାଜପାର ସଂକଳ୍ପ ପତ୍ରରୁ ଉଦ୍ଧୃତ କରି ପଣ୍ଡା କହିଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଦଳର କାର୍ଯ୍ୟକାରୀ ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ, ଲୋକସଭା ସଂଯୋଜକ ସୁରେଶ୍ୱର ଶତପଥି, ଲୋକ ସଭା ପ୍ରଭାରୀ ସବିତା ନନ୍ଦ, ମିଡ଼ିଆ ସଂଯୋଜକ ଅଶୋକ ପଣ୍ଡା, ଜାତୀୟ ପରିଷଦ ସଦସ୍ୟ ସୌରୀଚରଣ ବାରିକ, ଜିଲା ଉପସଭାପତି ଲକ୍ଷ୍ମୀ ରଥ, ଜିଲା ସାଧାରଣ ସମ୍ପାଦକ ରବିନାରାୟଣ ଦାଶ, ଜିଲା ପ୍ରବକ୍ତା ନବକିଶୋର ପାଣିଗ୍ରାହୀ, ମିଡିଆ ସହ ସଂଯୋଜକ ଅମିତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### 'ନାରୀ ସଶକ୍ତୀକରଣ ଉପରେ ବିଶେଷ ଧ୍ୟାନ ଦେବି'

**ରାଉରକେଲା,୮।୫(ଦିନେଶ ମିଶ୍ର):** ସେକ୍ଟର-୨ ସ୍ଥିତ ସେହନାଇ ମଣ୍ଡପରେ ସାଇ ଏଣ୍ଟର ଟେନମେଣ୍ଟ ଗ୍ରୁପ ପକ୍ଷରୁ ରଘୁନାଥପାଲୀ ନିର୍ବାଚନ ମଣ୍ଡଳୀ ବିଜେଡିର ଏକ ଖବରଦାତା ସମ୍ମିଳନୀ ସହ ବନ୍ଧୁମିଳନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରଘୁନାଥପାଲୀ ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟିକା ପ୍ରାର୍ଥିନୀ ଅର୍ଚ୍ଚନା ରେଖା ବେହେରା ଯୋଗ ଦେଇଥିଲେ। ରଘୁନାଥପାଲି ନିର୍ବାଚନ ମଣ୍ଡଳୀରେ ପ୍ରଥମ ଥର କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣେ ମହିଳାଙ୍କୁ ନିର୍ବାଚନ ଲଢ଼ିବା ପାଇଁ ଟିକେଟ ଦେଇଥିବାରୁ ଅର୍ଚ୍ଚନା ମୁଖ୍ୟମନ୍ତ୍ରୀଙ୍କୁ ପ୍ରଥମେ କୃତଜ୍ଞତା ଜ୍ଞାପନ କରିଥିଲେ। ରଘୁନାଥପାଲୀ ନିର୍ବାଚନ ମଣ୍ଡଳୀରେ ଥିବା ସମସ୍ତ ମହିଳା କିଭଳି ଆଗାମୀ ଦିନରେ ସଶକ୍ତିକରଣ ହୋଇପାରିବେ ଓ ଲୋକେ କିପରି ସମସ୍ତ ପ୍ରକାର ମୌଳିକ ସୁବିଧା ପାଇପାରିବେ ତାହାକୁ ପ୍ରାଧାନ୍ୟ ଦେଇ କାମ କରିବାକୁ ଅର୍ଚ୍ଚନା କହିଥିଲେ। ଏଥିସହ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ଦେଖି ଚଳିତ ବର୍ଷ ନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କ ହାତ ମୁଠାକୁ ଟାଣ କରିବା ସହ ଜଣେ ମହିଳା ପ୍ରାର୍ଥିନୀ ଭାବେ ସମର୍ଥନ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଖବରଦାତା ସମ୍ମିଳନୀରେ ବିଧାୟକ ସୁବ୍ରତ ତରାଇ, ମିଡିଆ ପ୍ରଭାରୀ ନିରଞ୍ଜନ ଦାସ, ବଂଶୀଧର ପରିଡା, ସଞ୍ଜୀବ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ବିଶ୍ୱ ରେଡକ୍ରସ ଦିବସ ପାଳନ ଅବସରରେ ସମ୍ମିଳିତ ଛାତ୍ରୀଛାତ୍ର ଓ ସରକାରୀ କଲେଜ ରେଡକ୍ରସ୍ କର୍ମକର୍ତ୍ତା।

# ବିପର୍ଯ୍ୟୟରେ ରେଡକ୍ରସ ସ୍ୱେଚ୍ଛାସେବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ରାଉରକେଲା ସରକାରୀ ସ୍ୱୟଂଶାସିତ କଲେଜ ପକ୍ଷରୁ ବିଶ୍ୱ ରେଡକ୍ରସ ଦିବସ ପାଳିତ**

**ରାଉରକେଲା,୮।୫(ବିପ୍ଳବରଞ୍ଜନ ଦାଶ)**

ରାଉରକେଲା ସରକାରୀ ସ୍ୱୟଂଶାସିତ କଲେଜ ପକ୍ଷରୁ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ପ୍ରଫେସର ଡକ୍ଟର ବିଜୟ କୁମାର ବେହେରାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। କଲେଜର ଯୁବ ରେଡକ୍ରସ ଶାଖା ପକ୍ଷରୁ ଏ ଅବସରରେ ରାଉରକେଲା ସହରରେ ଥିବା ଅନ୍ତର୍ଜାତୀୟ ସାମାଜିକ ଅନୁଷ୍ଠାନ ଏସଓଏସ୍ ଭିଲେଜ ଠାରେ ଏକ ସଭା ଆୟୋଜନ ହୋଇଥିଲା। ଯୁବ ରେଡକ୍ରସ ସଂଯୋଜିକା ଅଧ୍ୟାପିକା ଡ. ସ୍ମୃତିସ୍ନିଗ୍ଧା ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ଡ. ବେହେରା ପ୍ରତିବର୍ଷ ମେ ୮ତାରିଖକୁ ସାରା ବିଶ୍ୱରେ ରେଡକ୍ରସ ଦିବସ ଭାବେ ପାଳନ କରାଯିବା କାରଣ ଉପରେ ଉଲ୍ଲେଖ କରିଥିଲେ। ଏଥିସହ ରେଡକ୍ରସ ପ୍ରତିଷ୍ଠାତା ହେନେରୀ ଡୁନାଂଟଙ୍କ ସ୍ମୃତିଚାରଣ କରିଥିଲେ। ଡ. ମିଶ୍ର ତାଙ୍କ ବକ୍ତବ୍ୟରେ ୧୯୪୮ ମସିହାରୁ ସାରା ବିଶ୍ୱରେ ପାଳିତ ହେଉଥିବା ଏ ଦିବସ ଆମ ସମସ୍ତଙ୍କୁ ନିସ୍ୱାର୍ଥପର ସେବା ମାଧ୍ୟମରେ ପ୍ରତ୍ୟେକ ମଣିଷ ଅନ୍ୟ ଜଣେ ମଣିଷକୁ ଭଲ ପାଇବାର ବାର୍ତ୍ତା ଦେଇଥାଏ ବୋଲି କହିଥିଲେ। ଏଥିରେ କଲେଜର ଅନ୍ୟତମ ଅଧ୍ୟାପିକା ଡ. ସସ୍ମିତା ସାମଲ ଯୋଗଦେଇ ଚଳିତ ବର୍ଷ ଦିବସ ପାଳନର ବାର୍ତ୍ତା- ମୁଁ ଆନନ୍ଦ ଦିଏ ଓ ମୁଁ ଦେଇଥିବା ଆନନ୍ଦ ମୋ ସହ ଅନ୍ୟଙ୍କ ପାଇଁ ଆନନ୍ଦମୟ ହେବା ସମ୍ପର୍କରେ କହିଥିଲେ। ଏହି ଅବସରରେ ଏସ୍‌ଓଏସ ଭିଲେଜର ଅନ୍ତେବାସୀମାନଙ୍କୁ ମହାବିଦ୍ୟାଳୟ ଯୁବ ରେଡକ୍ରସ ଶାଖା ପକ୍ଷରୁ ପଠନ ଓ ଲିଖନ ସାମଗ୍ରୀ ସହିତ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଅଧ୍ୟାପକ ମାୟାଧର ବାରିକଙ୍କ ସମେତ ଅଧ୍ୟାପକ ଅଜୟ ବେହେରା ଯୋଗଦେଇଥିଲେ। ଭାରତରେ ୧୯୨୦ ମସିହାରେ ଦିଲ୍ଲୀରେ ପ୍ରଥମଥର ଇଣ୍ଡିଆନ ରେଡକ୍ରସ ସୋସାଇଟି ଗଠନ ହେଲା। ସେବେଠୁ ଦେଶର ସମସ୍ତ ବିପର୍ଯ୍ୟୟରେ ରେଡକ୍ରସର ସ୍ୱେଚ୍ଛାସେବୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହ ସେବା କରି ଆସୁଛନ୍ତି ବୋଲି ଅନ୍ୟତମ ଅଧ୍ୟାପିକା ରାମେଶ୍ୱରୀ ଭୋଇ ଓ ଯୁବ ରେଡକ୍ରସର ସହ ସଂଯୋଜିକା ପି ସୋନାଲି ମୌସୁମୀ ସୂଚନା ଦେଇଥିଲେ ଓ କଲେଜ ରେଡକ୍ରସ ଶାଖାର କାର୍ଯ୍ୟ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ଏସଓଏସ, ରାଉରକେଲା ଶାଖାର ଭାରପ୍ରାପ୍ତ ନିର୍ଦ୍ଦେଶକ ଯୁଥିକା ଦାସଙ୍କ ସମେତ ଅନ୍ୟତମ କର୍ମଚାରୀ ନନ୍ଦନା ଉପସ୍ଥିତ ଥିଲେ। ଏଥିରେ ମହାବିଦ୍ୟାଳୟର ଅଧ୍ୟାପିକା ଚହ୍ନାତି ତିର୍କୀ, ଅଧ୍ୟାପକ ଜୟନ୍ତ ଷଡଙ୍ଗୀ, ଶୁଭ୍ରାଂଶୁ ଶେଖର ଦେହୁରୀ, ସସ୍ମିତା ମୁଣ୍ଡାରୀଙ୍କ ସହ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ଠିକଣା ପଚାରିବା ଆଳରେ ଲକ୍ଷାଧିକ ଟଙ୍କାର ସୁନାଗହଣା ନେଇ ଦୁର୍ବୃତ୍ତ ଫେରାର

**ରାଉରକେଲା, ୮।୫(ସଙ୍ଗୀତା ଜେନା):** ଆମେ ହରିଦ୍ୱାରରୁ ଆସିଛୁ। ଆମକୁ ମାଲଗୋଦାମ ଯିବାକୁ ଅଛି। ଟିକେ ଠିକଣା କହିଦିଅନ୍ତୁ। ନିର୍ବାଚନ ସମୟ ଅଛି। ଏତେ ସୁନାଗହଣା କାହିଁକି ପିନ୍ଧିଛନ୍ତି। ଏହାକୁ ପୁଟୁଲିରେ ଭର୍ତ୍ତି କରି ବ୍ୟାଗରେ ରଖି ଦିଅନ୍ତୁ ବୋଲି କହି ୨ଜଣ ଦୁର୍ବୃତ୍ତ ବୁଧବାର ସକାଳେ ଜଣେ ବରିଷ୍ଠ ନାଗରିକ ମହିଳାଙ୍କୁଠାରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଠକି ନେଇଥିବା ଜଣାପଡ଼ିଛି। ଏ ନେଇ ମହିଳାଙ୍କ ପୁଅ ଥାନାରେ ଏତଲା ଦେଇଛନ୍ତି। ପୋଲିସ ତନାଘନା କରିବା ସହ ସିସିଟିଭି ଯାଞ୍ଚ କରୁଛି। ସୂଚନାଅନୁଯାୟୀ, ଡେଲି ମାର୍କେଟ ନିବାସୀ ମୀନା ଖୋୱାଲା ବୁଧବାର ସକାଳ ସାଢ଼େ ୭ଟାରେ ମାର୍କେଟିଂ କରି ଘରକୁ ଫେରୁଥିବା ସମୟରେ ରୂପସିଙ୍ଗାର ସପ୍ ସମ୍ମୁଖରେ ୨ ଜଣ ବ୍ୟକ୍ତି ଆସି ତାଙ୍କୁ ଠିକଣା ପଚାରିଥିଲେ। ସୁନାଚେନ୍, କାନଫୁଲ, ମୁଦି ଆଦି ଠକି ନେଇ ଫେରାର ହୋଇଯାଇଥିଲେ। କିଛି ଦୂରରେ ବାଇକ୍‌ରେ ଅପେକ୍ଷା କରିଥିବା ଅନ୍ୟ ୨ଜଣଙ୍କ ସହ ସେମାନେ ଫେରାର ହୋଇଯାଇଥିଲେ। ଘରକୁ ଆସି ମୀନା ସମସ୍ତ ବୃତ୍ତାନ୍ତ କହିବା ପରେ ପ୍ଲାଣ୍ଟସାଇଟ୍ ଥାନାରେ ଏତଲା ଦିଆଯାଇଥିଲା। ତେବେ ଏ ସମ୍ପର୍କରେ ସମସ୍ତ ଦୃଶ୍ୟ ନିକଟରେ ଥିବା ୨ଟି ଦୋକାନର ସିସିଟିଭିରେ କଏଦ ହୋଇଯାଇଥିବା ଉକ୍ତ ଏତଲାରେ ଅଭିଯୋଗକାରୀ ଅମିତ ଖୋୱାଲା ଉଲ୍ଲେଖ କରିଛନ୍ତି। ରାତି ୯ଟା ପର୍ଯ୍ୟନ୍ତ କୌଣସି ମାମଲା ରୁଜୁ ହୋଇ ନ ଥିବା ସୂଚନା ମିଳିଛି।

## ଭାଜପାରୁ ବହିଷ୍କୃତ ହେଲେ ନୀହାର ରାୟ

**ରାଉରକେଲା, ୮।୫ (ସଙ୍ଗୀତା ଜେନା/ବିପ୍ଳବରଞ୍ଜନ ଦାଶ)**

ଚଳିତ ସାଧାରଣ ନିର୍ବାଚନ-୨୦୨୪ରେ ଭାଜପାର ଦଳୀୟ ପ୍ରାର୍ଥୀଙ୍କ ବିରୋଧରେ ପ୍ରତିଦ୍ୱନ୍ଦିତା କରୁଥିବା ତଥା ବିଶୃଙ୍ଖଳା ସୃଷ୍ଟି କରୁଥିବାରୁ ସାଧାରଣରେ ଦଳର ସମ୍ମାନ କ୍ଷୁର୍ଣ୍ଣ ହୋଇଛି। ଏହି କାରଣରୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ମଙ୍ଗଳବାର ଦଳରୁ କେତେଜଣ ସଦସ୍ୟଙ୍କୁ ବହିଷ୍କାର କରିଛନ୍ତି। ଏହି କ୍ରମରେ ପାନପୋଷ ଭାଜପା ସାଙ୍ଗଠନିକ ଜିଲା ସଦସ୍ୟ ନିହାର ରାୟଙ୍କୁ ଦଳରୁ ବହିଷ୍କାର କରାଯାଇଛି। ନିର୍ବାଚନୀ ବିଗୁଲ୍ ବାଜିବା ଦିନରୁ ଭାଜପା ରାଉରକେଲା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଚୟନକୁ ନେଇ ବିବାଦ ଲାଗି ରହିଥିଲା। ନିହାର ଦଳରେ ସକ୍ରିୟ ଥାଇ ଟିକେଟ ଆଶାୟୀ ଥିଲେ। ହେଲେ ଶେଷ ମୂହୁର୍ତ୍ତରେ ନିହାରଙ୍କୁ ନିରାଶାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଦିଲୀପ ରାୟଙ୍କୁ ଟିକେଟ ମିଳିଥିଲା। ଦଳରେ ଥାଇ ମଧ୍ୟ ନିହାର ନିଜ ପାଇଁ ପ୍ରଚାର ସ୍ୱତନ୍ତ୍ର ଭାବେ କରୁଥିଲେ। ଏପରିକି ନାମାଙ୍କନ ପ୍ରକ୍ରିୟା ଶେଷ ଦିନ ଅର୍ଥାତ୍ ମେ ୩ ତାରିଖରେ ସେ ସ୍ୱାଧୀନ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଏହି ବିଶୃଙ୍ଖଳାଗତ କାର୍ଯ୍ୟକଳାପ ପାଇଁ ନିହାରଙ୍କୁ ଦଳରୁ ବହିଷ୍କୃତ କରାଯାଇଥିବା କୁହାଯାଇଛି।


ରାଉରକେଲା ଉଦିତନଗର ଅଞ୍ଚଳରେ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଉଛି।

## ପ୍ଲାଣ୍ଟସାଇଟ୍, ଉଦିତନଗରରେ ପୋଲିସର ଫ୍ଲାଗମାର୍ଚ୍ଚ

**ରାଉରକେଲା, ୮।୫(ସଙ୍ଗୀତା ଜେନା)**

ନିର୍ବାଚନକୁ ଶାନ୍ତିଶୃଙ୍ଖଳା ସହ କରିବା ପାଇଁ ରାଉରକେଲା ପୋଲିସ ପ୍ରଶାସନ ପକ୍ଷରୁ ବୁଧବାର ଅପରାହ୍ନରେ ଫ୍ଲାଗମାର୍ଚ୍ଚ କରାଯାଇଛି। ପ୍ଲାଣ୍ଟସାଇଟ୍ ଥାନା ପକ୍ଷରୁ ନୟବଜାର, ସେକ୍ଟର-୨୧, ଟିମ୍ବରକଲୋନୀ, ଗୋପବନ୍ଧୁପାଲୀ, ରେଳବାଇ ଷ୍ଟେସନ୍, ମଧୁସୂଦନପାଲୀ, ଡେଲି ମାର୍କେଟ, ମେନ୍ ରୋଡ, ମଙ୍ଗଳଭବନ, ପାୱାରହାଉସ ରୋଡ ଆଦିରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ସେହିପରି ଉଦିତନଗର ଥାନା ପୋଲିସ ପକ୍ଷରୁ ଆମ୍ବେଦକର ଛକ, ମେନ୍ ରୋଡ, ବାସନ୍ତୀକଲୋନୀ, ଓରାମପଡ଼ା ଆଦି ଅଞ୍ଚଳ ଦେଇ ଏହି ଫ୍ଲାଗମାର୍ଚ୍ଚ କରାଯାଇଥିଲା। ଡିଏସ୍‌ପି ନିର୍ମଳ ମହାପାତ୍ରଙ୍କ ନେତୃତ୍ୱରେ ପ୍ଲାଣ୍ଟସାଇଟ୍ ଥାନା ଅଧିକାରୀ ଜୟନାରାୟଣ ଖଣ୍ଡାୟୀ, ଉଦିତନଗର ଥାନା ଅଧିକାରୀ ନିରଞ୍ଜନ ସେଠୀ ସମେତ ଏପିଆର୍, ଆଇଆର୍‌ବି ଫୋର୍ସ ଏହି ଫ୍ଲାଗମାର୍ଚ୍ଚରେ ସାମିଲ ହୋଇଥିଲେ।

## ବିଜେଡି ପ୍ରାର୍ଥିନୀ ଅର୍ଚ୍ଚନାଙ୍କ ସହ ହକର୍ସ ଆସୋସିଏଶନର ଆଲୋଚନା


ବିଧାୟିକା ପ୍ରାର୍ଥିନୀ ଅର୍ଚ୍ଚନାରେଖା ବେହେରା ହକର୍ସ ଆସୋସିଏଶନ ସହ ଆଲୋଚନା କରୁଛନ୍ତି।

**ରାଉରକେଲା, ୮।୫(ଦିନେଶ ମିଶ୍ର)**

ସେକ୍ଟର-୨ସ୍ଥିତ ବସ୍‌ଷ୍ଟାଣ୍ଡ ପରିସରରେ ଥିବା ରାଉରକେଲା ହକର୍ସ ଆସୋସିଏଶନ ପରିସରକୁ ରଘୁନାଥପାଲୀ ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥିନୀ ଅର୍ଚ୍ଚନାରେଖା ବେହେରା ବୁଧବାର ପରିଦର୍ଶନ କରିଛନ୍ତି। ଏହି ଅବସରରେ ରାଉରକେଲା ହକର୍ସ ଆସୋସିଏଶନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ବିଧାୟିକା ପ୍ରାର୍ଥିନୀ ଅର୍ଚ୍ଚନାଙ୍କୁ ସ୍ୱାଗତ କରିଥିଲେ। ହକର୍ସମାନଙ୍କର ବିଭିନ୍ନ ସୁବିଧା ଓ ଅସୁବିଧାକୁ ନେଇ ଅର୍ଚ୍ଚନା ସେମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଯଦି ଜିତିବେ ତେବେ ତାଙ୍କ ଦ୍ୱାରା ଯାହା ସମ୍ଭବ ହୋଇପାରିବ ହକର୍ସମାନଙ୍କୁ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ହକର୍ସ ଆସୋସିଏଶନର ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସାମାଜିକ ଗଣମାଧ୍ୟମରେ ଚାଲିଛି ପ୍ରଚାର

**ରାଉରକେଲା, ୮।୫(ସଙ୍ଗୀତା ଜେନା)**

- ପ୍ରାଥମିକତା ହରାଉଛି ପାରମ୍ପରିକ ଶୈଳୀ
- ଡାକବାଜି ଯନ୍ତ୍ର ଓ ପଦଯାତ୍ରା ମାଧ୍ୟମରେ ପ୍ରଚାର କମୁଛି

ଆଗାମୀ ନିର୍ବାଚନ ଲାଗି ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀମାନେ ସାମାଜିକ ଗଣମାଧ୍ୟମରେ ପ୍ରଚାର ଚଳାଇଛନ୍ତି। ଏହାକୁ ମଧ୍ୟ ଆଜିର ଭୋଟରମାନେ ଗ୍ରହଣ କରୁଛନ୍ତି। ବର୍ତ୍ତମାନ ପ୍ରାୟ ଅଧିକାଂଶ ଲୋକଙ୍କ ପାଖରେ ମୋବାଇଲ ଥିବାରୁ ଓ ଅଧିକାଂଶ ଭୋଟର ସାମାଜିକ ଗଣମାଧ୍ୟମରେ ସକ୍ରିୟ ରହୁଥିବାରୁ ପ୍ରାର୍ଥୀମାନେ ସାମାଜିକ ଗଣମାଧ୍ୟମରେ ପ୍ରଚାର କରିବାକୁ ପସନ୍ଦ କରୁଛନ୍ତି। ଫଳରେ ପ୍ରାଥମିକତା ହରାଉଛି ପାରମ୍ପରିକ ଶୈଳୀରେ ପ୍ରଚାର। ପୂର୍ବରୁ ନିର୍ବାଚନରେ ଡାକବାଜି ଯନ୍ତ୍ର ବହୁଳ ବ୍ୟବହାର ହେଉଥିଲା। ପ୍ରାର୍ଥୀମାନେ ଓ ସମର୍ଥକମାନେ ପଦଯାତ୍ରା କରୁଥିଲେ। କିନ୍ତୁ ଏବେ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର ଓ ପଦଯାତ୍ରା ମାଧ୍ୟମରେ ପ୍ରଚାର କମିଯାଇଛି। ପଦଯାତ୍ରା ବଦଳରେ ହେଉଛି ବାଇକ୍ ଶୋଭାଯାତ୍ରା। ଓଡ଼ିଶାରେ ଦ୍ୱିତୀୟ ପର୍ଯ୍ୟାୟ ବିଧାନ ସଭା ଓ ଲୋକ ସଭା ନିର୍ବାଚନ ମେ ୨୦ରେ ହେବାକୁ ଯାଉଛି। ଏହାକୁ ଆଉ ବାକି ରହିଛି ୧୨ ଦିନ। କିନ୍ତୁ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର ଓ ଘର ଘର ବୁଲି ଭୋଟ ମାଗିବା ଆଦି କମ୍ ଦେଖାଯାଇଛି। ଚଳିତ ନିର୍ବାଚନ ପାଇଁ ଗତ ୭ରୁ ଡାକବାଜି ଯନ୍ତ୍ର ବ୍ୟବହାର ଓ ଅନ୍ୟାନ୍ୟ ପ୍ରଚାର ପାଇଁ ଅନୁମତି ପ୍ରଦାନ କରାଯାଉଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

ନିଆରା ଭାବେ ରାଜନୈତିକ ଦଳ ପକ୍ଷରୁ ସ୍ୱତନ୍ତ୍ର ଭାବେ ଟିମ୍‌ଗଠନ କରି ସୋସିଆଲ ମିଡ଼ିଆ ଯଥା ଫେସ୍‌ବୁକ୍, ୟୁଟୁବ, ଇନଷ୍ଟାଗ୍ରାମ୍, ଏକ୍ସ ଆଦିରେ ଦଳ ଓ ପ୍ରାର୍ଥୀମାନଙ୍କର ପ୍ରମୋଶନ କରାଯାଉଛି। ଦଳର ବିଶେଷ କାର୍ଯ୍ୟକଳାପ ଓ ଉପଲବ୍ଧିତା ପରିପ୍ରକାଶ କରାଯାଉଥିବାବେଳେ ନୂତନ ଟ୍ରେଣ୍ଡରେ ପ୍ରାର୍ଥୀମାନେ ନିଜର ପ୍ରଚାର ପାଇଁ ରିଲ୍ସ ଆଦି ପ୍ରସାରଣ କରି ଭୋଟରମାନଙ୍କୁ ଆକୃଷ୍ଟ କରୁଛନ୍ତି। ସେହିପରି ପ୍ରାର୍ଥୀମାନଙ୍କ ଉପରେ ଲଘୁ ଚଳଚ୍ଚିତ୍ର ତିଆରି କରି ପ୍ରଦର୍ଶନ କରାଯାଉଛି। ଏ ସମ୍ପର୍କରେ ରାଉରକେଲା ନିର୍ବାଚନୀ ମଣ୍ଡଳୀ ଅନ୍ତର୍ଗତ ଛେଣ୍ଡ କଳିଙ୍ଗବିହାରର ଜଣେ ବରିଷ୍ଠ ଭୋଟର ବାଳକୃଷ୍ଣ ଦାସ କୁହନ୍ତି, ନୂତନ ଯୁଗରେ ସୋସିଆଲ ମିଡ଼ିଆ ଆଦି ବ୍ୟବହାର କରାଯାଉଛି। ନୂତନ ଜ୍ଞାନକୌଶଳରୁ ଅନଭିଜ୍ଞ ଥିବା ଲୋକଙ୍କ ପାଇଁ ସୋସିଆଲ ମିଡ଼ିଆ ଅଜଣା। ପୂର୍ବରୁ ନିର୍ବାଚନ ଆସିଲେ ଘରକୁ ଘର ବୁଲି ପ୍ରାର୍ଥୀମାନେ ଭୋଟ ଭିକ୍ଷା କରୁଥିଲେ। ପ୍ରାୟ ସବୁ ସେକ୍ଟରରୁ ସମର୍ଥକମାନଙ୍କୁ ନେଇ ରାଜନୈତିକ ଦଳ ପଦଯାତ୍ରା କରୁଥିଲେ। ଯାହାକି ରାଜନୈତିକ ଉଷ୍ମତା ଅନୁଭବ ହେଉଥିଲା। ନିର୍ବାଚନରେ ପାରମ୍ପରିକ ପଦଯାତ୍ରା ଓ ଡାକବାଜି ଯନ୍ତ୍ରରେ ପ୍ରଚାର ଆଉ ଦେଖିବାକୁ ମିଳୁନାହିଁ। ନୂତନ ପିଢ଼ୀ ଅନୁସାରେ ସୋସିଆଲ ମିଡ଼ିଆ ସରଗରମ ରହୁଛି ହେଲେ ସହରରେ ନିର୍ବାଚନ ନିରସ ଲାଗୁଛି ବୋଲି ଦାସ କହିଥିଲେ। ଏହି ପରିପ୍ରେକ୍ଷୀରେ ଭାଜପା ପ୍ରବକ୍ତା ଗଙ୍ଗାଧର ଦାଶ କୁହନ୍ତି, ପ୍ରାର୍ଥୀମାନେ ବିଭିନ୍ନ ନିର୍ବାଚନମଣ୍ଡଳୀରେ ସଭାସମିତି କରି ଭୋଟ ଭିକ୍ଷା କରୁଛନ୍ତି। ଆଗାମୀ ଦିନରେ ପଦଯାତ୍ରା ଓ ଡାକବାଜି ଯନ୍ତ୍ରରେ ପ୍ରଚାର ଆରମ୍ଭ ହେବାକୁ ଯାଉଛି ବୋଲି ଦାଶ କହିଥିଲେ। ସେହିପରି ବିଜେଡ଼ି ରାଉରକେଲା ନଗର ସଭାପତି ଗଗନ ପଣ୍ଡା କୁହନ୍ତି, ଏବେ ପର୍ଯ୍ୟନ୍ତ ଆଖିଦୃଶିଆ ପଦଯାତ୍ରା ଆୟୋଜନ ହୋଇ ନାହିଁ। ହେଲେ ଆସନ୍ତା ୧୧ରୁ ରାଉରକେଲା ନିର୍ବାଚନ ମଣ୍ଡଳୀରେ ପଦଯାତ୍ରା କରାଯିବ। ସେହିପରି ଡାକବାଜିଯନ୍ତ୍ରର ମଧ୍ୟ ଅନୁମତି ମିଳିସାରିଛି। ପ୍ରାର୍ଥୀମାନେ ପାରମ୍ପରିକ ଭୋଟ ମାଗିବାକୁ ଘର ଘର ବୁଲିବେ ଆଦି କାର୍ଯ୍ୟକ୍ରମ କରାଯିବ। କଂଗ୍ରେସ ଡିସିସି ସଭାପତି ରବି ରାୟ କହିଛନ୍ତି, କଂଗ୍ରେସ ପକ୍ଷରୁ ପଦଯାତ୍ରା ଆରମ୍ଭ ହୋଇଯାଇଛି। ଆଗାମୀ ଦିନରେ ବଡ଼ଧରଣର ପଦଯାତ୍ରା ଓ ପ୍ରଚାର କାର୍ଯ୍ୟକ୍ରମ କରାଯିବ।

## ଫଟୋରେ ଖବର ..



ରାଉରକେଲା ସହରର ବାଲୁଘାଟସ୍ଥିତ ମୂର୍ତ୍ତି ବିସର୍ଜନସ୍ଥଳରେ ବିଶୋଧନ କରାଯାଉ ନ ଥିବାରୁ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ରାଉରକେଲା ରେଳଷ୍ଟେଶନ ୩ନଂ. ପ୍ଲାଟଫର୍ମରେ ଲାଗି ଥିବା ଜାମ୍ମୁତାଇ ଏକ୍ସପ୍ରେସ ଟ୍ରେନ୍‌ରେ ଜଳ ଭର୍ତ୍ତି କଲାବେଳେ ଜଳ ନଷ୍ଟ ହେଉଛି ଓ ପ୍ଲାଟଫର୍ମରେ ଯାତାୟାତରେ ଅସୁବିଧା ହେଉଛି।

### ଟ୍ରେନ୍ ଧକ୍କାରେ ଯୁବକ ମୃତ

**ରାଉରକେଲା, ୮।୫(ସଙ୍ଗୀତା ଜେନା)**

ମାଲଗୋଦାମ ଫାଟକ ନିକଟରେ ବୁଧବାର ଅପରାହ୍ନରେ ଏକ ମାଲବାହୀ ଟ୍ରେନ ଧକ୍କାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମାଲଗୋଦାମ ଅଞ୍ଚଳର କାର୍ତ୍ତିକ ମୁଣ୍ଡା(୨୬)। ଘଟଣାସ୍ଥଳରେ ରାଉରକେଲା ଜିଆର୍‌ପି ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ଲାଗି ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ ରଖାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୩୧/୨୪) ରୁଜୁ କରିଛି। ଯୁବକଙ୍କର କିଭଳି ସ୍ଥିତିରେ ଟ୍ରେନ୍ ଧକ୍କା ହେଲା ସେ ନେଇ ଜିଆର୍‌ପି ପକ୍ଷରୁ ତଦନ୍ତ ଜାରି ରହିଛି।

## ସଂକ୍ଷେପରେ

### ମିନତି ନାୟକ ୫ଟି ସାଂଗଠନିକ ଜିଲାର ମହିଳା କଂଗ୍ରେସ ପ୍ରଭାରୀ ନିଯୁକ୍ତ

ଦେବଗଡ଼,୮।୫(ଶଶାଙ୍କ ଶେଖର ଝାଙ୍କର)



ଓଡିଶା ପ୍ରଦେଶ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ମିନତି ନାୟକ ସମ୍ବଲପୁର, ସୁନ୍ଦରଗଡ, ବରଗଡ, କଳାହାଣ୍ଡି ଓ ରାଉରକେଲା ଆଦି ୫ଟି ସାଙ୍ଗଠନିକ ଜିଲାର ପ୍ରଭାରୀ ଭାବେ ନିଯୁକ୍ତ ହୋଇଛନ୍ତି। ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି ଏହି ପଦବୀରେ ନିଯୁକ୍ତି ପ୍ରଦାନ କରିଥିବା ଜଣାପଡିଛି। ନାୟକ ଦେବଗଡ ଜିଲା କଂଗ୍ରେସ ସଭାପତି ତଥା କଂଗ୍ରେସ ବିଧାନସଭା ପ୍ରାର୍ଥୀ ସେମ ହେମ୍ବ୍ରମଙ୍କ ଶହଧର୍ମିଣୀ ଅଟନ୍ତି। ଏହି ପଦବୀରେ ନିଯୁକ୍ତ ହେବାପରେ ନାୟକଙ୍କୁ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଲିତା ଆଚାର୍ଯ୍ୟଙ୍କ ସମେତ ବହୁ କଂଗ୍ରେସ ନେତା ଓ ନେତ୍ରୀ ଅଭିନନ୍ଦନ ଜଣାଇଛନ୍ତି।

### ଆଇନଜୀବୀ ସୁରେଶ୍ୱର ମିଶ୍ରଙ୍କ ମାତୃ ବିୟୋଗ

ସମ୍ବଲପୁର,୮।୫(ଭବାନୀ ଶଙ୍କର ଭୋଇ)



ସମ୍ବଲପୁର ଜିଲା ଓକିଲ ସଂଘର ପୂର୍ବତନ ସଭାପତି ସୁରେଶ୍ୱର ମିଶ୍ରଙ୍କ ମାତା ରାଧିକା ମିଶ୍ର (୮୫)ଙ୍କ ବୁଧବାର ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପରିବାରବର୍ଗ ଉପସ୍ଥିତ ଥିଲେ। ପରଲୋକ ଖବର ଜଣାପଡିବା ପରେ ସହରର ବହୁ ଆଇନଜୀବୀ ଓ ମାଣ୍ୟଗଣ୍ୟ ବ୍ୟକ୍ତି ସ୍ୱର୍ଗତା ରାଧିକାଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧା ସୁମନ ଜ୍ଞାପନ କରିଥିଲେ। ସେ ଜଣେ ଧର୍ମପରାୟଣା ଓ ପରୋପକାରୀ ମହିଳା ଥିଲେ। ବୁଧବାର ସନ୍ଧ୍ୟାରେ ରାଜଘାଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ବଡପୁଅ ରାଜେଶ ମୁଖାଗ୍ନି ଦେଇଥିଲେ।

### ମାନବ ସେବାରେ ବ୍ରତୀ ହୁଅ

ସମ୍ବଲପୁର,୮।୫(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ବୁଢାରଜା ବାଳିକା ଉଚ୍ଚ ବିଦ୍ୟାଳୟରେ ବୁଧବାର ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁବ୍ରତା ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଶାରିରୀକ ଶିକ୍ଷା ଅଧିକାରୀ ସୁଜାତା ପଟନାୟକ ମୁଖ୍ୟ ଅତିଥି, ଜିଲା ଜୁନିୟର ରେଡକ୍ରସ ଅଧିକାରୀ ବିଶ୍ୱାମିତ୍ର ଦୀପ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସତ୍ୟକୁମାରୀ ବିଶ୍ୱାଳ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ବିଶ୍ୱ ମାନବ ବାଦ ଏବଂ ମାନବ ସେବାରେ ବ୍ରତୀ ହେବା ପାଇଁ ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷକ ଆନନ୍ଦ ଡନସନା ଅଂଶୁଘାତ ଓ ଡାଇରିଆରୁ କିପରି ନିଜକୁ ସୁରକ୍ଷିତ ରଖିବେ ସେଥିପ୍ରତି ଛାତ୍ରୀଛାତ୍ରଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ପଙ୍କଜିନୀ ନାୟକ, ସତ୍ୟରଞ୍ଜନ ପଣ୍ଡା, ଭୀମସେନ ବାରିକ ପରିଚାଳନା କରିଥିବା ବେଳେ ଶେଷରେ ସୁରମା ଗଡନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଚାର ଅଭିଯାନକୁ ଜୋର୍‌ଦାର କଲା ଭାଜପା

ସମ୍ବଲପୁର,୮।୫(ବି.ଶଙ୍କର)

ଭାଜପା ପକ୍ଷରୁ ଘରକୁ ଘର ଭୋଟ ପ୍ରଚାର କାର୍ଯ୍ୟକ୍ରମ ସମ୍ବଲପୁରସ୍ଥିତ କୁଞ୍ଜେଲପଡା ଛକରୁ ବୁଧବାର ଶୁଭାରମ୍ଭ ହୋଇଛି । କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ରାଜ୍ୟରେ ଭାଜପା ସରକାର ଗଠନ କରିବା ପାଇଁ ଭୋଟ ଦେବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ସକାଳ ୮ଟାରେ ସେ କୁଞ୍ଜେଲପଡ଼ାରେ ଘର ଘର ବୁଲି ମୋଦୀ ଗ୍ୟାରେଣ୍ଟିର ଲିଫଲେଟ ବିତରଣ କରିଥିଲେ । ପ୍ରଚାର କାଳରେ ଲୋକଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାର୍ତ୍ତା ଏବଂ ଓଡ଼ିଶା ଭାଜପାର ସଂକଳ୍ପ ପତ୍ର ଉପରେ ମଧ୍ୟ ଆଲୋଚନା କରିଥିଲେ। ଧର୍ମେନ୍ଦ୍ର କୁଞ୍ଜେଲପଡା ବୁଢି ମାଆ ଗଳିରେ ଥିବା ସ୍ଥାନୀୟ ମିଞ୍ଚୁ କାକାଙ୍କ ଦୋକାନରୁ କାର୍ଯ୍ୟକର୍ତ୍ତାଙ୍କ ସହ ସରସତିଆ ଖାଇବାର ମଜା ନେଇଥିଲେ । ସେହିପରି ସ୍ଥାନୀୟ ଲୋକଙ୍କ ସହ ମଧ୍ୟ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ଚାଏ ପେ ଚର୍ଚ୍ଚା ବେଳେ କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ, କୁଞ୍ଜେଲପଡା ହେଉଛି ରାଜନୈତିକ ଚର୍ଚ୍ଚା ଓ ଆଲୋଚନାର ଏକ ମଞ୍ଚ । କୁଞ୍ଜେଲ ସିଂହଙ୍କ ବୀରତ୍ୱପୂର୍ଣ୍ଣ ସଂଘର୍ଷ ଏଠାରେ ହୋଇଥିଲା । ଆଜି ଘର ଘର ବୁଲି ଲୋକଙ୍କ ଆଶୀର୍ବାଦ ନେବାର ସୁଯୋଗ ଲାଭ କରିଛି । ଲୋକଙ୍କ ମଧ୍ୟରେ ପ୍ରଧାନମନ୍ତ୍ରୀ ଓ ଭାଜପାକୁ ନେଇ ସ୍ନେହ, ଶ୍ରଦ୍ଧା, ବହୁତ ଉତ୍ସାହ ଓ ସମର୍ଥନ ଅଛି। ମୋଦି ଗ୍ୟାରେଣ୍ଟି ଲୋକଙ୍କ ଜୀବନକୁ ସହଜ ଓ ସରଳ କରିଛି । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ହିଁ ବିକଶିତ ସମ୍ବଲପୁର ଓ ବିକଶିତ ଓଡ଼ିଶା ସକାର ହୋଇ ପାରିବ ବୋଲି ସମସ୍ତଙ୍କ ଆଗାଢ ବିଶ୍ୱାସ ରହିଛି। ଧର୍ମେନ୍ଦ୍ରଙ୍କ ସହ ସମ୍ବଲପୁର ବିଧାୟକ ପ୍ରାର୍ଥୀ ଜୟ ନାରାୟଣ ମିଶ୍ର, ଭାଜପା ଜିଲା ସାଧାରଣ ସମ୍ପାଦକ ଅନୀଲ ବେହେରା, ଦଳୀୟ ରାଜ୍ୟ ପେନାଲିଷ୍ଟ ମାନସ ରଞ୍ଜନ ବକ୍ସି, ଜିଲା କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ, ସୁଶାନ୍ତ ପୁରୋହିତ, ସରୋଜ ଦଳପତ, ଅଜିତ ବେହେରା, ରୁନୁ ପ୍ରଧାନ, ଲକ୍ଷ୍ମୀପ୍ରିୟା ଜେନା, ପ୍ରଭାସିନୀ ଦାଶ, ସୀତାକାନ୍ତି ମେସୁଆ ପ୍ରମୁଖ ସାମିଲ ଥିଲେ।



କୁଞ୍ଜେଲପଡା ଛକରୁ ଘରକୁ ଘର ଭୋଟ ପ୍ରଚାର କାର୍ଯ୍ୟକ୍ରମରେ ସମର୍ଥକଙ୍କ ସହ ସମ୍ବଲପୁର ଲୋକସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ।

**ମୋଦି ଗ୍ୟାରେଣ୍ଟି କାର୍ଡ ବାଣ୍ଟିବା ସହ ଭାଜପା ସଂକଳ୍ପ ପତ୍ର ଉପରେ ଅବଗତ କଲେ**

# ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ସୂଚକାଙ୍କରେ ଭାରତର ସ୍ଥାନ ୧୬୧

ସମ୍ବଲପୁର, ୮।୫(ପ୍ରମୋଦ ବହିଦାର)

**ସାମ୍ବାଦିକଙ୍କୁ ଧର୍ମେନ୍ଦ୍ରଙ୍କ ପ୍ରତିଶ୍ରୁତି ଧୂଆଁବାଣ: ଲେନିନ**

ଓଡିଶାର ସାମ୍ବାଦିକମାନଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଲୋକ ସଭା ଭାଜପା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିଶ୍ରୁତିକୁ ଧୂଆଁବାଣ ସଦୃଶ ବୋଲି କହିଛନ୍ତି ବିଜେଡି ପ୍ରବକ୍ତା ଡ. ଲେନିନ ମହାନ୍ତି। ଖବରକାଗଜରେ ଭାଜପାର ଗ୍ୟାରେଣ୍ଟି ସମ୍ପର୍କିତ ବିଜ୍ଞାପନରେ ସାମ୍ବାଦିକଙ୍କ ସାମାଜିକ ସୁରକ୍ଷା ଓ ଅନ୍ୟାନ୍ୟ ସୁବିଧା ସମ୍ପର୍କରେ କିଛି ଉଲ୍ଲେଖ ନାହିଁ। ଦୁଇଦିନ ତଳେ ଏକ ଛାପା ଗଣମାଧ୍ୟମରେ ପ୍ରକାଶିତ ହୋଇଥିବା ରିପୋର୍ଟ ଅନୁସାରେ ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ସୂଚକାଙ୍କରେ ଭାରତର ସ୍ଥାନ ୧୬୧କୁ ଖସିଛି । ରିପୋର୍ଟର୍ସ ୱିଦଆଉଟ ବର୍ଡର୍ସ(ଆରଏଫଏସ) ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ସୂଚକାଙ୍କର ୨୧ତମ ସଂସ୍କରଣ ଜାରି କରିଛି। ଗତ ୨୦୨୨ରେ ଭାରତର ସ୍ଥାନ ୧୫୦ ଥିବାବେଳେ ଏଥିରେ ଆହୁରି ଅବନତି ଘଟି ୧୬୧କୁ ଖସିଥିବା ସୂଚନା ରହିଛି। ଗଣମାଧ୍ୟମ ପାଇଁ ୩୧ ବିପଜ୍ଜନକ ଦେଶ ଗୁଡିକ ମଧ୍ୟରେ ଭାରତ ମଧ୍ୟ ରହିଛି। ବିଶ୍ୱର ସର୍ବବୃହତ ଗଣତନ୍ତ୍ର ଭାରତରେ ସାମ୍ବାଦିକଙ୍କ ଉପରେ ହିଂସା ଗଣମାଧ୍ୟମର ସ୍ୱାଧୀନତାକୁ ବିପଦରେ ପକାଇଥିବା ଆରଏସଏଫ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେବେ ଓଡ଼ିଶାରେ ଗଣମାଧ୍ୟମର ସୁବିଧା କରିବାକୁ ପ୍ରତିଶ୍ରୁତି ଦେଇ ଧର୍ମେନ୍ଦ୍ର ପ୍ରଧାନ ସାମ୍ବାଦିକଙ୍କୁ ଠକିବାକୁ ଚେଷ୍ଟା କରୁଛନ୍ତି ବୋଲି ଡ. ମହାନ୍ତି କହିଛନ୍ତି। ଓଡିଶାର ସାମ୍ବାଦିକ ଏବଂ ସେମାନଙ୍କର ପରିବାରଙ୍କ ପାଇଁ ସ୍ୱାସ୍ଥ୍ୟବୀମା ବାର୍ଷିକ ୨ ଲକ୍ଷରୁ ୫ ଲକ୍ଷକୁ ବୃଦ୍ଧି କରାଯାଇଛି। ଏହି ଯୋଜନାରେ ରାଜ୍ୟର ୭୫୦୦ରୁ ଅଧିକ ସାମ୍ବାଦିକଙ୍କୁ ସ୍ୱୀକୃତି ପ୍ରଦାନ କରାଯାଇଛି। ଗତବର୍ଷ ପ୍ରାୟ ୫୦୦ ସାମ୍ବାଦିକ ଏହି ଯୋଜନା ଅଧୀନରେ ନଗଦ ବିହୀନ ଚିକିତ୍ସା ପାଇଛନ୍ତି। କୋଭିଡ ମୃତ୍ୟୁକାଳୀନ ସହାୟତା ରାଶି ଭାବେ ଦିବଙ୍ଗତ ସାମ୍ବାଦିକଙ୍କ ପରିବାରଙ୍କୁ ୧୫ ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି। ଦିବଙ୍ଗତ ସାମ୍ବାଦିକଙ୍କ ସନ୍ତାନଙ୍କ ଶିକ୍ଷା ସହାୟତା ପାଇଁ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ମାସକୁ ୧୫୦୦ ଟଙ୍କା ଏବଂ ୨୧ ବର୍ଷ ପର୍ଯ୍ୟନ୍ତ ଉଚ୍ଚଶିକ୍ଷା ପାଇଁ ମାସିକ ୨୫୦୦ ଟଙ୍କା ପ୍ରଦାନ କରାଯାଏ। ଦୁର୍ଘଟଣା କିମ୍ବା ରୋଗ ଜନିତ ସ୍ଥାୟୀ ଅକ୍ଷମତା କ୍ଷେତ୍ରରେ ସାମ୍ବାଦିକଙ୍କୁ ୨ ଲକ୍ଷ ଟଙ୍କା ପ୍ରଦାନ କରୁଛନ୍ତି ରାଜ୍ୟ ସରକାର। ଧର୍ମେନ୍ଦ୍ର ଯଦି ସତରେ ସାମ୍ବାଦିକଙ୍କ ସୁରକ୍ଷା ଓ ଉନ୍ନତି କଥା ଚିନ୍ତା କରୁଛନ୍ତି ତାହେଲେ ପ୍ରଥମେ କେନ୍ଦ୍ରରେ ବସିଥିବା ତାଙ୍କର ନେତାଙ୍କ ସହିତ କଥାବାର୍ତ୍ତା କରି ନିଷ୍ପତ୍ତି ନେବାକୁ ଡ. ମହାନ୍ତି ଏକ ପ୍ରେସ ବିବୃତି ଜରିଆରେ କହିଛନ୍ତି।

# ତାଳକୁଣ୍ଡି ଗ୍ରାମପଞ୍ଚାୟତରେ କଂଗ୍ରେସର ନିର୍ବାଚନ ପ୍ରଚାର



ଦେବଗଡ଼,୮।୫(ଶଶାଙ୍କ ଶେଖର ଝାଙ୍କର)

ତିଲେଇବଣି ବ୍ଲକ ତାଳକୁଣ୍ଡି ଗ୍ରାମପଞ୍ଚାୟତ ଟିକିଲିଝରଣ ଆମ୍ବ ତୋଟାରେ ବୁଧବାର ଦେବଗଡ ଜିଲା କଂଗ୍ରେସ ପକ୍ଷରୁ ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ କଂଗ୍ରେସ ନେତା ପ୍ରଦୀପ ସାହୁ, ନେତ୍ରାନନ୍ଦ ବେହେରା, ଅଲେଖ ନାଏକ, ସୁଶାନ୍ତ ଗୁଡିଆ, ଆନନ୍ଦ ହେମ୍ବ୍ରମ, ରମେଶ ପାତ୍ର, ଆକାଶ ଦାଶ, ବିନୟ କୁମାର ଦେବତା, ଦେବେନ୍ଦ୍ର ଗଡନାୟକ, ନାଥକୃଷ୍ଣ ଜାଲ, ଶ୍ରୀତମ ସାହୁ ଓ ଡିବି ମିଞ୍ଜ ପ୍ରମୁଖ ପ୍ରମୁଖ ଉକ୍ତ ସଭାରେ ଉପସ୍ଥିତ ରହି ଦଳ ସପକ୍ଷରେ ପ୍ରଚାର କରିଥିଲେ। ଏହି ଅବସରରେ ଗ୍ରାମବାସୀଙ୍କୁ କଂଗ୍ରେସ ପକ୍ଷରୁ ପ୍ରସ୍ତୁତ ଗ୍ୟାରେଣ୍ଟି କାର୍ଡ ଓ ଲିଫ୍ଲେଟ ପ୍ରଦାନ କରାଯିବା ସହ ଦଳର ବିଧାନସଭା ପ୍ରାର୍ଥୀ ହେମ୍ବ୍ରମ ଓ ଲୋକ ସଭା ପ୍ରାର୍ଥୀ ନଗେନ୍ଦ୍ର କୁମାର ପ୍ରଧାନଙ୍କୁ ଭୋଟ ଦେଇ ବିଜୟୀ କରିବାକୁ କଂଗ୍ରେସ ନେତା ଓ କର୍ମୀମାନେ ନିବେଦନ କରିଥିଲେ। ଏଥିସହ ସେମାନେ ଭାଲିଆଡିହି, ତାଳକୁଣ୍ଡି, ଟିକିଲିଝରଣ, ଭାଲୁଖୋଲ, ଶ୍ରଦ୍ଧାପୁର, କରଡାପାଳ, ଶାଳବଣିଆ, ମହୁଲଦର୍ହ, କୁମୁରାପାଲି ଓ ମଧ୍ୟପୁର ଗ୍ରାମରେ ଘରକୁ ଘର ଯାଇ ନିର୍ବାଚନ ପ୍ରଚାର କରିଥିଲେ। କଂଗ୍ରେସ ବିଧାନସଭା ପ୍ରାର୍ଥୀ ହେମ୍ବ୍ରମ ଦେଓଝରଣ ଗ୍ରାମରେ ପହଞ୍ଚିବା ପରେ ଶତାଧିକ କଂଗ୍ରେସ କର୍ମୀ ତାଙ୍କୁ ଏକ ବାଇକ ଶୋଭାଯାତ୍ରାରେ ସ୍ୱାଗତ କରି ସଭା ସ୍ଥଳକୁ ପାଛୋଟି ନେଇଥିଲେ।

# ‘ପ୍ରତିଶ୍ରୁତି ପୂରଣ କରେ ଭାଜପା’

ସମ୍ବଲପୁର,୮।୫(ପ୍ରମୋଦ ବହିଦାର)

ଓଡ଼ିଶାରେ ଭାଜପା ସରକାର ଗଠନ କଲେ ରାଜ୍ୟରେ ସବଡିଭିଜନରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ସାମ୍ବାଦିକଙ୍କ ପାଇଁ ନୂଆ ଅଧିସ୍ୱୀକୃତିର ପୁନଃ ରଚନା କରାଯିବ ବୋଲି ବୁଧବାର ଏକ ଖବରଦାତା ସମ୍ମିଳନୀରେ ସମ୍ବଲପୁର ଲୋକ ସଭା ଭାଜପା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ପ୍ରତିଶ୍ରୁତି ଦେଇଥିଲେ। ସେମାନେ ବିନା ପ୍ରତିବନ୍ଧକରେ ସରକାରୀ କାର୍ଯ୍ୟର ସମୀକ୍ଷା କରିବା ପାଇଁ ସୁଯୋଗ ପାଇବେ ଓ ଅନ୍ୟରାଜ୍ୟ ଭଳି ପେନସନ ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ବିଜେଡି ମୁଖପାତ୍ର ଲେନିନ ମହାନ୍ତି ଧର୍ମେନ୍ଦ୍ର ପ୍ରଧାନଙ୍କ ଏହି ପ୍ରତିଶ୍ରୁତିକୁ ଧୂଆଁବାଣ ବୋଲି କଟାକ୍ଷ କରିଥିଲେ। ଏହାକୁ ନେଇ ଭାଜପା ରାଜ୍ୟ ପେନାଲିଷ୍ଟ ମାନସ ରଞ୍ଜନ ବକ୍ସି ପ୍ରତିକ୍ରିୟା ରଖିଛନ୍ତି। ବକ୍ସି କହିଛନ୍ତି, ପ୍ରତିଶ୍ରୁତି ପାଳନ କରିବାରେ ପ୍ରଧାନଙ୍କ ପ୍ରତିବଦ୍ଧତା ପଥର ଛଟାଣ ସଦୃଶ। ତେଣୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଜ୍ଜ୍ୱଳା ଯୋଜନା ଭଳି ଲୋକପ୍ରିୟ ଯୋଜନା ଓ ନୂତନ ଶିକ୍ଷା ନୀତିର ସଫଳ ରୂପାୟନ ଭଳି ଗୁରୁଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରିଥିଲେ। ଭାଜପାର ସଂକଳ୍ପ ପତ୍ର ଲୋକାର୍ପଣର ଢେର ପୂର୍ବରୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଧାନର କ୍ରୟ ମୂଲ୍ୟ ୩୧୦୦ ଟଙ୍କା ହେବ ଓ ମା’ ମାନଙ୍କୁ ୧ ହଜାର ଟଙ୍କା ଦିଆଯିବ ବୋଲି ଘୋଷଣା କରିଥିଲେ। ମାତ୍ର ଏକ୍ଷେତ୍ରରେ ବିଜେଡି ସରକାରଙ୍କ ପ୍ରତିଶ୍ରୁତି ପାଣିର ଗାର ସଦୃଶ ହୋଇଛି ବୋଲି ସେ ଅଭିଯୋଗ କରି କେତେକ ଉଦାହରଣ ଉପସ୍ଥାପନ କରିଥିଲେ। ୨୦୧୬ ରେ ବରଗଡ଼ ଜିଲା ସୋହେଲାଠାରେ ହୋଇଥିବା ଚାଷୀ ସମାବେଶରେ ଧାନ ଉପରେ ମୁଖ୍ୟମନ୍ତ୍ରୀଙ୍କ ମାତ୍ର ୧୦୦ ଟଙ୍କା ବୋନସ ଘୋଷଣା, ଗତ ବର୍ଷ ପଦ୍ମପୁର ଉପନିର୍ବାଚନ ସମୟରେ ଡିସେମ୍ବର ୩୧ ଭିତରେ ପଦ୍ମପୁରକୁ ଜିଲା ଗଠନ କରାଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି, ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ କେନ୍ଦ୍ରକୁ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ନଦେବା ଭଳି ମିଥ୍ୟା ପ୍ରତିଶ୍ରୁତି ବିଜେଡି ସରକାରଙ୍କ ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରୁଛି ବୋଲି କହିଛନ୍ତି ମାନସ ବକ୍ସି।

# ସୁଗମ ମତଦାନ ନିମନ୍ତେ ଦିବ୍ୟାଙ୍ଗ ପ୍ରଶିକ୍ଷଣ ଶିବିର



ଦିବ୍ୟାଙ୍ଗମାନଙ୍କର ମତଦାନ ପାଇଁ ପ୍ରଶିକ୍ଷଣ ଦିଆଯାଉଛି।

ସମ୍ବଲପୁର,୮।୫(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମ ସମ୍ମିଳନୀ କକ୍ଷରେ ଚଳିତ ସାଧାରଣ ନିର୍ବାଚନକୁ ସୁଗମ କରିବା ପାଇଁ ବୁଧବାର ଦିବ୍ୟାଙ୍ଗ ମାନଙ୍କ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଇ-ରିକସା ପ୍ରଦାନ କରାଯାଇଥିବା ଦିବ୍ୟାଙ୍ଗ, ବୟୋଜ୍ୟେଷ୍ଠ ମାନଙ୍କୁ ବୁଥ୍ ପର୍ଯ୍ୟନ୍ତ ମାଗଣାରେ ନେବା ଆଣିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହି ଶିବିରରେ ସମ୍ବଲପୁର ମହାନଗର ନିଗମ, ଧନକଉଡା, ମାନେଶ୍ୱର, ରେଙ୍ଗାଲି ଓ ଯୁଜୁମୁରା ବ୍ଲକର ଇ-ରିକ୍ସା ହିତାଧକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଶିବରରେ ମୋଟ ୩୯ ଜଣ ଭିନ୍ନକ୍ଷମ ଉପସ୍ଥିତ ଥିଲେ। ଏହି ଶିବରରେ ଦିବ୍ୟାଙ୍ଗ ମାନେ ସାମିଲ ହୋଇ ନିଜ ଇ-ରିକସା ପ୍ରଦର୍ଶନ କରିଥିଲେ। ଦିବ୍ୟାଙ୍ଗମାନଙ୍କର ସେବା ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସମ୍ବଲପୁର ଏକ ଉଦାହରଣ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମକୁ ତଦାରଖ କରିବା ପାଇଁ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। କାର୍ଯ୍ୟକ୍ରମରେ ଡେପୁଟି କମିଶନର ସବିତା କୁଲୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଥବିର ମହାନନ୍ଦ, ଜିଲା ଶିକ୍ଷା ତାଲିମ କେନ୍ଦ୍ର ପରଚାଳକ ଗୁରୁପ୍ରସାଦ ଭୋଇ, ଜିଲା କୁଷ୍ଠରୋଗ ନିରାକରଣ ଅଧିକାରୀ ହରପ୍ରସାଦ ପ୍ରଧାନ, ଅରୁଣ କୁମାର ଦାଶ, ଚେତାବନୀ ବଢାଇ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରର ଅଧିକାରୀ ରବିନ୍ଦ୍ର ନାଥ ଶତପଥୀ, ନୋଡାଲ ସଂଯୋଜକ ସୁସେନ ପୁରୋହିତ ପରିଚାଳନା କରିଥିଲେ।

# ରକ୍ତ ଭଣ୍ଡାର ସଭାଗୃହରେ ବିଶ୍ୱ ରେଡ଼କ୍ରସ ଦିବସ ପାଳିତ

ସମ୍ବଲପୁର, ୮।୫(ବି.ଶଙ୍କର)

ସମ୍ବଲପୁର ଜିଲା ରେଡ଼କ୍ରସ ସୋସାଇଟି ପକ୍ଷରୁ ରକ୍ତ ଭଣ୍ଡାର ସଭାଗୃହଠାରେ ବିଶ୍ୱ ରେଡକ୍ରସ ଦିବସ ବୁଧବାର ପାଳିତ ହୋଇଯାଇଛି। ଜିଲା ରକ୍ତ କେନ୍ଦ୍ର ଅଧିକାରୀ ଡାକ୍ତର କଳ୍ପେଶ କକ୍କଡଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲଲା । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଜାତା ରାଣୀ ମିଶ୍ର ମୁଖ୍ୟ ଅତିଥି, ଜିଲା ରେଡ଼କ୍ରସ ସୋସାଇଟିର ଭାଇସ ଚେୟାରମେନ ନିଲାଦ୍ରୀ ପଣ୍ଡା, ରେଡକ୍ରସ ସମ୍ପାଦକ ଜୟ ଜର୍ଜ, ରେଡକ୍ରସର ପୃଷ୍ଠପୋଷକ ନିହାଲ ସିଂ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମକେ ରେଡକ୍ରସର ବିଭିନ୍ନ କାର୍ଯ୍ୟାକଳାପ ସହ ରକ୍ତଦାନ ନେଇ ଆଲୋକପାତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରେଡକ୍ରସ କ୍ଷେତ୍ର ସଂଯୋଜିକା ପ୍ରମିଳା ବେହେରା, ସମାଜିକକର୍ମୀ ରାମଦାସ ପଣ୍ଡା, ଆତିଫ ଆଲମ, ସୁବ୍ରତ ପଣ୍ଡା, ବିପିନ ପଣ୍ଡାଙ୍କ ସମେତ ସମ୍ବଲପୁର ସହରର ସାମାଜିକ ଅନୁଷ୍ଠାନର ସଭ୍ୟମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରରେ ୩୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ସଂଗୃହୀତ ରକ୍ତରୁ ୧୦ ୟୁନିଟ ରକ୍ତ ଯୋଗାଇଥିବା ବ୍ୟକ୍ତିଙ୍କୁ କାର୍ଯ୍ୟକ୍ରମରେ ଜିଲା ରେଡ଼କ୍ରସ ପକ୍ଷରୁ ପ୍ରଶଂସା କରାଯାଇଥିଲା।




ଜଣେ ରକ୍ତଦାତା ଅତିଥିଙ୍କ ଉପସ୍ଥିତିରେ ରକ୍ତଦାନ କରୁଛନ୍ତି।

# ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ନିର୍ବାଚନ ପରିଚାଳନା ସମୀକ୍ଷା

ଦେବଗଡ଼,୮।୫(ଶଶାଙ୍କ ଶେଖର ଝାଙ୍କର)




ଆସନ୍ତା ମେ ୨୫ ତାରିଖରେ ଦେବଗଡ଼ ଜିଲାରେ ମତଦାନ ହେବ। ଏହା ପୂର୍ବରୁ ସମ୍ବଲପୁର ଲୋକ ସଭାର ଖର୍ଚ୍ଚ ପର୍ଯ୍ୟବେକ୍ଷକ ପ୍ରାଞ୍ଜଳ ସିଂ ଭାରତୀୟ ରାଜସ୍ୱ ସେବା ଦେବଗଡ଼ ଜିଲା ଗ୍ରସ୍ତରେ ଆସି ପରିଚାଳନା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସୋମେଶ କୁମାର ଉପାଧ୍ୟାୟ କିଭଳି ଶାନ୍ତି ଶୃଙ୍ଖଳା ସହ ଅବାଧ ମୁକ୍ତ ନିର୍ବାଚନ ହେବ ସେ ଦିଗରେ ସମସ୍ତେ ଯତ୍ନବାନ ହୋଇ କାର୍ଯ୍ୟ କରିବେ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଜିଲାରେ ନିଯୁକ୍ତ ଥିବା ଖର୍ଚ୍ଚ ନିରୀକ୍ଷଣ ଅଧିକାରୀ ଏବଂ ବିଭିନ୍ନ ସାଡ ଟିମ୍‌ମାନଙ୍କୁ କିଭଳି ପ୍ରାର୍ଥୀମାନଙ୍କ ସମ୍ପର୍କରେ ପର୍ଯ୍ୟବେକ୍ଷକ ପଚାରିବୁଝିଥିଲେ। ବୈଠକରେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଉପଜିଲାପାଳ ତଥା ରିଟର୍ଣ୍ଣି ଅଫିସର ପରକ୍ଷିତ ସାହୁ, କୋଷାଗାର ଅଧିକାରୀ ତଥା ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ ସୁରେଶ ଚନ୍ଦ୍ର ମାଝି, ଡେପୁଟି କଲେକ୍ଟର ଇଲେକ୍ସନ ଏଜେଲିନ ବାରା, ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁର, ସହକାରୀ ଜିଲାପାଳ ତାପସ କୁମାର ମହାନ୍ତ, ଏପିଡି ଫାଇନାନ୍ସ ଆଶିଷ ବାରିକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ଜିଲାର ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିବାଦୀୟ ବିଦ୍ୟୁତ୍ ବିଲର ସମାଧାନ ହେବ

ସମ୍ବଲପୁର, ୮।୫(ବି.ଶଙ୍କର)

**ଟିପିଡବ୍ଲ୍ୟୁଓଡିଏଲ କରିବ ଜିଆର୍‌ଏଫ କ୍ୟାମ୍ପ**

ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିଡବ୍ଲ୍ୟୁଓଡିଏଲ ବିଦ୍ୟୁତ୍ ଉପଭୋକ୍ତାଙ୍କ ସକାଶେ ଜନହିତକର କାର୍ଯ୍ୟ ହାତକୁ ନେଇଛି । ଏହି କ୍ରମରେ କମ୍ପାନୀ ଚଳିତ ମେ ମାସ ପାଇଁ ବିବାଦୀୟ ବିଦ୍ୟୁତ୍ ବିଲ୍‌ର ସଂଶୋଧନ ଲାଗି ସମ୍ବଲପୁର, ଝାରସୁଗୁଡ଼ା ଏବଂ ଦେବଗଡ଼ ଜିଲାର ବିଭିନ୍ନ ଅଞ୍ଚଳରେ ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠ(ଜିଆରଏଫ କ୍ୟାମ୍ପ)ର ଆୟୋଜନ କରିବାକୁ ସ୍ଥିର କରିଛି । ଏହି ତିନି ଜିଲାର ଉପଭୋକ୍ତାମାନେ ଧାର୍ଯ୍ୟ ତାରିଖ ଅନୁଯାୟୀ ନିଜ ଅଞ୍ଚଳରେ ଉପସ୍ଥିତ ରହି ବକେୟା ବିବାଦୀୟ ବିଦ୍ୟୁତ୍ ବିଲକୁ ନେଇ ଅଭିଯୋଗ ପଞ୍ଜିକୃତ ଓ ସମାଧାନ କରିପାରିବେ । ଏହି ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠ ସମ୍ବଲପୁର, ଝରସୁଗୁଡ଼ା ଏବଂ ଦେବଗଡ଼ ଜିଲା ସ୍ଥିତ ଟିପିଡବ୍ଲ୍ୟୁଡିଏଲର ବିଭିନ୍ନ ସବ ଡିଭିଜନ ଅଫିସ ଏବଂ ଡିଭିଜନ ଅଫିସଗୁଡିକରେ ଅନୁଷ୍ଠିତ ହେବ । ସମ୍ବଲପୁର ଜିଲାରେ ଚଳିତ ମାସ ୯ ତାରିଖରେ ସାକ୍ଷୀପଡ଼ ସ୍ଥିତ ଡିଭିଜନ ଅଫିସ ଏବଂ ଧନୁପାଲି ସ୍ଥିତ ସବ-ଡିଭିଜନ ଅଫିସଠାରେ, ମେ ୧୦ରେ ରେଙ୍ଗାଲି ସ୍ଥିତ ସବ୍‌ଡିଭିଜନ ଅଫିସ ଏବଂ ଶାସନ ସ୍ଥିତ ସେକ୍ସନ ଅଫିସ, ମେ ୧୩ ରେ ନାକଟିଦେଉଳ ସ୍ଥିତ ସେକ୍ସନ ଅଫିସଠାରେ ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ କରାଯାଉଛି । ସେହିପରି ମେ ୧୭ରେ ଝାରସୁଗୁଡ଼ା ଜିଲାର କୁଚିଣ୍ଡା ସ୍ଥିତ ସବ-ଡିଭିଜନ ଅଫିସ, ମେ ୧୮ରେ ଲାଇକେରା ଓ ରଘୁନାଥପାଲି ସେକ୍ସନ ଅଫିସ, ମେ ୨୦ରେ ବ୍ରଜରାଜନଗର ସ୍ଥିତ ଡିଭିଜନ ଅଫିସ, ମେ ୨୨ରେ ଗୁମଡେରା ସ୍ଥିତ ସେକ୍ସନ ଅଫିସ ଏବଂ ବେଲପାହାଡସ୍ଥିତ ସବ ଡିଭିଜନ ଅଫିସଠାରେ ଅଭିଯୋଗ ପ୍ରତିବିଧାନ ପୀଠ ହେବ । ଦେବଗଡ଼ ଜିଲାର ଉପଭୋକ୍ତାମାନେ ମେ ୨୭ରେ ତେଲେଇବଣି ସ୍ଥିତ ସେକ୍ସନ ଅଫିସ, ମେ ୨୮ରେ ଦେବଗଡ଼ ଟାଉନ ସ୍ଥିତ ଡିଭିଜନଅଫିସଠାରେ ଆୟୋଜିତ ହେଉଥିବା ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠରେ ଉପସ୍ଥିତ ରହି ବାକିଥିବା ବିବାଦୀୟ ବିଲକୁ ନେଇ ଅଭିଯୋଗ ପଞ୍ଜିକୃତ ତଥା ସମାଧାନ କରିପାରିବେ। ବୁଧବାର ବୁର୍ଲା ସ୍ଥିତ ଟିପିଡବ୍ଲ୍ୟୁଓଡିଏଲ ମୁଖ୍ୟ କର୍ପୋରେଟ କାର୍ଯ୍ୟାଳୟ ପକ୍ଷରୁ ଏ ନେଇ ପ୍ରେସ ବିବୃତିରେ ସୂଚିତ କରାଯାଇଛି।

# କଳିଙ୍ଗରେ ୧୨ରୁ ଫେଡେରେଶନ କପ୍ ଆଥ୍‌ଲେଟିକ୍ସ



ଭୁବନେଶ୍ୱର, ୮।୫ (ତପନ ସ୍ୱାଇଁ)

## ୨୦ଟି ଇଭେଣ୍ଟରେ ହେବ ପ୍ରତିଦ୍ୱନ୍ଦ୍ୱିତା

### ■ ପୁରୁଷ ଜାଭେଲିନ୍: ଆକର୍ଷଣରେ ନୀରଜ ଚୋପ୍ରା, କିଶୋର ଜେନା

କିଛି ଦିନର ବ୍ୟବଧାନ ପରେ କଳିଙ୍ଗ ଷ୍ଟାଡିୟମରେ ହେବାକୁ ଯାଉଛି ତାରକା ଆଥ୍‌ଲେଟଙ୍କ ମହାମେଳା। ଚଳିତ ମାସ ୧୨ରୁ ୧୫ ପର୍ଯ୍ୟନ୍ତ ଏଠାରେ ଅନୁଷ୍ଠିତ ହେବ ଜାତୀୟ ଫେଡେରେଶନ କପ୍ ସିନିୟର ଆଥ୍‌ଲେଟିକ୍ସ ପ୍ରତିଯୋଗିତାର ୨୭ତମ ସଂସ୍କରଣ। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଏବଂ ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ସହଯୋଗରେ ୪ ଦିନ ବିଶିଷ୍ଟ ଏହି ସମ୍ମାନଜନକ ପ୍ରତିଯୋଗିତାରେ ମୋଟ ୨୦ଟି ଇଭେଣ୍ଟ ଅନୁଷ୍ଠିତ ହେବ। ଏହା ମଧ୍ୟରେ ୧୮ଟି ଇଭେଣ୍ଟରେ ଉଭୟ ମହିଳା ଓ ପୁରୁଷ ପ୍ରତିଯୋଗୀ ଆକ୍ସନରେ ଦେଖିବାକୁ ମିଳିବେ। ଏହା ବ୍ୟତୀତ ଡେକାଥଲନରେ ପୁରୁଷ ଓ ହେପ୍ଟାଥଲନରେ ମହିଳା ପ୍ରତିଯୋଗୀ ଭାଗ୍ୟ ନିର୍ଣ୍ଣୟ କରିବେ। ଉଭୟ ମହିଳା ଓ ପୁରୁଷ ପ୍ରତିଯୋଗୀ ଯେଉଁ ୧୮ଟି ଇଭେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା କରିବେ ତାହା ହେଲା ୧୦୦ମି, ୨୦୦ମି, ୪୦୦ମି, ୮୦୦ମି, ୧୫୦୦ମି, ୫୦୦୦ମି, ୧୦୦୦୦ମି. ରେସ୍, ୧୧୦ ମି. ହର୍ଡଲ୍ସ (ମହିଳାଙ୍କର ୧୦୦ମି.), ୪୦୦ ମି. ହର୍ଡଲ୍ସ, ୩୦୦୦ମି. ଷ୍ଟିପଲଚେଜ୍, ହାଇଜମ୍ପ, ପୋଲ ଭଲ୍ଟ, ଲଙ୍ଗ ଜମ୍ପ, ଟ୍ରିପଲ ଜମ୍ପ, ଶଟ୍ ପୁଟ୍, ଡିସ୍କସ୍ ଥ୍ରୋ, ହାମର ଥ୍ରୋ ଓ ଜାଭେଲିନ୍ ଥ୍ରୋ। ୧୮ ବର୍ଷରୁ ଊର୍ଦ୍ଧ୍ୱ ଏବଂ ଏଏଫ୍‌ଆଇ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ଏଣ୍ଟ୍ରି ଷ୍ଟାଣ୍ଡାର୍ଡକୁ ଜାତୀୟ କିମ୍ବା ରାଜ୍ୟ ଚାମ୍ପିୟନଶିପ୍‌ରେ ସ୍ପର୍ଶ କରିଥିବା ଆଥଲେଟ୍‌ମାନେ ହିଁ ଆଗାମୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ।

ଫେଡେରେଶନ କପ୍‌ର ପୁରୁଷ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ଅଲିମ୍ପିକ୍ ଓ ବିଶ୍ୱ ଚାମ୍ପିୟନ ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା ପ୍ରତିଦ୍ୱନ୍ଦ୍ୱିତା କରିବେ। ସେହିପରି ଓଡ଼ିଶାର କିଶୋର ଜେନା ମଧ୍ୟ ଆକ୍ସନରେ ଦେଖିବାକୁ ମିଳିବେ। ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ବୁଧବାର ଟୁଇଟ୍‌ଯୋଗେ ଏହା ସ୍ପଷ୍ଟ କରିଦିଆଯାଇଛି। ନୀରଜ ୩ ବର୍ଷ ବ୍ୟବଧାନରେ ଘରୋଇ ପରିବେଶରେ ପ୍ରଥମଥର ପାଇଁ ଟ୍ରାକ୍‌କୁ ଓହ୍ଲାଇବେ। ଦୋହାରେ ଡାଇମଣ୍ଡ ଲିଗ୍‌ର ପ୍ରଥମ ଚରଣ ମେ'୧୦ରେ ଅନୁଷ୍ଠିତ ହେବ। ସେଠାରୁ ନୀରଜ ସିଧା ଭୁବନେଶ୍ୱର ଆସିବା ସମ୍ଭାବନା ରହିଛି। ୨୮ ବର୍ଷୀୟ କିଶୋର ହାଙ୍ଗଝୋ ଏସିଆନ ଗେମ୍ସରେ ରୌପ୍ୟ ଜିତିଥିବାବେଳେ ନୀରଜ ସ୍ୱର୍ଣ୍ଣ ପଦକ ପାଇଥିଲେ। ତେଣୁ ଆଗାମୀ ପ୍ରତିଯୋଗିତାରେ ମଧ୍ୟ ଉଭୟଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ରୋଚକ ହେବା ଆଶା କରାଯାଉଛି। କିଶୋର ମଧ୍ୟ ଡାଇମଣ୍ଡ ଲିଗ୍-୧ରେ ଭାଗନେବା କାର୍ଯ୍ୟକ୍ରମ ରହିଛି। ନୀରଜ ଶେଷଥର ପାଇଁ ଭାରତୀୟ ଟ୍ରାକ୍‌ରେ ୨୦୨୧ ମାର୍ଚ୍ଚ ୧୭ରେ ଏହି ଫେଡେରେଶନ୍ କପ୍‌ରେ ଅଂଶଗ୍ରହଣ କରିଥିଲେ। ସେଥିରେ ସେ ୮୭.୮୦ ମିଟର ଥ୍ରୋ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହାପରେ ସେ ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ, ୨୦୨୨ ଡାଇମଣ୍ଡ ଲିଗ୍ ଚାମ୍ପିୟନ, ୨୦୨୩ରେ ବିଶ୍ୱ ଚାମ୍ପିୟନ ହେବା ସହ ଚାଇନାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୨୨ ବିଶ୍ୱ ଚାମ୍ପିୟନଶିପ୍‌ରେ ମଧ୍ୟ ସେ ରୌପ୍ୟ ପଦକ ଜିତିଥିଲେ। ୮୯.୯୪ ମିଟର ଥ୍ରୋ ସହ ଜାତୀୟ ରେକର୍ଡର ଅଧିକାରୀ ଥିବା ନୀରଜ ୯୦ ମିଟର ସ୍ପର୍ଶ କରିବା ଲକ୍ଷ୍ୟ ରଖିଛନ୍ତି।

ପ୍ରକାଶଯୋଗ୍ୟ ଯେ କଳିଙ୍ଗ ଷ୍ଟାଡିୟମରେ ୨୦୧୭ରେ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଥିଲା। ଏହି ଅନ୍ତର୍ଜାତୀୟ ଇଭେଣ୍ଟ ବ୍ୟତୀତ ୨୦୧୮ରେ ନ୍ୟାଶନାଲ ଓପନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଏବଂ ୨୦୨୨ରେ ଇଣ୍ଡିଆନ ଗ୍ରାଁ ପ୍ରି ୩ ଓ ୪ ସହ ନ୍ୟାଶନାଲ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ମଧ୍ୟ ସଫଳତାର ସହ ସମ୍ପନ୍ନ ହୋଇଛି।

## ବିଭିନ୍ନ ଇଭେଣ୍ଟର ଏଣ୍ଟ୍ରି ଷ୍ଟାଣ୍ଡାର୍ଡ

| ଇଭେଣ୍ଟ | ଏଣ୍ଟ୍ରି ଷ୍ଟାଣ୍ଡାର୍ଡ (ପୁରୁଷ) | ଏଣ୍ଟ୍ରି ଷ୍ଟାଣ୍ଡାର୍ଡ (ମହିଳା) |
|---|---|---|
| ୧୦୦ମି. | ୧୦.୬୦ ସେ. | ୧୨.୧୦ସେ. |
| ୨୦୦ମି. | ୨୧.୭୦ସେ. | ୨୪.୫୦ସେ. |
| ୪୦୦ମି. | ୪୮.୫୦ସେ. | ୫୫.୦୦ସେ. |
| ୮୦୦ମି. | ୧:୫୨.୦୦ସେ. | ୨:୧୫.୦୦ସେ. |
| ୧୫୦୦ମି. | ୩:୫୦.୦୦ସେ. | ୪:୩୦.୦୦ସେ. |
| ୫୦୦୦ମି. | ୧୪:୪୦.୦୦ସେ. | ୧୭:୦୦.୦୦ସେ. |
| ୧୦୦୦୦ମି. | ୩୧:୩୦.୦୦ସେ | ୩୫:୦୦.୦୦ସେ. |
| ୧୧୦ମି. ହର୍ଡଲ୍ସ | ୧୪.୫୦ସେ. | ୧୫.୦୦ସେ (୧୦୦ମି.) |
| ୪୦୦ମି. ହର୍ଡଲ୍ସ | ୫୧.୩୦ସେ. | ୧:୦୨.୦୦ସେ. |
| ୩୦୦୦ମି. ଷ୍ଟିପ୍‌ଲଚେଜ୍ | ୯:୧୦.୦୦ସେ. | ୧୨:୩୦.୦୦ସେ. |
| ହାଇ ଜମ୍ପ | ୨.୦୦ମି. | ୧.୬୦ମି. |
| ପୋଲ ଭଲ୍ଟ | ୪.୪୦ମି. | ୩.୩୦ମି. |
| ଲଙ୍ଗ ଜମ୍ପ | ୭.୩୦ମି. | ୫.୮୫ମି. |
| ଟ୍ରିପଲ ଜମ୍ପ | ୧୫.୩୦ମି. | ୧୨.୫୦ମି. |
| ଶଟ୍ ପୁଟ୍ | ୧୬.୨୦ମି. | ୧୩.୫୦ମି. |
| ଡିସ୍କସ୍ ଥ୍ରୋ | ୫୦.୦୦ମି. | ୪୩.୦୦ମି. |
| ହାମର ଥ୍ରୋ | ୬୦.୦୦ମି. | ୪୫.୦୦ମି. |
| ଜାଭେଲିନ୍ ଥ୍ରୋ | ୭୦.୦୦ମି. | ୪୬.୦୦ମି. |
| ଡେକାଥଲନ | ୫୫୦୦ ପଏଣ୍ଟ | ୪୦୦୦ ପଏଣ୍ଟ (ହେପ୍ଟାଥଲନ) |

# କ୍ୱାର୍ଟରରେ ପାରାମାଉଣ୍ଟ 'ବି'



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ପ୍ରତୀକ୍ଷିତ ପ୍ରଧାନ (ଡାହାଣ)।

ଭୁବନେଶ୍ୱର, ୮।୫ (ତପନ ସ୍ୱାଇଁ)

## ଅରବିନ୍ଦ ସ୍ମାରକୀ ଜୁନିୟର କ୍ରିକେଟ

ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଏହାର ପଡ଼ିଆରେ ଚାଲିଥିବା ୬ଷ୍ଠ ଅରବିନ୍ଦ ସ୍ମାରକୀ ୧୬ ବର୍ଷରୁ କମ୍ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ପ୍ରି-କ୍ୱାର୍ଟର ଫାଇନାଲ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାଗୃତି ସ୍ପୋର୍ଟିଂକୁ ହରାଇ ପାରାମାଉଣ୍ଟ 'ବି' କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ପାରାମାଉଣ୍ଟ 'ବି' ୩୦ ଓଭରରେ ୫ ଉଇକେଟ ହରାଇ ୨୩୨ ରନ କରିଥିଲା। ଦଳ ପକ୍ଷରୁ ପ୍ରତିକ୍ଷୀତ ପ୍ରଧାନ ସର୍ବାଧିକ ୯୩, ସମରଜିତ ସାହୁ ୪୦ ଓ ସାଇଦିତ୍ୟ ମହାନ୍ତି ୩୯ ରନ କରିଥିଲେ। ବିପକ୍ଷ ଦଳର ସୋୟମ ଦାସ ସର୍ବାଧିକ ୨ଟି ଉଇକେଟ ନେଇଥିଲେ। ୨୩୩ ରନ ବିଜୟ ଲକ୍ଷ୍ୟରେ ଜାଗୃତି ସ୍ପୋର୍ଟିଂ ୨୫.୨ ଓଭରରେ ୧୧୫ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ ପ୍ରତୀକ ବେହେରା ସର୍ବାଧିକ ୩୮ ରନ କରିଥିଲେ। ବିଜୟୀ ଦଳର ବୋଲରଙ୍କ ମଧ୍ୟରେ ଶ୍ରେୟାଂଶ ବିଧାର ଚମତ୍କାର ବୋଲିଂ କରି ମାତ୍ର ୧୬ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିଲେ। ଉତ୍ତମ ନାୟକଙ୍କୁ ୨ଟି ଉଇକେଟ ମିଳିଥିଲା। ପାରାମାଉଣ୍ଟ ସ୍ପୋର୍ଟିଂର ପୂର୍ବତନ ଖେଳାଳି ଦେବୀଦତ୍ତ ବାବୁ ଅତିଥିଭାବେ ଯୋଗଦେଇ ପ୍ରତୀକ୍ଷିତ ପ୍ରଧାନଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

# ମାଲେସିଆ ଫୁଟ୍‌ବଲରଙ୍କୁ ଏସିଡ୍ ଆକ୍ରମଣ

କୁଆଲାଲମ୍ପୁର, ୮।୫ (ପି.ଟି.)



ଏସିଡ୍ ଆକ୍ରମଣର ଶିକାର ହୋଇଥିବା ମାଲେସିଆ ଫୁଟବଲ ଖେଳାଳି ଫୈଜଲ ହଲିମ।

ମାଲେସିଆ ଫୁଟବଲ ଦଳର ଜଣେ ଖେଳାଳିଙ୍କ ଉପରେ ଏସିଡ୍ ଆକ୍ରମଣ କରାଯାଇଛି। ଏକ ମଲ୍‌ରେ ଦୁଇ ଜଣ ଅଜଣା ବ୍ୟକ୍ତି ଫୁଟବଲ ଦଳର ୱିଙ୍ଗର ଫୈଜଲ ହଲିମଙ୍କୁ ଏସିଡ୍ ଆକ୍ରମଣ କରିଥିଲେ। ହଲିମ୍‌ଙ୍କ ଶରୀରରେ ଚତୁର୍ଥ ଡିଗ୍ରୀର ପୋଡା ଦାଗ ରହିଥିବା ବେଳେ ତାଙ୍କ ଅବସ୍ଥା ସଙ୍ଗିନ ରହିଥିବା ଜଣାପଡିଛି। ବିଗତ ଏକ ସପ୍ତାହ ମଧ୍ୟରେ ଫୁଟ୍‌ବଲ ଖେଳାଳିଙ୍କ ଉପରେ ଆକ୍ରମଣର ଏହା ଦ୍ୱିତୀୟ ଘଟଣା। ପୂର୍ବରୁ ଦୁଇ ଜଣ ଖେଳାଳିଙ୍କୁ କିଛି ଅଜଣା ଆତତାୟୀ ଆକ୍ରମଣ କରିଥିଲେ। ତେବେ ଏହି ଦୁଇ ଆକ୍ରମଣ ଘଟଣାରେ ସମାନତା ରହିଥିଲେ ମଧ୍ୟ ଉଭୟ ଘଟଣାରେ ସମାନ ଆକ୍ରମଣକାରୀ ଅଛନ୍ତି କି ନାହିଁ ତାହା ଏଯାଏ ସ୍ପଷ୍ଟ ହୋଇ ନାହିଁ ବୋଲି କହିଛନ୍ତି ତଦନ୍ତକାରୀ ଅଫିସର ମହମ୍ମଦ ସୁହେଲି ମହମ୍ମଦ ଜୈନ। ମାଲେସିଆ ଜାତୀୟ ଦଳ ତଥା ସେଲାଙ୍ଗୋର କ୍ଲବ ପାଇଁ ଖେଳୁଥିବା ହଲିମ ରବିବାର ଶପିଂ ମଲ ଯାଇଥିବା ବେଳେ ଏହି ଘଟଣା ଘଟିଥିଲା।

ଏହି ଘଟଣାର ୩ଦିନ ପୂର୍ବରୁ ଅଖୟାର ରଶିଦ ନାମକ ଜଣେ ଜାତୀୟ ଦଳର ଖେଳାଳିଙ୍କୁ ଆକ୍ରମଣ କରାଯାଇଥିଲା। ଅଭ୍ୟାସ ସାରି ଫେରୁଥିବା ସମୟରେ ଦୁଇ ଜଣ ଆତତାୟୀ ଏକ ବାଇକରେ ଆସି ଲୁହା ରଡ୍‌ରେ ପିଟିଥିଲେ। ମୁଣ୍ଡ ଓ ଗୋଡରେ ଆଘାତ ଲାଗିଥିବା ବେଳେ ତାଙ୍କ ନିକଟରେ ଥିବା ପଇସା ଚୋରି ହୋଇଥିଲା। ମଙ୍ଗଳବାର ଜାତୀୟ ଦଳ ଅଧିନାୟକ ଶଫିକ ରହିମଙ୍କୁ ମଧ୍ୟ ଦୁଇ ଜଣ ଲୁଟେରା ପିଛା କରିଥିଲେ। ଏକ ହାମରରେ ଶଫିକଙ୍କ ଗାଡିର କାଚ ଭାଙ୍ଗିବା ସହ ଧମକ ଦେଇଥିଲେ। ସମସ୍ତ ଖେଳାଳିଙ୍କ କ୍ଲବ ପକ୍ଷରୁ ଆକ୍ରମଣକୁ ନିନ୍ଦା କରାଯିବା ସହ ଏହା ବିରୋଧରେ କ୍ୟାମ୍ପେନ ଆରମ୍ଭ କରାଯାଇଛି।

# ଆୟର୍ଲାଣ୍ଡ, ପପୁଆ ନ୍ୟୁ ଗିନି ଦଳ ଘୋଷିତ

ଡବଲିନ୍,୮।୫(ପି.ଟି.)

ବୁଧବାର ଆୟର୍ଲାଣ୍ଡ ଓ ପପୁଆ ନ୍ୟୁ ଗିନି ପକ୍ଷରୁ ଏହାର ଟି୨୦ ଦଳ ଘୋଷଣା କରାଯାଇଛି। ଆୟର୍ଲାଣ୍ଡ ପକ୍ଷରୁ ଭେଟେରାନ୍ ଓପନିଙ୍ଗ ବ୍ୟାଟର ପଲ୍ ଷ୍ଟର୍ଲିଂଙ୍କୁ ଦଳର ଅଧିନାୟକ ଘୋଷଣା କରାଯାଇଛି। ଏହା ସହ ଆୟର୍ଲାଣ୍ଡ ଦଳରେ ଆଣ୍ଡ୍ରୁ ବାଲବିରିନ୍ ଓ ଜର୍ଜ ଡକରେଲ୍‌ଙ୍କ ପରି ଅଭିଜ୍ଞ ଖେଳାଳିଙ୍କୁ ସ୍ଥାନ ମିଳିଛି। ଭାରତ, ପାକିସ୍ତାନ, କାନାଡା, ଆମେରିକା ସହ ଆୟର୍ଲାଣ୍ଡ ଗ୍ରୁପ୍ ଏରେ ସ୍ଥାନ ପାଇଛି। ଜୁନ୍ ୫ ତାରିଖରେ ଭାରତ ବିପକ୍ଷରେ ଅଭିଯାନ ଆରମ୍ଭ କରିବ ଦଳ। କ୍ରମାଗତ ଅଷ୍ଟମ ଥର ପାଇଁ ଆୟର୍ଲାଣ୍ଡ ଟି୨୦ ବିଶ୍ୱକପ ଖେଳିବାକୁ ଯାଉଛି।

ଅନ୍ୟ ପକ୍ଷରେ ପପୁଆ ନ୍ୟୁ ଗିନି ପକ୍ଷରୁ ଅସଦ ଭାଲା ଅଧିନାୟକ ପଦ ବଜାୟ ରଖିଛନ୍ତି। ୨୦୨୧ ବିଶ୍ୱକପରେ ମଧ୍ୟ ସେ ଦଳର ଅଧିନାୟକ ରହିଥିଲେ। ଅଧିନାୟକ ଓ ଜ୍ୟାକ୍ ଗାର୍ଡନରଙ୍କ ସମେତ ୨୦୨୧ ବିଶ୍ୱକପର ୯ ଜଣ ଖେଳାଳି ଦଳରେ ନିଜ ସ୍ଥାନ ବଜାୟ ରଖିଛନ୍ତି। ତାଡେନ୍ଦା ତାଇବୁ ଏହି ଦଳର କୋଚ୍ ରହିଥିବା ବେଳେ ସିଜେ ଆମିନିଙ୍କୁ ଉପ ଅଧିନାୟକ ଘୋଷଣା କରାଯାଇଛି। ଦ୍ୱିତୀୟ ଥର ପାଇଁ ପପୁଆ ନ୍ୟୁ ଗିନି ବିଶ୍ୱକପ ଖେଳିବାକୁ ଯୋଗ୍ୟତା ହାସଲ କରିଛି।



ଆୟର୍ଲାଣ୍ଡ ଦଳ ଅଧିନାୟକ ପଲ୍ ଷ୍ଟର୍ଲିଂ।

## ଟି୨୦ ବିଶ୍ୱକପ

**ଆୟର୍ଲାଣ୍ଡ ଦଳ:** ପଲ୍ ଷ୍ଟର୍ଲିଂ(ଅଧିନାୟକ), ମାର୍କ ଆଦେର, ରସ୍ ଆଦେର, ଆଣ୍ଡ୍ରୁ ବାଲବିରିନ, କର୍ଟିସ୍ କାମ୍ଫର, ଗାରେଥ୍ ଡେଲାନି, ଜର୍ଜ ଡକରେଲ୍, ଗ୍ରାହାମ ହ୍ୟୁମ୍, ଜୋଶ ଲିଟିଲ, ବ୍ୟାରୀ ମାକାର୍ଥି, ନୀଲ ରକ୍(ଉଇକେଟ କିପର), ହ୍ୟାରୀ ଟେକ୍ଟର, ଲୋର୍କାନ୍ ଟକର(ଉଇକେଟ କିପର), ବେନ୍ ହ୍ୱାଇଟ୍ ଓ କ୍ରେଗ୍ ୟଙ୍ଗ।

**ପପୁଆ ନ୍ୟୁ ଗିନି ଦଳ:** ଅସଦୋଲ୍ଲା ଭାଲା(ଅଧିନାୟକ), ସିଜେ ଆମିନି(ଉପ ଅଧିନାୟକ), ଆଲେଇ ନାଓ, ଚାଦ ସୋପର, ହିଲା ଭାରେ(ଉଇକେଟ କିପର), ହିରି ହିରି, ଜ୍ୟାକ୍ ଗାର୍ଡନର, ଜନ୍ କାରିକୋ, କାବୁଆ ଭାଗି ମୋରିଆ, କିପଲିଙ୍ଗ ଡୋରିଗା(ଉଇକେଟ କିପର), ଲେକା ସିଆକା, ନୋର୍ମାନ ଭାନୁଆ, ସେମା କାମେଆ, ସେସେ ବାଉ ଓ ଟୋନି ଉରା।

# ପେନ୍‌ଚାକ ସିଲାଟରେ ଝାରସୁଗୁଡ଼ା ଚାମ୍ପିୟନ

ଭୁବନେଶ୍ୱର, ୮।୫ (ସରୋଜ ଜେନା)

ଝାରସୁଗୁଡାଠାରେ ଅନୁଷ୍ଠିତ ହୋଇଥିବା ସପ୍ତମ ରାଜ୍ୟ ସିନିୟର୍ ପେନ୍‌ଚାକ ସିଲାଟ ଚାମ୍ପିୟନଶିପରେ ବିଜୟୀ ହୋଇଛି ଝାରସୁଗୁଡା ଦଳ। ମେ' ୬ରେ ଏହି ପ୍ରତିଯୋଗିତା ଝାରସୁଗୁଡାର ଉତ୍କଳ ଜ୍ୟୋତି କଲୋନୀରେ ଆୟୋଜନ କରାଯାଇଥିଲା। ଏଥିରେ ୧୫ ଜିଲାର ୧୮୦ରୁ ଅଧିକ ଖେଳାଳି ଭାଗ ନେଇଥିଲେ। ଓଡ଼ିଶାରୁ ୬୪ଜଣ ଖେଳାଳି ଜାତୀୟ ସିନିୟର୍ ଚାମ୍ପିୟନଶିପ ପାଇଁ ଯୋଗ୍ୟତା ହାସଲ କରିଥିଲେ। ଉଦଘାଟନୀ ସମାରୋହରେ ହକି ଆସୋସିଏଶନ୍ ଓଡ଼ିଶାର ଉପ ସଭାପତି ଜୀବନ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବରେ ପେନ୍‌ଚାକ ସିଲାଟ ଆସୋସିଏସନ୍ ରାଜ୍ୟ ସଭାପତି ତାପସ କୁମାର ରାୟ ଚୌଧୁରୀ ଓ ଝାରସୁଗୁଡା ଜିଲା କ୍ରିକେଟ ସଂଘ ସମ୍ପାଦକ ମେହତାବ୍ ଖାଁ ଯୋଗ ଦେଇଥିଲେ। ଝାରସୁଗୁଡା ଚାମ୍ପିୟନ ହୋଇଥିବା ବେଳେ ସମ୍ବଲପୁର ଓ ଖୋର୍ଦ୍ଧା ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ରନର ଅପ୍ ହୋଇଥିଲେ। ଉଦ୍‌ଯାପନୀ ସମାରୋହରେ ଝାରସୁଗୁଡା ଜିଲା କ୍ରିକେଟ୍ ସଂଘ ସଭାପତି ପ୍ରଜ୍ୱଳ ପଟେଲ ଓ ସମ୍ମାନିତ ଅତିଥି ଭାବରେ ମେହବୁବ ମେହତାବ୍‌ଙ୍କ ସହିତ ପେନ୍‌ଚାକ ସିଲାଟ ଆସୋସିଏଶନ୍ ରାଜ୍ୟ ଉପ ସଭାପତି ମନୋରଞ୍ଜନ ଭଞ୍ଜ ଓ ରାଜ୍ୟ ସମ୍ପାଦକ ଗୁରୁ ପ୍ରେମ୍ ସିଂହ ଥାପା ଯୋଗ ଦେଇଥିଲେ।

## ୬୪ ଖେଳାଳିଙ୍କୁ ଜାତୀୟ ଚାମ୍ପିୟନଶିପ ଯୋଗ୍ୟତା





ପେନ୍‌ଚାକ ସିଲାଟ ଚାମ୍ପିୟନଶିପରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

# ୧୨ ରନ୍‌ରେ ଅଲ୍‌ଆଉଟ ହେଲା ମଙ୍ଗୋଲିଆ

**ସାନୋ, ୮।୫ (ପି.ଟି.):** ଅନ୍ତର୍ଜାତୀୟ ପଦାର୍ପଣର ୭ ମାସ ମଧ୍ୟରେ ଏକ ଅଲୋଡା ରେକର୍ଡ ନିଜ ନାମରେ କରିଛି ମଙ୍ଗୋଲିଆ। ମାତ୍ର ୧୨ ରନ୍‌ରେ ଅଲଆଉଟ ହେବା ସହ ଟି୨୦ ଅନ୍ତର୍ଜାତୀୟ କ୍ରିକେଟରେ ଦ୍ୱିତୀୟ ସର୍ବନିମ୍ନ ସ୍କୋର ରେକର୍ଡ କରିଛି ଦଳ। ବୁଧବାର ଜାପାନ ବିପକ୍ଷ ଏକ ମ୍ୟାଚ୍‌ରେ ଦଳ ମାତ୍ର ୧୨ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଜାପାନ ପ୍ରଥମେ ବ୍ୟାଟିଂ କରି ୭ ଉଇକେଟରେ ୨୧୭ ରନ୍ କରିଥିଲା। ଜବାବରେ ମଙ୍ଗୋଲିଆ ୮.୨ ଓଭରରେ ୧୨ ରନ୍ କରି ଅଲଆଉଟ ହୋଇଥିଲା। ଜାପାନ ପାଇଁ ୧୭ ବର୍ଷୀୟ ପେସ୍ ବୋଲର କାଜୁମା କାଟୋ ଷ୍ଟାଫୋର୍ଡ ୭ ରନ୍‌ରେ ୫ ଉଇକେଟ ନେଇଥିଲେ। ଅବଦୁଲ ସମଦ ୪ ରନ୍‌ରେ ଓ ଟାନିୟାମା ବିନା ରନ୍ ବ୍ୟୟରେ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜଣେ ବି ଖେଳାଳି ଦୁଇ ଅଙ୍କ ଛୁଇଁ ପାରି ନ ଥିବା ବେଳେ ଟୁର ସୁମାୟା ସର୍ବାଧିକ ୪ ରନ୍ କରିଥିଲେ। ପୂର୍ବରୁ ଟି୨୦ କ୍ରିକେଟରେ ଆଇଲ୍ ଅଫ୍ ମ୍ୟାନ୍ ଦଳ ମାତ୍ର ୧୦ ରନ୍‌ରେ ଅଲ୍‌ଆଉଟ ହୋଇ ସର୍ବନିମ୍ନ ସ୍କୋରର ରେକର୍ଡ ରଖିଛି।

# କିଟ୍‌ରେ ଏଆଇୟୁ ସ୍ପୋର୍ଟ୍ସ ବୋର୍ଡ ଏଜିଏମ୍





ଏଆଇୟୁ ସ୍ପୋର୍ଟ୍ସ ବୋର୍ଡ ଏଜିଏମ୍‌ରେ ଅଂଶଗ୍ରହଣ କରିଥିବା ଅତିଥିବୃନ୍ଦ।

ଭୁବନେଶ୍ୱର, ୮।୫ (ତପନ ସ୍ୱାଇଁ)

ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ସ୍ପୋର୍ଟ୍ସ ବୋର୍ଡର ବାର୍ଷିକ ସାଧାରଣ ବୈଠକ ବୁଧବାର କିଟ୍ ପରିସରରେ ଅନୁଷ୍ଠିତ ହୋଇଛି। ଏଆଇୟୁ ସଭାପତି ଜି.ଡି. ଶର୍ମା, ଉପସଭାପତି ବିନୟ କୁମାର ପାଠକ, ମହାସଚିବ ପଙ୍କଜ ମିତ୍ତଲ, କ୍ରୀଡ଼ା ଓ ଯୁବ ବ୍ୟାପାର ଯୁଗ୍ମ ସମ୍ପାଦକ ବଲଜିତ ସିଂ ଶେଖୋଁ, କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ସରଣଜିତ ସିଂ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ଦୀପକ କୁମାର ବେହେରା, କିଟ୍ ରେଜିଷ୍ଟ୍ରାର ଜ୍ଞାନ ରଞ୍ଜନ ମହାନ୍ତି, କିସ୍ ରେଜିଷ୍ଟ୍ରାର ପ୍ରଶାନ୍ତ କୁମାର ରାଉତରାୟ, କିଟ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଏବଂ ଉତ୍କଳ, ରେଭେନ୍‌ଶା, ସମ୍ବଲପୁର, ଜୈନ, ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକମାନେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହା ବ୍ୟତୀତ ରୋଇଂ, ସୁଇମିଂ, ଟେବୁଲ ଟେନିସ, ସିପକ୍‌ଟାକ୍ର, ଆଥଲେଟିକ୍ସ ଆଦି ବିଭିନ୍ନ ଜାତୀୟ ସ୍ପୋର୍ଟ୍ସ ଫେଡେରେଶନର ପ୍ରତିନିଧିମାନେ ଯୋଗ ଦେଇଥିଲେ। ୨୦୧୭ ପରେ ଦ୍ୱିତୀୟ ଥରପାଇଁ କିଟ୍‌ରେ ଏଆଇୟୁ ସ୍ପୋର୍ଟ୍ସ ବୋର୍ଡର ଏଜିଏମ୍ ଅନୁଷ୍ଠିତ ହୋଇଛି। କ୍ରୀଡ଼ାକୁ ପ୍ରୋତ୍ସାହନ କ୍ଷେତ୍ରରେ କିଟ୍ ବିଶ୍ୱବିଦ୍ୟାଳୟ ଉଦାହରଣ ସୃଷ୍ଟି କରିଛି। ୨୦୦୯ରୁ ଏପର୍ଯ୍ୟନ୍ତ ଏଠାରେ ବିଭିନ୍ନ ଜାତୀୟ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା, ଚୟନ ଟ୍ରାଏଲ୍ସ, କୋଚିଂ କ୍ୟାମ୍ପ ଆଦି ଅନୁଷ୍ଠିତ ହୋଇଛି। ୨୦୨୦ରେ ପ୍ରଥମ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ମଧ୍ୟ ଏଠାରେ ଆୟୋଜନ ହୋଇଥିଲା। ତେଣୁ ଅତିଥିମାନେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ପ୍ରଶଂସା କରିଛନ୍ତି।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ